# ରାଜ୍ୟର ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା ଉପରେ
# ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ
# ସମ୍ପାଦନ ସମୀକ୍ଷା ପ୍ରତିବେଦନ

SUPREME AUDIT INSTITUTION OF INDIA
लोकहितार्थ सत्यनिष्ठा
Dedicated to Truth in Public Interest

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 4 ବର୍ଷ 2024*

# ରାଜ୍ୟର ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା ଉପରେ
# ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ
# ସମ୍ପାଦନ ସମୀକ୍ଷା ପ୍ରତିବେଦନ

**ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ**

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 4 ବର୍ଷ 2024*

# ସୂଚୀପତ୍ର


| | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | -- | iii |
| କାର୍ଯ୍ୟନିର୍ବାହୀ ସାରାଂଶ | -- | 1-7 |
| **ଅଧ୍ୟାୟ 1: ଉପକ୍ରମ** | | |
| ସମୀକ୍ଷା | 1.1 | 9 |
| ବୈଧାନିକ ଢାଞ୍ଚା | 1.2 | 10-12 |
| ଏହି ଅଡିଟ୍ ଚୟନ କରିବାର ପୃଷ୍ଠଭୂମି | 1.3 | 12-13 |
| **ଅଧ୍ୟାୟ 2: ଅଡିଟ୍ ଉଦ୍ଦେଶ୍ୟ, ପରିସର ଏବଂ ପଦ୍ଧତି** | | |
| ଅଡିଟ୍ ଉଦ୍ଦେଶ୍ୟ | 2.1 | 15 |
| ଅଡିଟ୍ ପରିସର ଏବଂ ପଦ୍ଧତି | 2.2 | 15-17 |
| ଅଡିଟ୍ ମାନଦଣ୍ଡ | 2.3 | 17-18 |
| ସାଂଗଠନିକ ବ୍ୟବସ୍ଥା | 2.4 | 18 |
| ସ୍ୱୀକୃତି | 2.5 | 18 |
| **ଅଧ୍ୟାୟ 3: ଜମି ଅଧିଗ୍ରହଣ: ସାମାଜିକ ପ୍ରଭାବ ଆକଳନ ଏବଂ ଗ୍ରାମସଭା ବୈଠକ ଗୁଡ଼ିକର ପରିଚାଳନା** | | |
| ଜମି ଅଧିଗ୍ରହଣ ପ୍ରକ୍ରିୟା | 3.1 | 19-21 |
| ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଜମି ଅଧିଗ୍ରହଣ | 3.2 | 21 |
| ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ | 3.3 | 22-24 |
| ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାର ପୂର୍ବ ସମ୍ମତି | 3.4 | 25-31 |
| **ଅଧ୍ୟାୟ 4: ବଜାର ମୂଲ୍ୟ ଆକଳନ ଏବଂ କ୍ଷତିପୂରଣ ପ୍ରଦାନ** | | |
| ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ | 4.1 | 34-42 |
| କ୍ଷତିପୂରଣ ପ୍ରଦାନ | 4.2 | 42-51 |
| **ଅଧ୍ୟାୟ 5: ପୁନର୍ବାସ ଓ ପୁନଃଥଇଥାନ** | | |
| ପୁନର୍ବାସ ଓ ପୁନଃଥଇଥାନ ବ୍ୟବସ୍ଥା | 5.1 | 54-55 |
| ପୁନର୍ବାସ ଓ ପୁନଃଥଇଥାନ ସୁବିଧାର ଅନୁମୋଦନ | 5.2 | 55-63 |
| **ଅଧ୍ୟାୟ 6: ଅନୁସୂଚିତ ଜନଜାତିଙ୍କ ଜମି ଅଧିକାରର ସୁରକ୍ଷା** | | |
| ନିୟାମକ ଢାଞ୍ଚା | 6.1 | 65-66 |
| ଓଏସ୍ଏଟିଆଇପି ମାମଲାର ଫଏସଲାରେ ଅହେତୁକ ବିଳମ୍ବ | 6.2 | 66-70 |
| ତଦନ୍ତ ରିପୋର୍ଟ ମିଳିବା ସତ୍ତ୍ୱେ ମାମଲାର ସମାଧାନ ନହେବା | 6.3 | 70-71 |
| ୱାରେଣ୍ଟ କାର୍ଯ୍ୟକାରୀ ନକରିବା ଏବଂ ଆର୍‌ଓଆର୍ ସଂଶୋଧନ ନକରିବା | 6.4 | 71-74 |
| ଏସ୍‌ଟି ଜମିରେ ଅନଧିକୃତ ଭାବେ ଜବରଦଖଲ ପାଇଁ ଜବରଦଖଲକୁ ପୁନରୁଦ୍ଧାର ନ କରିବା/ କ୍ଷତିପୂରଣ ନଦେବା | 6.5 | 74-75 |
| ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଅନଧିକୃତ ଭାବେ ଜବରଦଖଲ କରାଯାଇଥିବା ଅନୁସୂଚିତ ଜନଜାତି ଜମିର ପୁନରୁଦ୍ଧାର ନହେବା | 6.6 | 75 |

| | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଅଣ-ଜନଜାତି ବ୍ୟକ୍ତିଙ୍କୁ ସେମାନଙ୍କ ଜମି ହସ୍ତାନ୍ତର ଉପରେ 'ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ' 2.27 କୋଟି ଟଙ୍କାର କମ୍ କ୍ଷତିପୂରଣ ପ୍ରଦାନ କରାଯିବା | 6.7 | 75-76 |
| **ଅଧ୍ୟାୟ 7: ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଓ ଅଧିକାର ପ୍ରଦାନ** | | |
| ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାର ସ୍ୱୀକୃତି) ଅଧିନିୟମ, 2006 ର ପ୍ରମୁଖ ବୈଶିଷ୍ଟ୍ୟ | 7.1 | 77-79 |
| ବିଚାରାଧୀନ ରହିଥିବା ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି | 7.2 | 79-80 |
| ଜଙ୍ଗଲ ଅଧିକାର ପ୍ରଦାନ | 7.3 | 80-84 |
| ଏଫ୍‌ଆର୍ ଅଧିନିୟମ, 2006 ର ବ୍ୟବସ୍ଥାକୁ ଅନୁପାଳନ ବିନା ଜଙ୍ଗଲ ଜମିର ବ୍ୟବହାରରେ ପରିବର୍ତ୍ତନ | 7.4 | 84-86 |
| **ଅଧ୍ୟାୟ 8: ଭୂ-ସଂସ୍କାର** | | |
| ସିଲିଂ ବଳକା ଜମି ମାମଲା ଗୁଡ଼ିକର ନିସ୍ତାରଣ | 8.1 | 88-89 |
| ସିଲିଂ ବଳକା ଜମିର ଅଧିକାରକୁ ନେବା ଓ ବଣ୍ଟନ | 8.2 | 89-92 |
| ଅନୁସୂଚିତ ଜାତି ଭୂମିର ପୁନରୁଦ୍ଧାର | 8.3 | 92-94 |
| 'ବସୁନ୍ଧରା' ଯୋଜନା ଅଧିନରେ ବାସହୀନ ପରିବାରକୁ ବାସଗୃହ ଭୂମି ବଣ୍ଟନ | 8.4 | 95-97 |
| ଗ୍ରାମକଣ୍ଠପରମ୍ବୋକ୍ (ଜିକେପି) ଭୂମିର ବନ୍ଦୋବସ୍ତ ନକରିବା | 8.5 | 97-98 |
| **ଅଧ୍ୟାୟ 9: ନିରୀକ୍ଷଣ ଏବଂ ପ୍ରବର୍ତ୍ତନ** | | |
| ଅଧିଗ୍ରହଣ/ ଆବଣ୍ଟିତ ଜମିକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଉପଯୋଗ କରିବା | 9.1 | 99-102 |
| ସରକାରୀ ଜମିର ଜବରଦଖଲ | 9.2 | 103-104 |
| ସରକାରୀ ଜମିର ଲିଜ୍/ ହସ୍ତାନ୍ତର | 9.3 | 104-106 |
| ଜମି ରେକର୍ଡଗୁଡ଼ିକର ଡିଜିଟାଇଜେସନ୍ | 9.4 | 106-107 |
| ଜନସାଧାରଣଙ୍କ ଅଭିଯୋଗରେ ପ୍ରଭାବହୀନ ସମାଧାନ | 9.5 | 108 |
| ପ୍ରଭାବହୀନ ନିରୀକ୍ଷଣ | 9.6 | 108-109 |

| ପରିଶିଷ୍ଟ | | | |
|---|---|---|---|
| ପରିଶିଷ୍ଟ ସଂଖ୍ୟା | ବିଷୟ | ଅନୁଚ୍ଛେଦ | ପୃଷ୍ଠା |
| 3.1 | ଜମି ଅଧିଗ୍ରହଣ ମାମଲା, ଯେଉଁଠାରେ ଆବଶ୍ୟକୀୟ କୋରମ୍ ବିନା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା | 3.4.2 | 111-112 |
| 3.2 | ଜମି ଅଧିଗ୍ରହଣ ମାମଲା, ଯେଉଁଠାରେ ଗ୍ରାମସଭାର ମତାମତକୁ ଅବମାନନା କରି ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା | 3.4.3 | 113-114 |
| 6.1 | ସଂପୃକ୍ତ ଆର୍‌ଆଇ/ ତହସିଲଦାରମାନଙ୍କ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ ଅନଧିକୃତ ଦଖଲରେ ଥିବା ଅନୁସୂଚିତ ଜନଜାତି ଜମିର ବିବରଣୀ | 6.3 | 115-116 |
| -- | ଶବ୍ଦକୋଷ | -- | 117-118 |

## ମୁଖବନ୍ଧ

ଭାରତର ସମ୍ବିଧାନର ଧାରା 151 ଅନୁଯାୟୀ ଓଡ଼ିଶାର ରାଜ୍ୟପାଳଙ୍କୁ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ନିମନ୍ତେ ମାର୍ଚ୍ଚ 2022 ସୁଦ୍ଧା ସମାପ୍ତ ବର୍ଷ ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ କରାଯାଇଅଛି ।

ଏହି ପ୍ରତିବେଦନରେ ରାଜ୍ୟର ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା ଉପରେ ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକ ସ୍ଥାନିତ କରାଯାଇଛି ।

2021-22 ଅବଧି ପାଇଁ କରାଯାଇଥିବା ନମୁନା ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହୋଇଥିବା ତଥା ବିଗତ ବର୍ଷ ଗୁଡ଼ିକରେ ଦୃଷ୍ଟିକୁ ଆସିଥିବା ସତ୍ତ୍ୱେ ପ୍ରତିବେଦନରେ ସାମିଲ କରାଯାଇନଥିବା ମାମଲାଗୁଡ଼ିକୁ ଏହି ପ୍ରତିବେଦନରେ ସ୍ଥାନିତ କରାଯାଇଛି । ଆବଶ୍ୟକ ସ୍ଥଳେ 2021-22 ପରବର୍ତ୍ତୀ ଅବଧି ସହ ଜଡ଼ିତ ମାମଲାଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ୱାରା ଜାରି ହୋଇଥିବା ସମୀକ୍ଷା ମାନଦଣ୍ଡର ଅନୁପାଳନ ପୂର୍ବକ ସମୀକ୍ଷା କାର୍ଯ୍ୟ ସମ୍ପାଦନ କରାଯାଇଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରିବା ବିଧେୟ ।

# କାର୍ଯ୍ୟନିର୍ବାହୀ ସାରାଂଶ

## କାର୍ଯ୍ୟନିର୍ବାହୀ ସାରାଂଶ

### *ପ୍ରତିବେଦନ ସମ୍ବନ୍ଧରେ*

ଅନୁସୂଚିତ ଅଞ୍ଚଳର ପ୍ରଶାସନ ପାଇଁ ସମ୍ବିଧାନର ଧାରା 244 ରେ ବ୍ୟବସ୍ଥା ରହିଛି । ଅନୁସୂଚିତ ଅଞ୍ଚଳଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଆଦିବାସୀ ମାନଙ୍କର ସାଧୀନତା ଏବଂ ସଂସ୍କୃତିର ସଂରକ୍ଷଣ ସହିତ ସେମାନଙ୍କର ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା, ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ, ଶାନ୍ତି ଏବଂ ଉତ୍ତମ ଶାସନ ସୁନିଶ୍ଚିତ କରିବା । ଏହି ଦିଗରେ, ଉଭୟ ଭାରତ ସରକାର ଏବଂ ଓଡ଼ିଶା ସରକାର ସମୟ ସମୟରେ ବିଭିନ୍ନ ବିଧେୟକ ଆଣିଛନ୍ତି ଏବଂ ଏହା ଅଧିନରେ ନିୟମ ପ୍ରଣୟନ କରିଛନ୍ତି । ଏହି କାର୍ଯ୍ୟଗୁଡ଼ିକ/ ନିୟମଗୁଡ଼ିକ ଅନୁସାରେ: (i) ଜମି ଅଧିଗ୍ରହଣ ଉପରେ ଗ୍ରାମସଭାଗୁଡ଼ିକର ସହମତି ନେଇ ଅଂଶଗ୍ରହଣକାରୀ ନିଷ୍ପତ୍ତି ଗ୍ରହଣ କରିବା (ii) ସର୍ବସାଧାରଣ ଉଦ୍ଦେଶ୍ୟରେ ଅଧିଗ୍ରହଣ ହୋଇଥିବା ଜମିର ମୂଲ୍ୟାୟନରେ ନ୍ୟାୟ ଏବଂ ସ୍ୱଚ୍ଛତା ବଜାୟ ରଖିବା (iii) ଜମି ଅଧିଗ୍ରହଣ ହେତୁ ପ୍ରଭାବିତ/ ବିସ୍ଥାପିତ ପରିବାରଗୁଡ଼ିକର ପୁନର୍ବାସ ଏବଂ ପୁନଃଥଇଥାନକୁ ସୁନିଶ୍ଚିତ କରିବା (iv) ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିର ସମ୍ପତ୍ତି ଅଧିକାରକୁ ସୁରକ୍ଷିତ ରଖିବା (v) ଜଙ୍ଗଲ ଅଧିକାରର ଅନୁଦାନ ନିଶ୍ଚିତ କରିବା ଏବଂ (vi) ସିଲିଂ ବହିର୍ଭୁତ ଜମି ଅକ୍ତିଆର କରି ଏବଂ ଭୂମିହୀନ ଲୋକଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନକୁ ନିଶ୍ଚିତ କରିବା ଇତ୍ୟାଦି ଏହି ଅଧିନିୟମ/ ନିୟମର ଲକ୍ଷ୍ୟ ଅଟେ । ଏହି ଦିଗଗୁଡ଼ିକ ରିପୋର୍ଟରେ ଆଲୋଚନା କରାଯାଇଛି ।

### *ଆମେ କାହିଁକି ଏହି ଅଡିଟ୍ ହାତକୁ ନେଲୁ ?*

2011 ଜନଗଣନା ଅନୁଯାୟୀ, ରାଜ୍ୟର ଆଦିବାସୀ ଜନସଂଖ୍ୟା 95.91 ଲକ୍ଷ ଥିଲା । ଏହା ରାଜ୍ୟର ମୋଟ ଜନସଂଖ୍ୟାର 22.85 ପ୍ରତିଶତ ଏବଂ ଦେଶର ମୋଟ ଆଦିବାସୀ ଜନସଂଖ୍ୟାର 9.20 ପ୍ରତିଶତ ଅଟେ । ରାଜ୍ୟରେ 13 ଟି ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀ ସମେତ 62 ଟି ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ପଛକୁ ଦେଶରେ ଆଦିବାସୀ ଜନସଂଖ୍ୟାର ତୃତୀୟ ବୃହତ୍ତମ ସ୍ଥାନରେ ରହିଛି ଓଡ଼ିଶା । ଅନୁସୂଚିତ ଅଞ୍ଚଳରେ ରହୁଥିବା ଅନୁସୂଚିତ ଜନଜାତିର ସଂଖ୍ୟା ରାଜ୍ୟର ମୋଟ ଆଦିବାସୀଙ୍କ ସଂଖ୍ୟାର ପ୍ରାୟ 68.09 ପ୍ରତିଶତ ଅଟେ ।

ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ନ୍ୟାୟଯୁକ୍ତ କ୍ଷତିପୂରଣ ତଥା ପୁନର୍ବାସ ଏବଂ ପୁନଃଥଇଥାନ ଅଧିକାର ଅଧିନିୟମ (ଆର୍ଏଫ୍ସିଟିଏଲ୍ଏଆର୍ଆର୍) 2013 ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ଏକ ଶେଷ ପନ୍ଥା ହେବା ଉଚିତ୍ । କିନ୍ତୁ, ସରକାର, ଜଳସେଚନ ପ୍ରକଳ୍ପ ନିର୍ମାଣ କିମ୍ବା ଶିଳ୍ପ ପ୍ରତିଷ୍ଠା ଭଳି ସର୍ବସାଧାରଣ ଉଦ୍ଦେଶ୍ୟରେ ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ କରନ୍ତି । କ୍ଷତିପୂରଣ ରାଶି, ପୁନର୍ବାସ ଏବଂ ପୁନଃଥଇଥାନ (ଆର୍ଏବଂଆର୍) ଅନୁଦାନର ନିର୍ଣ୍ଣୟ, ଅଡିଟ୍ ପାଇଁ ବିପଦ ସୃଷ୍ଟିକାରୀ ବିଷୟ ଅଟେ ଏବଂ ବିଗତ ବର୍ଷଗୁଡ଼ିକର ଅଡିଟ୍ ଫଳାଫଳ ଏବଂ ଗଣମାଧ୍ୟମର ରିପୋର୍ଟରେ, ଜମିର ସମ୍ଭାବ୍ୟ ନିମ୍ନ ମୂଲ୍ୟାୟନରୁ ଆଶଙ୍କା କିମ୍ବା ପୁନର୍ବାସ ଏବଂ ପୁନଃଥଇଥାନ ପ୍ୟାକେଜର କାର୍ଯ୍ୟକାରୀ ନହେବା ବିଷୟ ଦର୍ଶାଯାଇଥିଲା ।

ଅନୁସୂଚିତ ଜନଜାତି ଅଧିକାରର ସୁରକ୍ଷା ତଥା ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ସହ ଜଡ଼ିତ ବିଭିନ୍ନ ଜମି ସଂସ୍କାରମୂଳକ କାର୍ଯ୍ୟାନ୍ୱୟନର ପ୍ରଭାବକୁ ଜାଣିବା ପାଇଁ ଅଡିଟ୍ ନିର୍ଦ୍ଦିଷ୍ଟ ଭାବରେ ନିମ୍ନରେ ଦର୍ଶାଯାଇଥିବା ବିଷୟଗୁଡ଼ିକୁ ବିପଦକୁ ନେଇଥିଲେ:

- ବିକାଶମୂଳକ କାର୍ଯ୍ୟକଳାପ ପାଇଁ ଜମି ଅଧିଗ୍ରହଣ ଉପଯୁକ୍ତ ପଦ୍ଧତି ଅନୁସରଣ କରି ଏବଂ ଉଚିତ୍ କ୍ଷତିପୂରଣ, ପୁନର୍ବାସ ଏବଂ ପୁନ ସ୍ଥାପନ ସୁବିଧା ସୁନିଶ୍ଚିତ କରି କରାଯାଇଥିଲା କି ନାହିଁ ।
- ଆଇନଗତ ଏବଂ ନିୟାମକ ବ୍ୟବସ୍ଥା ଅନୁଯାୟୀ ଅନୁସୂଚିତ ଅଞ୍ଚଳର ଲୋକଙ୍କ ଜମି ଅଧିକାର ସୁରକ୍ଷିତ କରାଯାଇଥିଲା କି ନାହିଁ ।
- ଜମି ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ ।
- ଏକ ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକ୍ଷମ ଏବଂ ପ୍ରଭାବୀ ଥିଲା କି ।

## *ପ୍ରମୁଖ ଅଡିଟ୍ ଫଳାଫଳ*

ସାମାଜିକ ପ୍ରଭାବ ଆକଳନ (ଏସ୍ଆଇଏ), ପ୍ରଭାବିତ କିମ୍ବା ବିସ୍ଥାପିତ ହେବାକୁ ଥିବା ବାସ୍ତବ ଜନସଂଖ୍ୟା ତଥା ଆର୍ଆଣ୍ଡଆର୍ ସୁବିଧାଗୁଡ଼ିକୁ ଚୂଡ଼ାନ୍ତ ରୂପ ଦେବାର ଆଧାରଗୁଡ଼ିକୁ ନିର୍ଣ୍ଣୟ କରିବାର ଏକ କାର୍ଯ୍ୟକ୍ରମ । ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା (ଜିଏସ୍) ର ସହମତି ଏକାନ୍ତ ଜରୁରୀ । ତେଣୁ, ଅଧିଗ୍ରହଣ ପାଇଁ ଜମି ଚିହ୍ନଟ କରାଯାଇଥିବା ସମସ୍ତ ଗ୍ରାମରେ ଗ୍ରାମସଭା କରିବା ଜରୁରୀ ଅଟେ ଏବଂ ଉଚିତ୍ ପଦ୍ଧତିରେ ପ୍ରାପ୍ତ ହୋଇଥିବା ଗ୍ରାମ ସଭାର ସମ୍ମତି ଅନୁଯାୟୀ ଅଧିଗ୍ରହଣ କରିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ନିମ୍ନ ବିଷୟଗୁଡ଼ିକ ଅଡିଟରେ ଲକ୍ଷ୍ୟ କରାଗଲା :

- ଅଡିଟ୍ ପରୀକ୍ଷା ଯାଞ୍ଚ କରିଥିବା 312 ଜମି ଅଧିଗ୍ରହଣ (ଏଲ୍ଏ) ମାମଲା ମଧ୍ୟରେ, ଜଳସେଚନ ପ୍ରକଳ୍ପ ସମ୍ବନ୍ଧୀୟ 58 ଟି ଜମି ଅଧିଗ୍ରହଣ ମାମଲା ଅନ୍ତର୍ଭୁକ୍ତ ଥିଲା, ଯେଉଁଥିପାଇଁ ଏସ୍ଆଇଏ ଆବଶ୍ୟକ ନଥିଲା । ଅବଶିଷ୍ଟ 254 ଜମି ଅଧିଗ୍ରହଣ ମାମଲା ମଧ୍ୟରୁ 44 ଟି ଜମି ଅଧିଗ୍ରହଣ ମାମଲାରେ (17 ପ୍ରତିଶତ) ଏସ୍ଆଇଏ ଅଧ୍ୟୟନ କରାଯାଇ ନଥିଲା ।

- ଆର୍ଏଫ୍ସିଟିଏଲ୍ଏଆର୍ଆର୍, ଅଧିନିୟମ 2013 ର ଧାରା 11 ଅନୁଯାୟୀ, ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ମୂଲ୍ୟାଙ୍କନ ତାରିଖ ଠାରୁ 12 ମାସ ମଧ୍ୟରେ ଜାରି କରାଯିବ । ତିନୋଟି ପ୍ରକଳ୍ପ ପାଇଁ 82.852 ଏକର ଜମି ଅଧିଗ୍ରହଣରେ, ଧାର୍ଯ୍ୟ ତାରିଖ ଠାରୁ ପ୍ରାୟ ଦେଢ଼ ବର୍ଷ ବିତିଯିବା ପରେ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା ।

- ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ଯଦିଓ ଗ୍ରାମସଭାର ପ୍ରାକ୍ ସମ୍ମତି ଏକ ଆବଶ୍ୟକତା, 294 ଟି ଜମି ଅଧିଗ୍ରହଣ ମାମଲା ମଧ୍ୟରୁ 126 (43 ପ୍ରତିଶତ) ଟିରେ ଗ୍ରାମସଭା ବୈଠକ ବିନା, ଆବଶ୍ୟକ କୋରମ୍ ବିନା ଗ୍ରାମସଭା ବୈଠକ କରି, ଗ୍ରାମସଭା ସମ୍ମତିର ଅନୁପସ୍ଥିତିରେ ଏବଂ ଜମି ଅଧିଗ୍ରହଣ ପରେ ଗ୍ରାମସଭା ବୈଠକ କରି ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା ।

ଜମି ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ବଜାର ମୂଲ୍ୟ ନିର୍ଦ୍ଧାରଣ କରିବାର ପଦ୍ଧତି ଏବଂ କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା, ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ 2013 ରେ ବର୍ଣ୍ଣନା କରାଯାଇଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକ ମଧ୍ୟରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ:

- ପରୀକ୍ଷା ଯାଞ୍ଚ ହୋଇଥିବା 203 ଟି ଜମି ଅଧିଗ୍ରହଣ ମାମଲା ମଧ୍ୟରୁ 74 (36 ପ୍ରତିଶତ) ଟିରେ, ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜମିର ବଜାର ମୂଲ୍ୟ ନିର୍ଣ୍ଣୟ ପାଇଁ, ସଂଲଗ୍ନ ଗ୍ରାମଗୁଡ଼ିକର ବିକ୍ରୟ ତଥ୍ୟ ହାସଲ କରାଯାଇ ନଥିଲା । 43.48 ଏକର ଜମି ଅଧିଗ୍ରହଣ ସମ୍ପର୍କିତ ଛଅଟି ଜମି ଅଧିଗ୍ରହଣ ମାମଲାରେ, 10.07 କୋଟି ଟଙ୍କାର କମ୍ ମୂଲ୍ୟାୟନ ହୋଇଥିବା ଅଡିଟ୍ ଆକଳନ କରିଥିଲା ।

- ସୁନ୍ଦରଗଡ଼ ଜିଲ୍ଲାରେ, ବେଞ୍ଚ-ମାର୍କ ମୂଲ୍ୟ (ବିଏମ୍ଭି), ସଂଲଗ୍ନ ଗ୍ରାମରେ ସମାନ ବର୍ଗର ଜମିର ହାରାହାରି ବିକ୍ରୟ ମୂଲ୍ୟଠାରୁ ଅଧିକ ହୋଇଥିଲେ ମଧ ଜମିର ବଜାର ମୂଲ୍ୟ ନିର୍ଣ୍ଣୟ ପାଇଁ ବିଚାରକୁ ନିଆଯାଇ ନଥିଲା । ଫଳସ୍ୱରୂପ, କ୍ଷତିପୂରଣ ରାଶି, 5.27 କୋଟି ଟଙ୍କା କମ୍ ମୂଲ୍ୟାୟନ କରାଯାଇଥିଲା ।

- ବେସରକାରୀ ସଂସ୍ଥାଗୁଡ଼ିକ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ, କ୍ଷତିପୂରଣ ରାଶି ଆକଳନ ପାଇଁ, ଜମି ମାଲିକଙ୍କ ସହମତି ନିଆଯାଇ ନଥିଲା । ଏହା ବ୍ୟତୀତ ଜମିର ମୂଲ୍ୟାୟନ ଏକ ଅନୁଚିତ୍ ଢଙ୍ଗରେ କରାଯାଇଥିଲା, ଫଳରେ 63.76 କୋଟି ଟଙ୍କା କମ୍ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା ।

- ଜମିର ଅତିରିକ୍ତ ବଜାର ମୂଲ୍ୟର ନିର୍ଣ୍ଣୟ, ଅଧିନିୟମ ଅନୁଯାୟୀ କରାଯାଇ ନଥିଲା, ଫଳସ୍ୱରୂପ 1,061.109 ଏକର ଜମି ଅଧିଗ୍ରହଣ ସମ୍ପର୍କିତ 120 ଟି ମାମଲାରେ 4.03 କୋଟି ଟଙ୍କା କମ୍ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା ।
- 3,055.583 ଏକର ଜମି ଅଧିଗ୍ରହଣ ସମ୍ପର୍କିତ, 179 ଟି ମାମଲାରେ, ଜମି ରେକର୍ଡଗୁଡ଼ିକ ଅଦ୍ୟତନ ନହେବା କାରଣରୁ 120.94 କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇପାରି ନଥିଲା ।
- 114 ଟି ଜମି ଅଧିଗ୍ରହଣ ମାମଲାରେ, ସର୍ତ୍ତ ଅନୁଯାୟୀ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ପ୍ରଦାନ ପରିବର୍ତ୍ତେ କ୍ଷତିପୂରଣ ରାଶିର 83 ପ୍ରତିଶତ ଦେୟ ପ୍ରଦାନ ପରେ 2,449.594 ଏକର ପରିମିତ ଜମି ପ୍ରତ୍ୟକ୍ଷ ଭାବରେ ହସ୍ତାନ୍ତର କରାଯାଇଥିଲା ।
- ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ବ୍ୟବସ୍ଥାକୁ ଅବମାନନା କରି, ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ନକରି ଏବଂ କ୍ଷତିପୂରଣ ବାବଦରେ କୌଣସି ରାଶି ପ୍ରଦାନ ନକରି ସରକାର, 57.453 ଏକର ପରିମିତ ଜମି ଦଖଲ କରିଥିଲେ ।

ପ୍ରଭାବିତ/ ବିସ୍ଥାପିତ ପରିବାରକୁ ପ୍ରଦାନ କରାଯାଇଥିବା ଆର୍‌ଆଣ୍ଡଆର୍ ସୁବିଧା ସମ୍ବନ୍ଧରେ ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ଅନୁଯାୟୀ, ଯଦିଓ ପ୍ରଭାବିତ ପରିବାରଗୁଡ଼ିକ ଆର୍‌ଆଣ୍ଡଆର୍ ସୁବିଧା ପାଇବାକୁ ହକ୍‌ଦାର, 13,415 ପ୍ରଭାବିତ ପରିବାରକୁ 737.82 କୋଟି ଟଙ୍କାର ସେହିଭଳି ସୁବିଧା ବାରଣ କରାଯାଇଥିଲା । କେବଳ ବିସ୍ଥାପିତ ପରିବାରମାନଙ୍କୁ ଆର୍‌ଆଣ୍ଡଆର୍ ସୁବିଧା ଯୋଗାଇ ଦିଆଯାଉଥିଲା ।
- 2,208 ପ୍ରଭାବିତ/ ବିସ୍ଥାପିତ ପରିବାରକୁ ସେମାନଙ୍କ ବିସ୍ଥାପନ କିମ୍ବା ଜମି ଅଧିଗ୍ରହଣ ପରେ ମଧ ସେମାନଙ୍କର ଆର୍‌ଆଣ୍ଡଆର୍ ହକ୍‌ଦାର, 176.51 କୋଟି ଟଙ୍କା ପ୍ରଦାନ କରାଯାଇ ନଥିଲା ।
- ପାଞ୍ଚରୁ 60 ବର୍ଷ ବିତିଯାଇଥିଲେ ମଧ ଚାରୋଟି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହେତୁ ବିସ୍ଥାପିତ ହୋଇଥିବା 2,390 ପରିବାରକୁ ଆର୍‌ଆଣ୍ଡଆର୍ ସୁବିଧା ପ୍ରଦାନ କରାଯାଇ ନଥିଲା ।
- ତିନୋଟି ପ୍ରକଳ୍ପରେ, ଆର୍‌ଆଣ୍ଡଆର୍ ସୁବିଧା ପାଇବା ପାଇଁ ଯୋଗ୍ୟ 1,915 ପ୍ରଭାବିତ/ ବିସ୍ଥାପିତ ପରିବାରକୁ 10.28 କୋଟି ଟଙ୍କାର କମ୍ ଆର୍‌ଆଣ୍ଡଆର୍ ସୁବିଧାଗୁଡ଼ିକ ପ୍ରଦାନ କରାଯାଇଥିଲା ।
- ଆର୍‌ଆଣ୍ଡଆର୍ କଲୋନୀଗୁଡ଼ିକରେ ସବୁଦିନିଆ ରାସ୍ତା, ପାଇପ୍ ପାନୀୟ ଜଳ, ଜଳ ନିଷ୍କାସନ, ବ୍ୟକ୍ତିଗତ ଶୌଚାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ସର୍ବସାଧାରଣ ଆଲୋକ ବ୍ୟବସ୍ଥା ଭଳି ମୌଳିକ ସୁବିଧାର ଅଭାବ ରହିଥିଲା ।

2000 ମସିହାରେ ସଂଶୋଧିତ ଓଡ଼ିଶା ଅନୁସୂଚିତ ଅଞ୍ଚଳ ସ୍ଥାବର ସମ୍ପତ୍ତି ସ୍ଥାନାନ୍ତର (ଅନୁସୂଚିତ ଜନଜାତି ଦ୍ୱାରା) ନିୟମାବଳୀ, 1956 (ଓଏସ୍‌ଏଟିଆଇପି), ଅନୁସୂଚିତ ଜନଜାତି ମାନଙ୍କର ସମ୍ପତ୍ତି ଅଧିକାରକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ । ଅଡିଟ୍, ଓଏସ୍‌ଏଟିଆଇପି ନିୟମାବଳୀ କାର୍ଯ୍ୟକାରିତାରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରିଥିଲେ:

- ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସମୟ ସୀମା ନିର୍ଦ୍ଧାରଣର ଅନୁପସ୍ଥିତିରେ, ଓଏସ୍‌ଏଟିଆଇପି ନିୟମାବଳୀ ଅନୁଯାୟୀ ଦାଖଲ ହୋଇଥିବା ସମୁଦାୟ 2,134 ବିଚାରାଧୀନ ମାମଲା ମଧରୁ 1,347 ମାମଲା 10 ବର୍ଷରୁ ଅଧିକ ଏବଂ 391 ଟି ମାମଲା ଛଅ ରୁ 10 ବର୍ଷ ପର୍ଯ୍ୟନ୍ତ ବିଚାରାଧୀନ ଥିଲା ।

- 66.57 ଏକର ଜମି ସହିତ ଜଡ଼ିତ, 20 ଟି ପରୀକ୍ଷା ଯାଞ୍ଚ ଓଏସ୍‌ଏଟିଆଇପି ମାମଲାରେ, ଜୁଲାଇ 2008 ରୁ ସେପ୍ଟେମ୍ବର 2021 ମଧ୍ୟରେ ତହସିଲଦାରଙ୍କ ଠାରୁ ଅନୁସନ୍ଧାନ ରିପୋର୍ଟ ପାଇବା ସତ୍ତ୍ୱେ ସମ୍ପୃକ୍ତ ଉପ-ଜିଲ୍ଲାପାଳଙ୍କ ଦ୍ୱାରା ସମାଧାନ କରାଯାଇ ନଥିଲା ।
- ଆଠଟି ନମୁନା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁସୂଚିତ ଜନଜାତିଙ୍କର 46.141 ଏକର ଜମି ପୁନରୁଦ୍ଧାର ପାଇଁ ଜାରି କରାଯାଇଥିବା 104 ଟି ଓ୍ୱାରେଣ୍ଟ ମଧ୍ୟରୁ 90 ଟି ତହସିଲଦାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ନଥିଲା ।

ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, 2006 କିମ୍ବା ଏଫ୍‌ଆର୍ ଅଧିନିୟମ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ଅଡିଟ୍ ପର୍ଯ୍ୟବେକ୍ଷଣଗୁଡ଼ିକ ମଧ୍ୟରେ ନିମ୍ନ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା:

- ବାରିପଦା ତହସିଲରେ ଜଙ୍ଗଲ ଦାବିଗୁଡ଼ିକର ସମାଧାନର ଗତିଶୀଳତା ଅତି କମ୍ ଥିବା ଜଣାପଡ଼ିଥିଲା, ଯେଉଁଠାରେ 1,154 ଟି ଦାବି, ସମାଧାନ ପାଇଁ ମାର୍ଚ୍ଚ 2019 ଠାରୁ ବିଚାରାଧୀନ ଥିଲା ।
- ଛଅଟି ନମୁନା ଜିଲ୍ଲାରେ ଦିଆଯାଇଥିବା 2,20,494 ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସତ୍ତ୍ୱ ମଧ୍ୟରୁ 59 ପ୍ରତିଶତ ମାମଲାରେ ରେକର୍ଡ ଅଫ୍ ରାଇଟ୍‌ଗୁଡ଼ିକ ସଂଶୋଧନ କରାଯାଇ ନଥିଲା ଏବଂ 15 ପ୍ରତିଶତ ମାମଲାରେ ଆବଣ୍ଟିତ ଜମିର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା ।
- ଜଙ୍ଗଲ ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା କ୍ଷେତ୍ରରେ, ନମୁନା ଜିଲ୍ଲାଗୁଡ଼ିକରେ ଥିବା 236 ଜଙ୍ଗଲ ଗ୍ରାମ ମଧ୍ୟରୁ 217 (92 ପ୍ରତିଶତ) ଟି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇ ନଥିଲା ।
- ସୁନ୍ଦରଗଡ଼ ଏବଂ କୋରାପୁଟ ଜିଲ୍ଲାରେ, ସଂପୃକ୍ତ ଗ୍ରାମସଭା ଗୁଡ଼ିକର ସମ୍ମତି ବିନା କିମ୍ବା ଗ୍ରାମସଭା ଗୁଡ଼ିକର ମତାମତକୁ ଅବମାନନା କରି, 1,409 ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ନିମନ୍ତେ ବ୍ୟବହାର ପରିବର୍ତ୍ତନ ପାଇଁ, ଏଫ୍‌ଆର୍ ଆକ୍ଟ ଅଧୀନରେ ପ୍ରମାଣପତ୍ର (କିମ୍ବା ଏଫ୍‌ଆର୍‌ଏ ସାର୍ଟିଫିକେଟ) ଜାରି କରାଯାଇଥିଲା ।

ଓଡ଼ିଶା ଜମି ସଂସ୍କାର (ଓଏଲ୍‌ଆର୍) ଅଧିନିୟମ, 1960, ଅନ୍ୟାନ୍ୟ ସହିତ, ସମାନ ଭାବରେ ଜମି ବଣ୍ଟନ, ସିଲିଂ ବହିର୍ଭୁତ ଜମିକୁ ନେଇ ଭୂମିହୀନ ପରିବାର ମଧ୍ୟରେ ବଣ୍ଟନ ଏବଂ ଅନୁସୂଚିତ ଜାତି ଜମି ବିକ୍ରିକୁ ନିୟନ୍ତ୍ରଣ କରିବା ପାଇଁ ଲକ୍ଷ୍ୟ ରଖେ । ଏଥିରେ ଥିବା ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନରେ ଦର୍ଶାଗଲା:

- 1,220.16 ଏକର ସିଲିଂ ବହିର୍ଭୁତ ଜମି ସହିତ ଜଡ଼ିତ 50 ଟି ମାମଲା ପାଞ୍ଚଟି ନମୁନା ଜିଲ୍ଲାରେ ସମାଧାନ ପାଇଁ ବିଚାରାଧୀନ ଥିଲା । ସେଥିମଧ୍ୟରୁ ଚାରୋଟି ମାମଲା 1973-74 ଠାରୁ ବିଚାରାଧୀନ ଥିଲା ।
- ସରକାରଙ୍କ ଉପରେ ନ୍ୟସ୍ତ ହୋଇଥିବା 44,251.943 ଏକର ସିଲିଂ ବହିର୍ଭୁତ ଜମି ମଧ୍ୟରୁ 1,462.622 ଏକର ଜମି ଦଖଲକୁ ନିଆଯାଇ ନଥିଲା (ଡିସେମ୍ବର 2022 ସୁଦ୍ଧା) ।
- ସରକାର 42,789.321 ଏକର ପରିମିତ ସିଲିଂ ବହିର୍ଭୁତ ଜମି ହାତକୁ ନେଇଥିଲେ । ଏଥିମଧ୍ୟରୁ 3,460.678 ଏକର, ଜମିହୀନ ପରିବାର ମଧ୍ୟରେ ବଣ୍ଟନ କରାଯାଇ ନଥିଲା ।
- ଆଠଟି ନମୁନା ହୋଇଥିବା ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ, 2017-18 ରୁ 2021-22 ମଧ୍ୟରେ, ଅନୁସୂଚିତ ଜାତି ଜମି ମାଲିକଙ୍କ ଠାରୁ ସେମାନଙ୍କ ଜମି ବିକ୍ରି ଅନୁମତି ପାଇଁ ପ୍ରାପ୍ତ 2,626 ଆବେଦନ ମଧ୍ୟରୁ ମାର୍ଚ୍ଚ 2022 ସୁଦ୍ଧା 635 ଟି ଆବେଦନ ବିଚାରାଧୀନ ଥିଲା ।

- ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ, ଆଠଟି ନମୁନା ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ଅନୁସୂଚିତ ଜାତି ଜମିର ପୁନରୁଦ୍ଧାର ପାଇଁ 249 ଟି ମାମଲା ଦାୟର କରାଯାଇଥିଲା । ଏଥି ମଧ୍ୟରୁ ମାର୍ଚ୍ଚ 2022 ସୁଦ୍ଧା 142 ଟି ମାମଲାର ସମାଧାନ ବିଚାରାଧୀନ ଥିଲା ।
- ନମୁନା ହୋଇଥିବା ଛଅଟି ଜିଲ୍ଲାରେ 21,659 ଚିହ୍ନଟ ହୋଇଥିବା ଭୂମିହୀନ ପରିବାର ମଧ୍ୟରୁ 898 ଜଣଙ୍କୁ ବସୁନ୍ଧରା ଯୋଜନା ଅଧୀନରେ ଗୃହପଯୋଗୀ ଜମି ଯୋଗାଇ ଦିଆଯାଇ ନଥିଲା । ଅଧିକନ୍ତୁ, ଯଦିଓ ଆର୍‌ଡିଏମ୍ ବିଭାଗଙ୍କ ନିର୍ଦ୍ଦେଶ ଅନୁଯାୟୀ ତ୍ରୈମାସିକ ଭିତ୍ତିରେ ସର୍ଭେ କରାଯିବା ବାଧ୍ୟତାମୂଳକ ଥିଲା ଏବଂ 7,462 ଭୂମିହୀନ ପରିବାର, ପିଏମ୍ଏୱାଇ-ଗ୍ରାମୀଣର ସ୍ଥାୟୀ ଅପେକ୍ଷା ତାଲିକାରେ ଥିଲେ, 2018 ଠାରୁ ଭୂମିହୀନ ପରିବାରଗୁଡ଼ିକର ଚିହ୍ନଟ ପାଇଁ କୌଣସି ସର୍ଭେ କରାଯାଇ ନଥିଲା ।

ଆର୍‌ଡିଏମ୍ ବିଭାଗ ଦ୍ୱାରା ପର୍ଯ୍ୟବେକ୍ଷଣ ଓ ପ୍ରବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳ ଗୁଡ଼ିକ ନିମ୍ନଲିଖିତ ମତେ ଥିଲା:

- 1963-64 ରୁ 2018 ମଧ୍ୟରେ ସର୍ବସାଧାରଣ ଉଦ୍ଦେଶ୍ୟରେ ଅଧିଗ୍ରହଣ ହୋଇଥିବା 12,982.381 ଏକର ଜମି ମଧ୍ୟରୁ, ଡିସେମ୍ବର 2022 ସୁଦ୍ଧା 9,864.231 ଏକର ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହୃତ ନ ହୋଇ ରହିଥିଲା । ଯଦିଓ ଅବ୍ୟବହୃତ ଜମି, ଯେଉଁମାନଙ୍କ ଠାରୁ ଅଧିଗ୍ରହଣ କରାଯାଇଥିଲା, ସେହି ବ୍ୟକ୍ତିଙ୍କ ନାମରେ ପୁନସ୍ଥାପିତ ହେବା ଉଚିତ୍, ତାହା କରାଯାଇ ନଥିଲା ।
- ଛଅଟି ନମୁନା ଜିଲ୍ଲାରେ ମାର୍ଚ୍ଚ 2022 ସୁଦ୍ଧା 12,013.90 ଏକର ସରକାରୀ ଜମିର ଜବରଦଖଲ ସମ୍ପର୍କିତ 31,730 ମାମଲା ବିଚାରାଧୀନ ରହିଥିଲା ।
- ଡିସେମ୍ବର 2022 ସୁଦ୍ଧା ଛଅଟି ନମୁନା ଜିଲ୍ଲାରେ 14,71,998 ଜମି ରେକର୍ଡ ଡିଜିଟାଇଜେସନ ପାଇଁ ପଡ଼ିରହିଥିଲା ।

***ଆମେ କଣ ସୁପାରିଶ କରୁ ?***

***ଏହା ସୁପାରିଶ କରାଯାଏ ଯେ :***

1. ***ଜମି ଅଧିଗ୍ରହଣ କାରଣରୁ ପ୍ରଭାବିତ/ ବିସ୍ଥାପିତ ହେବାକୁ ଥିବା ଜନସଂଖ୍ୟା ଚିହ୍ନଟ ପାଇଁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାରଣରୁ ସମସ୍ତ ଆବଶ୍ୟକ ମାମଲାରେ ଆୟୋଜିତ ହେବା ଉଚିତ୍ ଏବଂ ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ଧାର୍ଯ୍ୟ ସମୟ ମଧ୍ୟରେ ଜାରି ହେବା ଉଚିତ୍ । ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନର ପରିଚାଳନା କରାଯାଇ ନଥିବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବା ଉଚିତ୍ ।***
2. ***ଗ୍ରାମସଭା ଆୟୋଜନରେ ତ୍ରୁଟି ଯଥା, ଗ୍ରାମସଭା ପରିଚାଳନା ନକରି ଜମି ଅଧିଗ୍ରହଣ କରିବା, ଗ୍ରାମସଭାର ମତାମତ ପ୍ରାପ୍ତ ନକରିବା, ଜିଏସ୍‌ର ସହମତି ବିନା ଜମି ଅଧିଗ୍ରହଣ ଏବଂ ପ୍ରକଳ୍ପ ଗୁଡ଼ିକର ନାମ ପ୍ରକାଶ ନକରି ଜିଏସ୍ ସଦସ୍ୟମାନଙ୍କର ଦସ୍ତଖତ ପ୍ରାପ୍ତ କରିବା ପାଇଁ ବିଭାଗ, ସଂପୃକ୍ତ ଅଧିକାରୀଙ୍କୁ ଉତ୍ତରଦାୟୀ କରିପାରନ୍ତି ।***
3. ***ଅଧିଗ୍ରହଣ ପାଇଁ ବିଜ୍ଞାପିତ ହୋଇଥିବା ଜମିର ମୂଲ୍ୟ ଆରଏଫ୍‌ସିଟିଏଲ୍ଏଆର୍‌ଆର୍ ଅଧିନିୟମ, 2013 ର ଧାରା 26 ଅନୁଯାୟୀ ଆଖପାଖ ଗ୍ରାମରେ ହାରାହାରି ବିକ୍ରି ମୂଲ୍ୟ ଏବଂ ପରିଚାଳିତ ବେଞ୍ଚମାର୍କ ମୂଲ୍ୟକୁ ଦୃଷ୍ଟିରେ ରଖି କରାଯିବା ଉଚିତ୍ ।***

4. ଘରୋଇ ସଂସ୍ଥାର ଅଧିଗ୍ରହଣ ପାଇଁ ଅଧିସୂଚିତ ଜମିର ମୂଲ୍ୟ, ଜମି ମାଲିକଙ୍କ ସହମତି ଆଧାରରେ କରାଯିବା ଉଚିତ୍ । ଅଧିସୂଚିତ ଅଞ୍ଚଳ ପାଇଁ ସରକାରଙ୍କୁ ଜମି ମାଲିକଙ୍କ ସୁବିଧା ପାଇଁ ଜମିର ଫ୍ଲୋର ପ୍ରାଇସ୍ ସ୍ଥିର କରିବା ଉଚିତ୍ ।

5. ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ର ଧାରା 30 ରେ ବ୍ୟବସ୍ଥା ଅନୁସାରେ ପ୍ରାଥମିକ ବିଜ୍ଞପ୍ତି ପ୍ରଦାନ ତାରିଖ ଏବଂ ପୁରସ୍କାରର ତାରିଖକୁ ଧ୍ୟାନରେ ରଖି ଅତିରିକ୍ତ ବଜାର ମୂଲ୍ୟ ଗଣନା କରାଯାଇପାରେ ।

6. ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ ଘରୋଇ ଜମିର ପ୍ରତ୍ୟକ୍ଷ କ୍ରୟ କ୍ଷେତ୍ରରେ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ର ଧାରା 26 ରୁ 30 ଅନୁଯାୟୀ ଜମିର ବଜାର ମୂଲ୍ୟ ସ୍ଥିର କରାଯାଇପାରେ ।

7. ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ହୋଇସାରିଥିବା ଜମି ଅଂଶ ଗୁଡ଼ିକର ରେକର୍ଡ ଅଫ୍ ରାଇଟସ୍, ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ରେ ଧାର୍ଯ୍ୟ ହୋଇଥିବା ସୂଚୀ ଅନୁଯାୟୀ ଅପ୍‌ଡେଟ୍ କରିବା ଉଚିତ୍ ।

8. ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ 2013 ଅନୁଯାୟୀ ପ୍ରଦାନ କରାଯାଇଥିବା ପଦ୍ଧତିକୁ ଅନୁସରଣ ନକରି କୌଣସି ଜମି ଅଧିଗ୍ରହଣ କରାଯିବା ଉଚିତ୍ ନୁହେଁ ଏବଂ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ ନିଶ୍ଚିତ ହେବା ପରେ ଜମିର ଭୌତିକ ଦଖଲ ନେବା ଉଚିତ୍ ।

9. ଆରଏଫ୍ସିଟିଏଲ୍ଆର୍ଏଆର୍ଆର୍ ଅଧିନିୟମ, 2013 ର ବ୍ୟବସ୍ଥା ଅନୁଯାୟୀ ସମସ୍ତ ପ୍ରଭାବିତ ପରିବାର ପାଇଁ ପୁନର୍ବାସ ଓ ପୁନଃଥଇଥାନ ସୁବିଧା କ୍ଷତିପୂରଣ ପ୍ରଦାନ ତାରିଖ ଠାରୁ ଛଅ ମାସ ମଧ୍ୟରେ ଉପଲବ୍ଧ କରାଯିବା ଉଚିତ୍ ।

10. ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ର ଧାରା 32 ରେ ବ୍ୟବସ୍ଥିତ ମୌଳିକ ସୁବିଧାଗୁଡ଼ିକୁ ଆର୍ଆଣ୍ଡଆର୍ କଲୋନୀଗୁଡ଼ିକରେ ବିସ୍ଥାପିତ ପରିବାରଗୁଡ଼ିକର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରଦାନ କରାଯିବା ଉଚିତ୍ ।

11. ତଦନ୍ତ ରିପୋର୍ଟ ଦାଖଲ କରିବାରେ ତ୍ରୁଟି ଆଇନତଃ ଯୋଗ୍ୟ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କ ସପକ୍ଷରେ ଜମି ପୁନରୁଦ୍ଧାର ପାଇଁ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ୱାରେଣ୍ଟ୍ କାର୍ଯ୍ୟକାରୀ ନ କରିବା ପାଇଁ ତହସିଲଦାରଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ପାରେ ।

12. ଓଏସ୍ଏଟିଆଇପି ରେଗୁଲେସନ 1956 ଅନୁଯାୟୀ ଦାୟର ହୋଇଥିବା ମାମଲାଗୁଡ଼ିକର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରେ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷ, ବିଚାରାଧୀନ ମାମଲାଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇପାରେ ।

13. ବିଚାରାଧୀନ ଜଙ୍ଗଲ ଅଧିକାର ଦାବିଗୁଡ଼ିକର ଶୀଘ୍ର ସମାଧାନ କରାଯାଇପାରେ ।

14. ଜାରି ହୋଇଥିବା ବ୍ୟକ୍ତିଗତ ଜଙ୍ଗଲ ଅଧିକାର (ଆଇଏଫ୍ଆର୍ଗୁଡ଼ିକ) ସମ୍ପର୍କରେ ସଂପୃକ୍ତ ଆର୍ଓଆର୍ଗୁଡ଼ିକ ଆଇଏଫ୍ଆର୍ଧାରୀଙ୍କ ନାମରେ ସଂଶୋଧନ କରାଯିବା ସହ ଆବଣ୍ଟିତ ଜଙ୍ଗଲ ଜମିଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ ।

15. ଗ୍ରାମସଭାର ମତାମତକୁ ଅବମାନନା କରି ଏଫ୍ଆର୍ଏ ସାର୍ଟିଫିକେଟ୍ ପ୍ରଦାନ ପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଉତ୍ତରଦାୟୀ କରାଯିବା ଉଚିତ୍ ।

16. ଊଲିଂ ବହିର୍ଭୂତ ଜମି ଅକ୍ତିଆର ପାଇଁ ଆରମ୍ଭ କରାଯାଇଥିବା ମାମଲାଗୁଡିକ ଯଥା ଶୀଘ୍ର ସମାଧାନ କରାଯିବା ଉଚିତ୍ । ସରକାର, ସିଲିଂ ବଳକା ଜମିକୁ ନିଜ ଅକ୍ତିଆରକୁ ନିଅନ୍ତୁ ଏବଂ ଯୋଗ୍ୟ ଜନସାଧାରଣଙ୍କ ମଧ୍ୟରେ ଯଥାଶୀଘ୍ର ଆବଣ୍ଟନକୁ ସୁନିଶ୍ଚିତ କରନ୍ତୁ ।

17. ଭୂମିହୀନ ପରିବାରମାନଙ୍କର ସର୍ବେକ୍ଷଣ ସମୟ ଅବଧିରେ କରାଯିବା ଉଚିତ୍ ଓ ଚିହ୍ନଟ ହୋଇଥିବା ଭୂମିହୀନ ପରିବାରଙ୍କୁ ବାସଗୃହ ନିର୍ମାଣ ପାଇଁ ବାସଗୃହ ଜମି ଯୋଗାଇ ଦିଆଯିବା ଉଚିତ୍ ।

18. ଅବ୍ୟବହୃତ ଅଧିଗ୍ରହଣ ଜମି ବିଧି ବ୍ୟବସ୍ଥା ଏବଂ ତାହା ଭିତରେ ଥିବା ନିୟମାବଳୀ ଅନୁଯାୟୀ ପୂର୍ବ ଜମି ମାଲିକମାନଙ୍କୁ ଫେରସ୍ତ କରାଯିବା ଉଚିତ୍ ।

19. ଆର୍ଏଫ୍ସିଟିଏଲ୍ଏ ଆର୍ଆର୍ ନିୟମ 2016 ର ନିୟମ 42 ଅନୁଯାୟୀ ସର୍ବନିମ୍ନ ଅଧିଗ୍ରହଣ ଓ ସର୍ବସାଧାରଣ ଜମିର ଉପଯୋଗକୁ ସୁଗମ କରିବା ପାଇଁ ଗ୍ରାମ୍ୟ ଲ୍ୟାଣ୍ଡ ବ୍ୟାଙ୍କ୍ ଗଠନ କରାଯାଇପାରେ ।

20. ସରକାରୀ ଜମିର ଜବରଦଖଲ ମାମଲା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନକରାଯିବା ଉଚିତ୍ ।

21. ଡିଜିଟାଇଜେସନ୍ ପାଇଁ ବିଚାରାଧୀନ ଥିବା ଜମି ରେକର୍ଡଗୁଡ଼ିକ ଶୀଘ୍ର ଡିଜିଟାଇଜ୍ କରାଯିବା ଉଚିତ୍ ।

22. ଜମି ଆୟୋଗ ପୁନର୍ଗଠନ କରାଯାଇପାରେ, ଜିଲ୍ଲା କାର୍ଯ୍ୟନିର୍ବାହୀ କମିଟି (ଡିଇସି) ଗଠନ ଏବଂ ବିଚାରାଧୀନ ଜମି ରାଜସ୍ୱ ମାମଲାଗୁଡ଼ିକର ସମାଧାନ ତଥା ଜମି ସଂସ୍କାର ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ମନଟରିଂ ମେକାନିଜିମ୍ ସୁଦୃଢ ହେବା ଉଚିତ୍ ।

# ଅଧ୍ୟାୟ 1

# ଉପକ୍ରମ

# ଅଧ୍ୟାୟ I


## ଉପକ୍ରମ

### 1.1 ସମୀକ୍ଷା

2011 ଜନଗଣନା ଅନୁଯାୟୀ, ଓଡ଼ିଶାର ଆଦିବାସୀ ଜନସଂଖ୍ୟା 95.91 ଲକ୍ଷ ଥିଲା, ଯାହା ରାଜ୍ୟର ମୋଟ ଜନସଂଖ୍ୟାର 22.85 ପ୍ରତିଶତ ଏବଂ ଦେଶର ମୋଟ ଆଦିବାସୀ ଜନସଂଖ୍ୟାର 9.20 ପ୍ରତିଶତ ଅଟେ । ରାଜ୍ୟରେ 13 ଟି ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀ[1] (ପିଭିଟିଜି) ଅନ୍ତର୍ଭୁକ୍ତ କରି 62 ଟି ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ପରେ ଦେଶରେ ଆଦିବାସୀ ଜନସଂଖ୍ୟାର ତୃତୀୟ ବୃହତ୍ତମ ସ୍ଥାନରେ ଓଡ଼ିଶା ରହିଛି । ଅନୁସୂଚିତ ଜନଜାତିର ଜନସଂଖ୍ୟା, ଅନୁସୂଚିତ ଅଞ୍ଚଳରେ, ରାଜ୍ୟର ମୋଟ ଆଦିବାସୀ ଜନସଂଖ୍ୟାର ପ୍ରାୟ 68.09 ପ୍ରତିଶତ ଅଟେ ।

ଭାରତର ସମ୍ବିଧାନର ଧାରା 244(1) ଅନ୍ତର୍ଗତ ପଞ୍ଚମ ସୂଚୀ ଅନୁଯାୟୀ, 'ଅନୁସୂଚିତ ଅଞ୍ଚଳ' ଯାହା ରାଷ୍ଟ୍ରପତିଙ୍କ ଆଦେଶ ଅନୁଯାୟୀ, ଅନୁସୂଚିତ ଅଞ୍ଚଳ ଭାବରେ ଘୋଷଣା ହୁଏ । ସମ୍ବିଧାନର ଧାରା 244 ରେ ଅନୁସୂଚିତ ଅଞ୍ଚଳର ପ୍ରଶାସନ ପାଇଁ ବ୍ୟବସ୍ଥା ରହିଛି । କୌଣସି ଅଞ୍ଚଳକୁ ଅନୁସୂଚିତ ଅଞ୍ଚଳ ଘୋଷଣା ପାଇଁ ଅନୁସରଣ କରାଯାଉଥିବା ମାନଦଣ୍ଡଗୁଡ଼ିକ ହେଲା (କ) ଆଦିବାସୀ ଜନସଂଖ୍ୟାର ପ୍ରାଧାନ୍ୟତା, (ଖ) ଘନତା ଏବଂ ଅଞ୍ଚଳର ଯୁକ୍ତିଯୁକ୍ତ ଆକାର (ଗ) ଅଞ୍ଚଳର ଅବିକଶିତ ପ୍ରକୃତି ଏବଂ (ଘ) ଲୋକମାନଙ୍କର 'ଅର୍ଥନୈତିକ ମାନଦଣ୍ଡରେ ଅସମାନତା' । ସେହି ଅନୁଯାୟୀ, ମାର୍ଚ୍ଚ 2022 ସୁଦ୍ଧା ଓଡ଼ିଶାର 314 ଟି ବ୍ଲକ୍ ମଧ୍ୟରୁ 119 ଟି ବ୍ଲକ୍ ଅନୁସୂଚିତ ଅଞ୍ଚଳ ଭାବରେ ଘୋଷଣା କରାଯାଇଥିଲା । ଏହା ରାଜ୍ୟର ଭୌଗୋଳିକ କ୍ଷେତ୍ରର ପ୍ରାୟ 44.70 ପ୍ରତିଶତ ଅଟେ । ଅନୁସୂଚିତ ଅଞ୍ଚଳ ଘୋଷଣାର ଉଦ୍ଦେଶ୍ୟ ହେଉଛି ଆଦିବାସୀଙ୍କ ସ୍ୱାୟତ୍ତତା ଏବଂ ସାଂସ୍କୃତିକ ସଂରକ୍ଷଣ କରିବା ସହିତ ସେମାନଙ୍କର ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା, ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ, ଶାନ୍ତି ରକ୍ଷା ଏବଂ ଉତ୍ତମ ଶାସନ ସୁନିଶ୍ଚିତ କରିବା । ରାଜ୍ୟର ଅନୁସୂଚିତ ଜିଲ୍ଲାଗୁଡିକୁ ***ମାନଚିତ୍ର 1.1*** ରେ ଦର୍ଶାଯାଇଛି ।

***ମାନଚିତ୍ର 1.1: ଓଡ଼ିଶାର ଅନୁସୂଚିତ ଜିଲ୍ଲା***




1 ପୂର୍ବ କୃଷି ଅର୍ଥନୀତି, ଅତ୍ୟଧିକ ନିମ୍ନ ସ୍ତରରୁ ସାକ୍ଷରତା, ବିଭିନ୍ନ ବାସସ୍ଥାନ ଇତ୍ୟାଦି ସହିତ ଆଦିବାସୀ ସମ୍ପ୍ରଦାୟର ଏକ ସ୍ୱତନ୍ତ୍ର ବର୍ଗ

## 1.2 ବୈଧାନିକ ଢାଞ୍ଚା

ଜମିରେ ବା ଜମିର ଅଧିକାର, ଜମିର ସମୟସୀମା ସମ୍ବନ୍ଧରେ, ଜମିଦାର ଏବଂ ଭଡାଟିଆଙ୍କ ସମ୍ପର୍କ ସହିତ, ଭଡା ସଂଗ୍ରହ ଏବଂ କୃଷି ଜମିର ହସ୍ତାନ୍ତରଣ ବିଷୟ, ସାମ୍ବିଧାନିକ ବ୍ୟବସ୍ଥା[2] ଅନୁସାରେ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱାଧୀନ ବିଷୟ ଅଟେ । ଅପର ପକ୍ଷରେ, ସମ୍ପତ୍ତି[3] ଅଧିଗ୍ରହଣ ବିଷୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁଗ୍ମ ଅଧିକାରର ବିଷୟ ଅଟେ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ, ଓଡ଼ିଶା ସରକାର, ରାଜ୍ୟରେ ଜମି ସମ୍ବଳ ପରିଚାଳନା ପାଇଁ ସର୍ବୋଚ୍ଚ ବିଭାଗ ଅଟେ । ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି (ଏସ୍‌ସି) ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ (ଏସ୍‌ଏସ୍‌ଡି) ବିଭାଗ, ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, 2006 (ଏଫ୍‌ଆର୍ ଅଧିନିୟମ)ର ପରିଚାଳନା ପାଇଁ ସର୍ବୋଚ୍ଚ ବିଭାଗ ଅଟେ । ଏଫ୍‌ଆର୍ ଅଧିନିୟମ ଅନୁଯାୟୀ, ଏସ୍‌ଏସ୍‌ଡି ବିଭାଗ, ଜଙ୍ଗଲ ଅଧିକାର ତଥା ଜଙ୍ଗଲ ଜମି ଦଖଲ, ଜଙ୍ଗଲ ନିବାସୀ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ନିବାସୀ (ଓଟିଏଫ୍‌ଡି)ଙ୍କ ଉପରେ ନ୍ୟସ୍ତ କରେ, ଯେଉଁମାନେ ବହୁ ପିଢ଼ି ଧରି ଏହି ଜଙ୍ଗଲରେ ରହିଆସୁଛନ୍ତି ।

ଜମି ସଂସ୍କାର, ଏସ୍‌ଟି/ ଏସ୍‌ସି ଜନସଖ୍ୟାର ଜମି ଅଧିକାରର ସୁରକ୍ଷା ତଥା ଜମି ଅଧିଗ୍ରହଣ ଏବଂ ବିସ୍ଥାପନ ହେତୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଉଭୟ କେନ୍ଦ୍ର, ତଥା ରାଜ୍ୟ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି ଏବଂ ସମୟ ସମୟରେ ତାହା ଅଧିନରେ ନିୟମ ଜାରି କରିଅଛି, ଯାହା ***ସାରଣୀ 1.1*** ରେ ଦର୍ଶାଯାଇଛି ।

***ସାରଣୀ 1.1: ଓଡ଼ିଶାରେ ଜମି ନିୟମର ମୁଖ୍ୟ ବ୍ୟବସ୍ଥା ଏବଂ ପ୍ରଭାବ***

| ଅଧିନିୟମ ଏବଂ ନିୟମର ବିଶେଷତା | ଉଲ୍ଲେଖନୀୟ ବ୍ୟବସ୍ଥା |
|---|---|
| ଓଡ଼ିଶା ଇଷ୍ଟେଟ୍ ବିଲୋପ ଆଇନ, 1952 (ରାଜ୍ୟ ଅଧିନିୟମ) | ମଧ୍ୟସ୍ଥି ବ୍ୟବସ୍ଥା ରଦ୍ଦ |
| | ରାଜ୍ୟରେ ସମସ୍ତ ଜମି ଅଧିକାର ନ୍ୟସ୍ତ |
| | ବ୍ୟକ୍ତିଗତ ଚାଷ ପାଇଁ 33 ଏକରରୁ କମ୍ କୃଷି ଜମି ମଧ୍ୟସ୍ଥି ସହିତ ରହିବ |
| ଅନୁସୂଚିତ ଅଞ୍ଚଳରେ ସ୍ଥାବର ସମ୍ପତ୍ତିର ସ୍ଥାନାନ୍ତର ଏସ୍‌ଟିଙ୍କ ଦ୍ୱାରା) ନିୟମାବଳୀ, 1956 (2002 ରେ ସଂଶୋଧିତ) | ଅନୁସୂଚିତ ଅଞ୍ଚଳରେ ଏସ୍‌ଟି ବ୍ୟକ୍ତିଙ୍କ ଜମି ଅଣ-ଏସ୍‌ଟି ବ୍ୟକ୍ତିମାନଙ୍କୁ ହସ୍ତାନ୍ତର ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ |
| | ଅନୁସୂଚିତ ଅଞ୍ଚଳରେ, ମୂଳତଃ ଆଦିବାସୀମାନଙ୍କର ଜମି ସମସ୍ତ ଅଣ-ଆଦିବାସୀଙ୍କ ମାଲିକାନାରେ ଥିଲେ, ସେପ୍ଟେମ୍ବର 2002 ଠାରୁ ଦୁଇ ବର୍ଷ ମଧ୍ୟରେ ଆଇନଗତ ଉପାୟ ମାଧ୍ୟମରେ ଏହି ଜମି ଅଧିଗ୍ରହଣ ହୋଇଥିବାର ପ୍ରମାଣ ଦାଖଲ କରିବା ଆବଶ୍ୟକ । |
| ଓଡ଼ିଶା ଜମି ସଂସ୍କାର ଅଧିନିୟମ, 1960 (1965, 1973 ଏବଂ 1974 ରେ ସଂଶୋଧିତ) ଏବଂ ଓଡ଼ିଶା ଜମି ସଂସ୍କାର ସଂଶୋଧନ ନିୟମ, 1997 (ରାଜ୍ୟ ଆଇନ) | ଚାଷୀ ପାଇଁ ଜମିରେ ସ୍ଥାୟୀ, ବଂଶଗତ ଏବଂ ହସ୍ତାନ୍ତରିତ ଅଧିକାର |
| | ବିଶେଷ ପରିସ୍ଥିତି ବ୍ୟତୀତ ଜମି ଲିଜ ଦେବା ଉପରେ ପ୍ରତିବନ୍ଧକ |
| | ପ୍ରତିକୂଳ ଦଖଲରେ, ନିଜ ମାଲିକଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି, 12 ବର୍ଷ କିମ୍ବା ତାହା ଠାରୁ ଅଧିକ ସମୟ ପାଇଁ କ୍ରମାଗତ ଚାଷରେ ଥିବା ଜମି, କୃଷକ ପାଖକୁ ଯିବ |
| | ମୋଟ ଉତ୍ପାଦର ଏକ ଚତୁର୍ଥାଂଶରୁ ଅଧିକ ଭଡ଼ା ହେବ ନାହିଁ । |
| | ବ୍ୟକ୍ତିଗତ ହୋଲ୍ଡିଂ ଉପରେ ସିଲିଂ 33 ଷ୍ଟାଣ୍ଡାର୍ଡ ଏକର, ପରେ 20 କୁ ହ୍ରାସ ହେଲା ଏବଂ ତାହାପରେ 10 ଷ୍ଟାଣ୍ଡାର୍ଡ ଏକରକୁ ହ୍ରାସ କରାଗଲା |
| ଓଡ଼ିଶା ସରକରୀ ଜମି ବନ୍ଦୋବସ୍ତ (ଓଜିଏଲ୍‌ଏସ୍) ଅଧିନିୟମ, 1962 ଏବଂ ନିୟମ, 1983 (ରାଜ୍ୟ ଅଧିନିୟମ) | ସରକାରୀ ପ୍ରାପ୍ୟ ଆଦାୟ ପରେ ସରକାରୀ ଜମିକୁ ବିଭିନ୍ନ ଉଦ୍ଦେଶ୍ୟରେ ଲିଜ୍/ ହସ୍ତାନ୍ତରଣ |
| | ଗ୍ରହଣ କରାଯାଇଥିବା ଆବେଦନଗୁଡ଼ିକର 70 ପ୍ରତିଶତ, ଏସ୍‌ଟି ଏବଂ ଏସ୍‌ସି ବ୍ୟକ୍ତିଙ୍କ ସପକ୍ଷରେ ବନ୍ଦୋବସ୍ତ/ ସମାଧାନ ହେବ |

[2] ସପ୍ତମ ଅନୁସୂଚୀ- ସୂଚୀ-II (ରାଜ୍ୟ ସୂଚୀ) - ପ୍ରବେଶ ସଂଖ୍ୟା 18

[3] ସପ୍ତମ ଅନୁସୂଚୀ- ସୂଚୀ-III (ଯୁଗ୍ମ ସୂଚୀ) - ପ୍ରବେଶ ସଂଖ୍ୟା 42

| ଅଧିନିୟମ ଏବଂ ନିୟମର ବିଶେଷତା | ଉଲ୍ଲେଖନୀୟ ବ୍ୟବସ୍ଥା |
|---|---|
| ଓଡ଼ିଶା ଜମି ଜବରଦଖଲ ନିବାରଣ ଆଇନ, 1972 (1982 ରେ ସଂଶୋଧିତ) (ରାଜ୍ୟ ଅଧିନିୟମ) | ସରକାରୀ ଜମିକୁ ଅନଧିକୃତ ଦଖଲ ନିଷେଧ |
| | ଉଚ୍ଛେଦ ପରେ ଜବର ଦଖଲକାରୀଙ୍କ ଉପରେ ଜରିମାନା ଲାଗିବ |
| | ଭୂମିହୀନ ଜବର ଦଖଲକାରୀଙ୍କ ସପକ୍ଷରେ ଅବିବାଦିତ ସରକାରୀ ଅନାବାଦି ଜମିର ବନ୍ଦୋବସ୍ତ |
| ପଞ୍ଚାୟତ (ଅନୁସୂଚିତ କ୍ଷେତ୍ରକୁ ସମ୍ପ୍ରସାରଣ) ଅଧିନିୟମ (ପେସା ଆକ୍ଟ), 1996 (କେନ୍ଦ୍ର ଅଧିନିୟମ) | ଜମି, ଜଳ ଏବଂ ଜଙ୍ଗଲ ପରି ସମ୍ପ୍ରଦାୟ ସମ୍ବଳ ଉପରେ ଆଦିବାସୀମାନଙ୍କର ପାରମ୍ପାରିକ ଅଧିକାରକୁ ସ୍ୱୀକୃତି ଦେଇଥାଏ। |
| | ପ୍ରତ୍ୟେକ ଗ୍ରାମରେ ଗ୍ରାମ ସଭା ହେବା ଆବଶ୍ୟକ, ଯାହାକି ଅନୁସୂଚିତ ଅଞ୍ଚଳରେ କିମ୍ବା ବିକାଶମୂଳକ ପ୍ରକଳ୍ପରେ ଜମି ଅଧିଗ୍ରହଣ କରିବା ପୂର୍ବରୁ ଏବଂ ଅନୁସୂଚିତ ଅଞ୍ଚଳରେ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କୁ ପୁନ ଥଇଥାନ କିମ୍ବା ପୁନ ଥଇଥାନ କରିବା ପୂର୍ବରୁ ପରାମର୍ଶ କରାଯିବ |
| ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, 2006 (କେନ୍ଦ୍ର ଅଧିନିୟମ) | ଜଙ୍ଗଲ ନିବାସୀ ଏସ୍‌ଟି ଏବଂ ଓଟିଏଫ୍‌ଡି ଯେଉଁମାନେ ବହୁ ପିଢ଼ି ଧରି ଜଙ୍ଗଲରେ ରହିଆସୁଛନ୍ତି, କିନ୍ତୁ ଯାହାଙ୍କ ଅଧିକାର ରେକର୍ଡ ହୋଇପାରି ନାହିଁ, ଜଙ୍ଗଲ ଅଧିକାର ଏବଂ ଜଙ୍ଗଲ ଜମି ଅଧିକାରକୁ ସ୍ୱୀକୃତି ଦେଇଥାଏ ଏବଂ ନ୍ୟସ୍ତ କରିଥାଏ। |
| | ବ୍ୟକ୍ତିଗତ କିମ୍ବା ସାଧାରଣ ବୃତ୍ତି ଅଧୀନରେ ରହିବା ପାଇଁ କିମ୍ବା ନିଜ ଚାଷ ଜୀବିକା ପାଇଁ ଜଙ୍ଗଲ ଜମିରେ ରହିବା ଏବଂ ବାସ କରିବାର ଅଧିକାର, |
| | ଜମି ଅଧିଗ୍ରହଣ ଯୋଗୁ, ଏଫ୍‌ଆର୍ ଅଧିନିୟମ ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ଏସ୍‌ଟି ଏବଂ ଓଟିଫ୍‌ଡି, ଯିଏ ନିଜର ଯେକୌଣସି ଜଙ୍ଗଲ ଅଧିକାର ହରାଇଛନ୍ତି, ସେମାନଙ୍କୁ ଜମି ମାଲିକ ଭାବରେ ବିବେଚନା କରାଯିବ ଏବଂ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। |
| ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃଥଇଥାନ (ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍) ଅଧିନିୟମ, 2013 ରେ ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର (କେନ୍ଦ୍ର ଅଧିନିୟମ) | ପ୍ରଦର୍ଶିତ ଶେଷ ବିକଳ୍ପ ବ୍ୟତୀତ ଅନୁସୂଚିତ ଅଞ୍ଚଳରେ କୌଣସି ଅଧିଗ୍ରହଣ ହେବ ନାହିଁ |
| | ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାର ପୂର୍ବ ସମ୍ମତି ପ୍ରାପ୍ତ କରାଯିବ। |

***(ଉତ୍ସ: ସଂପୃକ୍ତ ଅଧିନିୟମ/ ନିୟମର ବ୍ୟବସ୍ଥା)***

ଆର୍‌ଡିଏମ୍ ବିଭାଗ 1974-75 ମସିହାରୁ, 'ବସୁନ୍ଧରା' ନାମରେ ଏକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି, ଯାହାଦ୍ୱାରା ଓଜିଏଲ୍‌ଏସ୍ ଅଧିନିୟମ, 1962 ଅନ୍ତର୍ଗତ ଗୃହସ୍ଥଳ ପ୍ରୟୋଜନ ପାଇଁ ପ୍ରତ୍ୟେକ ଗୃହହୀନ[4] ପରିବାରକୁ ଚାରି ଡିସିମିଲ୍ ପର୍ଯ୍ୟନ୍ତ ପ୍ରିମିୟମମୁକ୍ତ, ଘର ଉଦ୍ଦେଶ୍ୟରେ ସରକାରୀ ଜମି ଯୋଗାଇ ଦିଆଯିବ।

ସମସ୍ତ ଜମି ରେକର୍ଡକୁ କମ୍ପ୍ୟୁଟରୀକରଣ କରିବା ସହିତ (i) ମ୍ୟୁଟେସନ, (ii) ନକ୍ସା (iii) ପାଠ୍ୟ ଏବଂ ସ୍ଥାନିକ ତଥ୍ୟ ଏବଂ (iv) ସର୍ଭେ/ ପୁନଃସର୍ଭେ ଏବଂ ସମସ୍ତ ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ରେକର୍ଡଗୁଡ଼ିକର ଅଦ୍ୟତନ, ଏହା ସହିତ ଯେଉଁଠାରେ ଆବଶ୍ୟକ, ମୂଳ କ୍ୟାଡଷ୍ଟ୍ରାଲ ରେକର୍ଡ ସୃଷ୍ଟି କରିବାକୁ ଅନ୍ତର୍ଭୁକ୍ତ କରି, ଭାରତ ସରକାର ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ (ଡିଆଇଏଲ୍‌ଆର୍‌ଏମ୍‌ପି) ଆରମ୍ଭ କଲେ । ଡିଆଇଏଲ୍ ଆର୍‌ଏମ୍‌ପିର ମୂଳ ଉଦ୍ଦେଶ୍ୟ ଥିଲା ଟାଇଟଲ ଗ୍ୟାରେଣ୍ଟି ସହିତ ଏକ ଚୂଡ଼ାନ୍ତ ଜମି ଟାଇଟଲ ବ୍ୟବସ୍ଥା ଲାଗୁ କରିବା,

[4] ଅର୍ଥାତ୍, ଜଣେ ବ୍ୟକ୍ତି, ଯାହାଙ୍କ ପାଖରେ ନିଜ ପରିବାରର ସମସ୍ତ ସଦସ୍ୟ ତାଙ୍କ ସହ ସାଧାରଣ ଭାବେ ମିଶି ରହୁଛନ୍ତି, ରାଜ୍ୟର କୌଣସି ଠାରେ ଆବାସ ଗୃହ ନିର୍ମାଣ ପାଇଁ କୌଣସି ଜମି ନାହିଁ ଏବଂ ଏକ ଷ୍ଟାଣ୍ଡାର୍ଡ ଏକର ଠାରୁ କମ୍ ଅନ୍ୟ ଜମିର ମାଲିକ, ଏବଂ ଯାହାର ସମୁଦାୟ ବାର୍ଷିକ ଆୟ ତାଙ୍କ ସହିତ ସେହି ଆବାସରେ ରହୁଥିବା ପରିବାରର ସମସ୍ତ ସଦସ୍ୟଙ୍କ ବାର୍ଷିକ ଆୟ ସହିତ, ସେହି ପରିମାଣ ଠାରୁ ଅଧିକ ନୁହେଁ, ଯାହା ରାଜ୍ୟ ସରକାର ସମୟ ସମୟରେ ସେଥି ପାଇଁ ନିର୍ଦ୍ଦିଷ୍ଟ କରିଥାନ୍ତି

ଦେଶରେ ଏକ ଆଧୁନିକ, ବିସ୍ତୃତ ଏବଂ ସ୍ୱଚ୍ଛ ଜମି ରେକର୍ଡ ପରିଚାଳନା ପ୍ରଣାଳୀ ବିକାଶ କରିବା । ଏହି କାର୍ଯ୍ୟକ୍ରମ ରାଜ୍ୟରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି ।

## 1.3 ଏହି ଅଡିଟ୍ ଚୟନ କରିବାର ପୃଷ୍ଠଭୂମି

ସାମାଜିକ ଦୁର୍ବଳ ଗୋଷ୍ଠୀ ମଧ୍ୟରେ ଅନୁସୂଚିତ ଜନଜାତି ଅଛନ୍ତି, ଯେଉଁମାନେ ସେମାନଙ୍କର ବିକାଶ ପାଇଁ ରାଜ୍ୟର ସାମାଜିକ ଅର୍ଥନୈତିକ ସମର୍ଥନ ଆବଶ୍ୟକ କରନ୍ତି । ସେମାନଙ୍କର ସଂସ୍କୃତି ଏବଂ ସାମାଜିକ ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଥିଲେ ଏବଂ ଅନେକ କଲ୍ୟାଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସେମାନଙ୍କର ଜୀବିକା ମୂଳତଃ ଜଙ୍ଗଲ ଉତ୍ପାଦନ ଏବଂ ଚାଷ ଉପରେ ନିର୍ଭର କରେ । ତେଣୁ, ସେମାନଙ୍କର ନିଜ ଜମି, ଏବଂ ସେମାନଙ୍କ ଅଞ୍ଚଳର ସର୍ବସାଧାରଣ ଜମି, ସେମାନଙ୍କର ଜୀବିକାର ମୁଖ୍ୟ ଉତ୍ସ । ଏହାକୁ ଦୃଷ୍ଟିରେ ରଖି ଜମି ଅଧିଗ୍ରହଣରେ ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏଫ୍‌ଆର୍ ଅଧିନିୟମ 2006 ଜଙ୍ଗଲ ଜମିରେ ଆଦିବାସୀଙ୍କ ଅଧିକାରକୁ ସ୍ୱୀକୃତି ଦେଇଥାଏ ।


ଜିଲ୍ଲା/ ତହସିଲ ଅନୁସାରେ ଏସ୍‌ଟି ରୟତି, ନା ଆର୍‌ଡିଏମ୍ ବିଭାଗ/ ଏସ୍‌ଏସ୍‌ଡି ବିଭାଗ ନା ସଂପୃକ୍ତ ତହସିଲ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିଲା । ଅବଶ୍ୟ, 2005-06, 2010-11 ଏବଂ 2015-16 ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ କୃଷିଜମି ଗଣନାରେ ପ୍ରକାଶିତ ବିଭିନ୍ନ ସାମାଜିକ ଗୋଷ୍ଠୀ ଦ୍ୱାରା ଚାଷୋପଯୋଗୀ[5] ଜମିକୁ ଦର୍ଶାଇଥିଲା, ଯାହା **ସାରଣୀ** 1.2 ରେ ଏବଂ **ଚାର୍ଟ** 1.1 ରେ ଦର୍ଶାଯାଇଛି ।

***ସାରଣୀ 1.2:*** *ଓଡ଼ିଶାର ବିଭିନ୍ନ ସାମାଜିକ ଗୋଷ୍ଠୀ ଦ୍ୱାରା ଚାଷୋପଯୋଗୀ ଜମିର ମାଲିକାନା*

| ସାମାଜିକ ଗୋଷ୍ଠୀ | 2005-06 | | 2010-11 | | 2015-16 | |
|---|---|---|---|---|---|---|
| | ଧାରକଙ୍କ ସଂଖ୍ୟା (ଲକ୍ଷରେ) | କ୍ଷେତ୍ର (ଲକ୍ଷ ହେକ୍ଟରରେ) | ଧାରକଙ୍କ ସଂଖ୍ୟା (ଲକ୍ଷରେ) | କ୍ଷେତ୍ର (ଲକ୍ଷ ହେକ୍ଟରରେ) | ଧାରକଙ୍କ ସଂଖ୍ୟା (ଲକ୍ଷରେ) | କ୍ଷେତ୍ର (ଲକ୍ଷ ହେକ୍ଟରରେ) |
| ଏସ୍‌ସି | 6.31 | 5.27 | 7.02 | 5.65 | 7.42 | 5.48 |
| ଏସ୍‌ଟି | 14.07 | 17.48 | 14.26 | 16.15 | 14.61 | 15.38 |
| ଅନ୍ୟାନ୍ୟ | 23.18 | 27.44 | 25.39 | 26.72 | 26.63 | 25.33 |
| ମୋଟ | **43.56** | **50.19** | **46.67** | **48.52** | **48.66** | **46.19** |

***(ଉତ୍ସ: ଓଡ଼ିଶା କୃଷି ଜମି ଗଣନା: 2005-06, 2010-11 ଏବଂ 2015-16)***

***ଚାର୍ଟ 1.1:*** *କୃଷି ଜମି ଗଣନା: ବିଭିନ୍ନ ସାମାଜିକ ଗୋଷ୍ଠୀ ଦ୍ୱାରା ଧାରଣ ଜମିର କ୍ଷେତ୍ରଫଳ (ଲକ୍ଷ ହେକ୍ଟରରେ)*





[5] କୃଷି ଉତ୍ପାଦନ ପାଇଁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ବ୍ୟବହୃତ ଜମି

**ସାରଣୀ 1.2** ଏବଂ **ଚାର୍ଟ 1.1** ରୁ ଦେଖାଗଲା ଯେ :

- ଚାଷୋପଯୋଗୀ ଜମିର ସମୁଦାୟ କ୍ଷେତ୍ରଫଳ 2005-06 ମସିହାରେ 50.19 ଲକ୍ଷ ହେକ୍ଟରରୁ 2015-16 ରେ 46.19 ଲକ୍ଷ ହେକ୍ଟରକୁ ହ୍ରାସ ପାଇଛି ।
- ସେହି ସମୟରେ, ଜମି ଧାରଣ କ୍ଷେତ୍ର, ଏସ୍‌ଟି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କମ୍ ପଞ୍ଜୀକୃତ ହୋଇଥିଲା ଆର୍ଥିକ ବର୍ଷ 2005-06 ମସିହାରେ, ସମୁଦାୟ କାର୍ଯ୍ୟକ୍ଷମ ଜମିର 17.48 ଲକ୍ଷ ହେକ୍ଟର ଏସ୍‌ଟିଙ୍କ ଦ୍ୱାରା ଧାରଣ ହୋଇଥିଲା, ଯାହାକି 2015-16 ରେ 15.38 ଲକ୍ଷ ହେକ୍ଟର ଅର୍ଥାତ୍ 2.10 ଲକ୍ଷ ହେକ୍ଟର (12 ପ୍ରତିଶତ) ହ୍ରାସ ପାଇଥିଲା ।

ଓଡ଼ିଶା ସରକାରଙ୍କ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ (2022-23 ଅନୁଯାୟୀ, ମାର୍ଜିନାଲ (<1 ହେକ୍ଟର), ଛୋଟ (1-2 ହେକ୍ଟର), ଅର୍ଦ୍ଧ ମଧ୍ୟମ (2-4 ହେକ୍ଟର), ମଧ୍ୟମ (4-10 ହେକ୍ଟର) ଏବଂ ବୃହତ କୃଷକ (>10 ହେକ୍ଟର), ମଧ୍ୟରେ କାର୍ଯ୍ୟକ୍ଷମ ଜମି ହୋଲଡିଂ ବଣ୍ଟନ, 2005-06, 2010-11 ଏବଂ 2015-16 ମଧ୍ୟରେ ତିନୋଟି କୃଷି ସେନ୍‌ସେସ୍ ମଧ୍ୟରେ, ଚାର୍ଟ 1.2 ରେ ଚିତ୍ରିତ ହୋଇଥିଲା ।

*ଚାର୍ଟ 1.2: କୃଷି ସଂପୃକ୍ତ ଗଣନା: କୃଷକମାନଙ୍କର ବିଭିନ୍ନ ବର୍ଗରେ କାର୍ଯ୍ୟକ୍ଷମ ଜମିଧାରଣ ପ୍ରତିଶତ*




**ଚାର୍ଟ 1.2** ରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ, ରାଜ୍ୟରେ କୃଷି ଜମିର ସଙ୍କୋଚନ ଫଳରେ (**ସାରଣୀ 1.2** ର ଦେଖାଯାଇଥିବା ପରି), ଉଚ୍ଚ ବର୍ଗଗୁଡ଼ିକରେ ଜମି ଧାରଣ କ୍ଷେତ୍ର ହ୍ରାସ ପାଇଥିଲା, ଯାହା ଦ୍ୱାରା ନାମ ମାତ୍ର ଜମି ମାଲିକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା, ଯାହା ରାଜ୍ୟର ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା ପ୍ରକାରର ଅଧିକ ପରୀକ୍ଷଣର ଆବଶ୍ୟକତାକୁ ସୂଚାଇଥିଲା ।

# ଅଧ୍ୟାୟ 2

# ଅଡିଟ୍ ଉଦ୍ଦେଶ୍ୟ, ପରିସର ଏବଂ ପଦ୍ଧତି

# ଅଧ୍ୟାୟ 2

## ଅଡିଟ୍ ଉଦ୍ଦେଶ୍ୟ, ପରିସର ଏବଂ ପଦ୍ଧତି

### 2.1 ଅଡିଟ୍ ଉଦ୍ଦେଶ୍ୟ

ରାଜ୍ୟର ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା ଉପରେ ସମ୍ପାଦନ ସମୀକ୍ଷାର ଉଦ୍ଦେଶ୍ୟ ଥିଲା ଯେ:

- ଉପଯୁକ୍ତ ପଦ୍ଧତି ଅନୁସରଣ କରି ଏବଂ ଉଚିତ କ୍ଷତିପୂରଣ, ପୁନର୍ବାସ ଏବଂ ପୁନଃଥଇଥାନ ସୁବିଧା ସୁନିଶ୍ଚିତ କରି ବିକାଶମୂଳକ କାର୍ଯ୍ୟକଳାପ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା ।
- ବିସ୍ତୃତ ଆଇନଗତ ଏବଂ ନିୟାମକ ବ୍ୟବସ୍ଥା ଅନୁଯାୟୀ ଅନୁସୂଚିତ ଅଞ୍ଚଳର ଲୋକଙ୍କ ଜମି ଅଧିକାର ସୁରକ୍ଷିତ କରାଯାଇଥିଲା ।
- ଜମି ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା ।
- ଏକ ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଉପଲବ୍ଧ ଥିଲା ଏବଂ ପ୍ରଭାବଶାଳୀ ଥିଲା ।

### 2.2 ଅଡିଟ୍ ପରିସର ଏବଂ ପଦ୍ଧତି

ନିଷ୍ପାଦନ ଲେଖାପରୀକ୍ଷାରେ 2017-18 ରୁ 2021-22 ପର୍ଯ୍ୟନ୍ତ ଆର୍ଥିକ ବର୍ଷ ଗୁଡିକୁ ଅନ୍ତର୍ଭୁକ୍ତ କରଯାଇଥିଲା । ଅଡିଟ୍, ମଇ 2022 ରେ ଆରଡିଏମ୍ ବିଭାଗ, ଏସ୍‌ଏସ୍‌ଡି ବିଭାଗ ଏବଂ ରାଜସ୍ୱ ପର୍ଷଦ (ଆରଡିଏମ୍ ବିଭାଗ) ରେ ରାଜ୍ୟ ସ୍ତରୀୟ ରେକର୍ଡଗୁଡିକ ଯାଞ୍ଚ କରିଥିଲା । ଜିଲ୍ଲା ସ୍ତରରେ, ସେପ୍ଟେମ୍ବର 2022 ରୁ ଜାନୁଆରୀ 2023 ମଧ୍ୟରେ 13ଟି[6] ଅନୁସୂଚିତ ଜିଲ୍ଲା ମଧ୍ୟରୁ ଛଅଟି[7] ଜିଲ୍ଲାପାଳଙ୍କ ରେକର୍ଡ ଯାଞ୍ଚ କରାଯାଇଥିଲା । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ, ଅଧିଗ୍ରହଣ/ ବିଜ୍ଞପ୍ତି ଜାରି ଜମିର କ୍ଷେତ୍ରଫଳ ଆଧାରରେ ନମୁନିତ ଜିଲ୍ଲାଗୁଡିକୁ ସାର୍ଟିଫାଏଡ୍ ରାଣ୍ଡମ୍ ସାମ୍ପଲିଙ୍ଗ୍ ଉଇଦାଉଟ୍ ରିପ୍ଲେସମେଣ୍ଟ ପଦ୍ଧତି ବ୍ୟବହାର କରି ଚୟନ କରାଯାଇଥିଲା । ତହସିଲ ସ୍ତରରେ, ଅଡିଟ୍, ଅନୁସୁଚିତ ଅଞ୍ଚଳର 12ଟି ତହସିଲର[8] ରେକର୍ଡ ଯାଞ୍ଚ କରିଥିଲା । ଛଅଟି ନମୁନା ଜିଲ୍ଲା ମଧ୍ୟରୁ, ତହସିଲରେ ସରକାରୀ ଜମିର ଜବରଦଖଲକୁ ବିଚାରକୁ ନେଇ ପ୍ରତ୍ୟେକ ନମୁନା ଜିଲ୍ଲା ମଧ୍ୟରୁ ଦୁଇଟି ତହସିଲକୁ ବିଚାର ଭିତ୍ତିରେ ଚୟନ କରାଯାଇଥିଲା । ଏହା ବ୍ୟତୀତ ଆଠଟି ଉପ ଜିଲ୍ଲାପାଳ କାର୍ଯ୍ୟାଳୟ[9] (ମନୋନୀତ ତହସିଲର ପର୍ଯ୍ୟବେକ୍ଷଣ ଅଧିକାରୀ ଭାବରେ) ଏବଂ ସାତ ଜଣ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ[10] (ଏସଏଲଏଓ)ଙ୍କ ରେକର୍ଡ ମଧ୍ୟ ଯାଞ୍ଚ କରାଯାଇଥିଲା । ନମୁନା ଅନୁସୂଚିତ ଜିଲ୍ଲା **ମାନଚିତ୍ର 2.1** ରେ ଚିତ୍ରିତ ହୋଇଛି ।

---

6 ଅଧିକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଜନସଂଖ୍ୟା ଥିବା ଜିଲ୍ଲାଗୁଡ଼ିକ: ବାଲେଶ୍ୱର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଏବଂ ସୁନ୍ଦରଗଡ଼


7 କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର ଏବଂ ସୁନ୍ଦରଗଡ଼

8 ବଡ଼ବିଲ, ବାରିପଦା, ବିଶ୍ରା, ଚମ୍ପୁଆ, ଲାଞ୍ଜିଗଡ଼, କପ୍ତିପଦା, କୋରାପୁଟ, ନନ୍ଦାହାଣ୍ଡି, ସିମିଳିଗୁଡ଼ା, ସୁନ୍ଦରଗଡ଼, ଥୁଆମୂଳ ରାମପୁର ଏବଂ ଉମରକୋଟ

9 ବାରିପଦା, ଭବାନୀପାଟଣା, ଚମ୍ପୁଆ, କପ୍ତିପଦା, କୋରାପୁଟ, ନବରଙ୍ଗପୁର, ପାନପୋଷ ଏବଂ ସୁନ୍ଦରଗଡ଼

10 ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠିତ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ (ଏସ୍‌ଏଲ୍‌ଏଓ): ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ (ଟିଏମ୍‌ଆଇପି), କୋରାପୁଟ; ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ସଂଯୋଗ ପ୍ରକଳ୍ପ, କୋରାପୁଟ; ତାଳଚେର ବିମଳାଗଡ଼ ରେଳ ସଂଯୋଗ ପ୍ରକଳ୍ପ (ଟିବିଆର୍‌ଏଲ୍‌ପି), ସୁନ୍ଦରଗଡ଼: ଏସ୍‌ଏଲ୍‌ଏଓ ଏବଂ ପୁନଃଥଇଥାନ ଅଧିକାରୀ, ରେଟ୍ ଜଳସେଚନ ପ୍ରକଳ୍ପ, କଳାହାଣ୍ଡି; ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସହିତ ପ୍ରକଳ୍ପ ନିର୍ଦ୍ଦେଶକ, ପୁନ ବିସ୍ଥାପନ ଏବଂ ପୁନସ୍ଥାପନ: ଦୈତାରୀ ବାଂଶପାଣି ରେଳ ସଂଯୋଗ ପ୍ରକଳ୍ପ, କେନ୍ଦୁଝର ଏବଂ କାନପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝର ସହିତ ପିଡି ଆର୍‌ଓଆର୍

*ମାନଚିତ୍ର 2.1: ନମୁନିତ ଅନୁସୂଚିତ ଜିଲ୍ଲାଗୁଡ଼ିକ*





ଛଅଟି ନମୁନା ଜିଲ୍ଲା ପରିପ୍ରେକ୍ଷୀରେ/ କ୍ଷେତ୍ରରେ, ଆର୍ଥିକ ବର୍ଷ 2005-06, 2010-11 ଏବଂ 2015-16, ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ କୃଷି ଭିତ୍ତିକ ଜନଗଣନାରେ ପ୍ରକାଶିତ ବିଭିନ୍ନ ସାମାଜିକ ଗୋଷ୍ଠୀ ଦ୍ୱାରା କାର୍ଯ୍ୟକ୍ଷମ ଜମି ଧାରଣ କ୍ଷେତ୍ର ***ସାରଣୀ 2.1*** ରେ ଦର୍ଶାଯାଇଛି ।

*ସାରଣୀ 2.1: ନମୁନା ଜିଲ୍ଲା ଗୁଡ଼ିକରେ ବିଭିନ୍ନ ସାମାଜିକ ଗୋଷ୍ଠୀ ଦ୍ୱାରା କାର୍ଯ୍ୟକ୍ଷମ ଜମି ଧାରଣ*

| ସ୍ୱତନ୍ତ୍ର ଗୋଷ୍ଠୀ | 2005-06 | | 2010-11 | | 2015-16 | |
|---|---|---|---|---|---|---|
| | ଧାରକ ସଂଖ୍ୟା (ଲକ୍ଷରେ) | କ୍ଷେତ୍ରଫଳ (ଲକ୍ଷ ହେକ୍ଟରରେ) | ଧାରକ ସଂଖ୍ୟା (ଲକ୍ଷରେ) | କ୍ଷେତ୍ରଫଳ (ଲକ୍ଷ ହେକ୍ଟରରେ) | ଧାରକ ସଂଖ୍ୟା (ଲକ୍ଷରେ) | କ୍ଷେତ୍ରଫଳ (ଲକ୍ଷ ହେକ୍ଟରରେ) |
| ଅନୁସୂଚିତ ଜାତି | 1.27 | 1.27 | 1.33 | 1.28 | 1.52 | 1.37 |
| ଅନୁସୂଚିତ ଜନଜାତି | 7.53 | 9.27 | 7.77 | 9.01 | 7.98 | 8.44 |
| ଅନ୍ୟାନ୍ୟ | 12.83 | 16.14 | 4.44 | 5.63 | 4.54 | 5.44 |
| **ମୋଟ** | **21.63** | **26.68** | **13.54** | **15.92** | **14.04** | **15.25** |

***(ଉତ୍ସ: ଓଡ଼ିଶା କୃଷି ଭିତ୍ତିକ ଗଣନା 2005-06, 2010-11 ଏବଂ 2015-16)***

*ଚାର୍ଟ 2.1: କୃଷି ସମ୍ବନ୍ଧୀୟ ଗଣନା: ନମୁନା ଜିଲ୍ଲାଗୁଡ଼ିକରେ ବିଭିନ୍ନ ସାମାଜିକ ଗୋଷ୍ଠୀ ଦ୍ୱାରା କାର୍ଯ୍ୟକ୍ଷମ ଜମିଧାରଣ (ଲକ୍ଷ ହେକ୍ଟରରେ)*




**ସାରଣୀ 2.1** ରୁ ସ୍ପଷ୍ଟ ଯେ, 2005-06 ତୁଳନାରେ 2015-16 କୃଷିଭିତ୍ତିକ ଜନଗଣନା ଅନୁଯାୟୀ, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ବର୍ଗର ଜନସଂଖ୍ୟାର କାର୍ଯ୍ୟକ୍ଷମ ଜମି ଧାରଣ ଯଥାକ୍ରମେ 8.95 ଏବଂ 66.29 ପ୍ରତିଶତ ହ୍ରାସ ପାଇଥିଲା । ସେହି ସମୟ ମଧ୍ୟରେ, ଅନୁସୂଚିତ ଜାତି ଜନସଂଖ୍ୟାର ଜମି 7.87 ପ୍ରତିଶତ ବୃଦ୍ଧି ପାଇଥିଲା । ଅନୁସୂଚିତ ଜନଜାତି ସଂଖ୍ୟା କ୍ଷେତ୍ରରେ, 2005-06 ପର ଠାରୁ ଏଫ୍‌ଆର୍ ଅଧିନିୟମ ଲାଗୁ ହେବା ଏବଂ ଅନୁସୂଚିତ ଜନଜାତି ମାଲିକାନା ଥିବା ଜମିକୁ ଅଣ-ଜନଜାତି ବ୍ୟକ୍ତିଙ୍କୁ ବିକ୍ରୟ ଉପରେ ପ୍ରତିବନ୍ଧକ ସତ୍ତ୍ୱେ, ଜମି ଧାରଣର ହ୍ରାସ, ସେମାନଙ୍କ ଜମିର ଏକ ପ୍ରମୁଖ ଅଂଶ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇ ଥିବାକୁ ଦର୍ଶାଉଥିଲା ।

ରେକର୍ଡଗୁଡ଼ିକର ଯାଞ୍ଚ ସହିତ, ଅଡିଟ୍, ଜମି/ ସ୍ଥାନ ଗୁଡ଼ିକର ମିଳିତ ଭୌତିକ ଯାଞ୍ଚ ମଧ କରିଥିଲା; ଓଡ଼ିଶା 4-କେ ଜିଇଓ ସେବାଗୁଡ଼ିକ[11] ମାଧ୍ୟମରେ ପୃଷ୍ଠଭୂମିରେ ଉପଗ୍ରହ ତଥ୍ୟ ଏବଂ କ୍ୟାଡଷ୍ଟ୍ରାଲ୍ (ରାଜସ୍ୱ) ମାନଚିତ୍ର ସହିତ ଜମିର ବ୍ୟବହାର ଯାଞ୍ଚ କରିଥିଲେ । ଆବଶ୍ୟକ ସ୍ଥଳେ, ଜମି/ ସ୍ଥାନ ଗୁଡ଼ିକର ଫଟୋଗ୍ରାଫ ନେଇଥିଲେ, ଏବଂ ନମୁନା ଜିଲ୍ଲାଗୁଡ଼ିକରେ ହିତାଧିକାରୀ (ଆର୍‌ଆଣ୍ଡଆର୍ କଲୋନୀରେ ପୁନଃ ଥଇଥାନ ହୋଇଥିବା ପରିବାର, ଭୂମିହୀନ/ ବାସଗୃହହୀନ ବ୍ୟକ୍ତି)ଙ୍କ ସାକ୍ଷାତକାର ଆୟୋଜନ କରିଥିଲେ । ଅଡିଟ୍ ହୋଇଥିବା ସଂସ୍ଥାଗୁଡ଼ିକର ମତାମତ ପ୍ରଶ୍ନାବଳୀ ମାଧ୍ୟମରେ ପ୍ରାପ୍ତ ହୋଇଥିଲା ଏବଂ ଆବଶ୍ୟକ ସ୍ଥଳେ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

02 ସେପ୍ଟେମ୍ବର 2022 ରେ ଅତିରିକ୍ତ ମୁଖ୍ୟ ସଚିବ, ଆର୍‌ଡିଏମ୍ ବିଭାଗ ସହିତ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଡିଟର ଉଦ୍ଦେଶ୍ୟ, ପରିସର, ମାନଦଣ୍ଡ ଏବଂ ପଦ୍ଧତି ବିଷୟ ବର୍ଣ୍ଣନା କରାଯାଇଥିଲା । ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ସେମାନଙ୍କ ମତାମତ ପ୍ରଦାନ ଉଦ୍ଦେଶ୍ୟରେ ଡ୍ରାଫ୍ଟ ରିପୋର୍ଟର ଆର୍‌ଡିଏମ୍ ଓ ଏସ୍‌ଏସ୍‌ଡି ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରାଯାଇଥିଲା (ଅପ୍ରେଲ 2023) । ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରଦାନ କରାଯାଇଥିବା ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ଆଲୋଚନା କରିବା ପାଇଁ ଏକ ପ୍ରସ୍ଥାନ ବୈଠକ ପାଇଁ ଅନୁରୋଧ କରାଯାଇଥିଲା (ମଇ, ଜୁନ୍ ଏବଂ ଜୁଲାଇ 2023) । ତଥାପି, ସେମାନେ ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ସେମାନଙ୍କର ମତ ପ୍ରଦାନ କରିନଥିଲେ କିମ୍ବା ପ୍ରସ୍ଥାନ ବୈଠକ ପାଇଁ ତାରିଖ ଜଣାଇନଥିଲେ ।

## 2.3 ଅଡିଟ୍ ମାନଦଣ୍ଡ

ଏହି ଅଡିଟ୍ ପାଇଁ ନିମ୍ନଲିଖିତ ଦସ୍ତାବିଜଗୁଡ଼ିକରୁ ମାନଦଣ୍ଡ ଅଣାଯାଇଥିଲା:

[11] ସ୍ପେସ୍ ଟେକ୍‌ନୋଲୋଜି ଆପ୍ଲିକେସନ ପାଇଁ, ଓଡ଼ିଶା ରାଜ୍ୟର ମୁଖ୍ୟ ସଂସ୍ଥା ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର ଦ୍ୱାରା ପ୍ରସ୍ତୁତ ଗୋଟିଏ ଆପ୍ଲିକେସନ୍

- ସମୟ ବ୍ୟବଧାନରେ ସଂଶୋଧିତ ଓଡ଼ିଶା ଅନୁସୂଚିତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର (ଅନୁସୂଚିତ ଜନଜାତି ଦ୍ୱାରା) ନିୟମାବଳୀ, 1956 ଏବଂ ନିୟମ 1959 ।
- ଓଡ଼ିଶା ଜମି ସୁଧାର ଅଧିନିୟମ, 1960
- ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ, 1962/ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମ, 1983
- ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ ଅଧିନିୟମ, 2013 (ଭାରତ ସରକାର)ର ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର
- ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ (ସାମାଜିକ ପ୍ରଭାବ ଆକଳନ ଏବଂ ସମ୍ମତି) ନିୟମ, 2014(ଭାରତ ସରକାର)ର ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର
- ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ଥଇଥାନ (ସାମାଜିକ ପ୍ରଭାବ ଆକଳନ ଏବଂ ସମ୍ମତି) ଅଧିନିୟମ, 2016 ରେ ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର
- ଓଡ଼ିଶା ଜମି ଜବରଦଖଲ ନିବାରଣ ଅଧିନିୟମ, 1972/ ଓଡ଼ିଶା ଜମି ଜବରଦଖଲ ନିବାରଣ ନିୟମ, 1985
- ଓଡ଼ିଶା ଇଷ୍ଟେଟ୍ ବିଲୋପ ଅଧିନିୟମ, 1951
- ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ବିସ୍ତାର) ଅଧିନିୟମ (ପେସା ଅଧିନିୟମ), 1996
- ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) (ଏଫ୍ଆର୍), ଅଧିନିୟମ, 2006 ଏବଂ ତା ଅନ୍ତର୍ଗତ ପ୍ରସ୍ତୁତ ନିୟମ ।
- ରାଜ୍ୟ/ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା ସମ୍ବନ୍ଧୀୟ ସର୍କୁଲାର / ଆଦେଶ/ ନିର୍ଦ୍ଦେଶ ।

## 2.4 ସାଂଗଠନିକ ବ୍ୟବସ୍ଥା

ଆର୍ଡିଏମ୍ ବିଭାଗର ମୁଖ୍ୟ ଭାବରେ ଏହାର ସଚିବ ଜମି ଅଧିଗ୍ରହଣ/ ଲିଜ୍/ ଜମି ହସ୍ତାନ୍ତରଣ; ଜମି ଅଧିଗ୍ରହଣରେ ପ୍ରଭାବିତ/ ବିସ୍ଥାପିତ ପରିବାରର ପୁନର୍ବାସ ଏବଂ ପୁନ ଥଇଥାନ, ଜମି ଜବରଦଖଲ ରୋକିବା; ଏବଂ କୃଷି/ ଘର ଡିହ ଉଦ୍ଦେଶ୍ୟରେ ଅନାବାଦୀ ସରକାରୀ ଜମି ବଣ୍ଟନ, ସିଲିଂ ବହିର୍ଭୁତ ଜମି ବଣ୍ଟନ ଏବଂ ଆଦିବାସୀଙ୍କ ଜମି ହସ୍ତାନ୍ତରକୁ ନିଷେଧ କରିବା ଭଳି ବିଭିନ୍ନ ଜମି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଉତ୍ତରଦାୟୀ । ଏହି ବିଭାଗକୁ ରାଜସ୍ୱ ପର୍ଷଦ, ନିର୍ଦ୍ଦେଶକ, ଜମି ରେକର୍ଡ, ସର୍ବେକ୍ଷଣ ଏବଂ ଚକବନ୍ଦୀ; ଏବଂ ରାଜ୍ୟ ସ୍ତରରେ ତିନୋଟି ରାଜସ୍ୱ ବିଭାଗୀୟ କମିଶନର (ବ୍ରହ୍ମପୁର, କଟକ ଏବଂ ସମ୍ବଲପୁର) ସାହାଯ୍ୟ କରିଥାନ୍ତି । ଜିଲ୍ଲା ସ୍ତରରେ, ଉପ-ଜିଲ୍ଲାପାଳ, ସହାୟକ /ଡେପୁଟି ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ (ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କ ସମେତ) ଏବଂ ତହସିଲଦାରମାନଙ୍କ ସହାୟତାରେ ଜିଲ୍ଲାପାଳ ଜମି ପରିଚାଳନା ପାଇଁ ଉତ୍ତରଦାୟୀ ଅଟନ୍ତି । ଏଫ୍ଆର୍ ଅଧିନିୟମର କାର୍ଯ୍ୟକାରିତା ପାଇଁ ଏସ୍ଏସ୍ଡି ବିଭାଗ ଉତ୍ତରଦାୟୀ । ବିଭାଗ, ଏହାର ସଚିବଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏଫ୍ଆର୍ ଅଧିନିୟମ ଲାଗୁ କରିଥାନ୍ତି ।

## 2.5 ସ୍ୱୀକୃତି

ଅଡିଟ୍‌କୁ ଆବଶ୍ୟକ ସୂଚନା ଓ ରେକର୍ଡ ପ୍ରଦାନ ଏବଂ ଅଡିଟ୍ ପର୍ଯ୍ୟବେକ୍ଷଣର ଉତ୍ତର ପ୍ରଦାନ ପାଇଁ (i) ଆର୍ଡିଏମ୍ ଏବଂ (ii) ଏସ୍ଏସ୍ଡି ବିଭାଗ ଗୁଡ଼ିକର ସହଯୋଗକୁ ଅଡିଟ୍ ସ୍ୱୀକାର କରେ ।

# ଅଧ୍ୟାୟ 3

# ଜମି ଅଧିଗ୍ରହଣ: ସାମାଜିକ ପ୍ରଭାବ ଆକଳନ ଏବଂ ଗ୍ରାମସଭା ବୈଠକ ଗୁଡ଼ିକର ପରିଚାଳନା

# ଅଧ୍ୟାୟ 3

# ଜମି ଅଧିଗ୍ରହଣ: ସାମାଜିକ ପ୍ରଭାବ ଆକଳନ ଏବଂ ଗ୍ରାମସଭା ବୈଠକର ପରିଚାଳନା

ସାମାଜିକ ପ୍ରଭାବ ଆକଳନ (ଏସ୍ଆଇଏ) ଅନ୍ୟ ବିଷୟ ସହିତ ପ୍ରଭାବିତ କିମ୍ବା ବିସ୍ଥାପିତ ହେବାକୁ ଥିବା ପ୍ରକୃତ ଜନସଂଖ୍ୟା ଏବଂ ସେମାନଙ୍କ ଜୀବିକା ଅର୍ଜନର ଦୁର୍ବଳତା ନିର୍ଣ୍ଣୟର ଏକ କାର୍ଯ୍ୟକ୍ରମ ଯାହାକୁ ଆଧାର କରି ପୁନର୍ବାସ ଏବଂ ପୁନଃଥଇଥାନ (ଆର୍ଆଣ୍ଡଆର୍) ପ୍ୟାକେଜ ଗୁଡ଼ିକର ଚୂଡ଼ାନ୍ତ କରାଯାଏ । ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ କରିବା ପାଇଁ ଗ୍ରାମସଭାର (ଜିଏସ୍) ସହମତି ଆବଶ୍ୟକ । ତେଣୁ, ଜମି ଅଧିଗ୍ରହଣ ପାଇଁ ଚିହ୍ନିତ ସମସ୍ତ ଗ୍ରାମରେ ବୈଠକ କରିବା ଜରୁରୀ ଅଟେ ଏବଂ ନ୍ୟାୟୋଚିତ ଭାବରେ ଗ୍ରାମସଭାରୁ ପ୍ରାପ୍ତ ସମ୍ମତି ଅନୁଯାୟୀ ଅଧିଗ୍ରହଣ କରାଯିବା ଆବଶ୍ୟକ । ଏହି ଅଧ୍ୟାୟରେ ଏସ୍ଆଇଏ ଏବଂ ଜିଏସ୍ ବୈଠକ ପରିଚାଳନା ସମ୍ପର୍କିତ ଅଡିଟ୍ ମନ୍ତବ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

- *ଅଡିଟ୍ 312 ଟି ଜମି ଅଧିଗ୍ରହଣ ମାମଲା ଯାଞ୍ଚ କରିଥିଲା, ଯେଉଁଥିରେ ଜଳସେଚନ ପ୍ରକଳ୍ପ ସମ୍ବନ୍ଧୀୟ 58 ଟି ମାମଲା ଅନ୍ତର୍ଭୁକ୍ତ ଥିଲା, ଯାହାପାଇଁ ଏସ୍ଆଇଏ ଆବଶ୍ୟକ ନୁହେଁ । ଅବଶିଷ୍ଟ 254 ଟି ଜମି ଅଧିଗ୍ରହଣ ମାମଲା ମଧ୍ୟରୁ 44 ମାମଲା (17 ପ୍ରତିଶତ) କ୍ଷେତ୍ରରେ ଏସ୍ଆଇଏ ଅଧ୍ୟୟନ କରାଯାଇ ନଥିଲା ।*
- *ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ 2013 ର ଧାରା 11 ଅନୁଯାୟୀ, ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ପ୍ରଦତ୍ତ ଏସ୍ଆଇଏ ରିପୋର୍ଟର ମୂଲ୍ୟାଙ୍କନ ତାରିଖ ଠାରୁ 12 ମାସ ମଧ୍ୟରେ ପ୍ରଦାନ କରାଯିବା ଆବଶ୍ୟକ । ତିନୋଟି ପ୍ରକଳ୍ପ ପାଇଁ 82.852 ଏକର ଜମି ଅଧିଗ୍ରହଣରେ ପ୍ରାଥମିକ ବିଜ୍ଞପ୍ତି ଧାର୍ଯ୍ୟ ତାରିଖ ଠାରୁ ପ୍ରାୟ ଦେଢ଼ ବର୍ଷ ବିତିଯିବା ପରେ ଜାରି କରାଯାଇଥିଲା ।*
- *ଯଦିଓ ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାର ପୂର୍ବ ସମ୍ମତି ପାଇବା ଏକ ପୂର୍ବ ଆବଶ୍ୟକତା 294 ଅଧିଗ୍ରହଣ ମାମଲା ମଧ୍ୟରୁ 126 ଟି ମାମଲା (43 ପ୍ରତିଶତ)ରେ ଗ୍ରାମ ସଭା ବୈଠକ ବିନା ଗ୍ରାମସଭା ବୈଠକରେ ଆବଶ୍ୟକୀୟ କୋରମ ବିନା, ସହମତି ଅଭାବରେ ଏବଂ କାର୍ଯ୍ୟ ଉପରାନ୍ତ ଗ୍ରାମସଭା ବୈଠକ ପରିଚାଳନା ମାଧ୍ୟମରେ ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା ।*

## 3.1 ଜମି ଅଧିଗ୍ରହଣ ପ୍ରକ୍ରିୟା

ସରକାରଙ୍କ ଦ୍ୱାରା ବେସରକାରୀ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ବିଷୟଗୁଡ଼ିକ ଜମି ଅଧିଗ୍ରହଣ ନିୟମ 1894 (ଏଲ୍ଏ ଅଧିନିୟମ 1894) ଦ୍ୱାରା ପରିଚାଳିତ ହେଉଥିଲା, ଯାହା ଜମି ଅଧିଗ୍ରହଣ ପୁନର୍ବାସ ଓ ପୁନଃଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର (ଆର୍ଏଫ୍ସିଟିଏଲ୍ଏଆର୍ଆର୍) ଅଧିନିୟମ, 2013 ଦ୍ୱାରା 01 ଜାନୁଆରୀ 2014 ଠାରୁ ପରିବର୍ତ୍ତନ କରାଯାଇଥିଲା । ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣରେ ମାନବିକତା, ଅଂଶ ଗ୍ରହଣ, ସୂଚନା ପ୍ରଦାନ ଓ ସ୍ୱଚ୍ଛ ପ୍ରକ୍ରିୟାକୁ ନିଶ୍ଚିତ କରିବା ତଥା ପ୍ରଭାବିତ ପରିବାରଗୁଡ଼ିକୁ ଯଥାର୍ଥ ଓ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ ଉଦ୍ଦେଶ୍ୟରେ ଓଡ଼ିଶା ସରକାର, ଓଡ଼ିଶା ଆର୍ଏଫ୍ସିଟିଏଲ୍ଏଆର୍ଆର୍ ନିୟମ, 2016 ପ୍ରଣୟନ କରିଥିଲେ । ଆର୍ଏଫ୍ସିଟିଏଲ୍ଏଆର୍ଆର୍ 2013 ଅଧିନିୟମରେ ପ୍ରସ୍ତୁତ ନିୟମ ଅନୁଯାୟୀ,

ସେହିପରି ଜମି ଅଧିଗ୍ରହଣ କ୍ଷେତ୍ରରେ ସଂପୃକ୍ତ ଗ୍ରାମସଭା[12] ସହିତ ପ୍ରାକ୍ ପରାମର୍ଶ ବାଧ୍ୟତାମୂଳକ । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ର କିଛି ଗୁରୁତ୍ୱପୂର୍ଣ୍ଣ ଧାରା ଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା **ସାରଣୀ 3.1** ରେ ଦର୍ଶାଯାଇଛି ।


***ସାରଣୀ 3.1: ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ର କିଛି ବିଭାଗର ସଂକ୍ଷିପ୍ତ ବର୍ଣ୍ଣନା***

| ବିଭାଗ | ସଂକ୍ଷିପ୍ତ ବିବରଣୀ | ସମୟସୀମା |
|---|---|---|
| 4-6 | ସାମାଜିକ ପ୍ରଭାବ ଆକଳନ (ଏସ୍‌ଆଇଏ) ଅନୁଧ୍ୟାନ | ଅନୁଧ୍ୟାନ ଆରମ୍ଭ ତାରିଖ ଠାରୁ ଛଅ ମାସ । |
| 7-9 | ଏକ ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ମୂଲ୍ୟାଙ୍କନ | ଏହାର ଗଠନ ତାରିଖ ଠାରୁ ଦୁଇ ମାସ । |
| 41 | ଗ୍ରାମ ସଭାର ସମ୍ମତି ପ୍ରାପ୍ତ କରିବା | ଏସ୍‌ଆଇଏ ଅନୁଧ୍ୟାନ ସମାପ୍ତ ହେବା ତାରିଖ ଠାରୁ 15 ଦିନ |
| 11 | ପ୍ରାରମ୍ଭିକ ବିଜ୍ଞପ୍ତି ଜାରି କରିବା | ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟର ମୂଲ୍ୟାଙ୍କନ ତାରିଖ ଠାରୁ 12 ମାସ |
| 26-30 | ଜମିର ବଜାର ମୂଲ୍ୟ ନିର୍ଣ୍ଣୟ ଏବଂ ସୋଲାଟିୟମ୍ ପ୍ରଦାନ | ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖ ଠାରୁ 12 ମାସ |
| 16 | ପୁନର୍ବାସ ଏବଂ ପୁନଃ ଥଇଥାନ ଯୋଜନା ପ୍ରସ୍ତୁତି | |
| 19 | ଘୋଷଣାର ପ୍ରକାଶନ ଏବଂ ପୁନର୍ବାସ ଏବଂ ପୁନଃ ଥଇଥାନର ସାରାଂଶ | |
| 23& 31 | ଜମି ଅଧିଗ୍ରହଣ ପାଇଁ ଆର୍‌ଆଣ୍ଡଆର୍ ପ୍ରଦାନକୁ ଅନୁମୋଦନ କରିବା | ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 19 ଅନୁଯାୟୀ ଘୋଷଣାର ପ୍ରକାଶନ ତାରଖ ଠାରୁ 12 ମାସ |
| 38 | କ୍ଷତିପୂରଣ ପ୍ରଦାନ ଏବଂ ଅଧିଗ୍ରହଣ ହୋଇଥିବା ଜମିର ଦଖଲ ନେବା | କ୍ଷତିପୂରଣ: ତିନି ମାସ<br>ଆର୍‌ଆଣ୍ଡଆର୍ ହକ୍‌ଦାରୀର ଆର୍ଥିକ ଅଂଶ: ଛଅ ମାସ<br>ଭିତ୍ତିଭୂମି ଅଧିକାର: ଦେୟ ପ୍ରଦାନ ତାରିଖ ଠାରୁ 18 ମାସ<br>ଦଖଲକୁ ନେବା: ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ ପରେ |

***(ଉତ୍ସ: ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ରୁ ସଙ୍କଳିତ)***

ଜମି ଅଧିଗ୍ରହଣ ପାଇଁ ଅନୁପାଳନ କରିବାକୁ ଥିବା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ବର୍ଣ୍ଣିତ ପ୍ରକ୍ରିୟା **ଚାର୍ଟ 3.1** ରେ ଉଲ୍ଲେଖ କରାଯାଇଛି ।

***ଚାର୍ଟ 3.1: ଜମି ଅଧିଗ୍ରହଣ ପ୍ରକ୍ରିୟା***




[12] କୌଣସି ଗ୍ରାମର ମତଦାତା ସୂଚୀରେ ପଞ୍ଜୀକୃତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ନିକାୟ । ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ କିମ୍ବା ହସ୍ତାନ୍ତରଣର ସମସ୍ତ ମାମଲାରେ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନୟମ, 2013 ର ଧାରା 11 ର ଉପଧାରା (I) ଅନୁସାରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ସଂପୃକ୍ତ ଗ୍ରାମସଭା ଏବଂ ପଞ୍ଚାୟତ ଗୁଡ଼ିକର ସମ୍ମତି, ଫର୍ମ ଏମ୍‌ରେ ହାସଲ କରିବାକୁ ପଡ଼ିବ

ଅଡିଟ୍‌ରେ ଏହା ଜାଣିବାକୁ ଚେଷ୍ଟା କରାଯାଇଥିଲା ଯେ, ଜମି ଅଧିଗ୍ରହଣ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ବିଭିନ୍ନ ବିଧାନର ବ୍ୟବସ୍ଥା ତଥା ଏହା ଅନ୍ତର୍ଗତ ପ୍ରଣୟନ ହୋଇଥିବା ନିୟମର ଅନୁପାଳନ ହୋଇଛି କି ନାହିଁ ।

## 3.2 ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଜମି ଅଧିଗ୍ରହଣ

2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 9,307,6906 ଏକର ଜମି ଅଧିଗ୍ରହଣ ପାଇଁ ଅନୁସୂଚିତ ଅଞ୍ଚଳ ଅନ୍ତର୍ଗତ 6 ଟି ନମୁନା ଜିଲ୍ଲାରେ 793 ଟି ଜମି ଅଧିଗ୍ରହଣ[13] (ଏଲ୍‌ଏ) ମାମଲା ଆରମ୍ଭ ହୋଇଥିଲା । ଏଥି ମଧ୍ୟରୁ ଅଡିଟ୍‌ରେ 315 ଟି ଏଲଏ ମାମଲାର ପରୀକ୍ଷା ଯାଞ୍ଚ କରାଯାଇଥିଲା ଯାହାର ବିସ୍ତୃତ ବିବରଣୀ **ସାରଣୀ 3.2** ରେ ଦର୍ଶାଯାଇଛି ।

***ସାରଣୀ 3.2: ନମୁନା ଜିଲ୍ଲାରେ ଅଧିଗ୍ରହଣ ହେବାକୁ ଥିବା ଜମି***

| ଜିଲ୍ଲା | ମୋଟ | | ଅଡିଟର ପରୀକ୍ଷା ଯାଞ୍ଚ | |
|---|---|---|---|---|
| | ଏଲ୍‌ଏ ମାମଲା ସଂଖ୍ୟା | ଜମି ପରିମାଣ ଏକରରେ | ଏଲ୍‌ଏ ମାମଲା ସଂଖ୍ୟା | ଜମି ପରିମାଣ ଏକରରେ |
| କଳାହାଣ୍ଡି | 184 | 2,008.345 | 8 | 125.64 |
| କେନ୍ଦୁଝର | 131 | 937.139 | 59 | 589.069 |
| କୋରାପୁଟ | 100 | 1,344.116 | 100 | 1,344.116 |
| ମୟୁରଭଞ୍ଜ | 269 | 3,192.807 | 39 | 1,528.645 |
| ନବରଙ୍ଗପୁର | 5 | 12.17 | 5 | 12.17 |
| ସୁନ୍ଦରଗଡ଼ | 104 | 1,813.1136 | 104 | 1,813.1136 |
| ମୋଟ | **793**[14] | **9,307.6906** | **315** | **5,412.7536** |

***(ଉତ୍ସ: ନମୁନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରଦତ୍ତ ରେକର୍ଡ ଓ ସୂଚନା)***

315 ପରୀକ୍ଷା-ଯାଞ୍ଚ ଜମି ଅଧିଗ୍ରହଣ ମାମଲାଗୁଡ଼ିକ ସମ୍ବନ୍ଧରେ ଜମି ଅଧିଗ୍ରହଣର ସ୍ଥିତି ନିମ୍ନରେ ଦର୍ଶାଯାଇଛି:

***ସାରଣୀ 3.3: ନମୁନା ଜିଲ୍ଲାଗୁଡ଼ିକରେ ଜମି ଅଧିଗ୍ରହଣର ସ୍ଥିତି***

| ଜିଲ୍ଲା | ଯାଞ୍ଚ ଏଲ୍‌ଏ ମାମଲା | ଧାରା 11[15] ଅଧିନରେ ଜାରି ହୋଇଥିବା ପ୍ରାଥମିକ ବିଜ୍ଞପ୍ତି | | ଧାରା 19 [16] ଅଧିନରେ ଘୋଷଣା | | ଅନୁମୋଦନ ହୋଇଥିବା କ୍ଷତିପୂରଣ ଦେୟ | | ଆବେଦନକାରୀ ସଂସ୍ଥାକୁ ଦଖଲ ହସ୍ତାନ୍ତର | |
|---|---|---|---|---|---|---|---|---|---|
| | | ସଂଖ୍ୟା | ଏକର | ସଂଖ୍ୟା | ଏକର | ସଂଖ୍ୟା | ଏକର | ସଂଖ୍ୟା | ଏକର |
| କଳାହାଣ୍ଡି | 8 | 5 | 7.66 | 5 | 7.66 | 8 | 125.64 | 6 | 120.03 |
| କେନ୍ଦୁଝର | 59 | 59 | 589.069 | 45 | 561.878 | 45 | 561.878 | 43 | 558.823 |
| କୋରାପୁଟ | 100 | 93 | 1,156.463 | 42 | 210.547 | 41 | 210.00 | 39 | 209.41 |
| ମୟୁରଭଞ୍ଜ | 39 | 37 | 1,527.35 | 37 | 1,527.35 | 37 | 1,527.35 | 29 | 1,403.733 |
| ନବରଙ୍ଗପୁର | 5 | 1 | 0.74 | 1 | 0.74 | 1 | 0.74 | 1 | 0.74 |
| ସୁନ୍ଦରଗଡ଼ | 104 | 93 | 1,776.55 | 73 | 765.90 | 71 | 764.46 | 40 | 249.395 |
| ମୋଟ | **315**[17] | **288** | **5,057.832** | **203** | **3,074.075** | **203** | **3,190.068** | **158** | **2,542.131** |

***(ଉତ୍ସ: ନମୁନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରଦତ୍ତ ରେକର୍ଡ ଓ ସୂଚନା)***

[13] ପ୍ରତ୍ୟେକ ଜମି ଅଧିଗ୍ରହଣ ମାମଲା ଏକ ନିର୍ଦ୍ଦିଷ୍ଟ ଗ୍ରାମ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ ଜମି ଅଧିଗ୍ରହଣକୁ ଦର୍ଶାଏ, ଯେଉଁଥିପାଇଁ ଧାରା 11 ଅଧିନରେ ଏକ ପ୍ରାଥମିକ ବିଜ୍ଞପ୍ତି ଓ ଧାରା 19 ଅଧିନରେ ଏକ ଘୋଷଣା ଜାରି କରିବାକୁ ପଡ଼ିଥାଏ

[14] କଳାହାଣ୍ଡି ଏବଂ କେନ୍ଦୁଝର ଆଂଶିକ ଅନୁସୂଚିତ ଅଞ୍ଚଳରେ ଅନ୍ତର୍ଭୁକ୍ତ ଏବଂ ଏଲ୍‌ଏ ମାମଲା ସମଗ୍ର ଜିଲ୍ଲାର ତଥ୍ୟକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଏହି ଦୁଇଟି ଜିଲ୍ଲାର ପରୀକ୍ଷା-ଯାଞ୍ଚ ମାମଲାଗୁଡ଼ିକ ଅନୁସୂଚିତ ଅଞ୍ଚଳ ସହିତ ଜଡ଼ିତ

[15] ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମର ଧାରା 11 ଅନୁଯାୟୀ ଜାରି ହୋଇଥିବା ବିଜ୍ଞପ୍ତିକୁ ପ୍ରାଥମିକ ବିଜ୍ଞପ୍ତି କୁହାଯାଏ

[16] ଯେତେବେଳେ ଉପଯୁକ୍ତ ସରକାର ସନ୍ତୁଷ୍ଟ ହୁଅନ୍ତି ଯେ ଯେକୌଣସି ନିର୍ଦ୍ଦିଷ୍ଟ ଜମି ସର୍ବସାଧାରଣ ଉଦ୍ଦେଶ୍ୟରେ ଆବଶ୍ୟକ, ସେହି ବିଷୟରେ ଏକ ଘୋଷଣା ଜାରି କରାଯାଏ

[17] 117.98 ଏକର ଜମି ଅଧିଗ୍ରହଣ ସମ୍ପର୍କିତ କଳାହାଣ୍ଡି ଜିଲ୍ଲାର ତିନୋଟି ଏଲ୍‌ଏ ମାମଲା ଅନ୍ତର୍ଭୁକ୍ତ, ଯେଉଁଥିପାଇଁ ଏଲ୍‌ଏ ବିଜ୍ଞପ୍ତି 1894 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଏବଂ ଘୋଷଣା ଜାରି କରାଯାଇଥିଲା, କିନ୍ତୁ କୌଣସି ଦେୟ ଅନୁମୋଦନ କରାଯାଇ ନଥିଲା । ଏହି ତିନୋଟି ମାମଲାରେ, ନୂତନ ଅଧିନିୟମ ଅର୍ଥାତ୍ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013, ଅନୁଯାୟୀ କ୍ଷତିପୂରଣ ଧାର୍ଯ୍ୟ କରାଯାଇଥିଲା


### 3.3 ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 4 ଅନୁସାରେ ଯେତେବେଳେ ଉପଯୁକ୍ତ ସରକାର ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଇଛା କରନ୍ତି, ସେତେବେଳେ ଏହା ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଏକ ଏଜେନ୍ସି[18] ଦ୍ୱାରା ସାମାଜିକ ପ୍ରଭାବ ଆକଳନ (ଏସ୍‌ଆଇଏ) କରିବେ । ତଦନୁସାରେ ଆରଡିଏମ୍ ବିଭାଗ ଭୁବନେଶ୍ୱର ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍ (ଏନ୍‌ସିଡିଏସ୍) କୁ ସମସ୍ତ ଜମି ଅଧିଗ୍ରହଣ ମାମଲାରେ ଏସ୍‌ଆଇଏ ଅଧ୍ୟୟନ କରିବା ପାଇଁ ନିୟୋଜିତ କରିଥିଲା । ଏସ୍‌ଆଇଏ ଅଧ୍ୟୟନରେ ଅନ୍ୟାନ୍ୟ ବିଷୟ ସହିତ ପ୍ରସ୍ତାବିତ ଅଧିଗ୍ରହଣ ସର୍ବସାଧାରଣଙ୍କ ଉପକାରରେ ଆସିବ କି ନାହିଁ; ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ଆକଳନ; ପ୍ରକଳ୍ପର ସାମାଜିକ ପ୍ରଭାବ; ସେଗୁଡ଼ିକରେ ପ୍ରକୃତି ଓ ସମାଧାନ ଖର୍ଚ୍ଚ; ଏବଂ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ଉପରେ ସେହି ଖର୍ଚ୍ଚର ପ୍ରଭାବ ସହିତ ପ୍ରକଳ୍ପର ସୁବିଧାସୁଯୋଗର ଆକଳନ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକ ଥିଲା । ଏହାପରେ, ସଂପୃକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଏକ ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ଏସ୍‌ଆଇଏ ରିପୋର୍ଟ ପରୀକ୍ଷା କରାଯିବାର ଥିଲା । ବିଶେଷଜ୍ଞ ଗୋଷ୍ଠୀ, ଏସ୍‌ଆଇଏ ରିପୋର୍ଟ ଉପରେ ନିଜର ମତାମତ ଆରଡିଏମ୍ ବିଭାଗକୁ ଜଣାଇବାର ଥିଲା । ତେବେ, ପରିବେଶ ପ୍ରଭାବ ଆକଳନ (ଇଆଇଏ) ର ଆବଶ୍ୟକତା ଥିବା ଜଳସେଚନ ପ୍ରକଳ୍ପ ବାବଦରେ ଏସ୍‌ଆଇଏ ଅନୁଧାନକୁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 6 ଏବଂ ରାଜସ୍ୱ ବିଭାଗର ସ୍ପଷ୍ଟୀକରଣ (ମାର୍ଚ୍ଚ 2016) ଅନୁଯାୟୀ ଛାଡ଼ କରାଯାଇଛି ।

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ର ଧାରା 14 ଅନୁଯାୟୀ ଯେଉଁଠାରେ ଏସ୍‌ଆଇଏ ରିପୋର୍ଟ ଉପରେ ବିଶେଷଜ୍ଞ ଦଳର ମତାମତ ଜଣାଇ ଦିଆଯିବା ତାରିଖ ଠାରୁ 12 ମାସ ମଧ୍ୟରେ ଧାରା 11 ଅନୁଯାୟୀ ଏକ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ସେପରି ସ୍ଥଳେ ଏହି ରିପୋର୍ଟର କାର୍ଯ୍ୟକାରିତା ଶେଷ ହୋଇଛି ବୋଲି ବିବେଚନା କରାଯିବ ଏବଂ ଏକ ନୂତନ ଏସ୍‌ଆଇଏ ପ୍ରସ୍ତୁତ କରିବାକୁ ପଡ଼ିବ ।

ଏସ୍‌ଆଇଏ ପାଇଁ ଅନୁସରଣ କରିବାକୁ ଥିବା ପ୍ରକ୍ରିୟା **ଚାର୍ଟ 3.2** ରେ ଚିହ୍ନିତ ହୋଇଛି ।

***ଚାର୍ଟ 3.2: ଏସ୍‌ଆଇଏ ଅଧ୍ୟୟନର ପ୍ରକ୍ରିୟା***




312 ଜମି ଅଧିକରଣ ମାମଲାର ପରୀକ୍ଷା ଯାଞ୍ଚରେ, ଅଡିଟ୍ ଲକ୍ଷ୍ୟ କଲା ଯେ, ଜଳସେଚନ ପ୍ରକଳ୍ପ ସହିତ ଜଡ଼ିତ ଥିବା 52 ଟି ଏଲ୍‌ଏ ମାମଲାରେ, ଏସ୍‌ଆଇଏ ଅଧ୍ୟୟନର ଆବଶ୍ୟକତା ନଥିଲା ଏବଂ ଛଅଟି ଜମି ଅଧିଗ୍ରହଣ ମାମଲା

[18] ଏଜେନ୍ସି, ପ୍ରଭାବିତ ଅଞ୍ଚଳକୁ ସର୍ଭେ କରିବ, ପ୍ରଭାବିତ ଲୋକଙ୍କ ସହିତ ଗୋଷ୍ଠୀ ଆଲୋଚନା, ପରିଚାଳନା କରିବେ, ସେମାନଙ୍କର ମତାମତ ସଂଗ୍ରହ କରିବ, ଜନଶୁଣାଣି କରିବ ଏବଂ ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ଲୋକଙ୍କ ଉପରେ ରିପୋର୍ଟ ଦାଖଲ କରିବ

ଘରୋଇ ଜମି କ୍ରୟ ସମ୍ପର୍କିତ ଥିଲା । ଅବଶିଷ୍ଟ 254 ଏଲ୍ଏ ମାମଲା ମଧ୍ୟରୁ 210 ଟି ମାମଲା ପାଇଁ ଏସ୍ଆଇଏ ଆୟୋଜିତ କରାଯାଇଥିଲା ଏବଂ 44 ଟି ମାମଲା ପାଇଁ କରାଯାଇ ନଥିଲା । ଏହି ପ୍ରସଙ୍ଗରେ ଅଡିଟ୍ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ :

### *3.3.1 ଏସ୍ଆଇଏ କିମ୍ବା ଇଆଇଏ ଅଧ୍ୟୟନ ବିନା ଜମି ଅଧିଗ୍ରହଣ*

ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମର ଧାରା 6 ଓ ମାର୍ଚ୍ଚ 2016 ର ଆର୍ଡିଏମ୍ ବିଭାଗର ସ୍ପଷ୍ଟୀକରଣ ଅନୁଯାୟୀ ଜଳସେଚନ ପ୍ରକଳ୍ପଗୁଡ଼ିକ ପାଇଁ ଯଦି ଇଆଇଏ ଅଧ୍ୟୟନ କରାଯାଇଥାଏ, ତେବେ ଏସ୍ଆଇଏ ଅଧ୍ୟୟନଗୁଡ଼ିକ ଛାଡ଼ କରାଯାଏ । 44 ଏଲ୍ଏ ମାମଲାରେ, ଦୁଇଟି ଜଳସେଚନ ପ୍ରକଳ୍ପ ଯଥା ଟେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ (ଟିଏମ୍ଆଇପି), କୋରାପୁଟ ଏବଂ ରେଟ୍ ଜଳସେଚନ ପ୍ରକଳ୍ପ (ଆର୍ଆଇପି), କଳାହାଣ୍ଡି[19] ପାଇଁ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ 203.35 ଏକର ଜମି ଅଧିଗ୍ରହଣ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଏହି ଦୁଇଟି ଜଳସେଚନ ମଧ୍ୟରୁ କୌଣସିଟି ପ୍ରକଳ୍ପ ପାଇଁ ଇଆଇଏ କିମ୍ବା ଏସ୍ଆଇଏ ଅଧ୍ୟୟନ କରାଯାଇ ନଥିଲା । ଯେହେତୁ, ଇଆଇଏ ଅଧ୍ୟୟନ କରାଯାଇ ନଥିଲା, ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମର ଧାରା 4 ଅନୁଯାୟୀ , ଜମି ଅଧିଗ୍ରହଣ ପୂର୍ବରୁ ଏସ୍ଆଇଏ ଅଧ୍ୟୟନ ବାଧ୍ୟତାମୂଳକ ଥିଲା । କିନ୍ତୁ, ଏହି ବିଧି ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି, ଏସ୍ଆଇଏ ଅଧ୍ୟୟନ ନ କରି 2017-18 ରୁ 2021-22 ମଧ୍ୟରେ 203.35 ଏକର ଜମି ଅଧିଗ୍ରହଣ କରାଯାଇଥିଲା । ତେଣୁ, ନିୟମ ବ୍ୟବସ୍ଥାର ଉଲ୍ଲଙ୍ଘନ କରାଯାଇ 203.35 ଏକର ଜମି ଅନିୟମିତ ଭାବରେ ଅଧିଗ୍ରହଣ କରାଯାଇଥିଲା । ଅଧିକନ୍ତୁ, ଉପରୋକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଜମି ଅଧିଗ୍ରହଣ ହେତୁ ପ୍ରଭାବିତ କିମ୍ବା ବିସ୍ଥାପିତ ହୋଇଥିବା ସମସ୍ତ ପରିବାରଙ୍କୁ କ୍ଷତିପୂରଣ ଏବଂ ଆର୍ ଏବଂ ଆର୍ ସୁବିଧା ପ୍ରଦାନ କରାଯାଇଥିଲା କି ନାହିଁ, ତାହା ନିଶ୍ଚିତ ହୋଇପାରି ନଥିଲା ।

ଉତ୍ତରରେ, ବିଶେଷ ଜମି ଅଧିଗ୍ରହଣ ଏବଂ ପୁର୍ନବାସ ଏବଂ ପୁନଃ ଥଇଥାନ, ଅଧିକାରୀ (ଏସ୍ଏଲ୍ଏ ଏବଂ ଆର୍ଆର୍ଓ), ଟିଏମ୍ଆଇପି ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ଅନୁଯାୟୀ ଜଳସେଚନ ପ୍ରକଳ୍ପ ପାଇଁ ଏସ୍ଆଇଏ ପରିଚାଳନାକୁ ରିହାତି ଦିଆଯାଇଥିବା ହେତୁ ଏସ୍ଆଇଏ ପରିଚାଳିତ ହୋଇନଥିଲା । ଏହା ମଧ୍ୟ କୁହାଯାଇଥିଲା ଯେ ପରିବେଶ ସୁରକ୍ଷା ଅଧିନିୟମ, 2006 ଲାଗୁ ହେବା ପୂର୍ବରୁ ଟିଏମ୍ଆଇପି ପ୍ରକଳ୍ପ ଆରମ୍ଭ ହୋଇଥିଲା, ତେଣୁ ଇଆଇଏର ପରିଚାଳନା ଏକ ଆବଶ୍ୟକତା ନଥିଲା । ଅନ୍ୟପକ୍ଷରେ, ଏସ୍ଏଲ୍ଏ ଏବଂ ଆର୍ଓ, ଆର୍ଆଇପି କହିଲେ (ଜାନୁଆରୀ 2023) ଯେ, ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଧ୍ୟାନରେ ରଖାଗଲା ।

ଏସ୍ଏଲ୍ଏ ଏବଂ ଆର୍ଆର୍ଓ, ଟିଏମ୍ଆଇପିର ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଆକ୍ଟର ଧାରା 11 ଅନୁଯାୟୀ 2016 ରୁ 2021 ମଧ୍ୟରେ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ଉକ୍ତ ଅଧିନିୟମର ଧାରା 4 ଅନୁଯାୟୀ, ବିଜ୍ଞପ୍ତି ପ୍ରକାଶ କରିବା ପୂର୍ବରୁ ଏସ୍ଆଇଏ ଅଧ୍ୟୟନର ଆବଶ୍ୟକତା ଥିଲା । ତେଣୁ, ଏସ୍ଆଇଏର ପରିଚାଳନା ନହେବା, ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ର ଉଲ୍ଲଙ୍ଘନ ଥିଲା ।

### *3.3.2 ଏସ୍ଆଇଏ ରିପୋର୍ଟର ବୈଧତା ଶେଷ ହେବା ପରେ ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି*

ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମର ଧାରା 14 ଅନୁଯାୟୀ, ଏକ ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ଏସ୍ଆଇଏ ରିପୋର୍ଟର ମୂଲ୍ୟାଙ୍କନ ତାରିଖ ଠାରୁ ଏକ ବର୍ଷ ମଧ୍ୟରେ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଆକ୍ଟର ଧାରା 11 ଅନୁଯାୟୀ, ପ୍ରାଥମିକ ବିଜ୍ଞପ୍ତି ଜାରି କରାଯିବାର ଥିଲା ।

କୋରାପୁଟ ଜିଲ୍ଲାରେ ତିନୋଟି ପ୍ରକଳ୍ପ ପାଇଁ ଛଅଟି ଜମି ଅଧିଗ୍ରହଣ ମାମଲାରେ 82.852 ଏକର ଜମି ଅଧିଗ୍ରହଣରେ ଅଡିଟ୍ ଲକ୍ଷ୍ୟ କଲା ଯେ, ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି, ଏସ୍ଆଇଏ ରିପୋର୍ଟର ବୈଧତା ଶେଷ ହେବା ପରେ, ଧାରା 11 ଅନୁଯାୟୀ ଜାରି କରାଯାଇଥିଲା, ଯାହା **ସାରଣୀ 3.4** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

[19] ଟିଏମ୍ଆଇପି: 39 ଏଲ୍ଏ ମାମଲା, 195.69 ଏକର ଏବଂ ଆର୍ଆଇପି: 5 ଏଲ୍ଏ ମାମଲା, 7.66 ଏକର

*ସାରଣୀ 3.4: ଏଲ୍‌ଏ ମାମଲାଗୁଡ଼ିକର ବିବରଣୀ, ଯେଉଁଠାରେ ଏସ୍‌ଆଇଏ ରିପୋର୍ଟ ଗୁଡ଼ିକର ବୈଧତା ଶେଷ ହୋଇଯାଇଥିଲା*

| ପ୍ରକଳ୍ପ/ ଜମିଅଧିଗ୍ରହଣ ମାମଲାଗୁଡ଼ିକର ସଂଖ୍ୟା | ଜମିର ପରିମାମ ଏକରରେ | ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ଏସ୍‌ଆଇଏ ରିପୋର୍ଟର ମୂଲ୍ୟାଙ୍କନ ତାରିଖ | ପ୍ରାଥମିକ ବିଜ୍ଞପ୍ତି ଜାରି କରାଯିବାକୁ ଥିବା ତାରିଖ | ପ୍ରାଥମିକ ବିଜ୍ଞପ୍ତି ଜାରି ତାରିଖ |
|---|---|---|---|---|
| ଆଡ଼ମୁଣ୍ଡା ଏମ୍‌ଆଇପି/ 4 | 46.370 | 5 ଜାନୁଆରୀ 2021 | 3 ଅପ୍ରେଲ 2022[20] | 16 ଜୁନ୍ 2022 |
| ଜଗମୁଣ୍ଡା ଏମ୍‌ଆଇପି/ 1 | 10.650 | | | 23 ମଇ 2022 |
| ଜୟପୁର-ନବରଙ୍ଗପୁର ରେଳ ଲିଙ୍କ ପ୍ରକଳ୍ପ/ 1 | 25.832 | 29 ଜୁଲାଇ 2021 | 29 ଜୁଲାଇ 2022 | 15 ମାର୍ଚ୍ଚ 2023 |
| ମୋଟ | **82.852** | | | |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍‌ଏଓ / ଏସ୍‌ଏଲ୍‌ଏଓ କାର୍ଯ୍ୟାଳୟଗୁଡ଼ିକର ରେକର୍ଡଗୁଡ଼ିକ)***

ସାରଣୀ 3.4 ରୁ ଦେଖାଯାଇପାରେ କି, 82.852 ଏକର ଜମି, ବୈଧତା ଶେଷ ହୋଇଥିବା ଏସ୍‌ଆଇଏ ରିପୋର୍ଟ ଆଧାରରେ ଅଧିଗ୍ରହଣ ହୋଇଥିଲା, ଯାହା ଅନିୟମିତ ଥିଲା । ଯେହେତୁ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ଜନ ସଂଖ୍ୟାର ସାମାଜିକ ଆର୍ଥିକ ସ୍ଥିତି, ସମୟ ସହିତ ବଦଳିବା ସମ୍ଭାବନା ଥିଲା, ତେଣୁ, ସେମାନଙ୍କର ଅଦ୍ୟତନ ସ୍ଥିତିର ଆକଳନ କରିବାକୁ ନୂଆ ଏସ୍‌ଆଇଏ ଅଧ୍ୟୟନ କରାଯିବା ଉଚିତ୍ ଥିଲା । ନୂତନ ଭାବରେ ଏସ୍‌ଆଇଏ ଅଧ୍ୟୟନର ପରିଚାଳନା ନକରିବା, ଅଧିନିୟମ ଅନୁଯାୟୀ ପ୍ରଭାବିତ/ ବିସ୍ଥାପିତ ପରିବାରର ସ୍ୱାର୍ଥକୁ ଯଥାର୍ଥ ଭାବରେ ସୁରକ୍ଷିତ ରଖାଯାଇଥିବାର ଆଶ୍ୱାସନା ପ୍ରଦାନ କରୁନଥିବାକୁ ସୂଚାଉଥିଲା ।

ଉତ୍ତରରେ, ଏଲ୍‌ଏଓ, କୋରାପୁଟ ଦର୍ଶାଇଥିଲେ ଯେ କୋଭିଡ୍ 19 ମହାମାରୀ କାରଣରୁ ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି, ଏସ୍‌ଆଇଏ ରିପୋର୍ଟର ମୂଲ୍ୟାଙ୍କନ ତାରିଖ ଠାରୁ ଏକ ବର୍ଷ ଧାର୍ଯ୍ୟ ସମୟ ମଧ୍ୟରେ ଜାରି କରାଯାଇ ପାରି ନଥିଲା । ଉତ୍ତର ଗ୍ରହଣୀୟ ନଥିଲା, କାରଣ ଅପ୍ରତ୍ୟାଶିତ ଘଟଣା ଭାବରେ ଘୋଷଣା କରାଯାଇଥିବା 88 ଦିନ ଅବଧି ବାଦ ଦେବା ପରେ ମଧ କୋଭିଡ୍ 19 ମହାମାରୀ କାରଣରୁ, ଦୁଇଟି ଏମ୍‌ଆଇପି (ଆଡ଼ମୁଣ୍ଡା ଏବଂ ଜଗମୁଣ୍ଡା) ବାବଦରେ ଏକ ବର୍ଷ ଭିତରେ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇ ନଥିଲା ।

ଜୟପୁର-ନବରଙ୍ଗପୁର ରେଳପଥ ସଂଯୋଗ ପ୍ରକଳ୍ପର ଏସ୍‌ଏଲ୍‌ଏଓ, ପ୍ରାଥମିକ ବିଜ୍ଞପ୍ତି ଘୋଷଣା ଜାରି କରିବାରେ ଧାର୍ଯ୍ୟ ଅବଧି ଶେଷ ହୋଇଯାଇଥିବା ବିଷୟକୁ ସ୍ୱୀକାର କରିଥିବା ବେଳେ, ଗ୍ରାମ ସଭା ବୈଠକ ପରିଚାଳନାରେ ବିଳମ୍ବକୁ ଏହାର କାରଣ ବୋଲି ଦର୍ଶାଇଥିଲେ । ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମର ଧାରା 14 ଅନୁଯାୟୀ ଏକ ନୂତନ ଏସ୍‌ଆଇଏ ଅଧ୍ୟୟନ କରାଯିବା ଉଚିତ୍ ଥିଲା ।

***ସୁପାରିଶ 3.1: ଜମି ଅଧିଗ୍ରହଣ କାରଣରୁ ପ୍ରଭାବିତ/ ବିସ୍ଥାପିତ ହେବାକୁ ଥିବା ଜନସଂଖ୍ୟା ଚିହ୍ନଟ ପାଇଁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାରଣରୁ ସମସ୍ତ ଆବଶ୍ୟକ ମାମଲାରେ ଆୟୋଜିତ ହେବା ଉଚିତ୍ ଏବଂ ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ଧାର୍ଯ୍ୟ ସମୟ ମଧ୍ୟରେ ଜାରି ହେବା ଉଚିତ୍ । ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନର ପରିଚାଳନା କରାଯାଇ ନଥିବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବା ଉଚିତ୍ ।***

[20] କୋଭିଡ-19 ମହାମାରୀ ହେତୁ ପ୍ରତ୍ୟାଶିତ ଘଟଣା ଭାବରେ ଘୋଷଣା କରାଯାଇଥିବା 88 ଦିନର ଅବଧି (5 ମଇ 2021 ରୁ 31 ଜୁଲାଇ 2021) ଧାର୍ଯ୍ୟ ଅବଧି ସହିତ ଯୋଗ କରାଯାଇଛି

## 3.4 ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାର ପୂର୍ବ ସମ୍ମତି

ଭାରତୀୟ ସମ୍ବିଧାନର ଧାରା 243, ଗ୍ରାମସଭାକୁ ଗ୍ରାମ ସମ୍ବନ୍ଧୀୟ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବା ବ୍ୟକ୍ତିଙ୍କୁ ନେଇ ଏକ ସଂସ୍ଥା ଭାବରେ ବ୍ୟାଖ୍ୟା କରିଛି । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମର ଧାରା 41 ଅନୁଯାୟୀ, ଅନୁସୂଚିତ ଅଞ୍ଚଳରେ କୌଣସି ଜମି ଅଧିଗ୍ରହଣ କିମ୍ବା ହସ୍ତାନ୍ତରଣ କ୍ଷେତ୍ରରେ, ଉପଯୁକ୍ତ ସ୍ତରରେ[21] ସଂପୃକ୍ତ ଗ୍ରାମସଭା କିମ୍ବା ପଞ୍ଚାୟତ କିମ୍ବା ସ୍ୱୟଂଶାସିତ ଜିଲ୍ଲା ପରିଷଦର ପୂର୍ବ ସମ୍ମତି, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ପ୍ରାପ୍ତ ହେବା ଉଚିତ୍ । ଅଧିକନ୍ତୁ, ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତ ସମ୍ପ୍ରସାରଣ (ପିଇଏସ୍‌ଏ) ଅଧିନିୟମ 1996 ର ଧାରା 4 ରେ ପ୍ରାବଧାନ ଅଛି ଯେ ବିକାଶମୂଳକ ପ୍ରକଳ୍ପ ପାଇଁ ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ କରିବା ପୂର୍ବରୁ ଗ୍ରାମସଭା ବା ଉପଯୁକ୍ତ ସ୍ତରରେ ପଞ୍ଚାୟତର ପରାମର୍ଶ ନିଆଯିବ ।

ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶ (ଜାନୁଆରୀ 2018) ଅନୁଯାୟୀ, ଏଲ୍‌ଏଓ/ ଏସ୍‌ଏଲ୍‌ଏଓ/ ଏସ୍‌ଏଲ୍‌ଏ, ଏବଂ ଆର୍‌ଆର୍‌ଓଙ୍କୁ ଏସ୍‌ଆଇଏ ଅଧ୍ୟୟନ ସମାପ୍ତ ହେବାର 15 ଦିନ ମଧ୍ୟରେ ଏବଂ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଗ୍ରାମସଭାର ସମ୍ମତି ହାସଲ କରିବାକୁ ପଡ଼ିବ । ଗ୍ରାମସଭା ବୈଠକ ଆୟୋଜନ ପାଇଁ ଏଲ୍‌ଏଓ/ ଏସ୍‌ଏଲ୍‌ଏଓ/ ଏସ୍‌ଏଲ୍‌ଏ ଏବଂ ଆର୍‌ଆର୍‌ଓ ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ/ ସରପଞ୍ଚଙ୍କୁ ଅନୁରୋଧ କରିବାକୁ ହେବ ।

ଛଅଟି ନମୁନା ଜିଲ୍ଲା ମଧ୍ୟରୁ ଚାରିଟିରେ ଗ୍ରାମସଭା ବୈଠକ ଆୟୋଜିତ ନକରି ଜମି ଅଧିଗ୍ରହଣ, ଗ୍ରାମସଭାର ମତକୁ ଅବମାନନା, ଆବଶ୍ୟକ କୋରମ୍ ବିନା ଗ୍ରାମସଭାର ସମ୍ମତି ହାସଲ କରିବା, ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗ୍ରାମସଭା ବୈଠକ କରିବା ଭଳି ଅନିୟମିତତା ଦେଖାଦେଇଥିଲା ଯାହା **ସାରଣୀ 3.5** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

***ସାରଣୀ 3.5: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍‌ଏ ମାମଲାଗୁଡ଼ିକରେ ପରିଚାଳନା କରାଯାଇଥିବା ଗ୍ରାମସଭା ବୈଠକ ଗୁଡ଼ିକର ଅବଲୋକନ***

| ଜିଲ୍ଲା | ଗ୍ରାମସଭା ବୈଠକ ଅନୁଷ୍ଠିତ ହେବାକୁ ଥିବା ଏଲ୍‌ଏ ମାମଲାଗୁଡ଼ିକର ସଂଖ୍ୟା | ପ୍ରକୃତରେ ଅନୁଷ୍ଠିତ ହୋଇ ଥିବା ଗ୍ରାମସଭା ବୈଠକ ସଂଖ୍ୟା | ଅନୁଷ୍ଠିତ ହୋଇନଥିବା ଗ୍ରାମସଭା ବୈଠକ ସଂଖ୍ୟା | ଆବଶ୍ୟକ କୋରମ ବିନା ଅନୁଷ୍ଠିତ ଜିଏସ୍ ବୈଠକ ଗୁଡ଼ିକର ସଂଖ୍ୟା | ଗ୍ରାମସଭାର ମତକୁ ଅଣଦେଖା କରି ଜମି ଅଧିଗ୍ରହଣ କରାଯାଇଥିଲା | ଧାରା **11** ଅନୁଯାୟୀ ପ୍ରାଥମି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜମି ଅଧିଗ୍ରହଣ ମାମଲାଗୁଡ଼ିକର ସଂଖ୍ୟା ଯେଉଁଠାରେ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା |
|---|---|---|---|---|---|---|
| କଳାହାଣ୍ଡି | 5 | 1 | 4 | - | - | - |
| କେନ୍ଦୁଝର | 59 | 59 | - | - | - | - |
| କୋରାପୁଟ | 93 | 59 | 34 | 24 | - | 10 |
| ମୟୂରଭଞ୍ଜ | 39 | 37 | 2 | - | - | - |
| ନବରଙ୍ଗପୁର | 1 | 1 | - | - | - | - |
| ସୁନ୍ଦରଗଡ଼ | 97 | 64 | 33 | - | 29 | - |
| ମୋଟ | **294** | **221** | **73** | **24** | **29** | **10** |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍‌ଏଓ/ଏସ୍‌ଏଲ୍‌ଏଓର କାର୍ଯ୍ୟାଳୟର ରେକର୍ଡ)***

### *3.4.1 ଗ୍ରାମସଭା ବୈଠକ ବିନା ଜମି ଅଧିଗ୍ରହଣ*

**ସାରଣୀ 3.6** ରେ ବିସ୍ତୃତ ଭାବରେ ଦର୍ଶାଯାଇଥିବା 297.4886 ଏକର ଜମି ଅଧିଗ୍ରହଣ ମାମଲାରେ ଗ୍ରାମସଭାର ସମ୍ମତି ପ୍ରାପ୍ତ କରାଯାଇନଥିଲା ।

[21] ଗ୍ରାମସଭା ବିଦ୍ୟମାନ ନଥିବା କିମ୍ବା ଗଠନ ହୋଇନଥିବା କ୍ଷେତ୍ରରେ ପଞ୍ଚାୟତ କିମ୍ବା ସ୍ୱୟଂଶାସିତ ଜିଲ୍ଲା ପରିଷଦର ସମ୍ମତି ପ୍ରାପ୍ତ କରାଯିବ

*ସାରଣୀ* ***3.6:*** *ଗ୍ରାମସଭାର ସମ୍ମତି ପ୍ରାପ୍ତ ହୋଇନଥିବା ଏଲ୍ଏ ମାମଲା*

| ଜିଲ୍ଲା | ପ୍ରକଳ୍ପ | ଏଲ୍ଏ ମାମଲାଗୁଡ଼ିକର ସଂଖ୍ୟା | ଜମି ପରିମାଣ ଏକରରେ | ଜମି ଅଧିଗ୍ରହଣର ଅବଧି |
|---|---|---|---|---|
| କୋରାପୁଟ | ଟିଏମ୍ଆଇପି | 34 | 37.36 | 2017-22 |
| ସୁନ୍ଦରଗଡ଼ | ତାଳଚେର-ବିମଳାଗଡ଼ ରେଳ ଲିଙ୍କ ପ୍ରକଳ୍ପ(ଟିବିଆର୍ଏଲ୍ପି) | 29 | 247.64 | ନଭେମ୍ବର-ଡିସେମ୍ବର 2021 |
| | ରାସ୍ତା ଏବଂ ପୋଲ ନିକଟକୁ ରାସ୍ତା ପାଇଁ | 4 | 4.1736 | ଅକ୍ଟୋବର 2018 ରୁ ଅପ୍ରେଲ 2022 |
| କଳାହାଣ୍ଡି | ଆର୍ଆଇପି | 4 | 7.02 | ଜୁନ୍ 2017 ରୁ ଅଗଷ୍ଟ 2018 |
| ମୟୁରଭଞ୍ଜ | ରାସ୍ତା ଏବଂ ପୋଲ ନିକଟକୁ ରାସ୍ତା ପାଇଁ | 2 | 1.295 | ମାର୍ଚ୍ଚ ରୁ ଡିସେମ୍ବର 2021 |
| | **ମୋଟ** | **73** | **297.4886** | |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍ଏଓ/ ଏସ୍ଏଲ୍ଏଓ କାର୍ଯ୍ୟାଳୟର ରେକର୍ଡ)***

ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଟିଏମ୍ଆଇପି କ୍ଷେତ୍ରରେ, ଏସ୍ଏଲ୍ଏ ଏବଂ ଆର୍ଆର୍ଓ, 37.36 ଏକର ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ବୈଠକ ନକରି, ଫେବୃଆରୀ 2016 ରୁ ଜାନୁଆରୀ 2021 ମଧ୍ୟରେ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲେ । ସମାନ ଗ୍ରାମରେ ବିଭିନ୍ନ ଜମି ଅଧିଗ୍ରହଣ ପାଇଁ ଏକରୁ ନଅ ବର୍ଷ ପୂର୍ବେ କରାଯାଇଥିବା ଗ୍ରାମସଭା ବୈଠକ ଆଧାରରେ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହା ଏକ ଅନିୟମିତତା ସୃଷ୍ଟି କରିଥିଲା, କାରଣ ଏହି ପ୍ରାଥମିକ ବିଜ୍ଞପ୍ତି ଗୁଡ଼ିକ ଜାରି କରିବା ପାଇଁ ବିଭିନ୍ନ ଗ୍ରାମସଭା ବୈଠକର ନିଷ୍ପତ୍ତି ବ୍ୟବହୃତ ହୋଇଥିଲା ।
- ଟିବିଆର୍ଏଲ୍ପି କ୍ଷେତ୍ରରେ, ଅଡିଟ ପାଇଁ ଦିଆଯାଇଥିବା ଜମି ଅଧିଗ୍ରହଣ କେସ୍ ରେକର୍ଡରେ ଗ୍ରାମସଭା ବୈଠକ ପରିଚାଳନା ସମ୍ବନ୍ଧରେ କୌଣସି ଉଲ୍ଲେଖ ନଥିଲା କିମ୍ବା ଗ୍ରାମସଭା ବୈଠକର ନିଷ୍ପତ୍ତିର ନକଲ ଯାଞ୍ଚ ପାଇଁ ଅଡିଟକୁ ଦିଆଯାଇ ନଥିଲା ।
- ଅବଶିଷ୍ଟ ପ୍ରକଳ୍ପଗୁଡ଼ିକ କ୍ଷେତ୍ରରେ, ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଗ୍ରାମସଭାର ସମ୍ମତି ବିନା, ପିଇଏସ୍ଏ ଏବଂ ତା ସହିତ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମର ଥିବା ବ୍ୟବସ୍ଥାର ଉଲ୍ଲଙ୍ଘନ କରି ଉକ୍ତ ଜମି ଅଧିଗ୍ରହଣ କରାଯାଇଥିଲା, ଯେଉଁଥିପାଇଁ ଏହି ଅନୁସୂଚିତ ଅଞ୍ଚଳର ଅଧିବାସୀମାନେ ପିଇଏସ୍ଏ ଏବଂ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମରେ ବ୍ୟବସ୍ଥିତ ଆଇନଗତ ସୁରକ୍ଷାରୁ ବଞ୍ଚିତ ହୋଇଥିଲେ ।

ଉତ୍ତରରେ, ଟିଏମ୍ଆଇପିର ଏସ୍ଏଲ୍ଏ ଏବଂ ଆର୍ଆର୍ଓ ବ୍ୟକ୍ତ କରିଥିଲେ (ଅକ୍ଟୋବର 2022) ଯେ, ଗ୍ରାମସଭା ବୈଠକ ପାଞ୍ଚ ରୁ ସାତ ବର୍ଷ ପୂର୍ବେ ସେହି ଗ୍ରାମରେ ପୂର୍ବରୁ ଅଧିଗ୍ରହଣ ସମୟରେ କରାଯାଇଥିଲା । ସେହି ସମୟରେ ଗ୍ରାମବାସୀଙ୍କୁ ମୌଖିକ ଭାବରେ ଜଣାଯାଇଥିଲା ଯେ ଯଦି କୌଣସି ସମୟରେ ଅତିରିକ୍ତ ଜମି ଆବଶ୍ୟକ ହୁଏ, ତେବେ ଏହି ସମ୍ମତି ସଂଲଗ୍ନ କରାଯିବ । ଉତ୍ତର ଯୁକ୍ତିସଙ୍ଗତ ନଥିଲା, କାରଣ ପ୍ରତ୍ୟେକ ଜମି ଅଧିଗ୍ରହଣ ମାମଲା ପାଇଁ ଗ୍ରାମସଭା ବୈଠକ କରାଯିବାର ଥିଲା, ଯାହା ହୋଇନଥିଲା । ଅଧିକନ୍ତୁ, ବିଭିନ୍ନ ଜମି ଅଧିଗ୍ରହଣ ମାମଲାରେ ପୂର୍ବରୁ ଦିଆଯାଇଥିବା ଗ୍ରାମସଭାର ସହମତିକୁ ବିଭିନ୍ନ ଖଣ୍ଡ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଦ୍ୱାରା ଦିଆଯାଇଥିବା ସମ୍ମତି ରୂପରେ ସଂଲଗ୍ନ କରିବା ଅନିୟମିତ ଥିଲା ।

ଏସ୍‌ଏଲ୍‌ଏଓ, ଟିବିଆର୍‌ଏଲ୍‌ପି କହିଲେ ଯେ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଗ୍ରାମସଭା ବୈଠକ କରାଯାଇଥିଲା, କିନ୍ତୁ ମାମଲା ରେକର୍ଡଗୁଡ଼ିକ ସହଜରେ ଚିହ୍ନଟ ହୋଇପାରି ନଥିଲା ।

ସିଧାସଳଖ କ୍ରୟ ମାଧମରେ ସଡ଼କ ଏବଂ ବ୍ରିଜ୍ ନିକଟକୁ ରାସ୍ତାର ଅଧିଗ୍ରହଣ ମାମଲାରେ ଏଲ୍‌ଏଓ, ସୁନ୍ଦରଗଡ଼ କହିଲେ (ଡିସେମ୍ବର 2022) ଯେ, ମଇ 2016[22] ରେ ଜାରି କରାଯାଇଥିବା ଆର୍‌ଡିଏମ୍ ବିଭାଗ ବିଜ୍ଞପ୍ତି ଅନୁଯାୟୀ ବ୍ୟକ୍ତିଗତ ଜମି ସିଧାସଳଖ କ୍ରୟ କରାଯାଇଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା କାରଣ ବିଜ୍ଞପ୍ତିରେ ଏସ୍‌ଆଇଏ ଅଧ୍ୟୟନ ରିପୋର୍ଟର ମୂଲ୍ୟାଙ୍କନ କରିବା ପାଇଁ ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ବହୁମୁଖୀ ବିଶେଷଜ୍ଞ ଗୋଷ୍ଠୀର ଗଠନ ସମ୍ବନ୍ଧରେ ଉଲ୍ଲେଖ ଥିଲା ଏବଂ ଏହା ବ୍ୟକ୍ତିଗତ ଜମି କ୍ରୟ ସହିତ ଜଡ଼ିତ ନଥିଲା । ଅଧିକନ୍ତୁ, ଜମି ଅଧିଗ୍ରହଣ ସଂପର୍କରେ ଜାରି ହୋଇଥିବା କୌଣସି ବିଜ୍ଞପ୍ତି ଆଇନ ଅନୁମୋଦିତ ହେବା ଆବଶ୍ୟକ ଥିଲା ।

### *3.4.2 ଆବଶ୍ୟକ କୋରମ୍ ବିନା ଗ୍ରାମସଭାର ସମ୍ମତି ହାସଲ କରିବା*

ଓଡ଼ିଶା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ନିୟମ, 2016, ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ବୈଠକ ଆୟୋଜିତ କରିବା ପାଇଁ କୋରମ୍ ଆବଶ୍ୟକତା ଉପରେ ନୀରବ ରହିଥିଲା । କିନ୍ତୁ, ଭାରତ ସରକାରଙ୍କ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ (ସାମାଜିକ ପ୍ରଭାବ ଆକଳନ ଏବଂ ସମ୍ମତି) 2014 ର ନିୟମ 17 ରେ ବ୍ୟବସ୍ଥା ଅଛି ଯେ, ଗ୍ରାମସଭାର ସମ୍ମତି ହାସଲ ପାଇଁ ଗ୍ରାମସଭାର ମୋଟ ସଦସ୍ୟଙ୍କ ଅତିକମରେ 50 ପ୍ରତିଶତର କୋରମ ଆବଶ୍ୟକ ଏବଂ ସର୍ତ୍ତ ରହିବ ଯେ, ଗ୍ରାମସଭାର ମୋଟ ମହିଳା ସଦସ୍ୟଙ୍କ ଏକ ତୃତୀୟାଂଶ ମଧ ଗ୍ରାମସଭା ବୈଠକରେ ଉପସ୍ଥିତ ରହିବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳମାନେ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ନୂତନ ବ୍ରଡ ଗେଜ ରେଳ ସଂଯୋଗ ପ୍ରକଳ୍ପ ବାବଦରେ 41 ଏଲ୍‌ଏ ମାମଲାରେ, 871.246 ଏକର ଜମି ଅଧିଗ୍ରହଣ ପାଇଁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲେ (ଅପ୍ରେଲ 2021 ରୁ ଜୁଲାଇ 2022) । ସମ୍ପୃକ୍ତ ଗ୍ରାମସଭା ଦ୍ୱାରା ଦିଆଯାଇଥିବା ସମ୍ମତି ଆଧାରରେ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା । ଅଡିଟ୍, ସମସ୍ତ 41 ଏଲ୍‌ଏ ମାମଲାରେ ଭୋଟର ତାଲିକା ସହିତ ଗ୍ରାମସଭା ପ୍ରକ୍ରିୟାରେ ଉପସ୍ଥିତ/ ଦସ୍ତଖତ କରିଥିବା ସଦସ୍ୟଙ୍କ ସଂଖ୍ୟାର ତୁଳନା କରିଥିଲେ । 24 ଏଲ୍‌ଏ ମାମଲା (58 ପ୍ରତିଶତ) ରେ ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ଗ୍ରାମସଭା ବୈଠକରେ ଉପସ୍ଥାନର ହାର ଆବଶ୍ୟକ 50 ପ୍ରତିଶତ ବିପକ୍ଷରେ ମାତ୍ର 0.30 ରୁ 8.80 ପ୍ରତିଶତ ଥିଲା ଯାହା ***ପରିଶିଷ୍ଟ 3.1*** ରେ ଦର୍ଶାଯାଇଛି । ଗ୍ରାମସଭାର ମୋଟ ମହିଳା ସଦସ୍ୟଙ୍କ ଏକ ତୃତୀୟାଂଶ ଅଂଶ ଗ୍ରହଣ ମଧ ସୁନିଶ୍ଚିତ କରାଯାଇ ନଥିଲା । ଏହିପରି, ଆବଶ୍ୟକ କୋରମ୍ ଅଭାବରୁ ଗ୍ରାମସଭାର ସମ୍ମତି ବୈଧ ନଥିଲା । ତେବେ ଅବିଧିମାନ୍ୟ ଗ୍ରାମସଭା ସମ୍ମତି ଆଧାରରେ ଉଭୟ ଜିଲ୍ଲାର ଜିଲ୍ଲାପାଳମାନେ ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲେ ।

ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ନୂତନ ବ୍ରଡ ଗେଜ୍ ରେଳ ସଂଯୋଗ ପ୍ରକଳ୍ପର ଏସ୍‌ଏଲ୍‌ଏଓ, ଆବଶ୍ୟକ କୋରମ୍ ବିନା ଗ୍ରାମସଭାର ସମ୍ମତି ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲେ ।

### *3.4.3 ଗ୍ରାମସଭା ବୈଠକର ମତାମତକୁ ଅବମାନନା କରି ପ୍ରାଥମିକ ବିଜ୍ଞପ୍ତି ଜାରି*

ସୁନ୍ଦରଗଡ଼ ଜିଲ୍ଲାପାଳ, 64 ଏଲ୍‌ଏ ମାମଲାରେ 1,528.91 ଏକର ଜମି ଅଧିଗ୍ରହଣ ପାଇଁ ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲେ (ମାର୍ଚ୍ଚ 2018 ରୁ ଡିସେମ୍ବର 2021) । 355.525 ଏକର ଜମି ଅଧିଗ୍ରହଣ ସହିତ ଜଡ଼ିତ 32 ଟି ମାମଲାରେ ଗ୍ରାମସଭା ଆଲୋଚନା ଅଡିଟ୍‌କୁ ଉପଲବ୍ଧ କରାଯାଇ ନଥିଲା । ଅବଶିଷ୍ଟ 32 ଏଲ୍‌ଏ ମାମଲା ମଧ୍ୟରୁ ସମ୍ପର୍କିତ କେବଳ ତିନୋଟି ଏଲ୍‌ଏ[23] ମାମଲା 8.12 ଏକର ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାର ସମ୍ମତି ଉପଲବ୍ଧ ଥିଲା । ଅବଶିଷ୍ଟ 29 ଟି ଏଲ୍ ମାମଲାରେ ଚାରିଟି ପ୍ରକଳ୍ପ 1,165.265 ଏକର ଜମି


[22] ବିଜ୍ଞପ୍ତି ସଖ୍ୟା.14158/ଆର୍‌ଡିଏମ୍, ତାରିଖ 7 ମଇ 2016

[23] ଜମି ଅଧିଗ୍ରହଣ ମାମଲା ସଂଖ୍ୟା 47/18: ବୃହତ ଜଳସେଚନ ପ୍ରକଳ୍ପ ଏବଂ ଏଲ୍‌ଏ ମାମଲା ସଂଖ୍ୟା. 55/18 ଏବଂ 56/18: ଇଏସ୍‌ଏସ୍‌ଏଆର୍ ଷ୍ଟୀଲ୍‌ର ଖଣି ପ୍ରକଳ୍ପ

ଅଧିଗ୍ରହଣ ନିମନ୍ତେ ସମ୍ପୃକ୍ତ ଗ୍ରାମସଭା ମାନଙ୍କର ମତକୁ ଅବମାନନା କରି ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା ***(ପରିଶିଷ୍ଟ 3.2)*** । ଅଧିକ ଯାଞ୍ଚରୁ ଅଡିଟ୍ ନିମ୍ନଲିଖିତ ବିଷୟକୁ ଲକ୍ଷ୍ୟ କରିଥିଲେ:

- 1012.725 ଏକର ଜମି ଅଧିଗ୍ରହଣ ସମ୍ପର୍କିତ 10 ଟି ମାମଲାରେ, ଦୁଇଟି ପ୍ରକଳ୍ପ ଯଥା- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସଡ଼କ ଏବଂ ପୋଲ ବିଭାଜନ, ସୁନ୍ଦରଗଡ଼ଙ୍କ ଦ୍ୱାରା ଚାରି ଲେନ୍ ବିଶିଷ୍ଟ କୋଇଲା କରିଡର ରାସ୍ତା ଏବଂ ପୂର୍ବରୁ ମେସର୍ସ ଓସିଏଲ୍ ଇଣ୍ଡିଆ ଲିମିଟେଡ୍ ଭାବରେ ଜଣାଶୁଣା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ଦ୍ୱାରା ଖଣି ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସଂପୃକ୍ତ ଗ୍ରାମ ସଭା ବିରୋଧ କରିଥିଲେ । ତେବେ ଗ୍ରାମସଭାର ମତକୁ ଅଣଦେଖା କରି ସୁନ୍ଦରଗଡ଼ର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହିପରି ଗୋଟିଏ ଗ୍ରାମ ସଭା ନିଷ୍ପତ୍ତିର ନମୁନା ***ଚିତ୍ର 3.1*** ରେ ଦର୍ଶାଯାଇଛି ।

***ପ୍ରତିଛବି 3.1: କୁକୁଦା ଗ୍ରାମର ଗ୍ରାମସଭାର ନିଷ୍ପତ୍ତି***



***କକୁଡ଼ା ଗ୍ରାମର ଗ୍ରାମସଭା ପ୍ରକ୍ରିୟାର ନିର୍ବାହ, ଯାହା ତଳେ ପଢ଼ାଯାଇଛି:***


*"ଡାଲମିଆ ସିମେଣ୍ଟ ଇଣ୍ଡିଆ ଲିମିଟେଡ୍ (ଓସିଏଲ୍) ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗରେ କୁକୁଡ଼ା ଜିପିର ସରପଞ୍ଚ ଶ୍ରୀମତୀ ରିଲା ସୁଶୀଳା ଟପୋ ଏକ ପ୍ରସ୍ତାବ ରଖିଥିଲେ କି ଓସିଏଲ୍‌କୁ ଜମି ଦିଆଯିବା କି ନାହିଁ ?*

*ଆଜି 26 ଜାନୁଆରୀ 2020 ରେ ଗ୍ରାମସଭାର ଏକ ସତନ୍ତ୍ର ବୈଠକରେ ଏଜେଣ୍ଡା ନମ୍ବର 6 ରେ ବୈଠକରେ ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀ ସର୍ବସମ୍ମତି କ୍ରମେ ଓସିଏଲ୍ କୁ ଏକ ଇଞ୍ଚ ଜମି ନଦେବାକୁ ନିଷ୍ପତ୍ତି ନେଇଥିଲେ ।*

- ଛଅଟି ଜମି ଅଧିଗ୍ରହଣ ମାମଲାରେ[24] 37.05 ଏକର ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାରେ କୌଣସି ସହମତି ହୋଇନଥିଲା । ଗ୍ରାମସଭା ବୈଠକରେ ଉଠିଥିବା ସନ୍ଦେହକୁ ସ୍ପଷ୍ଟ କରିବା ପାଇଁ ସରକାରୀ ଅଧିକାରୀ/ ପ୍ରକଳ୍ପ ପ୍ରସ୍ତାବକଙ୍କ ଉପସ୍ଥିତି ନ ଥିବାରୁ ଗ୍ରାମସଭା ବୈଠକରେ କେବଳ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା କିମ୍ବା ବୈଠକ ସ୍ଥଗିତ ରଖାଯାଇଥିଲା ।

[24] ଏଲ୍ଏ ମାମଲା ସଂଖ୍ୟା 24/18: ସରେଇକେଲା, 25/18: ବନ୍ଧପାଲି, 36/18: ସୁରଡ଼ା, 37/18: ନିଆଲିପାଲି, 38/18: ଜିମରମହୁଲ ଏବଂ 53/18 ଛାତ୍ରି

**ପ୍ରତିଛବି 3.2: ଛାବ୍ରି ଗ୍ରାମର ଗ୍ରାମସଭା ନିଷ୍ପତ୍ତି**


Sub- Gram Sabha resolution for acquisition of ... land in village Chabiri under Bargaon tehsil ... Sundargarh district for construction of Sectionalizing valve station GAIL LTD

***30 ଜୁଲାଇ 2018 ରେ ଛାବ୍ରି ଗ୍ରାମର ଗ୍ରାମସଭା ବୈଠକର ଅଂଶ ନିମ୍ନରେ ଦର୍ଶାଯାଇଛି:***

*''ଗ୍ରାମ: ଛାବ୍ରି, ଜିପି: ଫୁଲବରୀ, ଆଜି 30 ଜୁଲାଇ 2018,ଅପରାହ୍ନ 1 ଘଟିକା ସମୟରେ ଗ୍ୟାସ୍ ପାଇପ୍ ଲାଇନ୍ ନିର୍ମାଣ ମାମଲାରେ ବ୍ୟାପକ ଚର୍ଚ୍ଚା ପାଇଁ ଛାବ୍ରି ଗ୍ରାମର ୱାର୍ଡ ସଦସ୍ୟ ଶ୍ରୀ କ୍ଷୀରୋଦ ଚନ୍ଦ୍ର ପ୍ରୁସେଠଙ୍କ ଅଧ୍ୟକ୍ଷତାରେ ଗ୍ରାମସଭାର ବୈଠକ ଅନୁଷ୍ଠିତ ହୋଇଥିଲା ।*

*ଗ୍ରାମସଭା ବୈଠକରେ ଗ୍ରାମବାସୀଙ୍କୁ ଗ୍ୟାସ୍ ପାଇପଲାଇନ୍ ନିର୍ମାଣ ସମ୍ପର୍କରେ ବୁଝାଇ ଦିଆଯାଇଥିଲା ।''*

- 115.49 ଏକର ଜମି ଅଧିଗ୍ରହଣ ସମ୍ପର୍କିତ 13 ଟି ମାମଲାରେ[25] ସମ୍ପୃକ୍ତ ଗ୍ରାମସଭା ଜମି ଅଧିଗ୍ରହଣ ପାଇଁ ସର୍ତ୍ତମୂଳକ ସହାୟତା ପ୍ରଦାନ କରିଥିଲେ । ସର୍ତ୍ତ ଗୁଡ଼ିକ ମଧ୍ୟରେ ଏକର ପିଛା 70 ଲକ୍ଷ ଟଙ୍କା ହାରରେ କ୍ଷତିପୂରଣ ପ୍ରଦାନ, ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ, ଚିକିତ୍ସା କେନ୍ଦ୍ର, ବିଦ୍ୟାଳୟ, ଲାଇବ୍ରେରୀ, ନଳ କୂପ, ମନ୍ଦିର, ବିଶ୍ରାମ ଗୃହର ନବୀକରଣ, ପାନୀୟ ଜଳ ଏବଂ ରାସ୍ତା ଆଲୋକର ବ୍ୟବସ୍ଥା, ପୋଖରୀର ନବୀକରଣ, ରୋଜଗାରର ବ୍ୟବସ୍ଥା, ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ, ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ।

ଗ୍ରାମସଭାର ମତକୁ ଅବମାନନା କରି ଜମି ଅଧିଗ୍ରହଣ ଅନିୟମିତ ଥିଲା । ଆହୁରି ମଧ୍ୟ, ଅନୁସୂଚିତ ଅଞ୍ଚଳର ଅଧିବାସୀମାନେ ସେମାନଙ୍କର ଜମି ଅଧିଗ୍ରହଣ ସମ୍ପର୍କରେ ପିଇଏସ୍ଏ ଏବଂ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମରେ ବ୍ୟବସ୍ଥିତ ଆଇନଗତ ସୁରକ୍ଷାରୁ ବଞ୍ଚିତ ହୋଇଥିଲେ ।

ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ପ୍ରାପ୍ତ ହୋଇନଥିଲା (ଫେବୃଆରୀ 2024) ।

### *3.4.4 ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏବଂ କୋରମ୍ ବିନା ଗ୍ରାମସଭା ପରିଚାଳନା*

ଜିଲ୍ଲାପାଳ, କୋରାପୁଟ, ଛଅଟି ପ୍ରକଳ୍ପ ପାଇଁ 10 ଟି ଜମି ଅଧିଗ୍ରହଣ ମାମଲାରେ, ଗ୍ରାମସଭା ବୈଠକ କରିବା ପୂର୍ବରୁ 71,897 ଏକର ଜମି ଅଧିଗ୍ରହଣ ପାଇଁ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲେ ଯାହା ***ସାରଣୀ3.7*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

[25] ଏଲ୍ଏ ମାମଲା ସଂଖ୍ୟା 02/17: କଳାମେଘ, 03/17: ଲାଇକେରା, 04/17: ଛୁଆବାହାଲ, 05/17: କନକତୋରା, 26/18: ଡୁଡୁକା, 28/18: ବରପାଲି, 29/18: ମହିକାନୀ, 30/18: ବଡ଼ବାଙ୍ଗ, 31/18: ବିଜଡିହି, 32/18: ଅଂଳାବାହାଲ, 33/18: ଶ୍ରୀଭୁବନପୁର, 34/18 ବୁଡେଲକାଣୀ ଏବଂ 40/18: ବ୍ରାହ୍ମଣୀପଲ୍ଲୀ)


*ସାରଣୀ 3.7: ଜମି ଅଧିଗ୍ରହଣ ମାମଲା ଯେଉଁଠାରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା*

| ଏଲ୍ଏଓ | ଅଧିଗ୍ରହଣର ଉଦ୍ଦେଶ୍ୟ | ଏଲ୍ଏ ମାମଲା ସଂଖ୍ୟା | ପରିମାଣ (ଏକରରେ) | ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିବାର ତାରିଖ | ଗ୍ରାମସଭା ବୈଠକର ତାରିଖ | ଗ୍ରାମସଭା ବୈଠକରେ ଯୋଗ ଦେଇଥିବା ସଦସ୍ୟଙ୍କ ଶତକଡ଼ା ହାର |
|---|---|---|---|---|---|---|
| ଏଲ୍ଏଓ କୋରାପୁଟ | ଆଡ଼ମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | 4 | 46.37 | 16-06-22 | 28-10-22 | 1.50 ରୁ 9.09 |
| | ବାଘ୍ରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | 1 | 0.390 | 08-02-22 | 06-06-22 | ରିଜୋଲୁସନ୍ ଉପଲବ୍ଧ ନଥିଲା |
| | ଜଗମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | 1 | 10.650 | 23-05-22 | 08-06-22 | 3.60 |
| | ପେଟୁତୋଡ଼ିନାଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | 2 | 9.19 | 08-02-22 | 07-07-22 | 2.34 |
| | ଟୁନପର୍ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | 1 | 4.750 | 08-02-22 | 07-06-22 | 1.04 |
| ଏଲ୍ଏଓ-ତଥା-ତହସିଲଦାର, ଲକ୍ଷ୍ମୀପୁର, କୋରାପୁଟ | କୋରାପୁଟ ସିଙ୍ଗାପୁର ରୋଡ଼ ଟ୍ରେନ୍ ଲାଇନର ଦ୍ୱିଗୁଣିତ | 1 | 0.547 | 02-11-21 | 28-04-22 | 4.46 |
| | **ମୋଟ** | **10** | **71.897** | | | |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଜମି ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟାଳୟର ରେକର୍ଡ)***

ଅଧିକ ଯାଞ୍ଚରୁ ଜଣାପଡ଼ିଲା ଯେ ଗ୍ରାମସଭା ବୈଠକ କୋରମ୍ ବିନା କରାଯାଇଥିଲା, ଗ୍ରାମସଭା ବୈଠକରେ ଜମି ଅଧିଗ୍ରହଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା କିମ୍ବା ସଂକଳ୍ପଗୁଡ଼ିକରେ ସ୍ପଷ୍ଟ ଭାବରେ ପ୍ରକଳ୍ପ ପାଇଁ ସମ୍ମତିର ଏକ ବିବୃତ୍ତି ଉଲ୍ଲେଖ ନଥିଲା, ଯାହାଫଳରେ, ସେଗୁଡ଼ିକ ବୈଧ ନଥିଲା । ଆଡ଼ମୁଣ୍ଡା ଏବଂ ପେଟୁଜୋଡ଼ିନାଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି) ସମ୍ବନ୍ଧରେ ଗ୍ରାମସଭା ସଂକଳ୍ପରେ ପ୍ରକଳ୍ପର ନାମ ମଧ ଉଲ୍ଲେଖ ନଥିଲା । ଆଡ଼ମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ 15.81 ଏକର ଜମି ଅଧିଗ୍ରହଣ ପାଇଁ ଆୟୋଜନ କରାଯାଇଥିବା ଫୁଲବେଡ଼ା ଗ୍ରାମର ଗ୍ରାମସଭାର ନିଷ୍ପତ୍ତିର ନକଲ ନିମ୍ନରେ ଦର୍ଶାଯାଇଛି:

*ପ୍ରତିଛବି 3.3: ଫୁଲବେଡ଼ା ଗ୍ରାମର ଗ୍ରାମସଭା ନିଷ୍ପତ୍ତି*



ଅଂଶ – 'ଖ' ଗ୍ରାମ ସଭା ପ୍ରସ୍ତାବ ନିମନ୍ତେ ଫର୍ମାଟ୍

(PART-B- FORMAT FOR GRAMA SABHA RESOLUTION)

(ନିୟମ ୧୭ ର ଉପ ନିୟମ (୬) ଦ୍ରଷ୍ଟବ୍ୟ)

ଆମ୍ଭେ କୋରାପୁଟ ଜିଲ୍ଲାର ଦଶମନ୍ତପୁର ତହସିଲ/ତାଲୁକାର ........ ପଞ୍ଚାୟତ ମଧ୍ୟରେ ଥିବା ........ଗ୍ରାମ ସଭାର ନିମ୍ନ ସ୍ୱାକ୍ଷରକାରୀ ସଦସ୍ୟମାନେ ଏହା ଉଲ୍ଲେଖ କରିବାକୁ ଚାହୁଁ ଯେ , ପ୍ରମାଣପତ୍ର, ପ୍ରଶାସନ ଏବଂ ଅଧିକାରୀଙ୍କ ଦ୍ୱାରା ଯୋଗାଯାଉଥିବା ତଥ୍ୟ ଉପରେ ପର୍ଯ୍ୟବେସିତ । ଯଦି ଏପରି ତଥ୍ୟ ଅସଂପୂର୍ଣ୍ଣ କିମ୍ବା ଅସଠିକ ହୋଇଥାଏ କିମ୍ବା ଯଦି କୌଣସି ସମ୍ମତିକୁ ଧମକ, ଚଞ୍ଚକତା କିମ୍ବା ଅଣ ପ୍ରତିନିଧିତ୍ୱ କରିଆରେ ଗ୍ରହଣ କରାଯାଇଥାଏ, ଏହା ଅସିଦ୍ଧ ଅଟେ ।ଏହାର ଭିତ୍ତି ଉପରେ, ଏହି ଗ୍ରାମ ସଭା ଏତତ୍ ଦ୍ୱାରା ପ୍ରମାଣ କରୁଛି ଯେ ..................ପ୍ରସ୍ତାବିତ ପ୍ରକଳ୍ପ ପ୍ରତି ଏହା ସମ୍ମତି ପ୍ରଦାନ କରୁଛୁ/ସମ୍ମତ ହେବା ନିମନ୍ତେ ପ୍ରତ୍ୟାଖାନ କରୁଛୁ, ଯାହା ନିମ୍ନ ଲିଖିତକୁ ଅନ୍ତର୍ଭୁକ୍ତ କରେ-

Ac. 15.81......ଏକର ଘରୋଇ ଜମିର ଅଧିଗ୍ରହଣ
ପ୍ରକଳ୍ପ ପ୍ରତି ..................ଏକର ସରକାରୀ ଜମିର ହସ୍ତାନ୍ତରଣ
ପ୍ରକଳ୍ପ ପ୍ରତି ..................ଏକର ଜଙ୍ଗଲ ଜମିର ହସ୍ତାନ୍ତର
ଆବଶ୍ୟକକାରୀ ସଂସ୍ଥା...........................ନିମ୍ନ ସମ୍ମତ ସାମାଜିକ ଲାଘବିକରଣ ପଦକ୍ଷେପ ଏବଂ କ୍ଷତିପୂରଣ , ଥଇଥାନ ଏବଂ ପୁନଃବସତି ଉପକାରର ସର୍ତ୍ତାବଳୀକୁ ସଂଯୋଗ କରାଯାଇଛି ।

ଗ୍ରାମ ସଭା, ଆହୁରି ମଧ୍ୟ ଉଲ୍ଲେଖ କରୁଛି ଯେ , କୌଣସି ସମ୍ମତ, ଏହାର ସମସ୍ତ ବାସିନ୍ଦାଙ୍କ ପ୍ରତି ନିୟନ୍ତ୍ରଣାଧିନ ଅଟେ, ଯେଉଁମାନେ ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ କିମ୍ବା ସାମ୍ପ୍ରଦାୟିକ ସତ୍ୱ ବହନ କରନ୍ତି, ଯାହାକୁ ସେମାନେ ଚାଷ କରୁଛନ୍ତି, ଯାହାକି ଯେ କୌଣସି ପ୍ରକାର ଜଙ୍ଗଲ ଦ୍ରବ୍ୟ ଉପରେ ଅଧିକାର ବହନ କରନ୍ତି (ଟିପ୍ପଣୀ- ଏହା ଏହି ଗ୍ରାମ ସଭା ଦ୍ୱାରା ପୃଥକ ଭାବେ ପ୍ରମାଣିତ କରାଯିବ) ।

ସରପଞ୍ଚ
ପାଇକଫୁଲବେଡ଼ା ଗ୍ରା.ପ.

ଗ୍ରାମ ସଭା ସଦସ୍ୟମାନଙ୍କର ତାରିଖ ଏବଂ ସ୍ୱାକ୍ଷର/ବୃଦ୍ଧାଙ୍ଗୁଳି ଚିହ୍ନ
ପ୍ରସ୍ତାବର ଗ୍ରହଣ ଉପରେ, ପଦବୀଯାତ, ଜିଲ୍ଲା ଅଧିକାରୀଙ୍କ ସ୍ୱାକ୍ଷର ଏବଂ ତାରିଖ



ଏହିପରି ଭାବରେ, ଅନେକ କ୍ଷେତ୍ରରେ ଜମି ଅଧିଗ୍ରହଣ ଦୃଷ୍ଟିକୋଣରୁ ଗ୍ରାମସଭା ନିଷ୍ପତ୍ତି ବୈଧ ନଥିଲା । ପ୍ରାଥମିକ ବିଜ୍ଞପ୍ତି ଜାରି କରିବା ପାଇଁ ଗ୍ରାମସଭାର ସମ୍ମତି ନପାଇବା ସମ୍ବନ୍ଧରେ ସଂପୃକ୍ତ ଏଲ୍ଏଓ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ପ୍ରଦାନ କରିନଥିଲେ ।

ଏହିପରି ଭାବରେ, ସମ୍ପୃକ୍ତ ଜିଏସ୍‌ର ସହମତି ପ୍ରାପ୍ତ ନକରି, କିମ୍ବା ସେମାନଙ୍କର ମତାମତକୁ ଅବମାନନା କରି, କିମ୍ବା ଆବଶ୍ୟକ କୋରମ୍ ବିନା ସେମାନଙ୍କ ସମ୍ମତି ହାସଲ କରି କିମ୍ବା ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେମାନଙ୍କ ସମ୍ମତି ହାସଲ କରି ଜମି ଅଧିଗ୍ରହଣ କରାଯାଇଥିଲା ।

***ସୁପାରିଶ 3.2: ଗ୍ରାମସଭା ଆୟୋଜନରେ ତ୍ରୁଟି ଯଥା, ଗ୍ରାମସଭା ପରିଚାଳନା ନକରି ଜମି ଅଧିଗ୍ରହଣ କରିବା, ଗ୍ରାମସଭାର ମତାମତ ପ୍ରାପ୍ତ ନକରିବା, ଜିଏସ୍‌ର ସହମତି ବିନା ଜମି ଅଧିଗ୍ରହଣ ଏବଂ ପ୍ରକଳ୍ପ ଗୁଡ଼ିକର ନାମ ପ୍ରକାଶ ନକରି ଗ୍ରାମସଭା ସଦସ୍ୟମାନଙ୍କର ଦସ୍ତଖତ ପ୍ରାପ୍ତ କରିବା ପାଇଁ ବିଭାଗ, ସଂପୃକ୍ତ ଅଧିକାରୀଙ୍କୁ ଉତ୍ତରଦାୟୀ କରିପାରନ୍ତି ।***

# ଅଧ୍ୟାୟ 4

# ବଜାର ମୂଲ୍ୟ ଆକଳନ ଏବଂ କ୍ଷତିପୂରଣ ଦେୟ

# ଅଧ୍ୟାୟ 4

## ବଜାର ମୂଲ୍ୟ ଆକଳନ ଏବଂ କ୍ଷତିପୂରଣ ପ୍ରଦାନ

ଜମି ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ବଜାର ମୂଲ୍ୟର ଆକଳନ ପ୍ରଣାଳୀ ଏବଂ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଆରଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, **2013** ରେ ବିଶେଷ ଭାବରେ ଦର୍ଶାଯାଇଛି । ତେବେ, ଜମିର ବଜାର ମୂଲ୍ୟ ଆକଳନ ସହିତ କ୍ଷତିପୂରଣ ପ୍ରଦାନରେ ଏହି ବ୍ୟବସ୍ଥାକୁ ପାଳନ କରାଯାଉ ନଥିବାର ଉଦାହରଣ ଦେଖିବାକୁ ମିଳିଛି । ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ ନିମ୍ନରେ ଦର୍ଶାଯାଇଛି:

- *ପରୀକ୍ଷା ଯାଞ୍ଚ ହୋଇଥିବା 203 ଟି ଜମି ଅଧିଗ୍ରହଣ ମାମଲା ମଧ୍ୟରୁ, ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା 74 (36 ପ୍ରତିଶତ) ମାମଲାରେ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଥିବା ଜମିର ବିକ୍ରୟ ତଥ୍ୟ ବଜାର ମୂଲ୍ୟ ନିର୍ଣ୍ଣୟ ପାଇଁ ମିଳିନଥିଲା । 43.48 ଏକର ଜମି ଅଧିଗ୍ରହଣ ସହିତ ଜଡ଼ିତ, ଛଅଟି ଅଧିଗ୍ରହଣ ମାମଲାରେ ଅଡିଟ୍ ଜମିର ମୂଲ୍ୟ 10.07 କୋଟି ଟଙ୍କା ଅବମୂଲ୍ୟାୟନ ଆକଳନ କରିଛି ।*

- *ଗୋଟିଏ ମାମଲାରେ ବେଞ୍ଚମାର୍କ ମୂଲ୍ୟ ଆଖପାଖ ଗାଁର ସମାନ ଶ୍ରେଣୀର ଜମିର ହାରାହାରି ବିକ୍ରି ମୂଲ୍ୟ ଠାରୁ ଅଧିକ ହୋଇଥିଲେ ମଧ୍ୟ ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିଚାର କରାଯାଇ ନଥିଲା । ଫଳରେ କ୍ଷତିପୂରଣ ରାଶିକୁ 5.27 କୋଟି ଟଙ୍କା କମ୍ ଆକଳନ କରାଯାଇଥିଲା ।*

- *ଘରୋଇ ସଂସ୍ଥା ପାଇଁ ଜମି ଅଧିଗ୍ରହଣ ପାଇଁ ଜମି ମାଲିକଙ୍କ ଦ୍ୱାରା ସହମତି କ୍ଷତିପୂରଣ ରାଶି ମିଳିପାରି ନଥିଲା । ଏତଦ୍‌ବ୍ୟତୀତ, ଜମିର ମୂଲ୍ୟ ନିର୍ଦ୍ଧାରଣ ଅନୁଚିତ୍ ଢଙ୍ଗରେ କରାଯାଇଥିଲା, ଯାହାଫଳରେ, କ୍ଷତିପୂରଣ ବାବଦକୁ 63.76 କୋଟି ଟଙ୍କା କମ୍ ପ୍ରଦାନ କରାଯାଇଥିଲା ।*

- *ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଅତିରିକ୍ତ ବଜାର ମୂଲ୍ୟର ଗଣନା କରାଯାଇ ନଥିଲା, ଯାହାଫଳରେ 120 ମାମଲାରେ 1061.109 ଏକର ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ବାବଦରେ 4.03 କୋଟି ଟଙ୍କା କମ୍ କରାଯାଇଥିଲା ।*

- *3,055.583 ଏକର ଜମି ଅଧିଗ୍ରହଣ ଜଡ଼ିତ 179 ଟି ମାମଲାରେ ଜମି ରେକର୍ଡ ସଂଶୋଧନ ନ ହେବା କାରଣରୁ 120.94 କୋଟି ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ପାରି ନଥିଲା ।*

- *114 ଟି ଜମି ଅଧିଗ୍ରହଣ ମାମଲାରେ 2,449.594 ଏକର ଜମିକୁ 83 ପ୍ରତିଶତ କ୍ଷତିପୂରଣ ଦେବା ପରେ ଭୌତିକ ରୂପେ ଦଖଲକୁ ନିଆଯାଇଥିଲା, ଯଦିଓ ଏହି ଜମିର ଭୌତିକ ଦଖଲ ନେବା ପାଇଁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯିବାର ଥିଲା ।*

- *ସରକାର 57.453 ଏକର ଜମିକୁ କୌଣସି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ନକରି ଏବଂ ଆଇନଗତ ବ୍ୟବସ୍ଥାକୁ ଅଣଦେଖା କରି ତଥା କ୍ଷତିପୂରଣ ବାବଦରେ କୌଣସି ଅର୍ଥ ପ୍ରଦାନ ନକରି ଅଧିକାରକୁ ନେଇଥିଲେ ।*


## 4.1 ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ

ଉପଯୁକ୍ତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣ ପୁନର୍ବାସ ଏବଂ ପୁନଃଥଇଥାନ ହେବାର ଫେବୃଆରୀ 2014 ର ଆରଡିଏମ୍ ନିର୍ଦ୍ଦେଶ ସହିତ ପଠିତ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 26 ଅନୁଯାୟୀ, ଜିଲ୍ଲାପାଳମାନେ, ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ଓ ଆକଳନ କରିବାରେ ନିମ୍ନରେ ଥିବା ସବୁଠାରୁ ଅଧିକ ମୂଲ୍ୟକୁ ଗ୍ରହଣ କରିବା ଆବଶ୍ୟକ ଥିଲା:

- ଜମି ଥିବା ଅଞ୍ଚଳରେ ବିକ୍ରୟ ଦଲିଲ ବା ବିକ୍ରୟ ରାଜିନାମା ପଞ୍ଜିକରଣ ପାଇଁ, ଭାରତୀୟ ଷ୍ଟାମ୍ପ ଆଇନ, 1899 ରେ ନିର୍ଦ୍ଧାରିତ ବଜାର ମୂଲ୍ୟ କିମ୍ବା ଅନୁମୋଦିତ ବେଞ୍ଚ ମାର୍କ ମୂଲ୍ୟ[26] (ବିଏମଭି) ଅନୁସାରେ ଜମିର ବଜାର ମୂଲ୍ୟ ଯାହା ବି ଅଧିକ ହେବ କିମ୍ବା
- ଗତ ତିନି ବର୍ଷ ମଧ୍ୟରେ, ନିକଟତମ ଗ୍ରାମ କିମ୍ବା ନିକଟତମ ଆଖପାଖରେ ଅବସ୍ଥିତ ସମାନ ପ୍ରକାର ଜମି ପାଇଁ ହାରାହାରି ବିକ୍ରୟ ମୂଲ୍ୟ କିମ୍ବା
- ଧାରା 2 ର ଉପଧାରା (2) ଅନୁଯାୟୀ, ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ମାମଲାରେ, ଅତି କମରେ 80 ପ୍ରତିଶତ ପ୍ରଭାବିତ ପରିବାର , ସେମାନଙ୍କ ଜମି ଅଧିଗ୍ରହଣ ପାଇଁ ସମ୍ମତି ଦେବା ଦରକାର ଏବଂ ସେମାନଙ୍କ ଠାରୁ କ୍ଷତିପୂରଣ ରାଶି ପାଇଁ ମଧ୍ୟ ସହମତି ନେବା ଦରକାର ।

ଜମି ମାଲିକ ଜମିର ବଜାର ମୂଲ୍ୟ ବ୍ୟତୀତ, ଜମି ସହିତ ସଂଲଗ୍ନ[27] ସଂପତ୍ତିର ମୂଲ୍ୟ ବାବଦରେ ଗୁଣନ କାରକ[28] ପାଇଁ ବିଜ୍ଞପ୍ତି ଜାରି ହେବା ପର ଠାରୁ କ୍ଷତିପୂରଣ ପ୍ରଦାନ କରିବା ତାରିଖ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ଅବଧି ପାଇଁ, ବାର୍ଷିକ 12 ପ୍ରତିଶତ ହାରରେ ସୋଲାଟିୟମ୍[29] ଏବଂ ଅତିରିକ୍ତ ବଜାର ମୂଲ୍ୟ ପାଇବାକୁ ହକ୍‌ଦାର । ବଜାର ମୂଲ୍ୟର ଆକଳନ ଏବଂ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ **ଚର୍ଟ 4.1** ରେ ଦର୍ଶାଯାଇଛି ।

***ଚାର୍ଟ 4.1: ଜମିର ବଜାର ମୂଲ୍ୟର ନିର୍ଦ୍ଧାରଣ ପ୍ରକ୍ରିୟା***




26 ଓଡ଼ିଶା ଷ୍ଟାମ୍ପ ନିୟମ 1952 ଅନୁଯାୟୀ ସରକାର ଦ୍ୱାରା ନିର୍ଦ୍ଧାରିତ ଫ୍ଲୋର ପ୍ରାଇସ୍ ସମୟ ସମୟରେ ସଂଶୋଧିତ । ଏହାକୁ ସରକାର ପ୍ରତି ଦୁଇ ବର୍ଷରେ ଥରେ ସଂଶୋଧନ କରିଛନ୍ତି

27 ଜମିରେ ଠିଆ ହୋଇଥିବା ଗଛ, କୂପ , ଢାଞ୍ଚା ଆଦିର ମୂଲ୍ୟ

28 ନିକଟସ୍ଥ ସହରାଞ୍ଚଳ ଠାରୁ ଦୂରତାକୁ ବିଚାରକୁ ନେଇ ବଜାର ମଲ୍ୟକୁ ଏକ ରୁ ଦୁଇ ପର୍ଯ୍ୟନ୍ତ ଏକକାର ପର୍ଯ୍ୟନ୍ତ ଗୁଡ଼ିକ ଗୁଣିତ ହୋଇଥାଏ

29 କ୍ଷତିପୂରଣ ଦେବାକୁ ନିର୍ଦ୍ଧାରଣ କରିବା ପରେ ଅନ୍ତିମ ପୁରସ୍କାରରେ ପହଞ୍ଚିବା ପାଇଁ କ୍ଷତିପୂରଣ ରାଶିର 100 ପ୍ରତିଶତର ସମାନ ଏକ ସୋଲାଟିୟମ୍ ଯୋଡ଼ାଯାଏ

ଅଡିଟ୍ 6ଟି ପରୀକ୍ଷାମୂଳକ ଜିଲ୍ଲାରେ 3,190.068 ଏକର ଜମି ଅଧିଗ୍ରହଣ ସମ୍ବନ୍ଧିତ 203 ଏଲ.ଏ ମାମଲାରେ କ୍ଷତିପୂରଣ ରାଶିକୁ ଯାଞ୍ଚ କରିଥିଲା ଏବଂ ଜମିର ମୁଲ୍ୟାଙ୍କନରେ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯାହା ନିମ୍ନରେ ସାରଣୀଭୁକ୍ତ:

***ସାରଣୀ 4.1: ପରୀକ୍ଷା ଯାଞ୍ଚ କରାଯାଇଥିବା ଏଲ୍.ଏ ମାମଲା ଗୁଡିକରେ ବଜାର ମୂଲ୍ୟ ଆକଳନର ସମୀକ୍ଷା***

| ଜିଲ୍ଲା | ପାସ୍ ହୋଇଥିବା କ୍ଷତିପୂରଣ ରାଶି (ନଂ/ ଜମି ଏକରରେ) | ମାମଲା ସଂଖ୍ୟା, ଯେଉଁଠି ସଂଲଗ୍ନ ଗ୍ରାମର ବିକ୍ରି ତଥ୍ୟକୁ ବିଚାରକୁ ନିଆଯାଇ ନଥିଲା | ବିଏମ୍‌ଭି ଠାରୁ କମ୍ କ୍ଷତିପୂରଣ ରାଶି ଥିବା ମାମଲା ସଂଖ୍ୟା | କ୍ଷତିପୂରଣ ରାଶିର ସହମତି ପ୍ରାପ୍ତ ନକରି ସମାଧାନ ହୋଇଥିବା ମାମଲାର ସଂଖ୍ୟା | କ୍ଷତିପୂରଣ ବଜାର ମୂଲ୍ୟର କମ୍ ନିର୍ଦ୍ଧାରଣ ହୋଇଥିବା ମାମଲା ସଂଖ୍ୟା |
|---|---|---|---|---|---|
| କଳାହାଣ୍ଡି | 8/125.64 | - | - | 3 | - |
| କେଉଁଝର | 45/561.878 | 4 | - | - | 44 |
| କୋରାପୁଟ | 41/210.00 | 2 | - | - | - |
| ମୟୁରଭଞ୍ଜ | 37/1527.35 | - | - | - | 7 |
| ନବରଙ୍ଗପୁର | 1/0.74 | - | - | - | - |
| ସୁନ୍ଦରଗଡ଼ | 71/764.46 | 68 | 1 | 2 | 69 |
| ମୋଟ | **203/3,190.068** | **74** | **1** | **5** | **120** |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍ଏଓ/ ଏସ୍ଏଲଓ କାର୍ଯ୍ୟାଳୟ ଗୁଡ଼ିକର ରେକର୍ଡ)***

ଜମି ମାଲିକମାନଙ୍କୁ ଦିଆଯିବାକୁ ଥିବା କ୍ଷତିପୁରଣର ପରିମାଣ ନିର୍ଣ୍ଣୟ କରିବା ପାଇଁ ଏସଏଲଏଓ/ ଏଲଏଓ ମାନଙ୍କ ଦ୍ୱାରା ଆର୍ଏଫ୍‌ସିଟିଏଲଏଆର୍ଆର୍ ଅଧିନିୟମ, 2013 ର ଧାରା 26 ର ଉଲଂଘନ ହୋଇଥିବାର ଉଦାହରଣ, ଅଡିଟ୍ ତନଖି ହୋଇଥିବା 203ଟି ଏଲଏ ମାମଲାଗୁଡିକରେ ଜଣାଗଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 4.1.1 ନିକଟବର୍ତ୍ତୀ ଗ୍ରାମଗୁଡିକର ବିକ୍ରି ତଥ୍ୟକୁ ଅଣଦେଖା କରି ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ

ଆରଏଫ୍‌ସିଟିଏଲ୍ଏଆର୍ଆର୍, ଅଧିନିୟମ 2013 ର ଧାରା 26 ଅନୁଯାୟୀ ବିଏମ୍‌ଭି ସହିତ ତୁଳନା କରିବା ପାଇଁ ନିକଟବର୍ତ୍ତୀ ଗ୍ରାମ କିମ୍ବା ନିକଟସ୍ଥ ଅଞ୍ଚଳରେ ଅବସ୍ଥିତ ସମାନ ପ୍ରକାର ଜମି ପାଇଁ ହାରାହାରି ବିକ୍ରୟ ମୂଲ୍ୟ ସଂଗ୍ରହ କରିବାକୁ ହେବ ଏବଂ ଏ ଦୁଇଟି ମଧ୍ୟରେ ସବୁଠାରୁ ଅଧିକକୁ କ୍ଷତିପୂରଣ ହାର ହିସାବରେ ନିଆଯିବ । ଯାଞ୍ଚ ହୋଇଥିବା ତିନୋଟି ଜିଲ୍ଲାରେ (କେଉଁଝର, ସୁନ୍ଦରଗଡ ଓ କୋରାପୁଟ) ଚାରିଗୋଟି ଏଲଏଓ/ ଏସ୍ଏଲଏଓ[30] ଦ୍ୱାରା ହୋଇଥିବା 753.14 ଏକର ଜମି ଅଧିଗ୍ରହଣରେ, ଜମିର ବଜାର ମୂଲ୍ୟ ଆକଳନ ସମୟରେ ଆଖପାଖ ଗାଁରେ ବିକ୍ରି ତଥ୍ୟଗୁଡିକୁ ହାସଲ/ ବିଚାରକୁ ନିଆଯାଇନଥିଲା । ଅଡିଟ୍ ଅବଲୋକନ କଲା ଯେ:

- 1.23 ଏକର ଜମି ଅଧିଗ୍ରହଣରେ ଚାରିଟି ଏଲ୍ଏ ମାମଲାରେ, କେଉଁଝର ଏଲ୍ଏଓ କେବଳ ବିଏମ୍‌ଭିକୁ ହିସାବକୁ ନେଇ ଏକର ପିଛା ଜମିର ବଜାର ମୂଲ୍ୟ 3.63 ଲକ୍ଷ ଟଙ୍କାରୁ 2.10 ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲେ । ଏଲ୍ଏଓ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଥିବା ସମାନ ପ୍ରକାର ଜମିର ହାରାହାରି ବିକ୍ରି ମୂଲ୍ୟକୁ ଯାହାର ମୂଲ୍ୟ ଏକର ପିଛା 20 ଲକ୍ଷ ଟଙ୍କାରୁ 2.13 କୋଟି ଟଙ୍କା ଅର୍ଥାତ୍ ବିଏମ୍‌ଭି ଠାରୁ ଅଧିକ ଥିଲା, ବିଚାରକୁ ନେଇ ନଥିଲେ । ଫଳରେ ସଂପୃକ୍ତ ଜମି ମାଲିକଙ୍କୁ କ୍ଷତିପୂରଣ ବାବଦରେ 36.55 ଲକ୍ଷ ଟଙ୍କା କମ୍ ଦିଆଯାଇ ଥିଲା । ଏହା ଅଡ଼ିଟ୍ (ଡିସେମ୍ବର 2022) ରେ ଜଣାପଡ଼ିଲା ପରେ ଏଲ୍ଏଓ ଜମିର ବଜାର ମୂଲ୍ୟ ହାରାହାରି ବିକ୍ରି ମୂଲ୍ୟ ଅନୁସାରେ ସଂଶୋଧନ (ଜାନୁଆରୀ 2023) କରିଥିଲେ ।
- ଟିବିଆର୍ଏଲ୍‌ପି ପାଇଁ 29 ଏଲଏ ମାମଲାରେ 247.64 ଏକର ଜମି ଅଧିଗ୍ରହଣରେ ଏସ୍ଏଲ୍ଏଓ, ଟିବିଆର୍ଏଲ୍‌ପି କେବଳ ସଂପୃକ୍ତ ଗ୍ରାମଗୁଡିକରେ ପୂର୍ବ ତିନି ବର୍ଷରେ ଜମିର ହାରାହାରି ବିକ୍ରି ମୂଲ୍ୟକୁ ଅଧାର କରି ଏବଂ ସଂଲଗ୍ନ ଗ୍ରାମଗୁଡିକରେ ହାରାହାରି ବିକ୍ରି ମୂଲ୍ୟକୁ ଅଣଦେଖା କରି ଜମିର ବଜାର

[30] ଏଲ୍ଏଓ, କେନ୍ଦୁଝର: 4 ଟି ମାମଲା, 1.23 ଏକର; ଏଲ୍ଏଓ, କୋରାପୁଟ :2 ଟି ମାମଲା, 14.31 ଏକର; ଏଲ୍ଏଓ, ସୁନ୍ଦରଗଡ଼:39 ଟି ମାମଲା, 489.96 ଏକର ଏବଂ ଏସ୍ଏଲ୍ଏଓ, ଟିବିଆର୍ଏଲ୍‌ପି: 29 ଟି ମାମଲା, 247.64 ଏକର

ମୂଲ୍ୟ ନିର୍ଦ୍ଧାରଣ କରିଥିଲେ । ଅଡିଟ୍ 5 ଟି ଏଲ ଏ ମାମଲାରେ 43.48 ଏକର ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣକୁ ବିଶ୍ଳେଷଣ କରି ଦେଖିଲେ ଯେ, ଜମିର ବଜାର ମୂଲ୍ୟ ଏକର ପିଛା 1.10 ଲକ୍ଷ ଟଙ୍କାରୁ 1.75 ଲକ୍ଷ ଟଙ୍କା ଅର୍ଥାତ୍ ବିଏମଭି ସହ ସମାନ । ଏହି ଅନୁସାରେ କ୍ଷତିପୂରଣ ବାବଦକୁ 2.73 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେବେ, ଆଖପାଖ ଗାଁରେ ହାରାହାରି ବିକ୍ରି ମୂଲ୍ୟ ଏକର ପିଛା 1.60 ଲକ୍ଷ ଟଙ୍କାରୁ 18.10 ଲକ୍ଷ ଟଙ୍କା ମଧ୍ୟରେ ଥିଲା, ଯାହା ଆଧାରରେ କ୍ଷତିପୂରଣ ରାଶି 12.80 କୋଟି ଟଙ୍କା ହୋଇଥିଲା । ଏହିପରି ସେଠାରେ 10.07 କୋଟି ଟଙ୍କାର କ୍ଷତିପୂରଣ କମ୍ ନିର୍ଦ୍ଧାରଣ କରାଯାଇଥିଲା । କିଛି ଗ୍ରାମବାସୀ ବଜାର ମୂଲ୍ୟ କମ୍ ଦରରେ ନିର୍ଦ୍ଧାରଣ ହୋଇଥିବା ଅଭିଯୋଗ କରି ପ୍ରଦାନ କରାଯାଇଥିବା ଟଙ୍କାକୁ ନେବା ପାଇଁ ମନାକରିଦେଇଥିଲେ । ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ[31] ଅଧ୍ୟକ୍ଷତାରେ ଗଠିତ ଏକ ଜିଲ୍ଲାସ୍ତରୀୟ କମିଟି କମ୍ ଭାଲ୍ୟୁଏସନ୍ ପ୍ରସଙ୍ଗକୁ ଅନୁଧ୍ୟାନ କରି କ୍ଷତିପୂରଣ ରାଶିକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏପରିକି ଜିଲ୍ଲାସ୍ତରୀୟ କମିଟି ସମ୍ପୂର୍ଣ୍ଣ 247.64 ଏକର ପାଇଁ କ୍ଷତିପୂରଣ ରାଶିକୁ ଏକର ପିଛା 5.33 ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ ମଧ୍ୟ ଏହାକୁ ଆର୍‌ଡିଏମ୍ ବିଭାଗ ଅନୁମୋଦନ କରିନଥିଲା । ନିର୍ଦ୍ଧାରିତ ପ୍ରକ୍ରିୟାରୁ ବିଚ୍ୟୁତ୍ ହୋଇ ଏବଂ ଏହାର ପରବର୍ତ୍ତୀ ବୃଦ୍ଧି, ତା ସହିତ ବର୍ଦ୍ଧିତ ରାଶିକୁ ପ୍ରତ୍ୟାଖ୍ୟାନ କରି ବଜାର ମୂଲ୍ୟ ନିର୍ଦ୍ଧାରଣ, ବଜାର ମୂଲ୍ୟ ନିର୍ଦ୍ଧାରଣରେ ମନମାନିର ପରିଚାୟକ ଥିଲା ।

ଏହାର ଉତ୍ତରରେ ଏସ୍‌ଏଲଏଓ, ଟିବିଆର୍‌ଏଲ୍‌ପି ଦର୍ଶାଇଲେ ଯେ ସଂଲଗ୍ନ ଗ୍ରାମ ଗୁଡ଼ିକର ବିକ୍ରି ତଥ୍ୟକୁ ଜମିର ବଜାର ଦର ନିର୍ଦ୍ଧାରଣ ପାଇଁ ବିଚାର କରାଯାଇପାରିଥାନ୍ତା । ତେବେ ପ୍ରକୃତ କଥା ହେଲା ତ୍ରୁଟି ସ୍ୱୀକାର କରିବା ସତ୍ତ୍ୱେ, ଏସ୍‌ଏଲ୍‌ଏଓ ବଜାର ମୂଲ୍ୟ ସଂଶୋଧନ କରିନଥିଲେ । ସେହି ସମୟରେ ଅଡିଟରେ ଏହା ଦର୍ଶାଇବା ପରେ ଏଲ୍‌ଏଓ, କେଉଁଝର ବଜାର ମୂଲ୍ୟକୁ ଠିକ୍ କରିଥିଲେ ।

- ସୁନ୍ଦରଗଡ଼ (39 ଟି ମାମଲା) ଏବଂ କୋରାପୁଟ (ଦୁଇଟି ମାମଲା) ଜିଲ୍ଲା ସମ୍ବନ୍ଧିତ ଅନ୍ୟ 41 ଟି ଏଲ୍‌ଏ ମାମଲାରେ 504.27[32] ଏକର ଜମି ଅଧିଗ୍ରହଣରେ ଆଖପାଖ ଗ୍ରାମର ବିକ୍ରି ତଥ୍ୟ ପ୍ରାପ୍ତ କରାଯାଇ ନଥିଲା । ଏଭଳି ତଥ୍ୟର ଅନୁପସ୍ଥିତିରେ ଅଡିଟ୍ ସଂପୃକ୍ତ ଏଲ୍‌ଏଓ ମାନଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ରାଶିର ସଠିକତା ସମ୍ମତି ପ୍ରଦାନ କରିପାରି ନଥିଲା ।

  ଜିଲ୍ଲାପାଳ, କୋରାପୁଟ କହିଥିଲେ ଯେ, ଭବିଷ୍ୟତର ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗୁରୁତ୍ୱ ଉଲ୍ଲେଖ କରାଗଲା ।

### 4.1.2 ବିଏମ୍‌ଭି ଠାରୁ କମ୍ ବଜାର ମୂଲ୍ୟ ନିର୍ଦ୍ଧାରଣ

ଏନ୍‌ଟିପିସି ଲମିଟେଡର ସୁପର ଥର୍ମାଲ୍ ପାୱାର ପ୍ରକଳ୍ପ ପାଇଁ 16.72 ଏକର ଜମି ଅଧିଗ୍ରହଣରେ ଏଲ୍‌ଏଓ, ସୁନ୍ଦରଗଡ଼ ଏକର ପିଛା ହାରାହାରି ବିକ୍ରି ମୂଲ୍ୟରେ ବଜାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ, ଯାହା ବିଏମ୍‌ଭି ଠାରୁ କମ୍ ଥିଲା, ଯାହା **ସାରଣୀ 4.2** ରେ ବର୍ଣ୍ଣନା ଉଲ୍ଲେଖ କରାଯାଇଛି ।

***ସାରଣୀ 4.2: ବର୍ଗ ଅନୁସାରେ ଜମି ମୂଲ୍ୟ***

| ଭୂମିର ଶ୍ରେଣୀ[33] | ହାରାହାରି ବିକ୍ରି ମୂଲ୍ୟ | ବିଏମ୍‌ଭି ଅନୁସାରେ | ଆନ ମଲ୍ୟାୟନ |
|---|---|---|---|
| | *(ଏକର ପିଛା ଟଙ୍କା ଲକ୍ଷରେ)* | | |
| ମାଲ ସାଧାରଣ | 16.73 | 32.00 | 15.27 |
| ଗୋଡ଼ା II | 16.25 | 32.00 | 15.75 |
| ଘର ବାଡ଼ି | 25.50 | 30.25 | 4.75 |

***(ଉତ୍ସ: ଏଲ୍‌ଏଓ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟର ରେକର୍ଡ)***

31 ଅନ୍ୟ ସଦସ୍ୟମାନେ ହେଲେ ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼, ଉପଜିଲ୍ଲାପାଳ, ବଣାଇ, ଏଲ୍‌ଏଓ, ସୁନ୍ଦରଗଡ଼: କୋଲରାର ତହସିଲଦାର, ଲହୁଣିପଡ଼ା, ବୋଣାଇ ଏବଂ ଏଲ୍‌ଏଓ, ଟିବିଆର୍‌ଏଲ୍‌ପି

32 ସୁନ୍ଦରଗଡ଼: 39 ଏଲ୍‌ଏ ମାମଲାରେ 489.96 ଏକର ଏବଂ କୋରାପୁଟ: 2 ଏଲ୍‌ଏ ମାମଲାରେ 14.31 ଏକର

33 ମାଳ ସାଧାରଣ ଏବଂ ଗୋଡ଼ା II ବର୍ଗର ଜମି କୃଷି ଜମିକୁ ଦର୍ଶାଉଥିବା ବେଳେ ଘରବାଡ଼ି ଜମି ଘର ଓ ଏହାର ଆଖପାଖ ଜମିକୁ ଦର୍ଶାଉଛି

**ସାରଣୀ 4.2** ରୁ ଦେଖାଗଲା ଯେ ଆରଏଫ୍‌ସିଟିଏଲ୍ଏଆର୍‌ଆର୍, ଅଧିନିୟମ 2013 ର ଧାରା 26 ର ବ୍ୟବସ୍ଥାକୁ ବିରୋଧ କରି ଏଲ୍ଏଓ ଅନୁରୂପ ବିଏମ୍‌ଭି ଠାରୁ କମ୍ ବଜାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ । ଫଳରେ ଜମି ମାଲିକଙ୍କୁ କ୍ଷତିପୁରଣ ବାବଦକୁ 5.27 କୋଟି ଟଙ୍କା କମ୍ ପ୍ରଦାନ କରାଯାଇଥିଲା । ଏଲ୍ଏଓ, ସୁନ୍ଦରଗଡ଼ଙ୍କ ଉତ୍ତର ପ୍ରାପ୍ତ ହୋଇନଥିଲା (ଜାନୁଆରୀ 2023 ସୁଦ୍ଧା) ।

***ସୁପାରିଶ 4.1: ଅଧିଗ୍ରହଣ ପାଇଁ ବିଜ୍ଞାପିତ ହୋଇଥିବା ଜମିର ମୂଲ୍ୟ ଆରଏଫ୍‌ସିଟିଏଲ୍ଏଆର୍‌ଆର୍ ଅଧିନିୟମ, 2013 ର ଧାରା 26 ଅନୁଯାୟୀ ଆଖପାଖ ଗ୍ରାମରେ ହାରାହାରି ବିକ୍ରି ମୂଲ୍ୟ ଏବଂ ପରିଚାଳିତ ବେଞ୍ଚମାର୍କ ମୂଲ୍ୟକୁ ଦୃଷ୍ଟିରେ ରଖି କରାଯିବା ଉଚିତ୍ ।***

### *4.1.3 କ୍ଷତିପୂରଣ ରାଶି ଉପରେ ଜମି ମାଲିକଙ୍କ ସହମତି ନ ନେଇ ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ*

ଆରଏଫ୍‌ସିଟିଏଲ୍ଏଆର୍‌ଆର୍, ଅଧିନିୟମ, 2013 ର ଧାରା 26 (3) (a) ରେ ଅନ୍ୟାନ୍ୟ ସହିତ ଏହା ମଧ୍ୟ ବ୍ୟବସ୍ଥା ରହିଛି ଯେ, ଯେଉଁଠାରେ ଜମିର ବଜାର ମୂଲ୍ୟ ଏହି କାରଣରୁ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ଯେ ଜମିର କାରବାର ଅନ୍ୟ କୌଣସି ଅନ୍ୟ ଆଇନ୍ ଦ୍ୱାରା କିମ୍ବା ଏହା ଅଧିନରେ ପ୍ରତିବନ୍ଧିତ, ରାଜ୍ୟ ସରକାର ଉକ୍ତ ଜମିର ୟୁନିଟ୍ ଏରିଆ ପିଛା ଫ୍ଲୋର୍ ମୂଲ୍ୟ କିମ୍ବା ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରିବେ । ଘରୋଇ କମ୍ପାନୀଙ୍କ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ ମଧ୍ୟ ଏହି ଆଇନରେ ବ୍ୟବସ୍ଥା ରହିଛି ଯେ ଜମିର ବଜାର ମୂଲ୍ୟ ସହମତି ଅନୁଯାୟୀ ହେବ । ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନସ୍ଥ ଆଦି ପରିଲକ୍ଷିତ କରିଛି:

#### *4.1.3.1 ମେସର୍ସ ବେଦାନ୍ତ ଲିମିଟେଡ ପାଇଁ ଅଧିଗୃହୀତ ଜମିର ଅବମୂଲ୍ୟାୟନ*

ଓଡିଶା ଶିଳ୍ପ ବିତ୍ତିଭୂମି ବିକାଶ ନିଗମ (ଆଇଡିସିଓ), ଏକ ଘରୋଇ କମ୍ପାନୀ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଯେମିତିକି ବେଦାନ୍ତ ଲିମିଟେଡ୍ (ବେଦାନ୍ତ), କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ତହସିଲ ଅଧିନରେ ତିନିଟି ଗାଁରେ[34] 117.98 ଏକର ଘରୋଇ ଜମି ଅଧରଗ୍ରହଣ ପାଇଁ ଆବେଦନ (ଜାନୁଆରୀ 2013 ) କରିଥିଲା । ଏହି ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଜମିରେ 7.92 ଏକର ବାସଗୃହ ଜମି ଏବଂ 110.06 ଏକର ଅଣ ବାସଗୃହ ଜମି[35] ରହିଥିଲା । ଆରଡିଏମ୍ ବିଭାଗ ଡିସେମ୍ବର 2013 ରେ ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲା ।

ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଏଲ୍ଏଓ କେବଳ ନିକଟବର୍ତ୍ତୀ 14ଟି ଗ୍ରାମରୁ 3ଟି ଗ୍ରାମର ବିକ୍ରି ପରିସଂଖ୍ୟାନ ସଂଗ୍ରହ କରିପାରିଥିଲା, କାରଣ ଅନ୍ୟ ଗ୍ରାମରେ ବିକ୍ରି କାରବାର ହୋଇନଥିଲା । ସେହି ଅନୁଯାୟୀ ବିଏମଭି ତୁଳନାରେ ହାରାହାରି ବିକ୍ରି ମୂଲ୍ୟ ଅଧିକ ଥିବା ଆଧାରରେ ବାସଗୃହ ଜମିର ବଜାର ମୂଲ୍ୟ ଏକର ପିଛା 32.69 ଲକ୍ଷ ଟଙ୍କା ଓ ଅଣ ବାସଗୃହ ଜମିର ବଜାର ମୂଲ୍ୟ 2 ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ନଭେମ୍ବର 2016 ରୁ ମାର୍ଚ୍ଚ 2017 ମଧ୍ୟରେ 110.06 ଏକର ଜମି ପାଇଁ 9.86 କୋଟି ଟଙ୍କାର କ୍ଷତିପୂରଣ ପୁରସ୍କାର ଜାରି କରାଯାଇଥିଲା । ଦୁଇଟି ଗ୍ରାମ (ବନ୍ଧାଗୁଡା ଓ ରେଂଗୋପାଲି) ରେ ଜମିର ଦଖଲ ଆଇଡିସିଓକୁ ହସ୍ତାନ୍ତର (ମାର୍ଚ୍ଚ 2018) କରାଯାଇଥିଲା, ଯେତେବେଳେ କୋଠଦୁଆର ଗ୍ରାମ ସମ୍ବନ୍ଧରେ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଜାରି ରହିଥିଲା (ନଭେମ୍ବର 2022 ସୁଦ୍ଧା ) ।

ଅଡିଟ୍ ଅବଲୋକନ କଲା ଯେ:

- ଲାଞ୍ଜିଗଡ ତହସିଲ ଅଧୀନରେ ଥିବା 29ଟି ଗ୍ରାମ (ଉପରେ ଉଲ୍ଲେଖିତ 3ଟି ଗ୍ରାମ ସମେତ) ରେ ଜୁଲାଇ 2002[36] ଓ ମାର୍ଚ୍ଚ 2004[37] ରେ ଲାଗୁ ହୋଇଥିବା ଜମି ବିକ୍ରି ଉପରେ କଳାହାଣ୍ଡି ଜିଲ୍ଲାପାଳ କଟକଣା

[34] (i) ଗ୍ରାମ କୋଠଦୁଆର: ଏଲ୍ଏ ମାମଲା ସଂଖ୍ୟା. 03/2013, ଅଞ୍ଚଳ: 4.97 ଏକର; (ii) ଗ୍ରାମ ରେଙ୍ଗୋପାଲି: ଏଲ୍ଏ ମାମଲା ସଂଖ୍ୟା.04/2013, ଅଞ୍ଚଳ: 107.35 ଏକର ଏବଂ (iii) ଗ୍ରାମ ବନ୍ଧଗୁଡ଼ା: ଏଲ୍ଏ ମାମଲା ସଂଖ୍ୟା. 05/2013, ଅଞ୍ଚଳ: 5.66 ଏକର

[35] ଗୃହୋପଯୋଗୀ ଜମି: ଗୃହ ସ୍ଥଳ; ଅଣ ଗୃହୋପଯୋଗୀ ଜମି: କୃଷି ଏବଂ ଗୃହୋପଯୋଗୀ ବ୍ୟତୀତ ଅନ୍ୟାନ୍ୟ ଜମି

[36] କୋଠଦୁଆର ଏବଂ ବନ୍ଧଗୁଡ଼ା ସହିତ 12 ଗ୍ରାମ

[37] କୋଠଦୁଆର ଏବଂ ରେଙ୍ଗାପାଲି ସହିତ 18 ଗ୍ରାମ ରେଙ୍ଗାପାଲି (କୋଠଦୁଆର ଗ୍ରାମ ଯାହା ଉଭୟ ନିର୍ଦ୍ଦେଶନାମାରେ ଦୋହରାଯାଇଛି)

ଜାରି କରିଥିଲେ, ଯାହା (ନଭେମ୍ବର 2022 ପର୍ଯ୍ୟନ୍ତ) ଲାଗୁଥିଲା । ଏପରି ପ୍ରତିବନ୍ଧକ ଲଗାଇବାର କାରଣ ଥିଲା ଯେ , ମେସର୍ସ ବେଦାନ୍ତ ଦ୍ୱାରା ଶିଳ୍ପ ସୁବିଧାର ଅଧିକ ସଂପ୍ରସାରଣ ହେଲେ , ଏହି ଗ୍ରାମଗୁଡିକର ଜମିକୁ ଏହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ । ଏହି ପ୍ରତିବନ୍ଧକ ଯୋଗୁଁ ଏହି 3ଟି ଗ୍ରାମରେ ମାତ୍ର 11 ଟି ବିକ୍ରି କାରବାର ହୋଇଥିଲା । ବିକ୍ରି କାରବାରର ନଗଣ୍ୟ ସଂଖ୍ୟାକୁ ଦୃଷ୍ଟିରେ ରଖି ବିକ୍ରି ତଥ୍ୟ ଅଧାରରେ କରାଯାଇଥିବା ମୂଲ୍ୟାୟନ ପ୍ରକୃତରେ ଜମିର ବଜାର ମୂଲ୍ୟର ପ୍ରତିନିଧି ନଥିଲା ।

- ଏହି ପରିପ୍ରକ୍ଷୀରେ, ଓଡିଶା ସରକାରଙ୍କ ଉପରେ 2011 ମାର୍ଚ୍ଚରେ ଶେଷ ହୋଇଥିବା ଭାରତୀୟ ମହାଲେଖା ନିୟନ୍ତ୍ରକ (ସିଭିଲ୍) ରିପୋର୍ଟରେ ଅନୁଚ୍ଛେଦ 2.1.3.9 ମାଧ୍ୟମରେ ଏକ ମନ୍ତବ୍ୟ ଦିଆଯାଇଥିଲା ଯେ, ଏପରି ପ୍ରତିବନ୍ଧକରେ କୌଣସି ଆଇନଗତ ଆଧାର ନଥିଲା ଏବଂ କୌଣସି ପଞ୍ଜିକୃତ ଜମି କ୍ରୟ ବିକ୍ରୟ ନଥିବାରୁ ସେହି କ୍ଷେତ୍ରରେ ଜମିର ବେଞ୍ଚମାର୍କ ମୂଲ୍ୟକୁ କୃତ୍ରିମ ସ୍ତରରେ ରଖାଯିବ ଏବଂ ଶିଳ୍ପର ପ୍ରମୋଟରଙ୍କ ପାଇଁ, ସେମାନଙ୍କ ଆର୍ଥିକ ମୂଲ୍ୟ ଠାରୁ କମ୍ ଦରରେ, ଆଗକୁ ଜମି ଅଧିଗ୍ରହଣରେ ସୁବିଧା ପ୍ରଦାନ କରାଯିବ । ଯେହେତୁ ଜମି ବିକ୍ରି ଉପରେ, ନିଷେଧାଦେଶ ଥିଲା, ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ଉପରେ କେବଳ କେତୋଟି କାରବାର ଅଧାରରେ ଉଚିତ୍ ମୂଲ୍ୟ ସୂଚାଇବ ନାହିଁ । ତେଣୁ ଏହି ସୀମିତ କାରବାର ଅଧାରରେ ଏଲଏଓ ଦ୍ୱାରା ବଜାର ମୂଲ୍ୟ ଆକଳନ ଠିକ୍ ନଥିଲା ।
- କଳାହାଣ୍ଡି ଜିଲ୍ଲାପାଳ ବେଦାନ୍ତ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଇଡକୋ ସପକ୍ଷରେ କୋଠଦୁଆର (ଅର୍ଥାତ ତିନୋଟି ଗ୍ରାମ ମଧ୍ୟରୁ ଗୋଟିଏ) ଗ୍ରାମରେ[38] 2.15 ଏକର ରାସ୍ତା କିସମ[39] ସରକାରୀ ଜମିକୁ ଏକର ପ୍ରତି 15.40 ଲକ୍ଷ ଟଙ୍କାରେ ଲିଜ୍ ମଞ୍ଜୁର (ନଭେମ୍ବର 2012 ) କରିଥିଲେ । ଏହା ବିପକ୍ଷରେ 16 ରୁ 21 ମାସ[40] ପରେ ଅଣ-ବାସଗୃହ ଜମିର ବଜାର ମୂଲ୍ୟ ଏକର ପିଛା 2 ଲକ୍ଷ ଟଙ୍କାରେ ପହଞ୍ଚିଥିଲା । ଏହିପରି ତିନିଟି ଗାଁରେ ବିକ୍ରି କାରବାର ଉପଲବ୍ଧ ନ ହେବା ଓ ଆଖପାଖ ଗାଁରେ ଖୁବ୍ କମ୍ କାରବାର ହୋଇଥିବା ପରିପ୍ରକ୍ଷୀରେ, ବଜାର ମୂଲ୍ୟ ନିର୍ଦ୍ଧାରଣର ପାଇଁ, ରାସ୍ତା କିସମ ସରକାରୀ ଜମିକୁ ଏହି ତିନି ଗାଁରେ ଅଣ-ବାସଗୃହ ଜମି ନିର୍ଦ୍ଧାରଣ ପାଇଁ ଗ୍ରହଣ କରାଯାଇପାରିଥାନ୍ତା ।
- ଏଲ୍ଏଓ ମଧ୍ୟ କ୍ଷତିଗ୍ରସ୍ତ ଜମି ମାଲିକଙ୍କ ଠାରୁ ଆରଏଫ୍‌ସିଟିଏଲ୍ଏଆର୍ଆର ଅଧିନିୟମ, 2013 ଅନୁଯାୟୀ ଆବଶ୍ୟକୀୟ କ୍ଷତିପୂରଣ ରାଶି ବାବଦରେ ସହମତି ହାସଲ କରିନଥିଲେ । ଜମି ବିକ୍ରି ଉପରେ କଟକଣା ଜାରି କରାଯାଇଥିଲେ ମଧ୍ୟ ସରକାରଙ୍କ ଦ୍ୱାରା ଜମିର ଫ୍ଲୋର୍ ମୂଲ୍ୟ ମଧ ନିର୍ଦ୍ଧାରଣ କରାଯାଇନଥିଲା ।

ତେଣୁ ଉପରୋକ୍ତ ଆଇନର ଧାରା 26 ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶି ନିର୍ଦ୍ଧାରଣ ପାଇଁ ତିନୋଟି ମାନଦଣ୍ଡ ମଧ୍ୟରୁ ସର୍ବୋଚ୍ଚରେ ପହଞ୍ଚିବା ପାଇଁ ଏଲଏଓ ନା ବଜାର ମୂଲ୍ୟକୁ ସଠିକ ଉପାୟରେ ଆକଳନ କରିନଥିଲେ ନା ଉପଯୁକ୍ତ ପରିଶ୍ରମ କରିନଥିଲେ । ନଭେମ୍ବର 2012 ରେ ନିର୍ଦ୍ଧାରିତ ସରକାରୀ ଜମିର ମୂଲ୍ୟକୁ ବିଚାରକୁ ନେଇ, 110.06 ଏକର ଅଣ ବାସସ୍ଥାନ ଜମି ପାଇଁ କ୍ଷତିପୂରଣ ରାଶି ଅତିକମରେ 73.62 କୋଟି ଟଙ୍କା ଥିଲା, ଯାହା ବିରୋଧରେ ଜମି ମାଲିକମାନଙ୍କୁ 9.86 କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ଫଳରେ ଜମି ମାଲିକମାନେ 63.76 କୋଟି ଟଙ୍କା କ୍ଷତିପୂରଣ ରାଶିପାଇବାରୁ ବଞ୍ଚିତ ହୋଇଥିଲେ ।

ଏହାର ଉତ୍ତରରେ ଏଲଏଓ, କଳାହାଣ୍ଡି ଦର୍ଶାଇଥିଲେ (ଡିସେମ୍ବର 2022) ଯେ 2011 ରୁ 2013 ପର୍ଯ୍ୟନ୍ତ କୌଣସି ବିକ୍ରି କାରବାର ଉପଲବ୍ଧ ନଥିଲା, ଯେଉଁଥିପାଇଁ 2011 ରୁ 2013 ପର୍ଯ୍ୟନ୍ତ ପଡ଼ୋଶୀ ଗ୍ରାମର ବିକ୍ରି ପରିସଂଖ୍ୟାନକୁ, ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିଚାରକୁ ନିଆଯାଇଥିଲା । ଏହାବ୍ୟତୀତ, ବନ୍ଧାଗୁଡା, କୋଠ ଦୁଆର

---

38 କୋଠଦୁଆର, ରେଙ୍ଗାପାଲି ଏବଂ ବନ୍ଧଗୁଡ଼ା

39 ରାସ୍ତା କିସମ ଜମି, ସାଧାରଣ ବ୍ୟବହାର ଜମି ଯାହା ଲିଜ୍ ଯୋଗ୍ୟ ନୁହେଁ । ଏହାକୁ ଲିଜ୍ ଯୋଗ୍ୟ ଜମିରେ ପରିଣତ କରାଯାଇଥିଲା (ମାର୍ଚ୍ଚ 2012) ଅର୍ଥାତ୍ ପତିତ କିସମ

40 ଜମି ଅଧିଗ୍ରହଣ ବିଜ୍ଞପ୍ତି ଡିସେମ୍ବର 2013 ଏବଂ ମଇ 2014 ରେ ଜାରି କରାଯାଇଥିଲା । ସରକାରୀ ଜମିର ମୂଲ୍ୟାୟନ ଅଗଷ୍ଟ 2012 ରେ କରାଯାଇ ଥିଲା

ଏବଂ ରେଂଗୋପାଲି ଗ୍ରାମର କୌଣସି ଜମି ମାଲିକଙ୍କ ଠାରୁ କମ୍ କ୍ଷତିପୂରଣ ପ୍ରଦାନ ବାବଦରେ କୌଣସି ଆପତ୍ତି ଗ୍ରହଣ କରାଯାଇନାହିଁ ।

ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଜମି ମାଲିକଙ୍କ ଦ୍ୱାରା ସମ୍ମତି ପ୍ରଦାନ କରାଯାଇଥିବା ଅର୍ଥ, ଏଲଏଓଙ୍କ ଦ୍ୱାରା ନା ପ୍ରାପ୍ତ କରାଯାଇଥିଲା ନା ଫ୍ଲୋର ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା । ଏସବୁ ଅଭାବ ସତ୍ତ୍ୱେ ସରକାର ଯେଉଁ ହାରରେ ନିଜର ଜମିକୁ ମୂଲ୍ୟାୟନ କରି ବେଦାନ୍ତ ସପକ୍ଷରେ ଲିଜ୍ ପ୍ରଦାନ କରିଥିଲେ, ତାହା ଅଧିଗ୍ରହଣ ହୋଇଥିବା ଏକ ଗ୍ରାମରେ ବଜାର ମୂଲ୍ୟ ନିର୍ଦ୍ଧାରଣର ଆଧାର ଭାବେ ଗ୍ରହଣ କରାଯାଇ ନଥିଲା । ଆହୁରି ମଧ୍ୟ, ଜମି ମାଲିକଙ୍କ ଠାରୁ ଜମି ମୂଲ୍ୟାଙ୍କନ ଉପରେ ଆପତ୍ତି ଗ୍ରହଣ ନ କରିବା ଜମି ମୂଲ୍ୟାଙ୍କନରେ ଯଥାର୍ଥତାର ସୂଚକ ବୋଲି ବିବେଚନା କରାଯିବା ଉଚିତ ନୁହେଁ, କାରଣ ଜମି ମାଲିକଙ୍କ ଅଜ୍ଞତା, କୌଣସି ଆପତ୍ତି ନ କରିବାର ଅନ୍ୟତମ କାରଣ ହୋଇପାରେ ।

### 4.1.3.2 ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଏବଂ ମେସର୍ସ ଇଏସଏସଏଏଆର୍ ଷ୍ଟିଲ ଲିମିଟେଡ ପାଇଁ ଜମି ଅଧିଗ୍ରହଣ

ସୁନ୍ଦରଗଡ ଜିଲ୍ଲାପାଳ, ପାଞ୍ଚଟି ଏଲଏ ମାମଲାରେ 277.412 ଏକର ଜମିକୁ, ଦୁଇଟି ଘରୋଇ କମ୍ପାନୀ (ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍, ପୂର୍ବରୁ ମେସର୍ସ ଓସିଏଲ ଇଣ୍ଡିଆ ଲିମିଟେଡ ଭାବରେ ଜଣାଶୁଣା ଥିଲା ଏବଂ ଇଏସଏସଏଆର୍ ଷ୍ଟିଲ ଲିମିଟେଡ୍) ପାଇଁ ଜମି ଅଧିଗ୍ରହଣ (ଏପ୍ରିଲ 2021 ରୁ ଜାନୁଆରୀ 2022 ) କରିଥିଲେ । ଏଲଏଓ ସୁନ୍ଦରଗଡ, ଗ୍ରାମର ବିଏମ୍‌ଭି ଏବଂ ବିକ୍ରି ତଥ୍ୟକୁ ଆଧାର କରି ଜମିର ବଜାର ମୂଲ୍ୟ ଏକର ପିଛା ଯଥାକ୍ରମେ 6.05 ଲକ୍ଷ ଟଙ୍କା ଏବଂ 13.75 ଲକ୍ଷ ଟଙ୍କା ସ୍ଥିର (ଜାନୁଆରୀ ଏବଂ ଅକ୍ଟୋବର 2021) କରିଥିଲେ । ଏଲ୍‌ଏଓ ସେହି ମୂଲ୍ୟ ଉପରେ ଜମି ମାଲିକଙ୍କ ସହମତି ହାସଲ କରିନଥିଲେ, ଯଦିଓ, ଅଧିନିୟମରେ ବ୍ୟବସ୍ଥା ଅଛି ଯେ, ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ କଲେ, ଜମି ମାଲିକଙ୍କ ସହମତି ହାସଲ କରିବାକୁ ପଡ଼ିବ ।

ସେହି ଏଲ୍‌ଏଓ, କିନ୍ତୁ ଗେଲ୍ ଇଣ୍ଡିଆ ଲିମିଟେଡ୍ (ଭାରତ ସରକାରଙ୍କ ଏକ ପିଏସ୍‌ୟୁ) ପାଇଁ 2.79 ଏକର ଜମି ଅଧିଗ୍ରହଣ ପାଇଁ, ବିଏମ୍‌ଭି ଏବଂ ହାରାହାରି ବିକ୍ରୟ ମୂଲ୍ୟ ଯଥାକ୍ରମେ ଏକର ପିଛା 18.15 ଲକ୍ଷ ଟଙ୍କା ଓ 1 ଲକ୍ଷ ଟଙ୍କା ପରିବର୍ତ୍ତେ ଜମି ମାଲିକଙ୍କ ସହମତି ଆଧାରରେ ବଜାର ମୂଲ୍ୟ ଏକର ପିଛା 32.35 ଲକ୍ଷ ଟଙ୍କା ଏବଂ 11.53 ଲକ୍ଷ ଟଙ୍କା ସ୍ଥିର କରିଥିଲେ ।

ଉପରୁ ଏହା ସ୍ପଷ୍ଟ ହୋଇଛି ଯେ ଏଲ୍‌ଏଓ, ଘରୋଇ କମ୍ପାନୀ ଗୁଡ଼ିକ ପାଇଁ ଜମି ଅଧିଗ୍ରହଣ ବେଳେ, ଜମି ମାଲିକଙ୍କ ସହମତି ଆଧାରରେ ବଜାର ମୂଲ୍ୟ ସ୍ଥିର କରିନଥିଲେ, ଯଦିଓ, ଅଧିନିୟମରେ ବ୍ୟବସ୍ଥା ଥିଲା । ତେବେ, ସରକାରୀ ପିଏସ୍‌ୟୁ ପାଇଁ ଜମି ଅଧିଗ୍ରହଣ ବେଳେ ଜମି ମାଲିକଙ୍କ ସହମତି ଆଧାରରେ ଏଲଏଓ ବଜାର ମୂଲ୍ୟ ସ୍ଥିର କରିଥିଲେ, ଯଦିଓ ଏହା ଅଧିନିୟମରେ ବ୍ୟବସ୍ଥା ନଥିଲା । ଯେହେତୁ ସମ୍ମତି ପ୍ରାପ୍ତ ମୂଲ୍ୟ ଜମି ବିଏମ୍‌ଭି/ ହାରାହାରି ବିକ୍ରୟ ମୂଲ୍ୟ ଠାରୁ ସ୍ପଷ୍ଟ ଭାବେ ଅଧିକ ଥିଲା, ଏଲ୍‌ଏଓ, ସମ୍ମତି ପ୍ରାପ୍ତ ନକରି ବେସରକାରୀ କମ୍ପାନୀଗୁଡ଼ିକ ପାଇଁ ଜମି ଅଧିଗ୍ରହଣ ପାଇଁ ଜମି ମାଲିକମାନଙ୍କୁ ଅଧିକ କ୍ଷତିପୂରଣ ରାଶିରୁ ବଞ୍ଚିତ କରିଥିଲେ ।

***ସୁପାରିଶ 4.2: ଘରୋଇ ସଂସ୍ଥାର ଅଧିଗ୍ରହଣ ପାଇଁ ଅଧିସୂଚିତ ଜମିର ମୂଲ୍ୟ, ଜମି ମାଲିକଙ୍କ ସହମତି ଆଧାରରେ କରାଯିବା ଉଚିତ୍ । ଅଧିସୂଚିତ ଅଞ୍ଚଳ ପାଇଁ ସରକାରଙ୍କୁ ଜମି ମାଲିକଙ୍କ ସୁବିଧା ପାଇଁ ଜମିର ଫ୍ଲୋର ପ୍ରାଇସ୍ ସ୍ଥିର କରିବା ଉଚିତ୍ ।***

### 4.1.4 ଅତିରିକ୍ତ ବଜାର ମୂଲ୍ୟର ଅବମୂଲ୍ୟାୟନ

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 19 ଅନୁଯାୟୀ ଘୋଷଣାନାମା ଜାରି କରିବା ପରେ, ନୋଟିସ୍ ଜାରି କରନ୍ତି ଯେ ସରକାର ଜମି ଅଧିକାର କରିବାକୁ ଚାହୁଁଛନ୍ତି ଏବଂ ଏହି ଜମିରେ ଥିବା ସମସ୍ତ ସ୍ୱାର୍ଥ ପାଇଁ କ୍ଷତିପୂରଣ, ପୁନର୍ବାସ ଏବଂ ଥଇଥାନ କରାଯିବ । ଯଦି କିଛି ଅଭିଯୋଗ ଥାଏ, ଜିଲ୍ଲାପାଳ ସେଗୁଡ଼ିକର ଅନୁସନ୍ଧାନ କରିବେ ଏବଂ ଅଧିନିୟମର ଧାରା 23 ଅନୁଯାୟୀ କ୍ଷତିପୂରଣ ପୁରସ୍କାର ପ୍ରଦାନ କରିବେ । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 30 (3) ଅନୁଯାୟୀ ଆର୍‌ଡିଏମ୍ ବିଭାଗ ସ୍ପଷ୍ଟୀକରଣ (ଜୁନ୍ 2018) ଅନୁସାରେ ଧାରା 26 ରେ ବ୍ୟବସ୍ଥା ଅଛି ଯେ, ଜମିର ବଜାର ମୂଲ୍ୟ ବ୍ୟତୀତ, ଜିଲ୍ଲାପାଳ ପ୍ରତ୍ୟେକ

କ୍ଷେତ୍ରରେ ଏକ ମୂଲ୍ୟ (ଅତିରିକ୍ତ ବଜାର ମୂଲ୍ୟ ଭାବେ କୁହାଯାଏ) ପ୍ରଦାନ କରିବେ ଯାହା ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ପ୍ରଦାନ ତାରିଖ ଠାରୁ ପୁରସ୍କାର ତାରିଖ କିମ୍ବା ଜମି ଅଧିକାର କରିବାର ତାରିଖ ଯାହା ପ୍ରଥମେ ହୋଇଥିବ ଉକ୍ତ ତାରିଖ ପର୍ଯ୍ୟନ୍ତ ବଜାର ମୂଲ୍ୟ ଉପରେ ବାର୍ଷିକ ହାର 12 ପ୍ରତିଶତ ହାରରେ ହିସାବ କରାଯାଏ ।

ଅଡିଟ୍ ଅବଲୋକନ କଲା ଯେ, ଯାଞ୍ଚ ହୋଇଥିବା 120 ଟି ଏଲ୍ଏ ମାମଲାରେ 1061.109 ଏକର ଜମି ଅଧିଗ୍ରହଣ ପାଇଁ ଅତିରିକ୍ତି ବଜାର ମୂଲ୍ୟର ହିସାବ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ/ ଆର୍ଡିଏମ୍ ବିଭାଗର ନିର୍ଦ୍ଦେଶ ଅନୁରୂପ ହୋଇନଥିଲା । ଆକଳନ ପ୍ରସ୍ତୁତି ସମୟରେ ଏଲ୍ଏଓ/ ଏସ୍ଏଲ୍ଏଓ ଗୁଡ଼ିକ 365 ରୁ 965 ଦିନ ପର୍ଯ୍ୟନ୍ତ ଏଏମ୍ଭି ଗଣନା କରିଥିଲେ ଯାହାକି ଜମି ଅଧିଗ୍ରହଣ କର୍ତ୍ତୃପକ୍ଷଙ୍କ[41] ଦ୍ୱାରା ମଧ ଅନୁମୋଦିତ ହୋଇଥିଲା । ଆୱାର୍ଡ ପାସ୍ ସମୟରେ ଯେଉଁ ସମୟ ପାଇଁ ଏଏମ୍ଭି ପ୍ରଦାନ କରାଯିବା କଥା, ତାହା ଆୱାର୍ଡ ପ୍ରଦାନର ପ୍ରକୃତ ତାରିଖକୁ ବିଚାର କରି ସଂଶୋଧିତ କରାଯିବାର ଥିଲା । ଯଦିଓ ଅବଧିର ସଂଶୋଧନ ହୋଇନଥିଲା, ଧାରା 11 ଅଧିନରେ ପ୍ରାଥମିକ ବିଜ୍ଞପ୍ତି ପ୍ରଦାନ ତାରିଖ ଠାରୁ 388 ରୁ 1314 ଦିନ ସମୟ ବ୍ୟବଧାନରେ ପୁରସ୍କାର ଗୁଡ଼ିକ ଧାରା 23 ଅନ୍ତର୍ଗତ ପାସ୍ ହୋଇଥିଲା । ଏଏମ୍ଭି ଗୁଡ଼ିକର ସଂଶୋଧନ ନହେବା ଯୋଗୁଁ 1,347.31 ଲକ୍ଷ ଟଙ୍କା ବିପକ୍ଷରେ 944.42 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ଯାହା **ସାରଣୀ 4.3** ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।:

***ସାରଣୀ 4.3: ଅତିରିକ୍ତ ବଜାର ମୂଲ୍ୟର କମ୍ ହୋଇଥିବା ଆୱାର୍ଡର ବିବରଣୀ***

***(ଟଙ୍କା ଲକ୍ଷରେ)***

| ୟୁନିଟର ନାମ | ଏଲ୍ଏ ମାମଲା ସଂଖ୍ୟା | କ୍ଷେତ୍ର (ଏକରରେ) | ଅବଧି ଯାହା ପାଇଁ ଏଏମ୍ଭି ଦେୟ ପ୍ରାପ୍ୟ ଥିଲା (ଦିନରେ) | ଅବଧି ଯାହା ପାଇଁ ଏଏମ୍ଭି ଦିଆଯାଇଥିଲା (ଦିନରେ) | ଏଏମ୍ଭି ଦେୟର ପରିମାଣ | ଆୱାର୍ଡ ହୋଇଥିବାଏ ଏମ୍ଭିର ପରିମାଣ | ପ୍ରଦାନ କରାଯାଇଥିବା କମ୍ ରାଶି |
|---|---|---|---|---|---|---|---|
| ଏସ୍ଏଲ୍ଏଓ, ଟିବିଆର୍ଏଲ୍ପି, କେଉଁଝର | 16 | 11.05 | 1,187-1,195 | 365 | 138.01 | 42.41 | 95.60 |
| ଏସ୍ଏଲ୍ଏଓ, କେଆଇପି, କେଉଁଝର | 25 | 546.113 | 444-1314 | 365-965 | 574.40 | 501.59 | 72.81 |
| ଏସ୍ଏଲ୍ଏବଂ ଆର୍ଆର୍ଓ, ଟିଏମ୍ଆଇପି, କୋରାପୁଟ | 29 | 33.25 | 388-942 | 365 | 3.93 | 2.75 | 1.17 |
| ଏଲ୍ଏଓ, ମୟୁରଭଞ୍ଜ | 7 | 2.769 | 488-817 | 365 | 12.98 | 10.81 | 2.17 |
| ଏସ୍ଏଲ୍ଏଓ, ଏସ୍ଆଇପି, ମୟୁରଭଞ୍ଜ | 3 | 126.66 | 794-1,312 | 730 | 360.67 | 203.46 | 157.21 |
| ଏଲ୍ଏଓ, ସୁନ୍ଦରଗଡ଼ | 11 | 93.627 | 411-593 | 365 | 107.07 | 79.09 | 27.98 |
| ଏସ୍ଏଲ୍ଏଓ, ଟିବିଆର୍ଏଲ୍ପି, ସୁନ୍ଦରଗଡ଼ | 29 | 247.64 | 890-1,134 | 730 | 150.25 | 104.31 | 45.95 |
| ମୋଟ | **120** | **1,061.109** | | | **1,347.31** | **944.42** | **402.89** |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍ଏଓ/ ଏସ୍ଏଲ୍ଏଓ କାର୍ଯ୍ୟାଳୟର ରେକର୍ଡ)***

ଏହାର ଉତ୍ତରରେ, ଟିଏମ୍ଆଇପି, ଟିବିଆର୍ଏଲ୍ପି, ଡିବିଆର୍ଏଲ୍ପି ଏବଂ କେଆଇପିର ଏସ୍ଏଲ୍ଏଓମାନେ ଆୱାର୍ଡ ତାରିଖକୁ ଧ୍ୟାନରେ ରଖି ସଂଶୋଧିତ ଆକଳନ ପ୍ରସ୍ତୁତ କରାଯିବ ବୋଲି ନିଶ୍ଚିତ କରିଥିଲେ । ଏସ୍ଏଲ୍ଏଓ,

[41] ଜମି ଅଧିଗ୍ରହଣ ପାଇଁ ଅନୁରୋଧ ଦାଖଲ କରିଥିବା କର୍ତ୍ତୃପକ୍ଷ

ଏସ୍ଆଇପି କହିଲେ ଯେ ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଏଏମ୍‌ଭି ଦୁଇ ବର୍ଷ ପାଇଁ ହିସାବ କରାଯାଇଥିଲା ଏବଂ ତାହା ଜମି ଅଧିଗ୍ରହଣ କର୍ତ୍ତୃପକ୍ଷ ମଧ୍ୟ ଅନୁମୋଦନ କରିଥିଲେ । ଏଲ୍ଏଓ ସୁନ୍ଦରଗଡ଼ଙ୍କ ପ୍ରତିକ୍ରିୟା ମିଳି ନଥିଲା (ଫେବୃୟାରୀ 2024 ସୁଦ୍ଧା) ।

ଏସ୍ଏଲ୍ଏଓ, ଏସ୍ଆଇପଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ତର ଗ୍ରହଣୀୟ ନ ଥିଲା, କାରଣ ଏହା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମର ଧାରା 30 ର ଉଲ୍ଲଙ୍ଘନ ଥିଲା ।

***ସୁପାରିଶ 4.3: ଆର୍‌ଏସ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 30 ରେ ବ୍ୟବସ୍ଥା ଅନୁସାରେ ପ୍ରାଥମିକ ବିଜ୍ଞପ୍ତି ପ୍ରଦାନ ତାରିଖ ଏବଂ ପୁରସ୍କାରର ତାରିଖକୁ ଧ୍ୟାନରେ ରଖି ଅତିରିକ୍ତ ବଜାର ମୂଲ୍ୟ ଗଣନା କରାଯାଇପାରେ ।***

### 4.1.5 *ଅନୁସୂଚିତ ଅଞ୍ଚଳରେ ଏକ ଅନୁସୂଚିତ ଜାତି ଜମି ମାଲିକଙ୍କ ଭୂ-ସମ୍ପତ୍ତିର ଅବମୂଲ୍ୟାୟନ*

ବେସରକାରୀ ଜମିର ସିଧାସଳଖ କ୍ରୟ କ୍ଷେତ୍ରରେ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମର ଧାରା 26 ରୁ 30 ର ବ୍ୟବସ୍ଥା ଅନୁଯାୟୀ ବଜାର ମୂଲ୍ୟ ସ୍ଥିର କରାଯିବ ଉଚିତ୍ । ଓଡିଶା ଭୂ ସଂସ୍କାର ଅଧିନିୟମର ଧାରା 22 ଅନୁଯାୟୀ ଅନୁସୂଚିତ ଜାତି ସମ୍ବନ୍ଧିତ ଜମି ବିକ୍ରୟର ଅନୁମତି ସଂପୃକ୍ତ ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯିବା ଆବଶ୍ୟକ ।

ସୁନ୍ଦରଗଡ଼ ଜିଲ୍ଲା ଅଡିଟ୍ ଲକ୍ଷ୍ୟ କଲା ଯେ, ସୁନ୍ଦରଗଡ଼ ଜିଲ୍ଲାପାଳ ଅନୁସୂଚିତ ଜାତି ସମ୍ପ୍ରଦାୟର ଏକ ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ ମୋଡ[42] ମାଧ୍ୟମରେ 0.09 ଏକର ଜମି ଅଧିଗ୍ରହଣ ପାଇଁ ଆନୁମାନିକ ମୂଲ୍ୟ 6.04 ଲକ୍ଷ ଟଙ୍କା[43] ଅନୁମୋଦନ (ଅକ୍ଟୋବର 2018) କରିଥିଲେ । ଜମିର ମୂଲ୍ୟ 2013 ର ବିଏମ୍‌ଭି ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥିଲା । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଇ) ଗ୍ରାମୀଣ କାର୍ଯ୍ୟ (ଆର୍‌ଡବ୍ଲୁ) ଡିଭିଜନ ରାଉରକେଲାଙ୍କର ସଡ଼କ ଓ ସେତୁ ନିର୍ମାଣ ପାଇଁ ସେହି ଜମି ଆବଶ୍ୟକ କରିଥିଲେ । ଜମି କ୍ରୟ ପାଇଁ ଉପଜିଲ୍ଲାପାଳଙ୍କ ଅନୁମତି ମାଗିବା ପୂର୍ବରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉକ୍ତ ଜମିରେ ସେତୁ ଏବଂ ରାସ୍ତାର ଏକ ଅଂଶ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଜମି ମାଲିକ, ପାନପୋଷର ଉପଜିଲ୍ଲାପାଳଙ୍କୁ ନିକଟରେ ଉଚିତ୍ କ୍ଷତିପୂରଣ ନଦେବା ପର୍ଯ୍ୟନ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ତାଙ୍କ ଜମି ଉପରେ କୌଣସି ନିର୍ମାଣ କାର୍ଯ୍ୟକୁ ନ କରିବା ପାଇଁ ଏକ ପିଟିସନ୍ ଦାଖଲ (ଡିସେମ୍ବର 2019) କରିଥିଲେ । ଜମିମାଲିକ ମଧ୍ୟ ତତ୍‌କାଳୀନ ପ୍ରଯୁଜ୍ୟ ବିଏମ୍‌ଭି ଅନୁଯାୟୀ କ୍ଷତିପୂରଣ ରାଶିର ବୃଦ୍ଧି କରିବା ପାଇଁ ଅନୁରୋଧ (ସେପ୍ଟେମ୍ବର 2020) କରିଥିଲେ । ଉପଜିଲ୍ଲାପାଳ, ଜମିର ମୂଲ୍ୟ 2019 ର ବିଏମ୍‌ଭି ଅନୁଯାୟୀ, ଯାହାକି ଏକର ପିଛା 55 ଲକ୍ଷ ଟଙ୍କା (2019-21 ଅବଧି ମଧ୍ୟରେ ବିଦ୍ୟମାନ ଥିଲା) ମୂଲ୍ୟାୟନ କରିବା ପାଇଁ ନିର୍ଦ୍ଦେଶ (ନଭେମ୍ବର 2020) ଦେଇଥିଲେ । ସେହି ଅନୁଯାୟୀ, 0.09 ଏକର ଜମିର ମୂଲ୍ୟ 10.49 ଲକ୍ଷ ଟଙ୍କା ହେଲା । ପାନପୋଷ ଉପଜିଲାପାଳ ଅନୁମୋଦିତ ଦରରେ ଜମି କ୍ରୟ କରିବାକୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଅନୁମତି (ଜୁନ୍ 2021) ଦେଇଥିଲେ । ତଥାପି, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉକ୍ତ ଜମିକୁ ପୂର୍ବ ସଂଶୋଧିତ ମୂଲ୍ୟ ଅର୍ଥାତ୍ 6.04 ଲକ୍ଷ ଟଙ୍କାରେ କ୍ରୟ (ଜୁଲାଇ 2021) କରିଥିଲେ । ଏହିପରି ଜମି ମାଲିକ ପ୍ରକୃତରେ ଯେତିକି କ୍ଷତିପୂରଣ ପାଇବାକୁ ହକ୍‌ଦାର ଥିଲେ ତା'ଠାରୁ 4.45 ଲକ୍ଷ ଟଙ୍କା କମ୍ କ୍ଷତିପୂରଣ ପାଇଥିଲେ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ବିଏମ୍‌ଭି 2019 ଅନୁଯାୟୀ ଜମିର ମୂଲ୍ୟକୁ ସଂଶୋଧନ କରିବା ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜମି ମାଲିକଙ୍କୁ ପୁରୁଣା ବିଏମ୍‌ଭିର ଦର ଅନୁଯାୟୀ 6.04 ଲକ୍ଷ ଟଙ୍କା ଦେଇଥିଲେ । ବିକ୍ରି ଦଲିଲ୍ ପଞ୍ଜିକରଣ କର୍ତ୍ତୃପକ୍ଷ ମଧ୍ୟ କମ୍ ଦରରେ ବିକ୍ରୟ ବିଚାରର ଦେୟ ସତ୍ତ୍ୱେ ପଞ୍ଜିକରଣକୁ

---

42 ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 46 ତଥା ଜାନୁଆରୀ 2016 ର ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ବେସରକାରୀ ଜମିର ସିଧାସଳଖ କ୍ରୟ ଅର୍ଥ ହେଉଛି ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ କ୍ରୟ । ଘରୋଇ ଜମିର ସିଧାସଳଖ କ୍ରୟ ମାମଲାରେ ବଜାର ମୂଲ୍ୟ ଆର୍‌ଏଫ୍‌ସିଟିଏଲଏଆର୍‌ଆର୍, 2013 ଅନୁସାରେ ନିର୍ଦ୍ଧାରିତ ହୁଏ

43 ଜମିର ମୂଲ୍ୟ: ଏକର ପିଛା ବିଏମ୍‌ଭି ମୂଲ୍ୟ 30,00,000 ଟଙ୍କା ହିସାବରେ 2,70,000 ଟଙ୍କା, ଅତିରିକ୍ତ ବଜାର ମୂଲ୍ୟ : 32,400 ଟଙ୍କା ଏବଂ ସୋଲାଟିୟମ୍: 3,04,000 ଟଙ୍କା

ଅନୁମତି ଦେଇଥିଲେ । ଫଳସ୍ୱରୂପ, ଏସ୍‌ସି ଜମି ମାଲିକ ଉଚିତ୍ ଜମି ମୂଲ୍ୟ ଯାହାର ପରିମାଣ 4.45 ଲକ୍ଷ ଟଙ୍କା ଥିଲା ସେଥିରୁ ବଞ୍ଚିତ ହୋଇଥିଲେ ।

***ସୁପାରିଶ 4.4: ଦ୍ୱିପାକ୍ଷିକ ବୁଝାମଣା ମାଧମରେ ଘରୋଇ ଜମିର ପ୍ରତ୍ୟକ୍ଷ କ୍ରୟ କ୍ଷେତ୍ରରେ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 26 ରୁ 30 ଅନୁଯାୟୀ ଜମିର ବଜାର ମୂଲ୍ୟ ସ୍ଥିର କରାଯାଇପାରେ ।***

## 4.2 କ୍ଷତିପୂରଣ ପ୍ରଦାନ

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ର ଅଧିନିୟମ, 2013 ଏବଂ ଓଡ଼ିଶା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍‌ର ନିୟମାବଳୀ, 2016 ଅନୁଯାୟୀ, ଅଧିଗ୍ରହଣ ହେବାକୁ ଥିବା ପାର୍ସଲ ଜମିର ରେକର୍ଡକୁ ପ୍ରାଥମିକ ବିଜ୍ଞପ୍ତି ଜାରି କରିବା ପୂର୍ବରୁ ଅଦ୍ୟତନ କରାଯିବା ଉଚିତ୍ । କ୍ଷତିପୂରଣ ରାଶି ପୁରସ୍କାର ପାସ ହେବାର 15 ଦିନ ମଧରେ ପ୍ରଦାନ କରିବା ଥିଲା, କିମ୍ବା ଏହି ଟଙ୍କା ଅଧିକାର ପ୍ରାପ୍ତ ଜମି ମାଲିକଙ୍କୁ ଅନ୍ତିମ ବିତରଣ ପାଇଁ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ[44]ନିକଟରେ ଜମା କରାଯିବ, । ଅଡିଟ୍ ଜମି ରେକର୍ଡଗୁଡ଼ିକର ଅଦ୍ୟତନ ତଥା କ୍ଷତିପୂରଣ ପ୍ରଦାନରେ ତ୍ରୁଟି ପରିଲକ୍ଷିତ କରିଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### *4.2.1 ଜମି ରେକର୍ଡଗୁଡ଼ିକର ଅଦ୍ୟତନ ହୋଇନଥିବା କାରଣରୁ କ୍ଷତିପୂରଣ ପ୍ରଦାନ ନ ହେବା*

ଓଡ଼ିଶା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍‌ର ନିୟମ, 2016 ର ନିୟମ 4(2) ଅନୁଯାୟୀ, ଘରୋଇ ଜମି ଅଧିଗ୍ରହଣ ପାଇଁ ଆବେଦନ ପାଇବା ପରେ ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରର ଜମି ବିଶେଷର ସଂପୃକ୍ତ ରେକର୍ଡ ଅଫ୍ ରାଇଟସର ଅପଡେଟ୍ କରିବା ପାଇଁ ତିନି ମାସ ମଧ୍ୟରେ (ଜିଲ୍ଲାର ଜିଲ୍ଲାପାଳ) ତହସିଲଦାରଙ୍କ ନିକଟକୁ ପଠାଇବେ । ଅଧିକନ୍ତୁ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 11(5) ଅନୁଯାୟୀ, ଧାରା 11 ଅନୁଯାୟୀ, ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏବଂ ଧାରା 19 ଅନୁଯାୟୀ ଘୋଷଣାନାମା ଜାରି ପୂର୍ବରୁ, ଜିଲ୍ଲାପାଳ ଜମି ରେକର୍ଡଗୁଡ଼ିକର ଅଦ୍ୟତନ କରିବା ପାଇଁ ଆରମ୍ଭ କରିବା ଏବଂ ଶେଷ କରିବା ଆବଶ୍ୟକ ।

ଓଡ଼ିଶା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍‌ର ନିୟମ, 2016 ର ନିୟମ 28(3) ଅନୁଯାୟୀ, ପୁରସ୍କାର ପାସ ହେବାର 15 ଦିନ ମଧରେ, ବିତରଣ ଶିବିର ଆୟୋଜନ କରି ଏବଂ ଆକାଉଣ୍ଟ ପେୟି ଚେକ୍ କିମ୍ବା ବୈଦ୍ୟୁତିକ ହସ୍ତାନ୍ତରଣ ମାଧ୍ୟମରେ ଯାହା ଅଧିକ ପସନ୍ଦଯୋଗ୍ୟ ଆୱାର୍ଡିଙ୍କର ବ୍ୟାଙ୍କ, ଆକାଉଣ୍ଟକୁ କ୍ଷତିପୂରଣ ଟଙ୍କା ହସ୍ତାନ୍ତରଣ କରାଯିବ ଉଚିତ୍ । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍‌ର ଅଧିନିୟମ, 2013 ର ଧାରା 77 ଅନୁଯାୟୀ, ଯଦି କ୍ଷତିପୂରଣ ପାଇବାକୁ ଥିବା ବ୍ୟକ୍ତି ଏହାକୁ ଗ୍ରହଣ କରିବାକୁ ରାଜି ନ ହୁଅନ୍ତି କିମ୍ବା ଯଦି ଜମିକୁ ହସ୍ତାନ୍ତର କରିବାକୁ କେହି ବ୍ୟକ୍ତି ନଥାନ୍ତି କିମ୍ବା କିଏ କ୍ଷତିପୂରଣ ରାଶି ଗ୍ରହଣ କରିବାକୁ ନେଇ କିମ୍ବା ଏହାର ବଣ୍ଟନକୁ ନେଇ କିଛି ବିବାଦ ଥାଏ, ଜିଲ୍ଲାପଳ କ୍ଷତିପୂରଣ ରାଶିକୁ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିବେ, ଯେଉଁଥିରେ କି ଧାରା 64 ଅନୁଯାୟୀ ଏକ ରେଫରେନ୍ସ ଦାଖଲ କରାଯିବ ।

ଅଡିଟ୍ ଲକ୍ଷ୍ୟ କଲା ଯେ,, ଛଅଟି ନମୁନା ଜିଲ୍ଲାରେ, 13 ଟି ଏଲ୍‌ଏଓ/ ଏସ୍‌ଏଲଏଓ[45] ମାନଙ୍କ ଦ୍ୱାରା 5,057.832 ଏକର ଜମି ଅଧିଗ୍ରହଣ ହୋଇଥିବା 288 ଟି ଏଲ୍‌ଏ ମାମଲାରେ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍‌ର ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଫେବୃଆରୀ 2016 ରୁ ଜୁଲାଇ 2022 ମଧରେ ଜାରି

---

44 ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 51 ଅନୁଯାୟୀ ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନର୍ବାସ ଏବଂ ପୁନଃଥଇଥାନ ସମ୍ବନ୍ଧୀୟ ବିବାଦର ଶୀଘ୍ର ସମାଧାନ ଉଦ୍ଦେଶ୍ୟରେ, ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃଥଇଥାନ ପ୍ରାଧିକରଣ ସ୍ଥାପିତ ହୋଇଥିଲା

45 ଏଲ୍‌ଏଓ, କୋରାପୁଟ, ଏଲ୍‌ଏଓ-କମ୍-ତହସିଲଦାର, ଲକ୍ଷ୍ମୀପୁର, ଏସ୍‌ଏଲ୍‌ଏଏବଂ ଆର୍‌ଆର୍‌ଓ, ଟିଏମ୍‌ଆଇପି, କୋରାପୁଟ; ଏସ୍‌ଏଲ୍‌ଏଓ, ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଲ ଲିଙ୍କ ପ୍ରକଳ୍ପ, କୋରାପୁଟ; ଏଲ୍‌ଏଓ, ସୁନ୍ଦରଗଡ଼; ଏସ୍‌ଏଲ୍‌ଏଓ, ଟିବିଆର୍‌ଏଲ୍‌ପି, ସୁନ୍ଦରଗଡ଼; ଏଲ୍‌ଏଓ, ମୟୁରଭଞ୍ଜ; ଏସ୍‌ଏଲ୍‌ଏଓ, ଏସ୍‌ଆଇପି, ମୟୁରଭଞ୍ଜ; ଏସ୍‌ଏଲ୍‌ଏଓ ଏବଂ ଆର୍‌ଓ, ଆର୍‌ଆଇପି, କଳାହାଣ୍ଡି; ଏଲ୍‌ଏଓ, ନବରଙ୍ଗପୁର, ଏଲ୍‌ଏଓ, କେଉଁଝର; ଏସ୍‌ଏଲ୍‌ଏଓ, କେଆଇପି, କେଉଁଝର; ଏବଂ ଏସ୍‌ଏଲ୍‌ଏଓ, ଟିବିଆର୍‌ଏଲ୍‌ପି, କେଉଁଝର

କରାଯାଇଥିଲା । ପରବର୍ତ୍ତୀ ସମୟରେ. ଧାରା 19 ଅନୁଯାୟୀ 203 ଏଲ୍ଏ ମାମଲାରେ 3,074.075 ଏକର ଜମି ଅଧିଗ୍ରହଣ ପାଇଁ ନଭେମ୍ବର 2016 ରୁ ଡିସେମ୍ବର 2022 ମଧ୍ୟରେ ଘୋଷଣା ଜାରି କରାଯାଇଥିଲା । ଏହିପରି, ଏହି 203 ଏଲ୍ଏ ମାମଲାରେ ଜଡ଼ିତ ଜମିର ରେକର୍ଡଗୁଡ଼ିକ ଅଦ୍ୟତନ ହେବାର ଥିଲା । ଅଡିଟ୍ କିନ୍ତୁ ଦେଖିଲେ ଯେ 182 ମାମଲାରେ (90 ପ୍ରତିଶତ), 3,057.57 ଏକର ଜମି ସହିତ ଜଡ଼ିତ ଜମି ରେକର୍ଡ ଅପଡେଟ୍ ହୋଇନଥିଲା ଯାହାକି **ସାରଣୀ 4.4** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

***ସାରଣୀ 4.4: ଆର ଓ ଆର୍‌ର ରେକର୍ଡ ଅପଡେଟ୍ ବିନା ଧାରା 19 ଅନୁଯାୟୀ ଘୋଷଣା କରାଯାଇଥିବା ଏଲ୍ଏମାମଲା***

| ଜିଲ୍ଲା | ଏଲ୍ଏଓ/ ଏସ୍ଏଲ୍ଏଓ ନାମ | ଘୋଷଣା କରାଯାଇଥିବା ଏଲ୍ଏ ମାମଲା | | ଏଲ୍ଏ ମାମଲା ଯାହାର ରେକର୍ଡ ଅପ୍‌ଡେଟ୍ ହୋଇନଥିଲା | |
|---|---|---|---|---|---|
| | | ସଂଖ୍ୟା | କ୍ଷେତ୍ରଫଳ (ଏକରରେ) | ସଂଖ୍ୟା | କ୍ଷେତ୍ରଫଳ (ଏକରରେ) |
| କଳାହାଣ୍ଡି | ଏସ୍ଏଲ୍ଏ ଏବଂ ଆରଓ, ଆର୍‌ଆଇପି | 5 | 7.66 | 5 | 7.66 |
| କେଉଁଝର | ଏସ୍ଏଲ୍ଏଓ, କେଆଇପି | 25 | 546.113 | 25 | 546.113 |
| | ଏଲ୍ଏଓ, କେଉଁଝର | 4 | 4.715 | 0 | 0 |
| | ଏସ୍ଏଲ୍ଏଓ, ଡିବିଆର୍ଏଲ୍‌ପି | 16 | 11.05 | 0 | 0 |
| କୋରାପୁଟ | ଏଲ୍ଏଓ, କୋରାପୁଟ | 2 | 14.31 | 2 | 14.31 |
| | ଏଲ୍ଏଓ-କମ୍- ତହସିଲଦାର, ଲକ୍ଷ୍ମୀପୁର | 1 | 0.547 | 1 | 0.547 |
| | ଏସ୍ଏଲ୍ଏ ଏବଂ ଆର୍‌ଆର୍‌ଓ, ଟିଏମ୍‌ଆଇପି | 39 | 195.69 | 39 | 195.69 |
| ମୟୁରଭଞ୍ଜ | ଏଲ୍ଏଓ, ମୟୁରଭଞ୍ଜ | 10 | 8.23 | 10 | 8.23 |
| | ଏସ୍ଏଲ୍ଏଓ, ଏସ୍‌ଆଇପି | 27 | 1,519.12 | 27 | 1,519.12 |
| ନବରଙ୍ଗପୁର | ଏଲ୍ଏଓ, ନବରଙ୍ଗପୁର | 1 | 0.74 | 0 | 0 |
| ସୁନ୍ଦରଗଡ଼ | ଏଲ୍ଏଓ, ସୁନ୍ଦରଗଡ଼ | 44 | 518.26 | 44 | 518.26 |
| | ଏସ୍ଏଲ୍ଏଓ, ଟିବିଆର୍ଏଲ୍‌ପି | 29 | 247.64 | 29 | 247.64 |
| | ମୋଟ | **203** | **3,074.075** | **182** | **3,057.57** |

***(ଉତ୍ସ: ପରୀକ୍ଷା ଯାଞ୍ଚ ଏଲ୍ଏଓ /ଏସ୍ଏଲ୍ଏଓ କାର୍ଯ୍ୟାଳୟଗୁଡିକର ରେକର୍ଡ)***

ଅଡିଟ୍ ଲକ୍ଷ୍ୟ କଲା ଯେ ଯାଞ୍ଚ ପରୀକ୍ଷା କରାଯାଇଥିବା ଉପରୋକ୍ତ 182 ମାମଲାରୁ 179 ରେ ଆଠଟି ଏଲ୍ଏଓ/ ଏସ୍ଏଲଏଓ ମାନଙ୍କ ଦ୍ୱାରା 370.49 କୋଟି ଟଙ୍କା କ୍ଷତିପୂରଣ , ପ୍ରଦାନ (ଜାନୁଆରୀ 2017 ରୁ ନଭେମ୍ବର 2022)ପରୀକ୍ଷା କରାଯାଇଥିଲା । ଏଥିମଧ୍ୟରୁ ଜମି ରେକର୍ଡଗୁଡ଼ିକର ଅପଡେଟ୍ ହୋଇନଥିବାରୁ ଡିସେମ୍ବର 2022 ସୁଦ୍ଧା, 120.94 କୋଟି ଟଙ୍କା ବଣ୍ଟନ ହୋଇପାରି ନ ଥିଲା, ଯାହା **ସାରଣୀ 4.5** ରେ ବର୍ଣ୍ଣନା କରାଯାଇଛି:

***ସାରଣୀ4.5: କ୍ଷତିପୂରଣ ପ୍ରଦାନ ନକରିବାର ବିବରଣୀ***


| ଜିଲ୍ଲା | ଏଲ୍ଏଓ/ଏସ୍ଏଲ୍ଏଓଙ୍କ ନାମ | ଏଲ୍ଏ ମାମଲା ସଂଖ୍ୟା | ଅଧିଗୃହୀତ କ୍ଷେତ୍ର | ବଣ୍ଟନ କରାଯାଇଥିବା କ୍ଷତିପୂରଣର ସ୍ଥିତି (ଟଙ୍କା ଲକ୍ଷରେ) | | |
|---|---|---|---|---|---|---|
| | | | | ପୁରସ୍କାର | ବଣ୍ଟନ | ଅବଶେଷ |
| କଳାହାଣ୍ଡି | ଏସ୍ଏଲ୍ଏଏବଂ ଆର୍‌ଆର୍‌ଓ, ଆର୍‌ଆଇପି | 5 | 7.66 | 27.72 | 4.01 | 23.71 |
| କେଉଁଝର | ଏସ୍ଏଲ୍ଏଓ, କେଆଇପି | 25 | 546.113 | 8,514.75 | 7,117.03 | 1,397.72 |
| କୋରାପୁଟ | ଏସ୍ଏଲ୍ଏଓ, ଟିଏମ୍‌ଆଇପି | 39 | 195.69 | 655.80 | 564.70 | 91.10 |
| | ଏଲ୍ଏଓ, କୋରାପୁଟ | 2 | 14.31 | 447.47 | 439.25 | 8.22 |
| ମୟୁରଭଞ୍ଜ | ଏସ୍ଏଲ୍ଏଓ, ଏସ୍‌ଆଇପି | 27 | 1,519.12 | 12,037.97 | 9,804.57 | 2,233.40 |

| ଜିଲ୍ଲା | ଏଲ୍ଏଓ/ଏସ୍ଏଲ୍ଏଓଙ୍କ ନାମ | ଏଲ୍ଏ ମାମଲା ସଂଖ୍ୟା | ଅଧିଗ୍ରହୀତ କ୍ଷେତ୍ର | ବଣ୍ଟନ କରାଯାଇଥିବା କ୍ଷତିପୂରଣର ସ୍ଥିତି (ଟଙ୍କା ଲକ୍ଷରେ) | | |
|---|---|---|---|---|---|---|
| | | | | ପୁରସ୍କାର | ବଣ୍ଟନ | ଅବଶେଷ |
| | ଏଲ୍ଏଓ, ମୟୁରଭଞ୍ଜ | 10 | 8.23 | 1,322.27 | 688.01 | 634.26 |
| ସୁନ୍ଦରଗଡ଼ | ଏଲ୍ଏଓ , ସୁନ୍ଦରଗଡ଼ | 42 | 516.82 | 11,613.12 | 6,113.93 | 5,499.19 |
| | ଏସ୍ଏଲ୍ଏଓ, ଟିବିଆର୍ଏଲ୍ପି | 29 | 247.64 | 2,429.66 | 222.96 | 2,206.70 |
| ମୋଟ | | **179** | **3,055.583** | **37,048.76** | **24,954.46** | **12,094.30** |

***(ଉତ୍ସ: ଯାଞ୍ଚ ପରୀକ୍ଷା ହୋଇଥିବା ଏଲ୍ ଏଓ/ଏସ୍ଏଲ୍ ଏଓ କାର୍ଯ୍ୟାଳୟଗୁଡିକର ରେକର୍ଡ)***

ବିତରଣ ଏବଂ ବିତରଣ ହୋଇନ ଥିବା କ୍ଷତିପୁରଣ ରାଶିର ଏଲ୍ଏଓ/ ଏସ୍ଏଲ୍ଏଓ ଅନୁଯାୟୀ ପ୍ରତିଶତ, **ଚାର୍ଟ 4.2** ରେ ଦର୍ଶାଯାଇଛି:

***ଚାର୍ଟ 4.2: ଏଲ୍ ଏଓ/ ଏସ୍ଏଲ୍ ଏଓ ମାନଙ୍କ ଦ୍ୱାରା ବଣ୍ଟନ ଏବଂ ଅଣଆବଣ୍ଟିତ କ୍ଷତିପୂରଣର ପ୍ରତିଶତ***




ଅଡିଟ୍ ଲକ୍ଷ୍ୟ କରିଥିଲା ଯେ:

- 15 ଟି ଏଲ୍ଏ ମାମଲାରେ[46] (ଡିସେମ୍ବର 2022 ସୁଦ୍ଧା ) କୌଣସି ଯଦିଓ କ୍ଷତିପୂରଣ ଆୱାର୍ଡ 11.48 କୋଟି ଟଙ୍କା ଅଗଷ୍ଟ 2020 ରୁ ନଭେମ୍ବର 2022 ମଧ୍ୟରେ ପାସ୍ ହୋଇଥିବା କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ନଥିଲା ।
- 39 ଏଲଏ୍ ମାମଲାରେ ଦେୟ ପ୍ରତିଶତ 50 ରୁ କମ୍ ଥିଲାବେଳେ ଅନ୍ୟ 34 କ୍ଷେତ୍ରରେ ଦେୟ ପ୍ରତିଶତ 50 ରୁ 80 ମଧ୍ୟରେ ଥିଲା ।

---

46 ଏଲ୍ଏଓ, ସୁନ୍ଦରଗଡ଼:1; ଏସ୍ଏଲ୍ଏଓ, ଟିବିଆର୍ଏଲ୍ପି, ସୁନ୍ଦରଗଡ଼: 9; ଏସ୍ଏଲ୍ଏଓ, ଟିଏମ୍ଆଇପି: 1; ଏଲ୍ଏଓ, ମୟୁରଭଞ୍ଜ: 3 ଏବଂ ଏସ୍ଏଲ୍ଏଆର୍ଆରଓ, ଆର୍ଆଇପି: 1

- ଯଦିଓ କ୍ଷତିପୂରଣ ନିର୍ଦ୍ଧାରିତ ସମୟସୀମା ପରେ ମଧ ପ୍ରଦାନ କରାଯାଇ ନଥିଲା, ତାହା ଏଲ୍ଏଆର୍ଆର୍ କର୍ତ୍ତୃପକ୍ଷଙ୍କୁ ସୁଚିତ କରାଯାଇ ନଥିଲା । ଏହା ବ୍ୟତୀତ , ଏହିପରି ବିଳମ୍ବିତ ଦେୟ ଫଳରେ ଅଧିଗୃହିତ ଜମିର ଅଧିକାରକୁ ନେବା ସହିତ ପ୍ରକଳ୍ପର ଆରମ୍ଭ ହେବାରେ ମଧ୍ୟ ବିଳମ୍ବ ହୋଇଥିଲା ।

  ଏହା **ଅନୁଛେଦ 4.2.2** ରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

**କେସ୍ ଅଧ୍ୟୟନ : 4.1**

**ଗେଲ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡା ତହସିଲ ଅଧିନରେ ଥିବା କାଲୋସିରିଆ ଗ୍ରାମରେ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏଲ୍ଏଓ ସୁନ୍ଦରଗଡ଼ 0.90 ଏକର ଜମି[47]ଅଧିଗ୍ରହଣ ପାଇଁ 120 ଲକ୍ଷ ଟଙ୍କାର କ୍ଷତିପୂରଣ ଆୱାର୍ଡ ପାସ୍ (ମାର୍ଚ୍ଚ 2021) କରିଥିଲେ । ରେକର୍ଡ ହୋଇଥିବା ପ୍ରଜାଙ୍କର ଦେହାନ୍ତ ହୋଇଯାଇଥିଲା । ଏଲ୍ଏଓ, 11 ଜଣଙ୍କ ସପକ୍ଷରେ ଯେଉଁମାନେକି ଆଇନଗତ ଉତ୍ତରାଧିକାରୀ ଥିଲେ, କ୍ଷତିପୂରଣ ଆୱାର୍ଡ ପାସ୍ (9 ମାର୍ଚ୍ଚ 2021) କରିଥିଲେ । ଚାରି ଜଣ ଆଇନଗତ ଉତ୍ତରାଧିକାରୀ ଏକ ଆଫିଡେଭିଟ୍ ଦାଖଲ କରି ଦର୍ଶାଇଥିଲେ ଯେ, ଅବଶିଷ୍ଟ ସାତ ଜଣ ଆଇନଗତ ଉତ୍ତରାଧିକାରୀ ସେମାନଙ୍କୁ ସେମାନଙ୍କ ତରଫରୁ କ୍ଷତିପୂରଣ ରାଶି ଗ୍ରହଣ କରିବାକୁ ଅନୁମତି ଦେଇଛନ୍ତି । ସେହି ଅନୁଯାୟୀ, ଏଲ୍ଏଓ ଚାରିଜଣଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ତିନି ଆଇନଗତ ଉତ୍ତରାଧିକାରୀଙ୍କ ଠାରୁ କ୍ଷତିପୂରଣ ରାଶି ଗ୍ରହଣ ନକରିବା ବିଷୟରେ ଦୁଇଟି ଆପତ୍ତି ଆବେଦନ ଗ୍ରହଣ କରାଯାଇଥିଲା । ଏହି ବିଷୟରେ ଉପଜିଲ୍ଲାପାଳ,ପାନପୋଷଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇଥିଲା ଏବଂ ସେ ଜଣାଇଲେ (ଜୁଲାଇ 2021) ଯେ, ଜଣେ ସହ ଅଂଶୀଦାର ଜମି ଅଧିଗ୍ରହଣ କିମ୍ବା ରାଶି ବଣ୍ଟନ ସମ୍ବନ୍ଧରେ ସଠିକ୍ ତଥ୍ୟ ପ୍ରକାଶ ନକରି ଅନ୍ୟ ଆଇନଗତ ଉତ୍ତରାଧିକାରୀମାନଙ୍କୁ ବିଭ୍ରାନ୍ତ କରିଥିଲେ ଏବଂ ଆଫିଡେଭିଟ୍ ଉପରେ ସେମାନଙ୍କର ଦସ୍ତଖତ/ ଟିପ ଚିହ୍ନ ନେଇଥିଲେ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ସୁନ୍ଦରଗଡ଼ କ୍ଷତିପୂରଣ ରାଶି ହଡ଼ପ କରିଥିବା ଆଇନଗତ ଉତ୍ତରାଧିକାରୀଙ୍କ ବିରୁଦ୍ଧରେ ଏଫ୍ଆଇଆର୍ ଦାଖଲ (ନଭେମ୍ବର 2021) କରିଥିଲେ ।**

**କ୍ଷତିପୂରଣ ପୁରସ୍କାର ଅନୁମୋଦନ କରିବା ପୂର୍ବରୁ ଯଦି ଆରଓଆର୍ ଗୁଡ଼ିକ ସଂଶୋଧିତ ହୋଇଥାନ୍ତା, ପ୍ରକୃତ ଜମି ମାଲିକମାନେ ଏପରି ଜଟିଳତା ବିନା ସେମାନଙ୍କ ଅଂଶ ପାଇପାରିଥାନ୍ତେ ।**

- ଉପରୋକ୍ତ ବ୍ୟତୀତ, କେଉଁଝର ଜିଲ୍ଲାର[48] 15.765 ଏକର ଜମି ଅଧିଗ୍ରହଣ ସହିତ ଜଡ଼ିତ 20 ଟି ଏଲ୍ଏ ମାମଲାରେ ଜୁଲାଇ 2021 ରୁ ଅପ୍ରେଲ 2022 ମଧରେ ଜମି ରେକର୍ଡ ଅପଡେଟ୍ ଏବଂ 8.47 କୋଟି ଟଙ୍କା କ୍ଷତିପୂରଣ ଆୱାର୍ଡ ସତ୍ତ୍ୱେ 1.06 କୋଟି ଟଙ୍କା ଡିସେମ୍ବର 2022 ସୁଦ୍ଧା ବଣ୍ଟନ କରାଯାଇ ନଥିଲା ।

ଏହାର ଉତ୍ତରରେ ଏସ୍ଏଲ୍ଏ ଏବଂ ଆର୍ଆର୍ଓ, ଟିଏମ୍ଆଇପି କହିଲେ ଯେ ଯଦିଓ ତହସିଲଦାରଙ୍କୁ ଆର୍ଓଆର୍ ଗୁଡ଼ିକୁ ଅପ୍ଡେଟ୍ କରିବା ପାଇଁ ଅନୁରୋଧ କରାଯାଇଥିଲା, ତାହା କରିନଥିଲେ । ଏସ୍ଏଲ୍ଏଓ, ଏସ୍ଆଇପି, ବାରିପଦା କହିଲେ ଯେ ଆର୍ଓଆର୍ ଗୁଡ଼ିକୁ ଅପ୍ଡେଟ୍ କରିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ । ଏଲ୍ଏଓ, ସୁନ୍ଦରଗଡ଼ ଏବଂ ମୟୁରଭଞ୍ଜ ଦ୍ୱାରା କୌଣସି ପ୍ରତିକ୍ରିୟା ଦିଆଯାଇ ନଥିଲା, ଯେତେବେଳେ କି ଅନ୍ୟ ଏଲ୍ଏଓ / ଏସ୍ଏଲ୍ଏଓ ମାନେ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣକୁ ନୋଟ୍ କରିଥିଲେ । ଏସ୍ଏଲ୍ଏଓ ଏବଂ

[47] ରେକର୍ଡରେ ଥିବା ପ୍ରଜା: ଦୁଲୁ ଓରାମ, ପିତା ଚଇନ ଓରାମ, ଖାତା ସଂଖ୍ୟା.129/141, ପ୍ଲଟ୍ ସଂଖ୍ୟା. 586, ଅଧିଗ୍ରହଣ ହେବାକୁ ଥିବା କ୍ଷେତ୍ର: 1.52 ମାମଲା ମଧରୁ 0.90 ଏକର

[48] ଏସ୍ଏଲ୍ଏଓ, ଡିବିଆର୍ଏଲ୍ପି: 16 ମାମଲା ଏବଂ ଏଲ୍ଏଓ, କେଉଁଝର: 4 ମାମଲା

ଆର୍‌ଓ ଆର୍‌ଆଇପି, କ୍ଷତିପୂରଣ ବଣ୍ଟନ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରାଯିବ ବୋଲି ନିଶ୍ଚିତ କରିଥିଲେ । ଏସ୍‌ଏଲ୍‌ଏଓ, କେଆଇପି ଏବଂ ଡିବିଆର୍‌ଏଲ୍ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇ ନଥିଲେ ।

***ସୁପାରିଶ 4.5: ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ହୋଇସାରିଥିବା ଜମି ଅଂଶ ଗୁଡ଼ିକର ରେକର୍ଡ ଅଫ୍ ରାଇଟସ୍, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ରେ ଧାର୍ଯ୍ୟ ହୋଇଥିବା ସୂଚୀ ଅନୁଯାୟୀ ଅପ୍‌ଡେଟ୍ କରିବା ଉଚିତ୍ ।***

### 4.2.2 କ୍ଷତିପୂରଣ ହେବା ପୂର୍ବରୁ ଜମିର ଦଖଲ ନେବା

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 38(1) ତଥା ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶନାମା (ମାର୍ଚ୍ଚ 2016) ଅନୁଯାୟୀ, କ୍ଷତିପୂରଣର ସମ୍ପୂର୍ଣ୍ଣ ଦେୟ ନିଶ୍ଚିତ କରିବା ପରେ ଜିଲ୍ଲାପାଳ ଜମିର ଦଖଲ ନେଇପାରିବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ନମୁନା ଯାଞ୍ଚ କରାଯାଇଥିବା 203 ଏଲ୍‌ଏ ମାମଲା ମଧ୍ୟରୁ 158 ଟିରେ 2,542.131 ଏକର ଜମିର ଦଖଲ ନିଆଯାଇଥିଲା, ଯେତେବେଳେ 2017-18 ରୁ 2021-22 ମଧ୍ୟରେ କ୍ଷତିପୂରଣ ଆୱାର୍ଡ ପାସ୍ କରାଯାଇଥିଲା । ଅଡିଟ୍ ଜାଣିବାକୁ ପାଇଲା ଯେ 158 ଏଲ୍‌ଏ ମାମଲା ମଧ୍ୟରୁ 114 ଟିରେ 2,449.594 ଏକର ଜମିର ସମ୍ପୂର୍ଣ୍ଣ ଅଧିକାର, ମୋଟ କ୍ଷତିପୂରଣ ରାଶିର[49] କେବଳ 83 ପ୍ରତିଶତ ପ୍ରଦାନ କରି ନିଆଯାଇଥିଲା ଯାହା **ସାରଣୀ 4.6** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି:

***ସାରଣୀ 4.6: କ୍ଷତିପୂରଣର ସମ୍ପୂର୍ଣ୍ଣ ଦେୟ ନିଶ୍ଚିତ ନକରି ଅଧିଗ୍ରହଣ ହୋଇଥିବା ଜମିର ଅଧିକାର ହାତକୁ ନେବା***

| ଜିଲ୍ଲା | ଏଲ୍‌ଏଓ/ ଏସ୍‌ଏଲ୍‌ଏଓ ମାନଙ୍କର ନାମ | ଅଧିକାର ନିଆଯାଇଥିବା ଏଲ୍‌ଏ ମାମଲା | | କ୍ଷତିପୂରଣ ସମ୍ପୂର୍ଣ୍ଣ ଦେୟ ନିଶ୍ଚିତ ନକରି ଅଧିକାର କରାଯାଇଥିବା ଏଲ୍‌ଏ ମାମଲା | |
|---|---|---|---|---|---|
| | | ସଂଖ୍ୟା | କ୍ଷେତ୍ରଫଳ (ଏକରରେ) | ସଂଖ୍ୟା | କ୍ଷେତ୍ରଫଳ (ଏକରରେ) |
| କଳାହାଣ୍ଡି | ଏଲ୍‌ଏଓ, କଳାହାଣ୍ଡି | 2 | 113.01 | 2 | 113.01 |
| | ଏସ୍‌ଏଲ୍‌ଏ ଏବଂ ଆର୍‌ଓ, ଆର୍‌ଆଇପି | 4 | 7.02 | 3 | 3.54 |
| କେଉଁଝର | ଏଲ୍‌ଏଓ, କେଉଁଝର | 2 | 1.66 | 1 | 0.80 |
| | ଏସ୍‌ଏଲ୍‌ଏଓ, ଡିପିଆର୍‌ଏଲ୍ | 16 | 11.05 | 14 | 9.42 |
| | ଏସ୍‌ଏଲ୍‌ଏଓ, କେଆଇପି | 25 | 546.113 | 24 | 514.463 |
| କୋରାପୁଟ | ଏଲ୍‌ଏଓ, କୋରାପୁଟ | 2 | 14.31 | 1 | 0.26 |
| | ଏସ୍‌ଏଲ୍‌ଏ ଏବଂ ଆର୍‌ଆର୍‌ଓ, ଟିଏମ୍‌ଆଇପି | 37 | 195.10 | 21 | 185.29 |
| ମୟୁରଭଞ୍ଜ | ଏଲ୍‌ଏଓ, ମୟୁରଭଞ୍ଜ | 6 | 6.203 | 3 | 5.036 |
| | ଏସ୍‌ଏଲ୍‌ଏଓ, ଏସ୍‌ଆଇପି | 23 | 1,397.53 | 21 | 1,389.19 |
| ନବରଙ୍ଗପୁର | ଏଲ୍‌ଏଓ, ନବରଙ୍ଗପୁର | 1 | 0.74 | 0 | 0 |
| ସୁନ୍ଦରଗଡ଼ | ଏଲ୍‌ଏଓ, ସୁନ୍ଦରଗଡ଼ | 39 | 247.345 | 23 | 226.535 |
| | ଏସ୍‌ଏଲ୍‌ଏଓ, ସୁନ୍ଦରଗଡ଼ | 1 | 2.05 | 1 | 2.05 |
| ମୋଟ | | **158** | **2,542.131** | **114** | **2,449.594** |

***(ଉତ୍ସ: ନମୁନା ଯାଞ୍ଚ କରାଯାଇଥିବା ଏଲ୍‌ଏଓ/ ଏସ୍‌ଏଲ୍‌ଏଓ କାର୍ଯ୍ୟାଳୟଗୁଡ଼ିକର ରେକର୍ଡ)***

ଏହିପରି, କ୍ଷତିପୂରଣ ରାଶିର ସମ୍ପୂର୍ଣ୍ଣ ଦେୟ ସୁନିଶ୍ଚିତ ନକରି, ଜମିର ଦଖଲ ନେବା, ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶ ସହିତ ଆର୍‌ଏଫ୍‌ସିଟିଏଲ୍‌ଆର୍‌ଆର୍ ଅଧିନିୟମ, 2013 ର ଉଲ୍ଲଙ୍ଘନ ଥିଲା ।

[49] ମୋଟ କ୍ଷତିପୂରଣ ରାଶି 301.83 କୋଟି ଟଙ୍କା ବିପକ୍ଷରେ 250.69 କୋଟି ଟଙ୍କା (83 ପ୍ରତିଶତ) କ୍ଷତିପୂରଣ ପ୍ରଦାନ କରାଯାଇଥିଲା

ଏସ୍ଏଲ୍ଏ ଏବଂ ଆର୍ଆର୍ଓ, ଟିଏମ୍ଆଇପି ତଥ୍ୟକୁ ସ୍ୱୀକାର କଲେ ଏବଂ ଅବଶିଷ୍ଟ କ୍ଷତିପୂରଣ ରାଶି ଦେବାର ବିଷୟକୁ ଦକ୍ଷ ଅଧିକାରୀଙ୍କ ଦୃଷ୍ଟିକୁ ନିଆଯିବ ବୋଲି ନିଶ୍ଚିତ କରିଥିଲେ । ଏସ୍ଏଲ୍ଏଓ, ଏସ୍ଆଇପି ବ୍ୟକ୍ତ କଲେ ଯେ, ପ୍ରକଳ୍ପର ଆଗ୍ରହକୁ ଦୃଷ୍ଟିରେ ରଖି ଜମିର ଦଖଲ ନିଆଯାଇଥିଲା । ଏସ୍ଏଲ୍ଏଓ, କେଆଇପି ନିଶ୍ଚିତ କଲେ ଯେ ଭବିଷ୍ୟତରେ କ୍ଷତିପୂରଣ ସମ୍ପୂର୍ଣ୍ଣ ଦେୟ ନିଶ୍ଚିତ ହେବା ପରେ ଜମିର ଦଖଲ ନିଆଯିବ । ଏସ୍ଏଲ୍ଏଓ, ଡିବିଆରଏଲ୍ପି କହିଲେ ଯେ ଦ୍ୱିଗୁଣିତ ରେଳ ଲିଙ୍କ ପ୍ରକଳ୍ପର ନିର୍ମାଣ ପାଇଁ ସରକାରଙ୍କ ଚାପ ଯୋଗୁଁ ଦଖଲ ନିଆଯାଇଥିଲା

ଏହାର ଉତ୍ତର ଗ୍ରହଣୀୟ ନଥିଲା, କାରଣ କ୍ଷତିପୂରଣ ରାଶିର ସମ୍ପୂର୍ଣ୍ଣ ଦେୟ ନିଶ୍ଚିତ କରିବା ପୂର୍ବରୁ ଜମିର ଦଖଲ ନେଇ ଜମି ମାଲିକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇଥିଲା ।

### 4.2.3 ସଂରଚନା, କୂଅ, ପୋଖରୀ ଏବଂ ଗଛ ପାଇଁ କ୍ଷତିପୂରଣ ପ୍ରଦାନ ନକରିବା

ଜିଲ୍ଲାପାଳ, ସୁନ୍ଦରଗଡ଼, ସୁନ୍ଦରଗଡ଼ରେ 4000 ମେଗାୱାଟ୍ ଅଲଟ୍ରା ମେଗା ପାୱାର ପ୍ରକଳ୍ପ (ୟୁଏମ୍ପିପି) ପ୍ରତିଷ୍ଠା ପାଇଁ 2,731.431 ଏକର ଜମି ଅଧିଗ୍ରହଣ ପାଇଁ 713.29 କୋଟି ଟଙ୍କାର କ୍ଷତିପୂରଣ ଆୱାର୍ଡ ଅନୁମୋଦନ କରିଥିଲେ (ଅଗଷ୍ଟ 2013) । ଅଧିଗ୍ରହଣ ହୋଇଥିବା ଜମିକୁ ଜମି ଅଧିଗ୍ରହଣ କରିବାକୁ ଚାହୁଁଥିବା କର୍ତ୍ତୃପକ୍ଷ ଯଥା- ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଆଇଡିସିଓ) କୁ ନଭେମ୍ବର 2014 ରୁ ଫେବୃଆରୀ 2015 ମଧ୍ୟରେ ଦିଆଯାଇଥିଲା । ଏହି ରାଶିରେ ଜମି ପାଇଁ 620.87 କୋଟି ଟଙ୍କା, ସଂରଚନା, କୂଅ, ପୋଖରୀ ଇତ୍ୟାଦି 85.70 କୋଟି ଟଙ୍କା ଏବଂ ଗଛ ପାଇଁ 6.72 କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ପୁନର୍ବାସ ଓ ପେରିଫେରୀ ବିକାଶ ପରାମର୍ଶଦାତା କମିଟି[50] (ଆର୍ପିଡିଏସି) ଏହାର ବୈଠକରେ (18 ଅକ୍ଟୋବର 2014) ନିଷ୍ପତ୍ତି ନେଲେ ଯେ ବୃକ୍ଷର (6.72 କୋଟି ଟଙ୍କା) ଏବଂ ସଂରଚନା (85.70 କୋଟି ଟଙ୍କା)ମୂଲ୍ୟର କ୍ଷତିପୂରଣ ଆର୍ଏବଂଆର୍ ସାଇଟର ଚୂଡ଼ାନ୍ତ ନ ହେଲା ପର୍ଯ୍ୟନ୍ତ ପ୍ରଦାନ କରାଯିବ ନାହିଁ । ଏହାପରେ, ନା ଆର୍ପିଡିଏସିର କୌଣସି ମିଟିଙ୍ଗ ଅନୁଷ୍ଠିତ ହୋଇନଥିଲା ନା ଆର୍ଏବଂଆର୍ ସାଇଟର ମଧ୍ୟ କିଛି ଚୂଡ଼ାନ୍ତ ହୋଇଥିଲା । ଫଳସ୍ୱରୂପ, ଆୱାର୍ଡ ତାରିଖ ଠାରୁ ନଅ ବର୍ଷ ରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ 92.42 କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇ ପାରି ନଥିଲା (ଡିସେମ୍ବର 2022 ସୁଦ୍ଧା) ।

ଏହାର ଉତ୍ତରରେ, ସୁନ୍ଦରଗଡ଼ ଉପ-ଜିଲ୍ଲାପାଳ ତଥ୍ୟକୁ ସ୍ୱୀକାର କରିବା ବେଳେ ବିଚାରାଧୀନ କ୍ଷତିପୂରଣ ରାଶିର ଶୀଘ୍ର ବିତରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

### 4.2.4 କ୍ଷତିପୂରଣ ରାଶିରୁ ଉତ୍ସ ଉପରେ ଆୟକର(ଟିଡିଏସ୍)ର ଅନିୟମିତ କାଟିବା

ଆର୍ଏଫ୍ସିଟିଏଲ୍ଏଆରଆରର ଅଧିନିୟମ, 2013 ର ଧାରା 96 ଅନୁଯାୟୀ, ଧାରା 46 ଅର୍ଥାତ୍ ଜମିର ପ୍ରତ୍ୟକ୍ଷ କ୍ରୟ ବ୍ୟତୀତ, ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା କୌଣସି ଆୱାର୍ଡ କିମ୍ବା ଚୁକ୍ତିନାମା ଉପରେ କୌଣସି ଆୟକର କିମ୍ବା ଷ୍ଟାମ୍ପ ଡ୍ୟୁଟି ଲାଗୁ କରାଯିବ ନାହିଁ । ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ମଧ୍ୟ ସ୍ପଷ୍ଟ କରିଛି (25 ଅକ୍ଟୋବର 2016) ଯେ, ଆୱାର୍ଡ କିମ୍ବା ଚୁକ୍ତିନାମା ଅନୁଯାୟୀ ପ୍ରାପ୍ତ କ୍ଷତିପୂରଣ, ଯାହା ଆର୍ଏଫ୍ସିଟିଏଲ୍ଏଆରଆର ଅଧିନିୟମ, 2013 ର ଧାରା 96 ଅନୁଯାୟୀ ଆୟକର ଲାଗୁରୁ ମୁକ୍ତ ହୋଇଛି, ତାହା ଟିକସଯୋଗ୍ୟ ମଧ୍ୟ ହେବ ନାହିଁ । ଏହି ପରିପ୍ରେକ୍ଷୀରେ ଅଡିଟ୍ ଲକ୍ଷ୍ୟ କଲା ଯେ:

- ଏଲ୍ଏଓ, ସୁନ୍ଦରଗଡ଼ ଆର୍ଥିକ ବର୍ଷ 2018-19 ରୁ 2021-22 ମଧ୍ୟରେ, ସଂରଚନା ପାଇଁ ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶିର 264 ଆୱାର୍ଡ ପ୍ରାପ୍ତ ବ୍ୟକ୍ତିଙ୍କ ଠାରୁ 10 ପ୍ରତିଶତ ହାରରେ ଅନିୟମିତ ଭାବରେ 5.86 କୋଟି ଟଙ୍କା ଟିଡିଏସ୍ କାଟିଥିଲେ । ତେବେ, ଟିଡିଏସ୍ ରାଶିକୁ ତଥାପି, ସଂପୃକ୍ତ ଆଇଟି କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରାଯାଇ ଥିଲା ।

[50] ଆରମ୍ଭ ହୋଇଥିବା ଆର୍ଆଣ୍ଡଆର୍ ପଦକ୍ଷେପ ଗୁଡ଼ିକର ତଦାରଖ କରିବାକୁ ଓଡ଼ିଶା ଆର୍ଆଣ୍ଡଆର୍ ନୀତି, 2006 ଗଠିତ

- ସେହି ସମାନ ଏଲ୍ଏଓ, ପୁନର୍ବାର 2022-23 ସମୟରେ ସଂରଚନା ପାଇଁ ଦିଆଯାଇଥିବା 17 ଆୱାର୍ଡ ପ୍ରାପ୍ତ ବ୍ୟକ୍ତିଙ୍କ କ୍ଷତିପୂରଣ ରାଶିରୁ 21.90 ଲକ୍ଷ ଟଙ୍କାର ଟିଡିଏସ୍ ଅନିୟମିତ ଭାବରେ କାଟିଥିଲେ । ଏହି ଟଙ୍କା ତଥାପି ସଂପୃକ୍ତ ଆଇଟି କର୍ତ୍ତୃପକ୍ଷଙ୍କ ନିକଟରେ ଜମା ହୋଇନଥିଲା । କଟାଯାଇଥିବା ରାଶି ମଧ୍ୟରୁ ଏଲ୍ଏଓ 12.74 ଲକ୍ଷ ଟଙ୍କା ଛଅ ଜଣ ଆୱାର୍ଡ ପ୍ରାପ୍ତ ବ୍ୟକ୍ତିଙ୍କୁ ଫେରସ୍ତ କରିଥିବାବେଳେ ଅବଶିଷ୍ଟ 9.16 ଲକ୍ଷ ଟଙ୍କା ଏଲ୍ଏଓଙ୍କ ପାଖରେ ରହିଥିଲା (ଡିସେମ୍ବର 2022), ଯାହା ଅନିୟମିତ ଥିଲା ।

ତେଣୁ, ଏଲ୍ଏଓ, ସୁନ୍ଦରଗଡ଼, ଆର୍ଏଫ୍ସିଟିଏଲ୍ଏଆରଆର ଅଧିନିୟମର ଉଲ୍ଲଙ୍ଘନ କରି ଅନିୟମିତ ଭାବରେ ଟିଡିଏସ୍ କାଟୁଥିଲେ ।

ଏହାର ଉତ୍ତରରେ, ଏଲ୍ଏଓ କହିଲେ ଯେ ସଂରଚନା ମାଲିକଙ୍କର ପିଏଏନ୍ ଥିବା କାରଣରୁ ଟିଡିଏସ୍ ଅଜାଣତରେ କଟାଯାଇଥିଲା ଏବଂ ତାହା ଆଇଟି ହେଡ ଅଧୀନରେ ଜମା ହୋଇଅଛି । ସଂପୃକ୍ତ ବ୍ୟକ୍ତିମାନେ ସେହି ଅନୁଯାୟୀ ଆଇଟି ରିଟର୍ଣ୍ଣ ଦାଖଲ କରୁଥିଲେ ଏବଂ ସେହି ଅନୁଯାୟୀ ସେମାନଙ୍କର କଟାଯାଇଥିବା କ୍ଷତିପୂରଣ ଫେରସ୍ତ ପାଉଥିଲେ । ଉତ୍ତରଟି ଗ୍ରହଣ ଯୋଗ୍ୟ ନଥିଲା କାରଣ ଜମି ଅଧିଗ୍ରହଣ ପାଇଁ ଦିଆଯାଇଥିବା କ୍ଷତିପୂରଣରୁ ଟିଡିଏସ୍ କାଟିବା ଅନିୟମିତ ଥିଲା । ଅଧିକନ୍ତୁ, ଜମି ମାଲିକମାନେ ଟିଡିଏସ୍ ରାଶି ଫେରସ୍ତ ପାଇଥିବାର ସମର୍ଥନରେ ଏଲ୍ଏଓଙ୍କ ପାଖରେ କୌଣସି ଦସ୍ତାବିଜ୍ ପ୍ରମାଣ ଉପଲବ୍ଧ ନଥିଲା ।

### 4.2.5 ଏଲ୍ଏ ପ୍ରକ୍ରିୟା ଆରମ୍ଭ ନକରି ଏବଂ କ୍ଷତିପୂରଣ ପ୍ରଦାନ ନକରି ଘରୋଇ ଜମି ଅଧିଗ୍ରହଣ

ଭାରତର ସମ୍ବିଧାନର ଧାରା 300 ଏ ଧାର୍ଯ୍ୟ କରିଛି ଯେ ଆଇନର ପ୍ରାଧିକରଣ ବ୍ୟତୀତ କୌଣସି ନାଗରିକ ତାଙ୍କ ସମ୍ପତ୍ତିରୁ ବଞ୍ଚିତ ହେବେ ନାହିଁ । ଆର୍ଏଫ୍ସିଟିଏଲ୍ଏଆରଆର ଅଧିନିୟମ, 2013, ରାଜ୍ୟ ସରକାରଙ୍କୁ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରିବା ପରେ ଘରୋଇ ଜମି ଅଧିଗ୍ରହଣ ପାଇଁ କ୍ଷମତା ପ୍ରଦାନ କରିଛି । ଏହି ଅଧିନିୟମର ଧାରା 38 ଅନ୍ୟାନ୍ୟ ସହିତ, ହକ୍ଦାର ବ୍ୟକ୍ତିଙ୍କୁ କ୍ଷତିପୂରଣ ଏବଂ ଆର୍ଆଣ୍ଡଆର୍ ଅଧିକାରଗୁଡ଼ିକର ସମ୍ପୂର୍ଣ୍ଣ ଦେୟ ସୁନିଶ୍ଚିତ କରିବା ପରେ ସଂଗ୍ରହକାରୀଙ୍କୁ ଅଧିଗ୍ରହଣ ହୋଇଥିବା ଜମିକୁ ଅଧିକାର କରିବାକୁ ଜିଲ୍ଲାପାଳଙ୍କୁ ଅଧିକୃତ କରିଥାଏ ।

ଅଡିଟ୍ ଲକ୍ଷ୍ୟ କଲା ଯେ ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ 57,453 ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଏଲ୍ଏଓ, ସୁନ୍ଦରଗଡ଼ ଏବଂ କୋରାପୁଟଙ୍କ ପାଖରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲା ଯାହା **ସାରଣୀ 4.7** ରେ ବିସ୍ତୃତ ଭାବରେ ବିଶ୍ଳେଷଣ କରାଯାଇଛି । ଅବଶ୍ୟ, ଏଲ୍ଏ ପ୍ରକ୍ରିୟା ଆରମ୍ଭ କିମ୍ବା ସମାପ୍ତ ହେବା ପୂର୍ବରୁ ଏହି ଜମି ସରକାରଙ୍କ ଦ୍ୱାରା ଦଖଲ ହୋଇସାରିଥିଲା ।

***ସାରଣୀ 4.7: ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପ୍ରଦାନ ପୂର୍ବରୁ ଘରୋଇ ଜମିର ଦଖଲ***


| କ୍ର. ସଂ. | ଜମି ଆବଶ୍ୟକତାର ଉଦ୍ଦେଶ୍ୟ | ଅଧିଗ୍ରହଣ ଅଧୀନରେ ଥିବା ଗ୍ରାମର ନାମ/ କ୍ଷେତ୍ର (ଏକରରେ) | ମନ୍ତବ୍ୟ |
|---|---|---|---|
| **କ. ଏଲ୍ଏଓ, ସୁନ୍ଦରଗଡ଼** | | | |
| 1 | ଘୋଘର ମଧ୍ୟମ ଜଳସେଚନ ପ୍ରକଳ୍ପ (ଏମ୍ଆଇପି) ର ହେଡ୍ ୱାର୍କସ୍ ନିର୍ମାଣ | ଇଟମା/ 3.82 | ଜମି ଅଧିଗ୍ରହଣ ମାମଲା ଆରମ୍ଭ ହୋଇଥିଲା । ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (ଏସ୍ଆଇଏ) ଅନ୍ତର୍ଗତ ପ୍ରକ୍ରିୟାର ବିଜ୍ଞପ୍ତି ପ୍ରଦାନ ଚାଲିଥିଲା । କୌଣସି କ୍ଷତିପୂରଣ ପ୍ରଦାନ କରାଯାଇ ନଥିଲା । ଗୁଗୁଲ୍ ମାନଚିତ୍ରରୁ ସ୍ପଷ୍ଟ ଦେଖାଯାଉଥିଲା ଯେପରି ଜଳସେଚନ ପ୍ରକଳ୍ପ ନିର୍ମିତ ହୋଇସାରିଥିଲା । |
| 2 | ଘୋଘର ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ | ଇଟମା / 3.10 | ଅକ୍ଟୋବର 2018 ରେ ଏସ୍ଆଇଏର ବିଜ୍ଞପ୍ତି ଜାରି ହୋଇଥିଲା ଏବଂ ଫେବୃଆରୀ 2020 ରେ ଘୋଷଣାନାମା ହୋଇଥିଲା । କ୍ଷତିପୂରଣ ତଥାପି ପ୍ରଦାନ କରାଯାଇ ନଥିଲା । ଗୁଗୁଲ ମାନଚିତ୍ରରୁ ସ୍ପଷ୍ଟ ଦେଖାଯାଉଥିଲା ଯେପରି ଜଳସେଚନ ପ୍ରକଳ୍ପ |

| କ୍ର. ସଂ. | ଜମି ଆବଶ୍ୟକତାର ଉଦ୍ଦେଶ୍ୟ | ଅଧିଗ୍ରହଣ ଅଧୀନରେ ଥିବା ଗ୍ରାମର ନାମ/ କ୍ଷେତ୍ର (ଏକରରେ) | ମନ୍ତବ୍ୟ |
|---|---|---|---|
| | | | ନିର୍ମିତ ହୋଇସାରିଥିଲା । |
| 3 | ଗାଡ଼ିଆଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ | ଗାଡ଼ିଆଜୋର/ 21.78<br>ଆମାସଦେଗୀ/ 7.86 | ଜାନୁଆରୀ 2020 ର ଏସ୍‌ଆଇଏର ବିଜ୍ଞପ୍ତି ଜାରି କରାଯାଇଥିଲା । ଏଲ୍‌ଏ ପ୍ରକ୍ରିୟାରେ ଆଉ ଅଗ୍ରଗତି ହୋଇନଥିଲା । ଗୁଗୁଲ ମାନଚିତ୍ରରୁ ସ୍ପଷ୍ଟ ଦେଖାଯାଉଥିଲା ଯେପରି ଜଳସେଚନ ପ୍ରକଳ୍ପ ନିର୍ମିତ ହୋଇସାରିଥିଲା । |
| 4 | ମଣିନାନାଲୀ ମଧ୍ୟମ ଜଳସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟର ଜଳଭଣ୍ଡାରର ନିର୍ମାଣ | ଟାଟିଜୋର /7.75<br>ବିରକାଲଦିହି/ 3.68 | ଜୁନ୍ 2020 ରେ ଏସ୍‌ଆଇଏ ବିଜ୍ଞପ୍ତି ଜାରି କରାଯାଇଥିଲା । ଏଲ୍‌ଏ ପ୍ରକ୍ରିୟାରେ ଆଉ ଅଗ୍ରଗତି ହୋଇନଥିଲା । ଏସ୍‌ଆଇଏ ରିପୋର୍ଟ ଅନୁଯାୟୀ 1994 ମସିହାରୁ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା ଏବଂ ଅଧିଗ୍ରହଣ ଅଧୀନରେ ଥିବା ପ୍ଲଟ୍‌ଗୁଡ଼ିକ ଜଳଭଣ୍ଡାରରେ ବୁଡ଼ି ଯାଇଥିଲା । |
| 5 | ସରସ୍ୱତୀ ନାଲା (ବାନ୍ଧପାଲି କିଙ୍ଗୀରକେଲା ରୋଡ) ଉପରେ ଏଚ୍‌ଏଲ୍ ବ୍ରିଜ୍ ନିର୍ମାଣ | ସାନପାତ୍ରାପାଲି: 0.48 ଏକର ଏବଂ ଖୁଣ୍ଟାଗାଁ: 0.35 ଏକର | ଫେବୃଆରୀ 2022 ରେ ଏସ୍‌ଆଇଏ ବିଜ୍ଞପ୍ତି ଜାରି କରାଯାଇଥିଲା । କ୍ୟାଡଷ୍ଟ୍ରାଲ ଭିଉରୁ ଜଣାପଡ଼ିଲା ଯେ ସରସ୍ୱତୀ ନାଲା ଉପରେ ଏଚ୍‌ଏଲ୍ ବ୍ରିଜ୍‌ର ନିର୍ମାଣ ପୂର୍ବରୁ ସେହି ଜମିର ଏକ ଅଂଶରେ କରାଯାଇଥିଲା, ଯାହାର ଅଧିଗ୍ରହଣ ସାନପତ୍ରପଲ୍ଲୀ ଗ୍ରାମରେ କରାଯିବାର ଉଦ୍ଦେଶ୍ୟ ଥିଲା । |
| 6 | ଆଇବି (ସବ୍‌ଡେଗା ରାଜପୁର ରୋଡ) ଉପରେ ଏଚ୍‌ଏଲ୍ ବ୍ରିଜ୍ ନିର୍ମାଣ | କୁକୁରୀଡିହି: 1.918 ଏକର ଏବଂ ଗାଇଲୋ: 1.455 ଏକର | ଏସ୍‌ଆଇଏ ଅଧ୍ୟୟନ ପ୍ରକ୍ରିୟା ଚାଲିଥିଲା । କ୍ୟାଡେଷ୍ଟ୍ରାଲ ଦୃଶ୍ୟରୁ ଜଣାପଡ଼ିଲା ଯେ ଇବ୍ ନଦୀ ଉପରେ ବ୍ରିଜ୍ ନିର୍ମାଣ କରାଯାଇଥିଲା, ଯାହାକି କୁକୁରିଡିହି ଗ୍ରାମରେ ଅଧିଗ୍ରହଣ ପାଇଁ ଉଦ୍ଦିଷ୍ଟ ଥିବା ଏକ ଜମିର ଏକ ଅଂଶ ଥିଲା । |
| **ଖ. ଏଲ୍‌ଏଓ, କୋରାପୁଟ** | | | |
| 7 | ଜୟପୁର ଏୟାରଷ୍ଟ୍ରିପ୍‌ର ବିକାଶ | ସୋରାଗୁଡ଼ା/ 5.26 | ନଭେମ୍ବର 2019 ରେ 3.32 ଏକର ପାଇଁ ଏବଂ ଜୁନ୍ 2022 ରେ 1.94 ଏକର ପାଇଁ ଏସ୍‌ଆଇଏ ବିଜ୍ଞପ୍ତି ଜାରି କରାଯାଇଥିଲା । ଅଗଷ୍ଟ 2022 ରେ 3.32 ଏକର ପାଇଁ ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା । ମାତ୍ର ବିଜ୍ଞପ୍ତି ପ୍ରକାଶ ପାଇଥିବା ଜମି ପୂର୍ବରୁ ଦଖଲ ହୋଇସାରିଥିଲା ଏବଂ ନିର୍ମାଣ କାର୍ଯ୍ୟ ଚାଲିଥିଲା । |
| | **ମୋଟ** | **57.453** | |

***(ଉତ୍ସ: ନମୁନା ଯାଞ୍ଚ କରାଯାଇଥିବା ଏଲ୍‌ଏଓ/ ଏସ୍‌ଏଲ୍‌ଏଓର କାର୍ଯ୍ୟାଳୟର ରେକର୍ଡ ଏବଂ ପ୍ଲଟଗୁଡ଼ିକର କ୍ୟାଡଷ୍ଟ୍ରାଲ୍ ଦୃଶ୍ୟ)***

ସାନପତ୍ରପଲ୍ଲୀ ଗ୍ରାମର ପ୍ଲଟ୍ ନମ୍ବର 795 (ସାରଣୀର କ୍ରମିକ ସଂଖ୍ୟା-5 ରେ) ର ଅକ ଅଂଶ ଉପରେ ଏକ ବ୍ରିଜ୍ ନିର୍ମାଣ ହୋଇଥିବାର କ୍ୟାଡେଷ୍ଟ୍ରାଲ୍ ଦୃଶ୍ୟ **ଚିତ୍ର 4.1** ରେ ଦର୍ଶାଯାଇଛି ।

ପ୍ରତିଛବି 4.1: ସାନପତ୍ରପଲ୍ଲୀ ଗ୍ରାମର ପ୍ଲଟ୍ ନମ୍ବର 795 ର କ୍ୟାଡଷ୍ଟ୍ରାଲ ଦୃଶ୍ୟ




| କେସ୍ ଅଧ୍ୟୟନ: 4.2 |
|---|
| **ମୟୁରଭଞ୍ଜ ଜିଲ୍ଲାର ବେତନଟି ତହସିଲ ଅନ୍ତର୍ଗତ ଭୋଗବତୀ ଗ୍ରାମରେ 4.59 ଏକର ପରିମିତ ଘରୋଇ ଜମିକୁ 1960 ମସିହା ପୂର୍ବରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଦଖଲ କରାଯାଇ ଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ, ଜମି ମାଲିକ ମାନଙ୍କୁ କୌଣସି କ୍ଷତିପୂରଣ ଦିଆଯାଇନଥିଲା । କ୍ଷୁବ୍ଧ ଜମି ମାଲିକମାନେ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ଏକ ଆବେଦନ କରିଥିଲେ (ସେପ୍ଟେମ୍ବର 2011 ରେ) । ନିର୍ଦ୍ଦେଶ ପ୍ରଦାନ ତାରିଖ ଠାରୁ ଛଅ ମାସ ମଧ୍ୟରେ ଏଲ୍ଏ ପ୍ରକ୍ରିୟା ସମାପ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2015) । ମୟୁରଭଞ୍ଜ ଜିଲ୍ଲାପାଳ, 6.44 କୋଟି ଟଙ୍କା କ୍ଷତିପୂରଣ ଆୱାର୍ଡ ପାସ୍ କରିଥିଲେ (ମାର୍ଚ୍ଚ 2018) । ସେଥିମଧ୍ୟରୁ ସେପ୍ଟେମ୍ବର 2022 ସୁଦ୍ଧା 6.35 କୋଟି ଟଙ୍କା ବିତରଣ କରାଯାଇ ଥିଲା ।** |

ଏହିପରି, ଯେତେବେଳେ ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ଅନୁସୂଚିତ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରିଥାଏ ଏବଂ ନିର୍ଦ୍ଧାରିତ କରିଛି ଯେ, ଏହି ଅଞ୍ଚଳରେ ଜମି ଅଧିଗ୍ରହଣ ଶେଷ ପନ୍ଥା ହେବା ଉଚିତ୍ ଏବଂ କୌଣସି ପରିସ୍ଥିତିରେ ଗ୍ରାମସଭାର ବିନା ଅନୁମତିରେ ଅଧିଗ୍ରହଣ କରାଯିବା ଉଚିତ୍ ନୁହେଁ, ମାତ୍ର ଓଡ଼ିଶା ସରକାରଙ୍କ ଆରଡିଏମ୍ ବିଭାଗର କାର୍ଯ୍ୟକାରୀ କର୍ତ୍ତୃପକ୍ଷ[51] ଅଧିନିୟମ ଉଲ୍ଲଙ୍ଘନ କରି, ଏପରିକି ଏଲ୍ଏ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା ନକରି ଜମି ଅଧିଗ୍ରହଣ କରିଥିଲେ । ଏପରିକି ଯେଉଁ କ୍ଷେତ୍ରରେ ସରକାର ଅବଗତ ଅଛନ୍ତି ଯେ ଅଧିନିୟମ ଅନୁଯାୟୀ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ ନକରି ଏବଂ ଜମି ମାଲିକଙ୍କୁ କ୍ଷତିପୂରଣ ନଦେଇ ଘରୋଇ ଜମି ଅଧିଗ୍ରହଣ ହୋଇଛି, ସରକାର ଜମି ମାଲିକଙ୍କୁ କ୍ଷତିପୂରଣ ଦେବା ପାଇଁ ପଦକ୍ଷେପ ନେଉନାହାଁନ୍ତି । ଏହିପରି, ଜମି ମାଲିକମାନେ କୋର୍ଟରେ ଆଶ୍ରୟ ନେବାକୁ ବାଧ ହୋଇଥିଲେ ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ଏଲ୍ଏଓ-କମ୍-ଉପ-ଜିଲ୍ଲାପାଳ, ଜୟପୁର କହିଲେ ଯେ ଆପ୍ରୋଚ୍ ରାସ୍ତା ନିର୍ମାଣ ଏବଂ ଏୟାରଷ୍ଟ୍ରିପ୍ ବିସ୍ତାର ପାଇଁ ଜରୁରୀ ଆବଶ୍ୟକତା ହେତୁ, ଏଲ୍ଏ ପ୍ରକ୍ରିୟା ଶେଷ ହେବା ପୂର୍ବରୁ ସଂପୃକ୍ତ

51 ଜିଲ୍ଲାପାଳମାନେ ଏବଂ ଏଲ୍ଏଓ/ ଏସ୍ଏଲ୍ଏଓ ମାନେ

ଜମି ପାର୍ସଲଗୁଡ଼ିକୁ ଦଖଲ କରାଯାଇଥିଲା । ସୁନ୍ଦରଗଡ଼ ଏବଂ ମୟୁରଭଞ୍ଜର ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ପ୍ରାପ୍ତ ହୋଇନଥିଲା (ଫେବୃଆରୀ 2024 ସୁଦ୍ଧା) ।

***ସୁପାରିଶ 4.6: ଆର୍ଏଫ୍‌ସିଟିଏଲ୍ଏଆର୍ଆର୍ ଅଧିନିୟମ 2013 ଅନୁଯାୟୀ ପ୍ରଦାନ କରାଯାଇଥିବା ପଦ୍ଧତିକୁ ଅନୁସରଣ ନକରି କୌଣସି ଜମି ଅଧିଗ୍ରହଣ କରାଯିବା ଉଚିତ୍ ନୁହେଁ ଏବଂ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ ନିଶ୍ଚିତ ହେବା ପରେ ଜମିର ଭୌତିକ ଦଖଲ ନେବା ଉଚିତ୍ ।***

# ଅଧ୍ୟାୟ 5

# ପୁନର୍ବାସ ଓ ପୁନଃଥଇଥାନ

# ଅଧ୍ୟାୟ 5

## ପୁନର୍ବାସ ଓ ପୁନଃଥଇଥାନ

*ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ଓ ବିସ୍ଥାପିତ ପରିବାରଗୁଡ଼ିକର ସାମାଜିକ ତଥା ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ନିମିତ୍ତ ପୁନର୍ବାସ ଓ ପୁନଃଥଇଥାନ (ଆର୍‌ଆଣ୍ଡଆର୍) ସୁବିଧା ପ୍ରଦାନ ବିଷୟ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ରେ ଉଲ୍ଲେଖ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆର୍‌ଆଣ୍ଡଆର୍ ନୀତିରେ ମଧ୍ୟ କିଛି ବ୍ୟବସ୍ଥା ରହିଛି । ଅଡିଟ୍, ନମୁନା ଜିଲ୍ଲାଗୁଡ଼ିକରେ ଦିଆଯାଇଥିବା ପୁନର୍ବାସ ଓ ପୁନଃଥଇଥାନ ସୁବିଧାର ସମୀକ୍ଷା କରିଥିଲେ ଏବଂ ଏବାବଦରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ନିମ୍ନରେ ଦର୍ଶାଯାଇଛି :*

- *ଯଦିଓ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ଅନୁଯାୟୀ ପ୍ରଭାବିତ ପରିବାରଗୁଡ଼ିକ ଆର୍‌ଆଣ୍ଡଆର୍ ସୁବିଧା ପାଇବାକୁ ହକ୍‌ଦାର ଥିଲେ, ତାହା ସେମାନଙ୍କୁ ଦିଆଯାଇ ନଥିଲା । କେବଳ ବିସ୍ଥାପିତ ପରିବାରମାନଙ୍କୁ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ଦିଆଯାଉଥିଲା ।*

- *2,208 ପ୍ରଭାବିତ/ ବିସ୍ଥାପିତ ପରିବାରକୁ ଜମି ଅଧିଗ୍ରହଣ କିମ୍ବା ବିସ୍ଥାପନ ପରେ ମଧ୍ୟ 176.51 କୋଟି ଟଙ୍କାର ପୁନର୍ବାସ ଓ ପୁନଃଥଇଥାନ ପ୍ରାପ୍ୟ ପ୍ରଦାନ କରାଯାଇ ନଥିଲା ।*

- *ଚାରିଟି ପ୍ରକଳ୍ପରେ, ଜମି ଅଧିଗ୍ରହଣ ହେତୁ ବିସ୍ଥାପିତ ହୋଇଥିବା 2,390 ପରିବାରଙ୍କୁ 5 ରୁ 60 ବର୍ଷ ବିତିଯାଇଥିଲେ ମଧ୍ୟ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ଦିଆଯାଇ ନଥିଲା ।*

- *ତିନୋଟି ପ୍ରକଳ୍ପରେ, ଆର୍‌ଆଣ୍ଡଆର୍ ସୁବିଧା ପାଇବାରେ ଯୋଗ୍ୟ ଥିବା 1,915 ପରିବାରଙ୍କୁ ତାଙ୍କ ପ୍ରାପ୍ୟ ଠାରୁ କମ୍ ହାରରେ ପୁନର୍ବାସ ଓ ପୁନଃଥଇଥାନ ରାଶି ପ୍ରଦାନ କରାଯାଇଥିଲା, ଯାହାଫଳରେ 10.28 କୋଟି ଟଙ୍କା କମ୍ ପ୍ରଦାନ କରାଯାଇଥିଲା ।*

- *ପୁନର୍ବାସ ଓ ଥଇଥାନ କଲୋନୀ ଗୁଡ଼ିକରେ ସବୁଦିନିଆ ରାସ୍ତା, ଜଳ ନିଷ୍କାସନ, ବ୍ୟକ୍ତିଗତ ଶୌଚାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ସର୍ବସାଧାରଣ ଆଲୋକ ବ୍ୟବସ୍ଥା ଭଳି ମୌଳିକ ସୁବିଧାର ଅଭାବ ଥିଲା ।*

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 3, 'ପ୍ରଭାବିତ ପରିବାରକୁ' ଏକ ପରିବାର ଭାବରେ ବ୍ୟାଖ୍ୟା କରେ ଯାହାର ଜମି କିମ୍ବା ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ଅଧିଗ୍ରହଣ ହୋଇଛି । ଏଥିରେ ଅଧିଗ୍ରହଣ ହୋଇଥିବା ଜମିର ମାଲିକ ବ୍ୟତୀତ ଅନ୍ୟ ପରିବାର ମଧ୍ୟ ଅନ୍ତର୍ଭୁକ୍ତ, ଯାହାର ଜୀବିକା ମୁଖ୍ୟତଃ ଅଧିଗ୍ରହଣ ହୋଇଥିବା ଜମି ଉପରେ ନିର୍ଭରଶୀଳ । କୌଣସି ପରିବାରକୁ ଜମି ଅଧିଗ୍ରହଣ ହେତୁ, ପ୍ରଭାବିତ ଅଞ୍ଚଳରୁ ସ୍ଥାନାନ୍ତରିତ ଏବଂ ପୁନଃଥଇଥାନ ହେବାକୁ ପଡ଼ିଲେ, ତାହାକୁ ଏହି ଅଧିନିୟମରେ 'ବିସ୍ଥାପିତ ପରିବାର' ଭାବେ ବ୍ୟାଖ୍ୟା କରାଯାଏ ।

## 5.1 ପୁନର୍ବାସ ଓ ପୁନଃଥଇଥାନ ବ୍ୟବସ୍ଥା

### 5.1.1 ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ରେ ବ୍ୟବସ୍ଥା

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର ଅଧିନିୟମ, 2013 ର ଧାରା 19 (2) ବ୍ୟବସ୍ଥା କରେ ଯେ ଜିଲ୍ଲାପାଳମାନେ, ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ତଥା ବିସ୍ଥାପିତ ପରିବାରର ନାମ ଦର୍ଶାଇ ପୁନର୍ବାସ ଓ ପୁନଃଥଇଥାନ ଯୋଜନାର ଏକ ସାରାଂଶ ପ୍ରକାଶ କରିବେ । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 31 ଅନୁଯାୟୀ, ଜିଲ୍ଲାପାଳ ପ୍ରତ୍ୟେକ ପ୍ରଭାବିତ ପରିବାର ପାଇଁ ଅଧିନିୟମର ଦ୍ୱିତୀୟ ସୂଚୀରେ ପ୍ରଦାନ କରାଯାଇଥିବା ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପ୍ରଦାନ କରିବେ । ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା, ଜମି, ବାର୍ଷିକ କିମ୍ବା ରୋଜଗାର, ଜୀବନ ନିର୍ବାହ ଅନୁଦାନ[52] ଇତ୍ୟାଦି ଭଳି ବିଭିନ୍ନ ଆର୍‌ଆଣ୍ଡଆର୍ ପ୍ରାପ୍ୟ ବିଷୟରେ ଅଧିନିୟମର ଦ୍ୱିତୀୟ ସୂଚୀରେ ଉଲ୍ଲେଖ କରାଯାଇଛି । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 108 ଅନୁଯାୟୀ, ଯେଉଁଠାରେ ଏକ ରାଜ୍ୟ ଆଇନ୍ କିମ୍ବା ଏକ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏକ ନୀତି, ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଅଧିକ କ୍ଷତିପୂରଣ ପ୍ରଦାନ କରେ, ପ୍ରଭାବିତ ପରିବାର ଏହିପରି ଉଚ୍ଚ ଆର୍‌ଆଣ୍ଡଆର୍ ସୁବିଧା ପାଇବା ପାଇଁ ଏକ ବିକଳ୍ପ ଚୟନ କରିପାରିବେ ।

### 5.1.2 ଓଡ଼ିଶା ପୁନର୍ବାସ ଓ ପୁନଃଥଇଥାନ ନୀତିର ବ୍ୟବସ୍ଥା

ଓଡ଼ିଶା ପୁନର୍ବାସ ଓ ପୁନଃଥଇଥାନ (ଓଆର୍‌ଆର୍‌ପି), 2006 ରେ ସମସ୍ତ ପ୍ରକାର ପ୍ରକଳ୍ପର ବିସ୍ଥାପିତ ପରିବାର ପାଇଁ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ଅଛି । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ପରି ଓଆର୍‌ଆର୍‌ପି 2006 ଅଧିନରେ ପ୍ରଭାବିତ ପରିବାରଗୁଡ଼ିକ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପାଇବାକୁ ହକ୍‌ଦାର ନୁହଁନ୍ତି । ତଥାପି, ଓଆର୍‌ଆର୍‌ପି, 2006 ଅନୁସାରେ ଜଳସେଚନ ପ୍ରକଳ୍ପ/ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ପରିବାର, ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପାଇବାକୁ ହକ୍‌ଦାର । ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍, 2006 ର ଧାରା 13 ଅନୁଯାୟୀ ପ୍ରତି ଦୁଇ ବର୍ଷରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରରେ ପୁନର୍ବାସ ଓ ପୁନଃଥଇଥାନ ଅନୁଦାନର ସଂଶୋଧନ ବ୍ୟବସ୍ଥା ଅଛି ।

ଓଆର୍‌ଆର୍‌ପି ନୀତି 2006 ର ଧାରା 9 ଓଡ଼ିଶା ଜମି ଜବରଦଖଲ ନିବାରଣ ଅଧିନିୟମ, 1972ର ବ୍ୟାଖ୍ୟା ଅନୁଯାୟୀ କୌଣସି ଜମି ଜବର ଦଖଲକାରୀ ପରିବାର ଯିଏ ଭୂମିହୀନ[53] କିମ୍ବା ଗୃହହୀନ ହୋଇଥିବେ ଏବଂ ଅତିକମରେ ଅନଧିକୃତ ଦଖଲ ଜମିକୁ ଜମି ଅଧିଗ୍ରହଣ ବିଜ୍ଞପ୍ତିର 10 ବର୍ଷ ପୂର୍ବରୁ ନିରବିଚ୍ଛିନ୍ନ ଭାବେ ଦଖଲ କରୁଥିବେ, ତାଙ୍କୁ ସମାନ ବର୍ଗର ଜମିର କ୍ଷତିପୂରଣ ସମକକ୍ଷ ଏକ୍ସଗ୍ରାସିଆ ପ୍ରଦାନ କରାଯିବ ।


ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ଅନୁଯାୟୀ ପୁନର୍ବାସ ଓ ପୁନଃଥଇଥାନ ଅନୁମୋଦନ ପ୍ରକ୍ରିୟା **ଚାର୍ଟ 5.1** ରେ ଚିତ୍ରଣ କରାଯାଇଛି ।

---

52 ବିସ୍ଥାପିତ କ୍ଷେତ୍ରରେ ବାସଗୃହ ବ୍ୟବସ୍ଥା; ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ ଜମି ବଦଳରେ ଜମି; ପ୍ରଭାବିତ ପରିବାରମାନଙ୍କୁ ବାର୍ଷିକୀ କିମ୍ବା ରୋଜଗାର ଚୟନ; ବିସ୍ଥାପିତ ପରିବାରମାନଙ୍କ ପାଇଁ ବର୍ଷେ ପାଇଁ ସହାୟକ ଅନୁଦାନ; ବିସ୍ଥାପିତ ପରିବାରମାନଙ୍କ ପାଇଁ ପରିବହନ ଖର୍ଚ୍ଚ; କାରିଗର, କ୍ଷୁଦ୍ର ବ୍ୟବସାୟୀ କିମ୍ବା କେତେକ ପ୍ରଭାବିତ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଏକକାଳୀନ ଅନୁଦାନ; ଜଳସେଚନ/ ଜଳବିଦ୍ୟୁତ ପ୍ରକଳ୍ପ କ୍ଷେତ୍ରରେ ମାଛଧରିବା ଅଧିକାର; ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଏକକାଳୀନ ପୁନଃଥଇଥାନ ଭତ୍ତା ଏବଂ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଫିସ୍ ଇତ୍ୟାଦି

53 'ଭୂମିହୀନ' ଅର୍ଥ ଜଣେ ବ୍ୟକ୍ତି, ଯାହାର ଜମିର ସମୁଦାୟ ପରିମାଣ, ଘରବାରୀ ଜମିକୁ ବାଦ୍ ଦେଇ, ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଜମି ସହିତ, ଯେଉଁମାନେ ତାଙ୍କ ସହିତ ସାଧାରଣ ମେସ୍‌ରେ ରହୁଛନ୍ତି, ଗୋଟିଏ ମାନକ ଏକରରୁ କମ୍ ଏବଂ ଯାହାର ମୋଟ ବାର୍ଷିକ ଆୟ, ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ସହ ଯେଉଁମାନେ ସାଧାରଣ ଭାବରେ ତାଙ୍କ ସହିତ ରହୁଛନ୍ତି, ଯାହାଫଳରେ ରୋଜଗାର, ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରିମାଣରୁ ଅଧିକ ନୁହେଁ

*ଚାର୍ଟ 5.1: ପୁନର୍ବାସ ଓ ପୁନଃଥଇଥାନ ପ୍ରକ୍ରିୟା*




## 5.2 ପୁନର୍ବାସ ଓ ପୁନଃଥଇଥାନ ସୁବିଧାର ଅନୁମୋଦନ

ଅଡିଟ୍, 2017-18 ରୁ 2021-22 ଆର୍ଥିକ ବର୍ଷରେ ଛଅଟି ନମୁନା ଜିଲ୍ଲାରେ, ପ୍ରକ୍ରିୟାକରଣ ହୋଇଥିବା 315 ଟି ଜମି ଅଧିଗ୍ରହଣ ମାମଲାର ପରୀକ୍ଷା ଯାଞ୍ଚ କରିଥିଲେ । ଏହା ମଧ୍ୟରୁ 200 ଟି ଜମି ଅଧିଗ୍ରହଣ ମାମଲାରେ, ଜିଲ୍ଲାପାଳମାନେ, ନଭେମ୍ବର 2022 ସୁଦ୍ଧା 3,072.088 ଏକର ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ଅନୁମୋଦନ କରିଥିଲେ । ଏସ୍ଆଇଏ ରିପୋର୍ଟ ଏବଂ ଅଡିଟକୁ ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ ଉପରୋକ୍ତ ଜମି ଅଧିଗ୍ରହଣ ହେତୁ 14,563 ପରିବାର ପ୍ରଭାବିତ ହୋଇଥିବା ବେଳେ 786 ପରିବାର ବିସ୍ଥାପିତ ହୋଇଥିଲେ । ଜିଲ୍ଲା / ପ୍ରକଳ୍ପ ଅନୁଯାୟୀ, ପ୍ରଭାବିତ/ ବିସ୍ଥାପିତ ପରିବାରର ସବିଶେଷ ବିବରଣୀ **ସାରଣୀ 5.1** ରେ ଦର୍ଶାଯାଇଛି ।

*ସାରଣୀ 5.1: ଜମି ଅଧିଗ୍ରହଣ ହେତୁ ପ୍ରଭାବିତ/ ବିସ୍ଥାପିତ ପରିବାର*

| ଜିଲ୍ଲା | ୟୁନିଟ୍ | ଅଧିଗ୍ରହଣ ପରିମାଣ (ଏକରରେ) | ପ୍ରଭାବିତ ପରିବାରର ସଂଖ୍ୟା | ବିସ୍ଥାପିତ ପରିବାର ସଂଖ୍ୟା |
|---|---|---|---|---|
| କଳାହାଣ୍ଡି | ଏସ୍ଏଲଏଓ, ଆର୍ଆଇପି | 7.660 | 50 | - |
| କେଉଁଝର | ଏଲ୍ଏଓ, କେଉଁଝର | 4.715 | 518 | - |
| | ଏସ୍ଏଲଏଓ, ଡିପିଆର୍ଏଲ୍ | 11.050 | 1,242 | - |
| | ପିଡି, ଆର୍ଆଣ୍ଡଆର୍, କେଆଇପି | 546.113 | 919 | 83 |
| କୋରାପୁଟ | ଏଲଏଓ, କୋରାପୁଟ | 14.310 | 23 | - |
| | ଏସ୍ଏଲଏଓ, ଆଣ୍ଡ ଆର୍ଆର୍ଓ, ଟିଏମ୍ଆଇପି | 195.690 | 516 | 117 |
| ମୟୂରଭଞ୍ଜ | ଏଲଏଓ, ମୟୂରଭଞ୍ଜ | 8.23 | 175 | - |
| | ପିଡି, ଆର୍ଆଣ୍ଡଆର୍, ଏସ୍ଆଇପି | 1519.120 | 8,310 | 586 |
| ନବରଙ୍ଗପୁର | ଏଲଏଓ, ନବରଙ୍ଗପୁର | 0.740 | 1 | - |
| ସୁନ୍ଦରଗଡ଼ | ଏଲଏଓ, ସୁନ୍ଦରଗଡ଼ | 516.820 | 1,765 | - |
| | ଏସ୍ଏଲଏଓ, ଟିବିଆର୍ଏଲ୍ପି, ସୁନ୍ଦରଗଡ଼ | 247.640 | 1,044 | - |
| **ମୋଟ** | | **3,072.088** | **14,563** | **786** |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଏଲ୍ଏଓ/ ଏସ୍ଏଲ୍ଏଓ କାର୍ଯ୍ୟାଳୟର ତଥ୍ୟ)*

ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପ୍ରଦାନରେ ଲକ୍ଷ୍ୟ କରାଯାଇଥିବା ତ୍ରୁଟିଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି:

### 5.2.1 ପ୍ରଭାବିତ ପରିବାରଗୁଡ଼ିକୁ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପ୍ରଦାନ ନକରିବା

ଓଆର୍‌ଆର୍‌ପି 2006 ରେ ପ୍ରଭାବିତ[54] ପରିବାର ପାଇଁ ସୁବିଧା ନଥିବା ବେଳେ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ 2013 ରେ ସମସ୍ତ ପ୍ରକାର ପ୍ରକଳ୍ପ ପାଇଁ ଉଭୟ ପ୍ରଭାବିତ ଏବଂ ବିସ୍ଥାପିତ ପରିବାର ନିମିତ୍ତ ସୁବିଧା ପ୍ରଦାନର ବ୍ୟବସ୍ଥା ଅଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଧାରିତ କରିଥିଲେ (ମାର୍ଚ୍ଚ 2017) ଯେ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ଅନୁଯାୟୀ, ଗୋରୁଗାଈ କିମ୍ବା ଛୋଟ ଦୋକାନ ଥିବା ପ୍ରଭାବିତ ପରିବାରକୁ 25,000 ଟଙ୍କା ପ୍ରଦାନ କରାଯିବ । କିନ୍ତୁ, ଏହା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ[55], 2013 ର ନିୟମାବଳୀ ଅନୁଯାୟୀ ପ୍ରଭାବିତ ପରିବାରକୁ ବାର୍ଷିକ ରୋଜଗାର ଓ ପୁନଃଥଇଥାନ ଅନୁଦାନ ବାବଦକୁ ପ୍ରଦାନ କରାଯାଇ ଥିବା ସୁବିଧା ଭଳି କୌଣସି ପ୍ରାପ୍ୟ ଘୋଷଣା କରିନଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଜିଲ୍ଲାପାଳ/ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରଭାବିତ ପରିବାର ବାବଦରେ ପୁନର୍ବାସ ଓ ଥଇଥାନ ଯୋଜନାର ସାରାଂଶ ପ୍ରସ୍ତୁତ କରିନଥିଲେ ଯଦିଓ ଏହା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ ଧାରା 19(2) ଅନୁଯାୟୀ, ଆବଶ୍ୟକ ଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଜାରି ନହେବା କିମ୍ବା ଓଆର୍‌ଆର୍‌ପି 2006 ର ସଂଶୋଧନ ନହେବା ହେତୁ, ଜିଲ୍ଲାପାଳଙ୍କ ଦ୍ୱାରା ପ୍ରସ୍ତୁତ ପୁନର୍ବାସ ଓ ପୁନଃଥଇଥାନ ଯୋଜନାରେ ପ୍ରଭାବିତ ପରିବାର ଅନ୍ତର୍ଭୁକ୍ତ ହୋଇନଥିଲେ ।

**ହିମାଚଳ ପ୍ରଦେଶରେ ଭାରତ ସରକାରଙ୍କ ଏକ ଯୌଥ ଉଦ୍ୟୋଗ, ଲୁହରୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିମିତ୍ତ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ଅନୁଯାୟୀ 27.8356 ହେକ୍ଟର ଜମି ଅଧିଗ୍ରହଣ ପାଇଁ, ପ୍ରକଳ୍ପ ପ୍ରଭାବିତ ପରିବାର ପାଇଁ ରାଜ୍ୟ ସରକାର ପୁନର୍ବାସ ଓ ପୁନଃଥଇଥାନ ଯୋଜନା ଅନୁମୋଦନ କରିଥିଲେ (ନଭେମ୍ବର 2021), ଯେଉଁଥିରେ ବାର୍ଷିକ ରୋଜଗାର ନିମିତ୍ତ 5 ଲକ୍ଷ ଟଙ୍କା ଏବଂ ପୁନର୍ବସତି ପାଇଁ 50,000 ଟଙ୍କାର ବ୍ୟବସ୍ଥା କରିଥିଲେ ।**

14,563 ପ୍ରଭାବିତ ପରିବାର ମଧ୍ୟରୁ ଏସ୍‌ଆଇପି, ମୟୂରଭଞ୍ଜର 1,148 ପରିବାରକୁ ଓଆର୍‌ଆର୍‌ପି 2006 ଅଧିନରେ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପ୍ରଦାନ କରାଯାଇଥିଲା । କିନ୍ତୁ, ଅବଶିଷ୍ଟ 13,415 ପ୍ରଭାବିତ ପରିବାର 737.82 କୋଟି ଟଙ୍କାର[56] ବାର୍ଷିକୀ/ ରୋଜଗାର ଏବଂ ପୁନର୍ବସତି ଅନୁଦାନ ପ୍ରାପ୍ତିରୁ ବଞ୍ଚିତ ହୋଇଥିଲେ ।

ଏହିପରି ଭାବରେ, ପୁନର୍ବାସ ଓ ପୁନଃଥଇଥାନ ନିମିତ୍ତ ବାର୍ଷିକୀ/ ରୋଜଗାର ଏବଂ ପୁନର୍ବସତି ଅନୁଦାନ ପ୍ରଦାନ କ୍ଷେତ୍ରରେ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଅନୁପାଳନ ହୋଇ ନଥିଲା ।

ଉତ୍ତରରେ, ଟିଏମ୍‌ଆଇପି, ଟିବିଆର୍‌ଏଲ୍‌ପିର ଏସ୍‌ଏଲ୍‌ଏଓମାନେ ଏବଂ କୋରାପୁଟ ଜିଲ୍ଲାପାଳ କହିଥିଲେ ଯେ ପ୍ରଭାବିତ ପରିବାରକୁ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ପ୍ରଦାନ ପାଇଁ କୌଣସି ନିର୍ଦ୍ଦେଶ ପ୍ରାପ୍ତ ହୋଇନଥିଲା । ପିଡି, ଆର୍‌ଆଣ୍ଡଆର୍, କେଆଇପି ଆଶ୍ୱାସନା ଦେଇଥିଲେ ଯେ ଏପ୍ରସଙ୍ଗରେ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ମଗାଯିବ । ଏଲ୍‌ଏଓ, କେଉଁଝର ଏବଂ ଏସ୍‌ଏଲ୍‌ଏଓ, ଡିବିଆର୍‌ଏଲ୍‌ପି କହିଥିଲେ ଯେ କୌଣସି ଜୀବିକା/ ବାସସ୍ଥାନ ପ୍ରଭାବିତ ହୋଇ ନଥିବାରୁ ପୁନର୍ବସତି ଓ ପୁନଃଥଇଥାନ ସୁବିଧା ପ୍ରଦାନ କରାଯାଇ ନଥିଲା । ଉତ୍ତରଗୁଡ଼ିକ ଗ୍ରହଣୀୟ ନଥିଲା, ଯେହେତୁ ପୁନର୍ବସତି ଓ ପୁନଃଥଇଥାନ ସୁବିଧା ପ୍ରଦାନ ବିଷୟ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 31 ରେ ଉଲ୍ଲେଖ କରାଯାଇଥିଲା ।

ଏଏଲ୍‌ଏଓ, ସୁନ୍ଦରଗଡ଼, ଏଲ୍‌ଏଓ, ମୟୂରଭଞ୍ଜ, ଏଲ୍‌ଏଓ, ନବରଙ୍ଗପୁର ଏବଂ ପିଡି, ଆର୍‌ଆଣ୍ଡଆର୍, ଏସ୍‌ଆଇପିଙ୍କ ଉତ୍ତର ହସ୍ତଗତ ହୋଇନଥିଲା (ଫେବୃଆରୀ 2024 ସୁଦ୍ଧା) ।

---

[54] ଜଳସେଚନ ପ୍ରକଳ୍ପ/ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକରେ କେତେକ ସୁବିଧା ବ୍ୟତୀତ

[55] ଆର୍‌ଏଫ୍‌ଏଲ୍‌ଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ଅନୁଯାୟୀ ବାର୍ଷିକ/ ରୋଜଗାର ପ୍ରତି ପରିବାର ପାଇଁ 5 ଲକ୍ଷ ଟଙ୍କା ଏବଂ ଏକକାଳୀନ ପୁନର୍ବସତି ଅନୁଦାନ: ପରିବାର ପାଇଁ 50,000 ଟଙ୍କା

[56] 13,415 ପ୍ରଭାବିତ ପରିବାର ପାଇଁ ପରିବାର ପ୍ରତି 5 ଲକ୍ଷ ଟଙ୍କା ହାରରେ ବାର୍ଷିକୀ/ ରୋଜଗାର ଏବଂ ପରିବାର ପ୍ରତି 0.50 ଲକ୍ଷ ଟଙ୍କା ହାରରେ ପୁନର୍ବାସ ଅନୁଦାନ

### *5.2.2 ବିସ୍ଥାପିତ/ ପ୍ରଭାବିତ ପରିବାରଗୁଡ଼ିକୁ ଥିବା ପୁନର୍ବାସ ଓ ପୁନଃଥଇଥାନ ପ୍ରାପ୍ୟ ପ୍ରଦାନ ନକରିବା*

ଅଧିନିୟମର ଧାରା 38 ଅନୁଯାୟୀ ଯୋଗ୍ୟ ବ୍ୟକ୍ତିମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଏବଂ ପୁନର୍ବାସ ଓ ପୁନଃଥଇଥାନ ଦେୟ ପ୍ରଦାନକୁ ସୁନିଶ୍ଚିତ କଲା ପରେ (ଧାରା 30 ଅନୁଯାୟୀ ଅନୁମୋଦନର ତିନି ମାସ ମଧ୍ୟରେ କ୍ଷତିପୂରଣ ଓ ଛଅ ମାସ ମଧ୍ୟରେ ପୁନର୍ବାସ ଓ ପୁନଃଥଇଥାନ ପ୍ରାପ୍ୟର ଆର୍ଥିକ ଅଂଶ) ଜିଲ୍ଲାପାଳ ଜମି ଦଖଲ କରିବେ।

ଅଡିଟ୍ ଲକ୍ଷ୍ୟ କଲା ଯେ:

- 2,208 ପ୍ରଭାବିତ/ ବିସ୍ଥାପିତ ପରିବାର ପାଇଁ 176.51 କୋଟି ଟଙ୍କାର ପୁନର୍ବସତି ଓ ପୁନଃଥଇଥାନ ରାଶି, ପିଡି, ଆର୍ଆଣ୍ଡଆର୍, ଏସ୍ଆଇପି, ମୟୂରଭଞ୍ଜ (1,321 ପରିବାର ପାଇଁ 135.97 କୋଟି ଟଙ୍କା) ଓ ପିଡି, ଆର୍ଆଣ୍ଡଆର୍, କେଆଇପି, କେଉଁଝର (887 ପରିବାର ପାଇଁ 40.54 କୋଟି ଟଙ୍କା) ସେପ୍ଟେମ୍ବର 2022 ସୁଦ୍ଧା ପ୍ରଦାନ କରି ନଥିଲେ।
- ଏସ୍ଆଇପି, ମୟୂରଭଞ୍ଜ କ୍ଷେତ୍ରରେ ପୁନର୍ବାସ ଓ ପୁନଃଥଇଥାନ ରାଶି ପ୍ରଦାନ ନ କରିବାରୁ ହିତାଧିକାରୀମାନେ ସେମାନଙ୍କ ଜମି ଖାଲି କରିନଥିଲେ।
- କେଆଇପି, କେଉଁଝର କ୍ଷେତ୍ରରେ ବିସ୍ଥାପିତ ପରିବାରମାନଙ୍କୁ ପୁନର୍ବାସ ଓ ପୁନଃଥଇଥାନ ରାଶି ପୂର୍ଣ୍ଣ ପ୍ରଦାନ ପୂର୍ବରୁ ସ୍ଥାନାନ୍ତର କରାଯାଇଥିଲା।

ପିଡି, ଆର୍ଆଣ୍ଡଆର୍, ଏସ୍ଆଇପି କହିଥିଲେ ଯେ ବୟସ ପ୍ରମାଣ ଏବଂ ସାଧାରଣ ଆବାସିକ ସ୍ଥିତିର ପ୍ରମାଣ ଇତ୍ୟାଦି ଭଳି ବୈଧ କାଗଜପତ୍ରର ଅନୁପଲବ୍ଧତା ହେତୁ ପୁନର୍ବାସ ଓ ପୁନଃଥଇଥାନ ସହାୟତା ରାଶି ପ୍ରଦାନ କରାଯାଇ ନଥିଲା। ପିଡି, ଆରଆଣ୍ଡଆର୍, ଏସ୍ଆଇପିଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ଉପଯୁକ୍ତ ସର୍ଭେ ପରେ ପ୍ରଭାବିତ ପରିବାରଗୁଡ଼ିକ ଚିହ୍ନଟ କରାଯାଇଥିଲା। ଯଥାଶୀଘ୍ର ପୁନର୍ବାସ ଓ ପୁନଃଥଇଥାନ ରାଶି ପ୍ରଦାନ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ବିଷୟ ପିଡି ଆର୍ଆଣ୍ଡଆର୍, କେଆଇପି ଆଶ୍ୱାସନା ଦେଇଥିଲେ।

### *5.2.3 ବିସ୍ଥାପିତ ପରିବାରଗୁଡ଼ିକୁ ଥଇଥାନ ନକରିବା*

ଅଡିଟ୍ ଲକ୍ଷ୍ୟ କଲେ ଯେ ଛଅଟି ନମୁନା ଜିଲ୍ଲା ମଧ୍ୟରୁ ତିନୋଟିରେ 1963-64 ରୁ 2016-17 ମଧ୍ୟରେ **ସାରଣୀ 5.2** ରେ ଦର୍ଶାଯାଇଥିବା 6,401.901 ଏକର ଜମି ଅଧିଗ୍ରହଣ କରାଯାଇଥିଲା ଯେଉଁଥିପାଇଁ 2,390 ବିସ୍ଥାପିତ ପରିବାରଗୁଡ଼ିକର ପୁନର୍ବାସ ଏବଂ ପୁନଃଥଇଥାନ ଆବଶ୍ୟକ ଥିଲା। ତେବେ, ଡିସେମ୍ବର 2022 ସୁଦ୍ଧା, ବିସ୍ଥାପିତ ପରିବାରଗୁଡ଼ିକ ଥଇଥାନ ହୋଇନଥିଲେ।

***ସାରଣୀ 5.2: ପ୍ରକଳ୍ପ ବିସ୍ଥାପିତ ପରିବାରଗୁଡ଼ିକର ଥଇଥାନ***

| ପ୍ରକଳ୍ପର ନାମ | ଅଧିଗ୍ରହଣ ବର୍ଷ | ଅଧିଗ୍ରହଣ ଜମିର ପରିମାଣ (ଏକରରେ) | ବିସ୍ଥାପିତ ପରିବାରଗୁଡ଼ିକର ସଂଖ୍ୟା |
|---|---|---|---|
| ଅଲ୍ଟ୍ରା ମେଗା ପାୱାର ପ୍ରକଳ୍ପ (ୟୁଏମ୍ପିପି), ସୁନ୍ଦରଗଡ଼ | 2014-15 | 2,731.431 | 1,958 |
| ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଏଚ୍ଆଇଏଲ୍), କୋରାପୁଟ ଦ୍ୱାରା ଆଦିତ୍ୟ ଆଲୁମିନିୟମ ରିଫାଇନାରୀ କାରଖାନା | 2007-08 | 431.340 | 122 |
| ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ୍, କୋରାପୁଟ(ଏଚ୍ଏଏଲ୍) | 1963-64 | 3,121.150 | 75 |
| ବେଦାନ୍ତ ଆଲୁମିନିୟମ ଲିମିଟେଡ୍ (ଏଚ୍ଏଲ୍), କଳାହାଣ୍ଡି | ନଭେମ୍ବର 2016 ରୁ ଫେବୃଆରୀ 2017 | 117.980 | 235 |
| **ମୋଟ** | | **6,401.901** | **2,390** |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଏଲ୍ଏଓ/ ଏସ୍ଏଲ୍ଏଓର କାର୍ଯ୍ୟାଳୟର ନଥି)***

ଅଡିଟ୍ ଲକ୍ଷ୍ୟ କଲା ଯେ:

- ୟୁଏମ୍‌ପିପି, ସୁନ୍ଦରଗଡ଼ କ୍ଷେତ୍ରରେ, ପୁନର୍ବାସ ଓ ଥଇଥାନ ନିମିତ୍ତ ଜମି ଚୂଡ଼ାନ୍ତ ନହେବା ଫଳରେ ପୁନର୍ବାସ ଓ ପୁନଃଥଇଥାନ ସୁବିଧା ଯୋଗାଇ ଦିଆଯାଇ ନଥିଲା । ଯେହେତୁ 2014-15 ଠାରୁ ଏହି ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାରମାନଙ୍କର ମୁଖ୍ୟ ଆୟର ଉତ୍ସ ଅର୍ଥାତ୍ କୃଷି ଜମି ଅଧିଗ୍ରହଣ କରାଯାଇଥିଲା, ସେମାନେ କୌଣସି ଆୟ/ ଜୀବିକା ବିନା ସେମାନଙ୍କ ଘରେ ରହିଥିଲେ ।

  ଉତ୍ତରରେ, ଏଲ୍ଏଓ, ସୁନ୍ଦରଗଡ଼ ପ୍ରକଳ୍ପ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରଗୁଡ଼ିକର ପୁନର୍ବାସ ଓ ପୁନଃଥଇଥାନ ପ୍ରସଙ୍ଗରେ ଆବଶ୍ୟକୀୟ ପ୍ରତିକାର ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଶ୍ଚିତତା ପ୍ରଦାନ କରିଥିଲେ ।

- ଏଚ୍ଆଇଏଲ୍ କ୍ଷେତ୍ରରେ 122 ପରିବାର, ନିଜ ଘରୁ ବିସ୍ଥାପିତ ହେବା ପରେ ସରକାରୀ ଜମିରେ ରହି ଆସୁଥିଲେ । ଯଦିଓ ପୁନର୍ବାସ ଓ ପୁନଃଥଇଥାନ କଲୋନୀ ନିର୍ମାଣ ପାଇଁ ଆଇଡ଼ିସିଓ ସପକ୍ଷରେ ବିରିଗୁଡ଼ା ଗ୍ରାମରେ 34.72 ଏକର ଜମି ମଞ୍ଜୁର କରାଯାଇଥିଲା (ଫେବୃଆରୀ 2008), ସେପ୍ଟେମ୍ବର 2022 ସୁଦ୍ଧା ତାହା ନିର୍ମାଣ ହୋଇନଥିଲା ।

  ଏଲ୍ଏଓ, କୋରାପୁଟ ବ୍ୟକ୍ତ କରିଥିଲେ ଯେ, ବିସ୍ଥାପିତ ପରିବାରଗୁଡ଼ିକର ଉପଯୁକ୍ତ ଥଇଥାନ ପାଇଁ ପୁନର୍ବାସ ଓ ପୁନଃଥଇଥାନ କଲୋନୀ ନିର୍ମାଣ କରିବାକୁ ଆଇଡିସିଓକୁ ନିର୍ଦ୍ଦେଶ ଦିଆଯାଇଥିଲା ।

- ବିସ୍ଥାପିତ ପରିବାରଗୁଡ଼ିକର ଉପଯୁକ୍ତ ସ୍ଥାନାନ୍ତରଣ ପାଇଁ ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶ (ଜାନୁଆରୀ 2014) ଅନୁଯାୟୀ କୋରାପୁଟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଚ୍ଏଏଲ୍ ପ୍ରଦାନ କରିଥିବା 4.94 କୋଟି ଟଙ୍କା ବ୍ୟୟରେ 82 ଟି ବାସଗୃହ ନିର୍ମାଣ କରିଥିଲେ (ଅଗଷ୍ଟ 2015) । ବିସ୍ଥାପିତ ପରିବାରମାନେ ଏଚ୍ଏଏଲ୍‌ରେ ସ୍ଥାୟୀ ଚାକିରି ଦାବି କରି ପୁନର୍ବାସ ଓ ପୁନଃଥଇଥାନ କଲୋନୀକୁ ସ୍ଥାନାନ୍ତର ପାଇଁ ଆସିନଥିଲେ । ଅଡିଟ୍ ଉପସ୍ଥିତିରେ ଏଲ୍ଏଓଙ୍କ ପ୍ରତିନିଧି ଦ୍ୱାରା ଉକ୍ତ ସ୍ଥାନର ବସ୍ତୁଗତ ଯାଞ୍ଚରୁ (ସେପ୍ଟେମ୍ବର 2022) ଜଣାଗଲା ଯେ, ଘରଗୁଡ଼ିକ ନିମ୍ନ ଫଟୋଗ୍ରାଫରେ ଦେଖାଯାଇଥିବା ପରି ଭଗ୍ନ ଅବସ୍ଥାରେ ବୁଦା ଦ୍ୱାରା ଆଚ୍ଛାଦିତ ହୋଇ ଅବ୍ୟବହୃତ ରହିଥିଲା । ଅଧିକାଂଶ ଘରର କବାଟ ଓ ଝରକା, ସାନିଟାରୀ ଫିଟିଙ୍ଗ୍ ଏବଂ ଛାତ ଉପରେ ସ୍ଥାପିତ ପାଣି ଟାଙ୍କି ଚୋରି ହୋଇଥିଲା ।

***ଚିତ୍ର 5.1: ମୋହନପଡ଼ା ଗ୍ରାମରେ ନିର୍ମିତ ବାସଗୃହ, ଭଗ୍ନ ଅବସ୍ଥାରେ, ଅବ୍ୟବହୃତ ହୋଇ ପଡ଼ି ରହିଥିଲା***



ଅଡିଟ୍ ଲକ୍ଷ୍ୟ କଲେ ଯେ, ବାସଗୃହ ନିର୍ମାଣ ପୂର୍ବରୁ, ବିସ୍ଥାପିତ ହେବାକୁ ଥିବା ପରିବାରର ସମ୍ମତି ଅଣାଯାଇ ନଥିଲା । ଅଧିକନ୍ତୁ, ଏହି ଘରଗୁଡ଼ିକର ସୁରକ୍ଷା ପାଇଁ ପ୍ରଭାବୀ ପଦକ୍ଷେପ ନିଆଯାଇନଥିଲା ।

ଏଚ୍‌ଏଏଲ୍ ପ୍ରସଙ୍ଗରେ, ଏଲ୍‌ଏଓ ବ୍ୟକ୍ତ କଲେ ଯେ ବିସ୍ଥାପିତ ପରିବାରମାନେ ଏଚ୍‌ଏଏଲ୍‌ରେ ସ୍ଥାୟୀ ଚାକିରି ଦାବି କରି ନୂତନ କଲୋନୀକୁ ସ୍ଥାନାନ୍ତର ହେବାକୁ ମନା କରିଥିଲେ, ଯାହା ଜିଲ୍ଲା ପ୍ରଶାସନର ଅଧୀନରେ ନଥିଲା । ଏଲ୍‌ଏଓ ଏହା ମଧ୍ୟ କହିଥିଲେ ଯେ ବାସଗୃହର ବ୍ୟବହାର ନହେବା କାରଣରୁ ସେଗୁଡ଼ିକ ଭଗ୍ନ ଅବସ୍ଥାରେ ଥିଲା, ଯାହା ଅଡିଟ୍ ଦ୍ୱାରା ସୂଚିତ କରାଯାଇଥିଲା । ଘରଗୁଡ଼ିକର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଏଲ୍‌ଏଓ ଆଶ୍ୱାସନା ଦେଇଥିଲେ ।

- ଭିଏଏଲ୍ କ୍ଷେତ୍ରରେ, ତିନୋଟି ଗ୍ରାମର 235 ବିସ୍ଥାପିତ ପରିବାର ମଧ୍ୟରୁ, 209 ପରିବାର ପାଇଁ 21.61 କୋଟି ଟଙ୍କାର ପୁନର୍ବାସ ଓ ପୁନଃଥଇଥାନ ରାଶି ଭବାନୀପାଟଣା, ଉପଜିଲ୍ଲାପାଳଙ୍କ ଦ୍ୱାରା ନଭେମ୍ବର 2022 ରେ ଅନୁମୋଦନ କରାଯାଇଥିଲା । କିନ୍ତୁ, ଡିସେମ୍ବର 2022 ସୁଦ୍ଧା ତାହା ପ୍ରଦାନ କରାଯାଇ ନଥିଲା । ଆହୁରି ମଧ୍ୟ, ବିସ୍ଥାପିତ ପରିବାରମାନଙ୍କ ପାଇଁ ନିର୍ମିତ 219 ଘର ମଧ୍ୟରୁ 127 ଟି ଆବଣ୍ଟନ କରାଯାଇଥିଲା, ଅବଶିଷ୍ଟ 92 ଟି ଘର ଖାଲି ପଡ଼ିଥିଲା ।

  ବିସ୍ଥାପିତ ପରିବାରର ଥଇଥାନରେ ବିଳମ୍ବ ପ୍ରସଙ୍ଗରେ ଏଲ୍‌ଏଓ, କଳାହାଣ୍ଡି କୌଣସି ନିର୍ଦ୍ଦିଷ୍ଟ ଉତ୍ତର ପ୍ରଦାନ କରିନଥିଲେ ।

### 5.2.4 *ସରକାରୀ ଜମିରେ ବାସ କରୁଥିବା ବିସ୍ଥାପିତ ପରିବାରକୁ ପୁନର୍ବାସ ଓ ପୁନଃଥଇଥାନ ସହାୟତା ପ୍ରଦାନ ନକରିବା*

ଓଆର୍‌ଆର୍‌ପି, 2006 ର ଧାରା 9 ଅନୁଯାୟୀ ଏକ ଜବର ଦଖଲକାରୀ ପରିବାର ମଧ୍ୟ ପୁନର୍ବାସ ଓ ପୁନଃଥଇଥାନ ସହାୟତା ପାଇବାକୁ ହକ୍‌ଦାର । ଅଡିଟ୍ ଲକ୍ଷ୍ୟ କଲେ ଯେ କମିଶନର ଆର୍‌ଆଣ୍ଡଆର୍, ବ୍ରହ୍ମପୁର, ସରକାରୀ ଜମିରେ ବାସ କରୁଥିବା ଆଠଟି ଗୃହହୀନ ପରିବାର ପାଇଁ 64.40 ଲକ୍ଷ ଟଙ୍କାର ପୁନର୍ବାସ ସହାୟତା ମଞ୍ଜୁର କରିଥିଲେ । ସେହି ଅନୁଯାୟୀ, ଆର୍‌ଡିଏମ୍ ବିଭାଗ ଦ୍ୱାରା ଜମି ଅଧିଗ୍ରହଣ ପାଇଁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 19 ଘୋଷଣାରେ (ମଇ 2021) ସେମାନଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଥିଲା । ଯଦିଓ ଜମି ଆବଶ୍ୟକ କରୁଥିବା କର୍ତ୍ତୃପକ୍ଷ, ଉକ୍ତ ଜମିକୁ ଫେବୃଆରୀ 2022 ରୁ ଅକ୍ତିଆରକୁ ନେଇଥିଲେ ଏବଂ ଆଠ ପରିବାର ବିସ୍ଥାପିତ ହୋଇଥିଲେ, ନଭେମ୍ବର 2022 ସୁଦ୍ଧା ପୁନର୍ବାସ ଓ ପୁନଃଥଇଥାନ ରାଶି ପ୍ରଦାନ କରାଯାଇ ନଥିଲା ।

ଉତ୍ତରରେ, ଏସ୍‌ଏଲ୍‌ଏଓ ଆର୍‌ଆର୍‌ଓ, ଟିଏମ୍‌ଆଇପି ଆଶ୍ୱାସନା ଦେଇଥିଲେ ଯେ, ପୁନର୍ବାସ ଓ ପୁନଃଥଇଥାନ ସହାୟତାର ଶୀଘ୍ର ଅନୁମୋଦନ ପାଇଁ ଏହି ମାମଲା ଜମି ଆବଶ୍ୟକ କାରୀ ସଂସ୍ଥା ଅର୍ଥାତ୍ ଜଳ ସମ୍ପଦ ବିଭାଗକୁ ପଠାଯିବ । କିନ୍ତୁ, ବାସ୍ତବତା ହେଲା, ଅଧିନିୟମର ଧାରାକୁ ଉଲ୍ଲଙ୍ଘନ କରି, ପୁନର୍ବାସ ଓ ପୁନଃଥଇଥାନ ସହାୟତା ପ୍ରଦାନ ପୂର୍ବରୁ ପରିବାର ଗୁଡ଼ିକ ବିସ୍ଥାପିତ ହୋଇଥିଲେ ।

### 5.2.5 *ପୁନର୍ବାସ ଓ ପୁନଃଥଇଥାନ ସହାୟତା ପ୍ରଦାନରେ ସ୍ୱଳ୍ପତା*

ଓଆର୍‌ଆର୍‌ପି 2006 ର ଧାରା 13 ଅନୁଯାୟୀ ପ୍ରତି ଦୁଇ ବର୍ଷରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରରେ ପୁନର୍ବାସ ଓ ପୁନଃଥଇଥାନ ଅନୁଦାନ ସଂଶୋଧନ କରାଯିବ । ସେହି ଅନୁଯାୟୀ, ଆର୍‌ଡିଏମ୍ ବିଭାଗ ପୁନର୍ବାସ ଅନୁଦାନର ସପ୍ତମ ଦ୍ୱିବାର୍ଷିକ ସଂଶୋଧନ (25 ମଇ 2021) କରିଥିଲେ, ଯାହା 1 ଅପ୍ରେଲ 2020 ରୁ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ଅବଧି ପାଇଁ ପ୍ରଯୁଜ୍ୟ ଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ 1,915 ପରିବାରକୁ ବର୍ଦ୍ଧିତ ହାରରେ ସହାୟତା ପ୍ରଦାନ କରାଯାଇ ପୁନର୍ବାସ ଓ ଥଇଥାନ କରାଯାଇ ନଥିଲା, ଯାହାର ସଂକ୍ଷିପ୍ତ ବିବରଣୀ **ସାରଣୀ 5.3** ରେ ଦର୍ଶାଯାଇଛି ।

***ସାରଣୀ 5.3: ପୁନର୍ବାସ ଓ ପୁନଃଥଇଥାନ ସହାୟତାର ସ୍ୱଳ୍ପ ଦେୟ***

| ପ୍ରକଳ୍ପ | ପ୍ରଭାବିତ/ ବିସ୍ଥାପିତ ପରିବାରର ସଂଖ୍ୟା | ପୁନର୍ବାସ ଓ ପୁନଃଥଇଥାନ ଆକଳନ ମଞ୍ଜୁର ତାରିଖ | ଅନୁମୋଦିତ ରାଶି | ବର୍ଦ୍ଧିତ ହାର ଅନୁଯାୟୀ ଦେୟ ପରିମାଣ | ସ୍ୱଳ୍ପ ଦେୟ |
|---|---|---|---|---|---|
| | | | (କୋଟି ଟଙ୍କାରେ) | | |
| ଟିଏମ୍‌ଆଇପି, କୋରାପୁଟ | 117 | ମାର୍ଚ୍ଚ 2021 | 9.57 | 10.25 | 0.68 |

| ପ୍ରକଳ୍ପ | ପ୍ରଭାବିତ/ ବିସ୍ଥାପିତ ପରିବାରର ସଂଖ୍ୟା | ପୁନର୍ବାସ ଓ ପୁନଃଥଇଥାନ ଆକଳନ ମଞ୍ଜୁର ତାରିଖ | ଅନୁମୋଦିତ ରାଶି | ବର୍ଦ୍ଧିତ ହାର ଅନୁଯାୟୀ ଦେୟ ପରିମାଣ | ସ୍ୱଳ୍ପ ଦେୟ |
|---|---|---|---|---|---|
| | | | (କୋଟି ଟଙ୍କାରେ) | | |
| ଏସ୍ଆଇପି, ମୟୁରଭଞ୍ଜ | 525[57] | ମାର୍ଚ୍ଚ 2021 ରୁ ମାର୍ଚ୍ଚ 2022 | 40.52 | 42.96 | 2.44 |
| କେଆଇପି, କେଉଁଝର | 1,273[58] | ମାର୍ଚ୍ଚ 2021 ରୁ ଜୁନ୍ 2022 | 101.30 | 108.46 | 7.16 |
| **ମୋଟ** | **1,915** | | **151.39** | **161.67** | **10.28** |

*(ଉତ୍ସ: ନମୁନା ଯାଞ୍ଚ କରାଯାଇଥିବା ଏଲ୍ଓ/ ଏସ୍ଏଲ୍ଏଓ କାର୍ଯ୍ୟାଳୟଗୁଡ଼ିକର ରେକର୍ଡ )*

ଅଡିଟ୍ ଲକ୍ଷ୍ୟ କଲା ଯେ:

- ଟିଏମ୍ଆଇପି, କୋରାପୁଟ କ୍ଷେତ୍ରରେ, ପୁନର୍ବାସ ଓ ପୁନଃଥଇଥାନ ଅନୁଦାନକୁ ଅପ୍ରେଲ 2014 ଠାରୁ ମାର୍ଚ୍ଚ 2016 ଅବଧିରେ (ଚତୁର୍ଥ ଦ୍ୱିବାର୍ଷିକ ସଂଶୋଧନ) ପ୍ରଯୁଜ୍ୟ ହାର ଅନୁଯାୟୀ ଅନୁମୋଦନ କରାଯାଇଥିଲା ।

- ଏସ୍ଆଇପି, ମୟୁରଭଞ୍ଜ ଏବଂ କେଆଇପି, କେଉଁଝର କ୍ଷେତ୍ରରେ, ଅପ୍ରେଲ 2018 ରୁ ମାର୍ଚ୍ଚ 2020 (ଷଷ୍ଠ ଦ୍ୱିବର୍ଷୀୟ ସଂଶୋଧନ) ମଧ୍ୟରେ ପ୍ରଯୁଜ୍ୟ ହାର ଅନୁଯାୟୀ ପୁନର୍ବାସ ଏବଂ ପୁନଃଥଇଥାନ ଅନୁଦାନ ଆକଳନକୁ ଅନୁମୋଦନ କରାଯାଇଥିଲା ।

- ଯଦିଓ ତିନୋଟି ପ୍ରକଳ୍ପ ପାଇଁ ପୁନର୍ବାସ ଏବଂ ଥଇଥାନ ଅନୁଦାନ ସମାନ ଅବଧିରେ ଅନୁମୋଦନ କରାଯାଇଥିଲା, ସମସ୍ତ ତିନୋଟି କ୍ଷେତ୍ରରେ ଆକଳନର ଆଧାର ଭିନ୍ନ ଥିଲା । ଏହା ସୂଚାଉଥିଲା ଯେ ପୁନର୍ବାସ ଓ ପୁନଃଥଇଥାନ ଅନୁଦାନର ଆକଳନ ପାଇଁ କୌଣସି ସମାନ ଆଧାର ଗ୍ରହଣ କରାଯାଇ ନଥିଲା । ଗଣନାରେ ସମାନତାର ଅଭାବ ସତ୍ତ୍ୱେ ଆର୍‌ଡିଏମ୍ ବିଭାଗ ଏହି ପୁନର୍ବାସ ଓ ପୁନଃଥଇଥାନ ଆକଳନକୁ ଅନୁମୋଦନ କରିଥିଲେ ।

- ଆହୁରି ମଧ୍ୟ, 01 ଅପ୍ରେଲ 2020 ଠାରୁ ପିଛିଲା ଭାବରେ ପୁନର୍ବାସ ଓ ଥଇଥାନ ହାରର ବର୍ଦ୍ଧିତ ସଂଶୋଧନ (ମଇ 2021) ସତ୍ତ୍ୱେ ଅନୁମୋଦିତ ପୁନର୍ବାସ ଓ ପୁନଃଥଇଥାନ ଆକଳନ ସଂଶୋଧିତ ହୋଇନଥିଲା ।

ପୁନର୍ବାସ ଓ ପୁନଃଥଇଥାନର ମଞ୍ଜୁର ସମୟରେ ପ୍ରଚଳିତ ହାର ଅନୁଯାୟୀ ସଂଶୋଧନ ନହେବା କାରଣରୁ ଏହି 1,915 ଯୋଗ୍ୟ ପରିବାରକୁ 10.28 କୋଟି ଟଙ୍କା କମ୍ ପୁନର୍ବାସ ଓ ପୁନଃଥଇଥାନ ସହାୟତା ପ୍ରଦାନ କରାଯାଇଥିଲା । ତେବେ, ଗୋଟିଏ ମାମଲାରେ ଯଥା, ପିଡି, ଆର୍ଏବଂଆର୍, କେଆଇପି ଦ୍ୱାରା ବିରିକାଲା ଗ୍ରାମର ଦୁଇଟି ବିସ୍ଥାପିତ ପରିବାର ପାଇଁ ଚତୁର୍ଥ ଦ୍ୱିବର୍ଷୀୟ ସଂଶୋଧନ ଆଧାରରେ ପ୍ରସ୍ତୁତ (ଜାନୁଆରୀ 2017) 13.12 ଲକ୍ଷ ଟଙ୍କାର ଅନୁଦାନକୁ ସପ୍ତମ ଦ୍ୱିବର୍ଷୀୟ ସଂଶୋଧନ ଅନୁଯାୟୀ 14.05 ଲକ୍ଷ ଟଙ୍କାକୁ ସଂଶୋଧନ (ଡିସେମ୍ବର 2021) କରାଯାଇଥିଲା ।

ପିଡି, ଆର୍ଏବଂଆର୍, ଏସ୍ଆଇପି ବ୍ୟକ୍ତ କରିଥିଲେ ଯେ ସପ୍ତମ ଦ୍ୱିବର୍ଷୀୟ ସଂଶୋଧନ ଅନୁଯାୟୀ ପ୍ରଯୁଜ୍ୟ ସଂଶୋଧିତ ହାର ପ୍ରସ୍ତୁତ ହୋଇ ମଞ୍ଜୁର ଏବଂ ଦେୟ ପ୍ରଦାନ ପାଇଁ ସରକାରଙ୍କୁ ଦାଖଲ କରାଯିବ । ପିଡି, ଆର୍ଏବଂଆର୍, କେଆଇପି ଦର୍ଶାଇଲେ ଯେ ଆବଶ୍ୟକ ସ୍ପଷ୍ଟୀକରଣ ମଗାଯିବ ଏବଂ ପ୍ରଭାବିତ ବ୍ୟକ୍ତିଙ୍କୁ ସହାୟତା ବଣ୍ଟନ ପାଇଁ ଏକ ସଂଶୋଧିତ ମ୍ୟାଟ୍ରିକ୍ସ ପ୍ରସ୍ତୁତ କରାଯିବ । ଏସ୍ଏଲ୍ଏ ଏବଂ ଆରଆରଓ, ଟିଏମ୍ଆଇପି ଦର୍ଶାଇଲେ ଯେ ପୁନର୍ବାସ ଏବଂ ପୁନଃଥଇଥାନ ଆକଳନ ସପ୍ତମ ଦ୍ୱିବର୍ଷୀୟ ସଂଶୋଧନ ବିଷୟରେ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଜଳ ସମ୍ପଦ ବିଭାଗ ଦ୍ୱାରା ଅନୁମୋଦନ କରାଯାଇଥିବାରୁ ସେପରି ସଂଶୋଧିତ ହାରକୁ ଗ୍ରହଣ କରିପାରିଲା

---

57 ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ 325 ପରିବାର ଅନ୍ତର୍ଭୁକ୍ତ

58 2004-05 ଠାରୁ 2010-11 ମଧ୍ୟରେ କରାଯାଇଥିବା ଜମି ଅଧିଗ୍ରହଣ 13 ଟି ଗ୍ରାମରେ ସମ୍ପ୍ରସାରିତ/ ଛାଡ଼ିଦିଆଯାଇଥିବା ବିସ୍ଥାପିତ ପରିବାରଗୁଡ଼ିକ ପାଇଁ ମାର୍ଚ୍ଚ 2021 ଠାରୁ ଜୁନ୍ 2022 ମଧ୍ୟରେ ଅନୁମୋଦିତ ଥଇଥାନ ଓ ପୁନର୍ବାସ ସହାୟତା

ନାହିଁ । ଆକଳନ ମାର୍ଚ୍ଚ 2021 ରେ ଅନୁମୋଦନ କରାଯାଇଥିବା ବେଳେ ବର୍ଦ୍ଧିତ ସଂଶୋଧନ ପିଛିଲା ଭାବରେ 01 ଅପ୍ରେଲ 2020 ଠାରୁ ଲାଗୁ ହୋଇଥିବା ହେତୁ, ଉତ୍ତର ଗ୍ରହଣୀୟ ନଥିଲା ।

***ସୁପାରିଶ 5.1: ଆରଏଫ୍‌ସିଟିଏଲ୍‌ଆର୍‌ଏଆର୍‌ଆର୍ ଅଧିନିୟମ, 2013 ର ବ୍ୟବସ୍ଥା ଅନୁଯାୟୀ ସମସ୍ତ ପ୍ରଭାବିତ ପରିବାର ପାଇଁ ପୁନର୍ବାସ ଓ ପୁନଃଥଇଥାନ ସୁବିଧା କ୍ଷତିପୂରଣ ପ୍ରଦାନ ତାରିଖ ଠାରୁ ଛଅ ମାସ ମଧ୍ୟରେ ଉପଲବ୍ଧ କରାଯିବା ଉଚିତ୍ ।***

### *5.2.6 ବିସ୍ଥାପିତ ପରିବାରକୁ ଦିଆଯାଇଥିବା ଜମିର ଅଧିକାରର ରେକର୍ଡ ସଂଶୋଧନ ନହେବା*

ଓଆର୍‌ଆର୍‌ପି, 2006 ର ଧାରା 7 (viii) ଅନୁଯାୟୀ ବିସ୍ଥାପିତଙ୍କୁ ଦିଆଯାଇଥିବା ଜମି ଏବଂ ଘର ଗୁଡ଼ିକର ଆର୍‌ଓଆର୍[59] ସେମାନଙ୍କୁ ପୁନର୍ବସତି ସ୍ଥଳରେ ପୁନସ୍ଥାପିତ କରୁଥିବା ସମୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ହସ୍ତାନ୍ତର କରାଯିବା ଉଚିତ୍ । ଆର୍‌ଡିଏମ୍ ବିଭାଗ ଦ୍ୱାରା ଜାରୀ (ଜୁନ୍ 2011) ମାର୍ଗଦର୍ଶିକା ଅନୁଯାୟୀ, ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ଲଟ ନମ୍ବର ସହିତ ବିସ୍ଥାପିତ ପରିବାରର ଏକ ତାଲିକା ପ୍ରକଳ୍ପ ନିର୍ଦ୍ଦେଶକ (ଆର୍‌ଆଣ୍ଡଆର୍) କୁ ପ୍ରଦାନ କରିବେ, ଯିଏ ଏହାକୁ ଅନୁମୋଦିତ କରିବେ ଏବଂ ତହସିଲଦାରଙ୍କୁ ସୁପାରିଶ କରିବେ । ଏହା ପରେ ତହସିଲଦାର ବିସ୍ଥାପିତ ପରିବାରଙ୍କ ସପକ୍ଷରେ ଆର୍‌ଓଆର୍ ପ୍ରଦାନ କରିବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ତିନୋଟି ପ୍ରକଳ୍ପର[60] ଆର୍ଥିକ ବର୍ଷ 2014-15 ରୁ 2021-22 ମଧ୍ୟରେ ପୁନର୍ବାସ ଓ ପୁନଃଥଇଥାନ କଲୋନୀରେ ପୁନଃଥଇଥାନ କରାଯାଇଥିବା 640 ବିସ୍ଥାପିତ ପରିବାରଙ୍କୁ ଆର୍‌ଓଆର୍ ପ୍ରଦାନ କରାଯାଇନଥିଲା । ଉତ୍ତରରେ, ଏସ୍‌ଏଲ୍‌ଏ ଏବଂ ଆର୍‌ଆର୍‌ଓ, ଟିଏମ୍‌ଆଇପି ଏବଂ ପିଡିଆର୍ ଏବଂ ଆର୍‌କେଆଇପି ସଂପୃକ୍ତ ତହସିଲଦାରଙ୍କ ସହ ବିଚାର ବିମର୍ଷ କରି ଏହାର ସମାଧାନ କରାଯିବ ବୋଲି ନିଶ୍ଚିତ କରିଥିଲେ । ଏଲ୍‌ଏଓ, କଳାହାଣ୍ଡି କୌଣସି ପ୍ରତିକ୍ରିୟା ଦେଇନଥିଲେ ।

### *5.2.7 ପୁନର୍ବାସ ଓ ପୁନଃଥଇଥାନ କଲୋନୀରେ ଆବଶ୍ୟକ ଭିତ୍ତିଭୂମି, ସୁବିଧା ଏବଂ ମୌଳିକ ସୁବିଧାଗୁଡ଼ିକର ଅନୁପସ୍ଥିତି*

ଆର୍‌ଡିଏମ୍ ବିଭାଗର ମାର୍ଗଦର୍ଶିକା (ଜୁନ୍ 2011) ର ଅନୁଚ୍ଛେଦ 4 ଉଲ୍ଲେଖ ଅଛି ଯେ, ପୁନସ୍ଥାପିତ ଅଞ୍ଚଳରେ ନିର୍ମିତ ବିଦ୍ୟାଳୟ, ଅଙ୍ଗନବାଡ଼ି, ନର୍ସରୀ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ସମାଧି/ ଅନ୍ତିମ ସଂସ୍କାର ସ୍ଥଳ, ଖେଳ ପଡ଼ିଆ ଇତ୍ୟାଦି ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅତିକମରେ 15 ବର୍ଷ କିମ୍ବା ଏକ ସରକାରୀ ବିଭାଗ/ ସଂସ୍ଥା/ ସ୍ଥାନୀୟ ସଂସ୍ଥାକୁ ସ୍ଥାନାନ୍ତର ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରାଯିବ । ସମ୍ପତ୍ତିକୁ ଅନ୍ୟ ସଂସ୍ଥାକୁ ସ୍ଥାନାନ୍ତର ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ସେମାନଙ୍କ ଖର୍ଚ୍ଚରେ ସମ୍ପତ୍ତିର ରକ୍ଷଣାବେକ୍ଷଣ ବଜାୟ ରଖିବେ ।

ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 32 ଅନୁଯାୟୀ ଅଧିନିୟମର ତୃତୀୟ ସୂଚୀରେ ଉଲ୍ଲେଖିତ ଭିତ୍ତିଭୂମି ସୁବିଧା ଓ ରାସ୍ତା ଜଳ ନିଷ୍କାସନ, ବିଦ୍ୟୁତ୍ ଇତ୍ୟାଦି[61] ଭଳି ମୌଳିକ ସର୍ବନିମ୍ନ ସୁବିଧାଗୁଡ଼ିକୁ ଅଧିନିୟମରେ ବ୍ୟାଖ୍ୟା କରାଯାଇଥିବା ସମସ୍ତ ପୁନଃସ୍ଥାପନ ଅଞ୍ଚଳରେ ଯୋଗାଇ ଦିଆଯାଇଥିବା ବିଷୟକୁ ଜିଲ୍ଲାପାଳଙ୍କୁ ସୁନିଶ୍ଚିତ କରିବାକୁ ପଡ଼ିବ ।

ଆବଶ୍ୟକ ଭିତ୍ତିଭୂମି ସୁବିଧା ଏବଂ ମୌଳିକ ସୁବିଧାଗୁଡ଼ିକର ପ୍ରକୃତ ଉପଲବ୍ଧତା ଯାଞ୍ଚ କରିବାକୁ ଅଡିଟ୍ ବିଭାଗୀୟ ଅଧିକାରୀଙ୍କ ସହ ଅକ୍ଟୋବରରୁ ଡିସେମ୍ବର 2022 ମଧ୍ୟରେ ପାଞ୍ଚଟି ପ୍ରକଳ୍ପର[62] 17 ଟି ଆର୍‌ଆଣ୍ଡଆର୍ କଲୋନୀରେ

---

59 ଏକ ଆଇନଗତ ଦଲିଲ, ଯେଉଁଥିରେ ଜମିର ମାଲିକାନା, ଖାତା ନମ୍ବର, ପ୍ଲଟ୍ ନମ୍ବର, ପରିମାଣ, ଜମିର ବର୍ଗ ଏବଂ ଜମି ପାଇଁ ଦେୟ/ ଭଡ଼ା/ ଜଳ ଦେୟ ଧାର କରିଥାଏ

60 ଟିଏମ୍‌ଆଇପି, କୋରାପୁଟ: 470; କାନପୁର ଜଳସେଚନ ପ୍ରକଳ୍ପ: 47; ବେଦାନ୍ତ ଆଲୁମିନିୟମ ଲିମିଟେଡ୍: 123

61 ରାସ୍ତା, ଜଳ ନିଷ୍କାସନ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଚରିବା ଜମି, ସୁଲଭ ମୂଲ୍ୟ ଦୋକାନ, ଗ୍ରାମ ପଞ୍ଚାୟତ ଘର, ଡାକଘର, ମୌଳିକ ଜଳସେଚନ ସୁବିଧା, ପରିବହନ ସୁବିଧା, ସମାଧି ସ୍ଥଳ, ଖେଳ ପଡ଼ିଆ, ବିଦ୍ୟୁତ୍, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ କେନ୍ଦ୍ର, ପୂଜା ସ୍ଥଳ, ପ୍ରାଣୀ ଚିକିତ୍ସା କେନ୍ଦ୍ର ଇତ୍ୟାଦି

62 ଟିଏମ୍‌ଆଇପି: ବୋରିପୁଟ, ମଲିକର୍ଚ୍ଚି, ବିଷପାଣି, କେନ୍ଦାର, ମଝିପଦର VII, ବିରଫୁଲଗୁମା, ଡାକରା ଏବଂ ମଝିପଦର, ଏନ୍‌ଟିପିସି: ଦର୍ଲିପାଲି; କେଆଇପି: ଅଙ୍ଗୁଲିଆ, ବାସୁଦେବପୁର, ବିରିକଳା ଏବଂ ଧୋବୁବେଡ଼ା; ଏସ୍‌ଆଇପି: ବିଜୟ କୃଷ୍ଣ ଚନ୍ଦ୍ର (ବିକେସି) ପୁର, ରଙ୍ଗମାଟିଆ ଏବଂ ସୁନାପୋଖରୀ; ଭିଏଏଲ୍ କଳାହାଣ୍ଡି: ରେଙ୍ଗୋପଲି, ବନ୍ଧଗୁଡ଼ା, କୋଠଦୁଆର (ଆର୍‌ବିକେ)

112 ହିତାଧିକାରୀ ପରିବାର ଉପରେ ସର୍ଭେ କରିଥିଲେ । ସର୍ବେକ୍ଷଣର ଫଳାଫଳଗୁଡ଼ିକର ଏକ ସାରାଂଶ **ସାରଣୀ 5.4** ରେ ଦର୍ଶାଯାଇଛି ।

***ସାରଣୀ 5.4: ଆର୍ ଏବଂ ଆର୍ କଲୋନୀଗୁଡ଼ିକରେ ଭିତ୍ତିଭୂମି ସୁବିଧାର ଉପଲବ୍ଧ***

| ଆର୍‌ଆଣ୍ଡଆର୍ କଲୋନୀରେ ଆବଶ୍ୟକ ଭିତ୍ତିଭୂମି ଏବଂ ମୌଳିକ ସୁବିଧା | ସୁବିଧା ଉପଲବ୍ଧ ନଥିବା କଲୋନୀ ଗୁଡ଼ିକର ସଂଖ୍ୟା | ଭିତ୍ତିଭୂମି ସୁବିଧା ଏବଂ ମୌଳିକ ସୁବିଧା ଅଭାବ ଥିବା କଲୋନୀଗୁଡ଼ିକର ନାମ | ଆର୍‌ଆଣ୍ଡଆର୍ କଲୋନୀ ଗୁଡ଼ିକର ସଂଖ୍ୟା/ ନାମ ଯେଉଁଠାରେ ସୁବିଧା ଉପଲବ୍ଧ କିନ୍ତୁ ଭଗ୍ନ/ ନିଷ୍କ୍ରିୟ ହୋଇଯାଇଥିଲା |
|---|---|---|---|
| ସବୁ ଦିନିଆ ରାସ୍ତା | 3 | 1. ଧୋବୁଲବେଡ଼ା, କେଆଇପି, କେଉଁଝର<br>2. ରଙ୍ଗମାଟିଆ,<br>3. ସୁନାପୋଷୀ, ଏସ୍‌ଆଇପି, ମୟୁରଭଞ୍ଜ | 1. ମଝିପଦର,<br>2. ମଲିକର୍ଚି, ଟିଏମ୍‌ଆଇପି, କୋରାପୁଟ |
| ଜଳ ନିଷ୍କାସନ ସୁବିଧା | 8 | 1. ଧୋବୁଲବେଡ଼ା, କେଆଇପି, କେଉଁଝର<br>2. ରଙ୍ଗମାଟିଆ,<br>3. ସୁନାପୋଷୀ,<br>4. ବିକେସି, ଏସ୍‌ଆଇପି, ମୟୁରଭଞ୍ଜ<br>5. ଦାକରା,<br>6. ବୋରିପୁଟ, ଟିଏମ୍‌ଆଇପି, କୋରାପୁଟ<br>7. ଆର୍‌ବିକେ, ଭିଏଏଲ୍, କଳାହାଣ୍ଡି<br>8. ଦର୍ଲିପଲି, ଏନ୍‌ଟିପିସି, ସୁନ୍ଦରଗଡ଼ | 1. ମଝିପଦର,<br>2. ମଲିକର୍ଚି, ଟିଏମ୍‌ଆଇପି, କୋରାପୁଟ |
| ପାନୀୟ ଜଳ ସୁବିଧା/ ପାଇପ ଜଳ ଯୋଗାଣ | 4 | 1. ମଝିପଦର,<br>2. ଦାକରା,<br>3. ବିଷପାଣି,<br>4. ବିଫୁଲଗୁମା, ଟିଏମ୍‌ଆଇପି, କୋରାପୁଟ | 1. ଅଙ୍ଗୁଲିଆ,<br>2. ବାସୁଦେବପୁର, କେଆଇପି, କେଉଁଝର<br>3. ମଝିପଦର,<br>4. ମଲିକର୍ଚି,<br>5. କେନ୍ଦର, ଟିଏମ୍‌ଆଇପି, କୋରାପୁଟ |
| ପ୍ରାଥମିକ ବିଦ୍ୟାଳୟ | 5 | 1. ଅଙ୍ଗୁଲିଆ,<br>2. ଧୋବୁଲବେଡ଼ା, କେଆଇପି, କେଉଁଝର<br>3. ସୁନାପୋଷୀ, ଏସ୍‌ଆଇପି, ମୟୁରଭଞ୍ଜ<br>4. ମଝିପଦର-VII ଟିଏମ୍‌ଆଇପି, କୋରାପୁଟ<br>5. ଆର୍‌ବିକେ, ଭିଏଏଲ୍, କଳାହାଣ୍ଡି | 1. ବିରିକେଲା, କେଆଇପି, କେଉଁଝର<br>2. ମଲିକର୍ଚି,<br>3. ବୋରିପୁଟ,<br>4. ବିଷପାଣି, ଟିଏମ୍‌ଆଇପି, କୋରାପୁଟ |
| ବ୍ୟକ୍ତିଗତ ଶୌଚାଳୟ ସୁବିଧା | 13 | 1. ଅଙ୍ଗୁଲିଆ,<br>2. ବିରିକେଲା,<br>3. ଧୋବୁଲବେଡ଼ା, କେଆଇପି, କେଉଁଝର<br>4. ରଙ୍ଗମାଟିଆ,<br>5. ସୁନାପୋଷୀ, ଏସ୍‌ଆଇପି, ମୟୁରଭଞ୍ଜ<br>6. ମଝିପଦର,<br>7. ମଲିକର୍ଚି,<br>8. ଦକରା,<br>9. ବୋରିପୁଟ,<br>10. ବିଷପାଣି,<br>11. ବିଫୁଲଗୁମା,<br>12. କେନ୍ଦର,<br>13. ମଝିପଦର-VII ଟିଏମ୍‌ଆଇପି, କୋରାପୁଟ | - |
| ଅଙ୍ଗନବାଡ଼ି କେନ୍ଦ୍ର | 3 | 1. ବିରିକେଲା, କେଆଇପି, କେଉଁଝର<br>2. ବିଷପାଣି, ଟିଏମ୍‌ଆଇପି, କୋରାପୁଟ<br>3. ଆର୍‌ବିକେ, ଭିଏଏଲ୍, କଳାହାଣ୍ଡି | - |

| ଆର୍‌ଆଣ୍ଡଆର୍ କଲୋନୀରେ ଆବଶ୍ୟକ ଭିତ୍ତିଭୂମି ଏବଂ ମୌଳିକ ସୁବିଧା | ସୁବିଧା ଉପଲବ୍ଧ ନଥିବା କଲୋନୀ ଗୁଡ଼ିକର ସଂଖ୍ୟା | ଭିତ୍ତିଭୂମି ସୁବିଧା ଏବଂ ମୌଳିକ ସୁବିଧା ଅଭାବ ଥିବା କଲୋନୀଗୁଡ଼ିକର ନାମ | ଆର୍‌ଆଣ୍ଡଆର୍ କଲୋନୀ ଗୁଡ଼ିକର ସଂଖ୍ୟା/ ନାମ ଯେଉଁଠାରେ ସୁବିଧା ଉପଲବ୍ଧ କିନ୍ତୁ ଭଗ୍ନ/ ନିଷ୍କ୍ରିୟ ହୋଇଯାଇଥିଲା |
|---|---|---|---|
| ସର୍ବସାଧାରଣ ଆଲୋକ ବ୍ୟବସ୍ଥା | 0 | - | 1. ଦକରା,<br>2. ବୋରିପୁଟ,<br>3. ବିଷପାଣି,<br>4. ବିଙ୍ଫୁଲଗୁମା,<br>5. ମଝିପଦର,<br>6. ମଲିକର୍ଜି, ଟିଏମ୍‌ଆଇପି, କୋରାପୁଟ<br>7. ଦର୍ଲିପାଲି, ଏନ୍‌ଟିପିସି, ସୁନ୍ଦରଗଡ଼ |

*(ଉତ୍ସ: ପରୀକ୍ଷା ଯାଞ୍ଚ କରାଯାଇଥିବା ଏଲ୍‌ଏଓ/ ଏସ୍‌ଏଲ୍‌ଏଓ ର କାର୍ଯ୍ୟାଳୟର ରେକର୍ଡ ଏବଂ ଆର୍‌ଏବଂଆର୍ କଲୋନୀଗୁଡ଼ିକର ମିଳିତ ହିତାଧିକାରୀ ସର୍ଭେ)*

*ଚିତ୍ର 5.2 : କାନପୁର ଜଳ ସେଚନ ପ୍ରକଳ୍ପ କେଉଁଝର ସମ୍ପର୍କିତ ଆଙ୍ଗୁଲିଆ ଆର୍‌ଏବଂଆର୍ କଲୋନୀରେ ଅସମ୍ପୂର୍ଣ୍ଣ ପ୍ରାଥମିକ ବିଦ୍ୟାଳୟ କୋଠା*



*ଚିତ୍ର 5.3: ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ମୟୁରଭଞ୍ଜ ସମ୍ପର୍କିତ ରଙ୍ଗମାଟିଆ ଆର୍‌ଏବଂଆର୍ କଲୋନୀରେ ନିଷ୍କ୍ରିୟ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା*



ଆଙ୍ଗୁଲିଆ ଆର୍‌ଆଣ୍ଡଆର୍ କଲୋନୀ କ୍ଷେତ୍ରରେ, ବିସ୍ଥାପିତ ପରିବାରଗୁଡ଼ିକୁ 2016 ଠାରୁ କଲୋନୀରେ ପୁନଃଥଇଥାନ କରାଯାଇଛି ।

ଏହିପରି ଭାବରେ, ଆର୍‌ଆଣ୍ଡଆର୍ କଲୋନୀରେ ବିସ୍ଥାପିତ ପରିବାରଗୁଡ଼ିକୁ ଆବଶ୍ୟକ ଭିତ୍ତିଭୂମି ସୁବିଧା ତଥା ମୌଳିକ ସର୍ବନିମ୍ନ ସୁବିଧା ପ୍ରଦାନ କରାଯାଇ ନଥିଲା ।

***ସୁପାରିଶ 5.2: ଆର୍‌ଏଫ୍‌ସିଟିଏଲ୍‌ଆର୍‌ଆର୍ ଅଧିନିୟମ, 2013 ର ଧାରା 32 ରେ ବ୍ୟବସ୍ଥିତ ମୌଳିକ ସୁବିଧାଗୁଡ଼ିକୁ ଆର୍‌ଆଣ୍ଡଆର୍ କଲୋନୀଗୁଡ଼ିକରେ ବିସ୍ଥାପିତ ପରିବାରଗୁଡ଼ିକର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରଦାନ କରାଯିବା ଉଚିତ୍ ।***

# ଅଧ୍ୟାୟ 6

# ଅନୁସୂଚିତ ଜନଜାତିଙ୍କ ଜମି ଅଧିକାରର ସୁରକ୍ଷା

## ଅଧ୍ୟାୟ 6

## ଅନୁସୂଚିତ ଜନଜାତିଙ୍କ ଜମି ଅଧିକାରର ସୁରକ୍ଷା

**ସମ୍ବିଧାନର ଧାରା 244 ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ଥିବା ଜମିଜମା ସମ୍ପତ୍ତି ଉପରେ ଅନୁସୂଚିତ ଜନଜାତି ଜନସଂଖ୍ୟାର ଅଧିକାର ବଜାୟ ରଖିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ମଧ୍ୟରୁ ଅନ୍ୟତମ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଓଡ଼ିଶା ଅନୁସୂଚିତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର ଆଇନ୍ (ଓଏସ୍ଏଟିଆଇପି) (ଅନୁସୂଚିତ ଜନଜାତି ଦ୍ୱାରା) ନିୟମାବଳୀ 1956 ପ୍ରଣୟନ କରିଥିଲେ ଯାହା ପରେ 2000 ମସିହାରେ ସଂଶୋଧନ କରାଯାଇଥିଲା । ଏହି ନିୟମ, 4 ସେପ୍ଟେମ୍ବର 2002 ରୁ ଏସ୍‌ଟି ବ୍ୟକ୍ତିଙ୍କ ଜମିକୁ ଅଣ-ଏସ୍‌ଟି ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବା ଉପରେ ନିଷେଧ କରିଛି । ଏସ୍‌ଟି ଜନସଂଖ୍ୟାର ସମ୍ପତ୍ତି ଅଧିକାର ଉପରେ ଦ୍ୱନ୍ଦ୍ୱ ସମ୍ବନ୍ଧୀୟ ମାମଲାଗୁଡ଼ିକର ବିଚାର କରିବା ପାଇଁ ନିଯୁକ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ଅଡିଟ୍ ବିଶ୍ଳେଷଣ କରିଥିଲା ଏବଂ କେତେକ ନିର୍ଦ୍ଦିଷ୍ଟ ଅଭାବକୁ ଲକ୍ଷ୍ୟ କରିଥିଲେ ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି:**

- ***ଓଏସ୍ଏଟିଆଇପି ରେଗୁଲେସନ ଅଧୀନରେ ଦାଖଲ ହୋଇଥିବା ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସମୟ ସୀମା ନିର୍ଦ୍ଧାରଣର ଅନୁପସ୍ଥିତିରେ ମୋଟ 2,134 ଟି ବିଚାରାଧୀନ ମାମଲା ମଧ୍ୟରୁ 1,347 ଟି ମାମଲା 10 ବର୍ଷରୁ ଅଧିକ ସମୟ ବିଚାରାଧୀନ ଥିଲା ଏବଂ 391 ଟି ମାମଲା 6 ରୁ 10 ବର୍ଷ ପର୍ଯ୍ୟନ୍ତ ବିଚାରାଧୀନ ଥିଲା ।***
- ***66.57 ଏକ ଜମିକୁ ନେଇ 20 ଟି ପରୀକ୍ଷା ଯାଞ୍ଚ ମାମଲାରେ ଜଣାଗଲା ଯେ ଜୁଲାଇ 2008 ରୁ ସେପ୍ଟେମ୍ବର 2021 ମଧ୍ୟରେ ତହସିଲଦାରଙ୍କ ଠାରୁ ତଦନ୍ତ ରିପୋର୍ଟ ପାଇବା ସତ୍ତ୍ୱେ ସମ୍ପୃକ୍ତ ଉପଜିଲ୍ଲାପାଳଙ୍କ ଦ୍ୱାରା ମାମଲାଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି କରାଯାଇ ନଥିଲା ।***
- ***ଆଠଟି ନମୁନା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏସ୍‌ଟିଙ୍କ ନାମରେ 46.141 ଏକର ଜମିର ପୁନରୁଦ୍ଧାର ପାଇଁ ଜାରି ହୋଇଥିବା 104 ଟି ୱାରେଣ୍ଟ ମଧ୍ୟରୁ 90 ଟି ତହସିଲଦାରଙ୍କ ଦ୍ୱାରା ନିଷ୍ପାଦନ କରାଯାଇ ନଥିଲା ।***


### 6.1 ନିୟାମକ ଢାଞ୍ଚା

ଓଡ଼ିଶା ଅନୁସୂଚିତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର (ଓଏସ୍ଏଟିଆଇପି) (ଅନୁସୂଚିତ ଜନଜାତି ଦ୍ୱାରା) ନିୟାମକ 1956, ସଂଶୋଧନ ନିୟାମକ 2000 ସହିତ ପଠିତ, ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିବିଶେଷଙ୍କ ଜମି ଅନସୂଚିତ ଜନଜାତି ବର୍ଗର ବ୍ୟକ୍ତିବିଶେଷଙ୍କ ନାମରେ ହସ୍ତାନ୍ତରକୁ 4 ସେପ୍ଟେମ୍ବର 2002 ରୁ ବାରଣ କରାଯାଇଛି । ଓଏସ୍ଏଟିଆଇପି (ସଂଶୋଧନ) ରେଗୁଲେସନ 2000 ଧାରା 3(ଏ) ରେ ବ୍ୟବସ୍ଥା ରହିଛି ଯେ, ଯେଉଁଠି କୌଣସି ବ୍ୟକ୍ତି ଏସ୍‌ଟି ଜମିରେ ଅନଧିକୃତ ଜବରଦଖଲ ଥିବା ଜଣାପଡ଼ିବ, ସକ୍ଷମ ଅଧିକାରୀ, ମାଲିକ ଦ୍ୱାରା ଆବେଦନ ଉପରେ କିମ୍ବା ଏଥିରେ ରୁଚି ରଖିଥିବା କୌଣସି ବ୍ୟକ୍ତି କିମ୍ବା ଗ୍ରାମ ପଞ୍ଚାୟତରୁ ସୂଚନା ପାଇବା ପରେ କିମ୍ବା ନିଜସ୍ୱ ପ୍ରସ୍ତାବ ଉପରେ, ସମ୍ବନ୍ଧିତ ପକ୍ଷକୁ ଶୁଣିବାର ସୁଯୋଗ ଦେବା ପରେ ଏସ୍‌ଟି ସଦସ୍ୟ କିମ୍ବା ତାଙ୍କ ଉତ୍ତରାଧିକାରୀଙ୍କୁ ଦଖଲ ପୁନରୁଦ୍ଧାର କରିବା ପାଇଁ ଆଦେଶ ଦିଅନ୍ତି । ଏହା ବ୍ୟତୀତ, ଓଏସ୍ଏଟିଆଇପି (ସଂଶୋଧନ) ନିୟମାବଳୀ 2000 ଧାରା 3(ବି) ଅନୁଯାୟୀ 4 ଅକ୍ଟୋବର 1956 ରୁ 4 ସେପ୍ଟେମ୍ବର 2002 ମଧ୍ୟରେ ଅନୁସୂଚିତ ଜନଜାତି ବ୍ୟକ୍ତି ବିଶେଷଙ୍କ ଠାରୁ ଅଧିଗ୍ରହଣ କରାଯାଇଥିବା କୃଷି ଜମି ଉପରେ ଅଣ-

ଅନୁସୂଚିତ ଜନଜାତି ବ୍ୟକ୍ତିବିଶେଷଙ୍କ ଅଧିକାର ରହିଥିଲେ, ସେମାନେ ସକ୍ଷମ କର୍ତ୍ତୃପକ୍ଷଙ୍କୁ ଜମିର ସ୍ଥିତି ଓ ଦଖଲ କରିବାର ଶୈଳୀ ବିଷୟରେ ସୂଚିତ କରିବେ । ଏହି ସୂଚନା 4 ସେପ୍ଟେମ୍ବର 2002 ରୁ ଦୁଇ ବର୍ଷ ମଧ୍ୟରେ ପ୍ରଦାନ କରିବାକୁ ହେବ । ଯଦି ତଥ୍ୟ ସନ୍ତୋଷଜନକ ନଥାଏ କିମ୍ବା ଦଖଲକାରୀ ସୂଚନା ପ୍ରଦାନ କରିବାରେ ବିଫଳ ହୁଅନ୍ତି, ତେବେ କୃଷି ଜମିକୁ ମୂଳ ଏସ୍‌ଟି ମାଲିକଙ୍କୁ ଫେରସ୍ତ କରାଯିବ ।

ରାଜ୍ୟ ସରକାର ଏହି ପରିପ୍ରେକ୍ଷୀରେ ସକ୍ଷମ ଅଧିକାରୀଙ୍କ କାର୍ଯ୍ୟ କରିବା ପାଇଁ  ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅବସ୍ଥିତ ଅନୁସୂଚିତ ଅଞ୍ଚଳରେ ସଂପୃକ୍ତ ଉପ ବିଭାଗ ପାଇଁ ଉପଜିଲ୍ଲାପାଳ[63] ଏବଂ ବିଶେଷ କର୍ତ୍ତବ୍ୟ (ଜମି ସୁଧାର)[64] ଅଧିକାରୀମାନଙ୍କୁ ନିଯୁକ୍ତ କରିଥିଲେ (ଅକ୍ଟୋବର 1995 ଏବଂ ସେପ୍ଟେମ୍ବର 2015) । ଏସ୍‌ଟି ବ୍ୟକ୍ତିମାନଙ୍କ ଠାରୁ ପିଟିସନ୍ ପାଇବା ପରେ କିମ୍ବା ସକ୍ଷମ ଅଧିକାରୀଙ୍କ ନିଜସ୍ୱ ତଦନ୍ତ ପରେ, ଯେଉଁ ମାମଲାଗୁଡ଼ିକ ଓଏସ୍‌ଏଟିଆଇପି, ନିୟମାବଳୀର ବିରୋଧରେ ଜଣାଗଲେ, ତା'ର ଅନୁସନ୍ଧାନ **ଚାର୍ଟ 6.1** ରେ  ଦର୍ଶାଯାଇଥିବା ପ୍ରକ୍ରିୟା ଅନୁସାରେ କରାଯାଏ ।

*ଚାର୍ଟ 6.1: ଓଏସ୍‌ଏଟିଆଇପି ମାମଲାର ଫଏସଲା ପ୍ରକ୍ରିୟା*




## 6.2 ଓଏସ୍‌ଏଟିଆଇପି ମାମଲାର ଫଏସଲାରେ ଅହେତୁକ ବିଳମ୍ବ

ଆଠଟି ନମୁନା ଯାଞ୍ଚ କରାଯାଇଥିବା ଉପଜିଲ୍ଲାପଳ[65] ଙ୍କ ଦ୍ୱାରା ଅଡିଟ୍ ପାଇଁ ଉପଲବ୍ଧ କରାଯାଇଥିବା ତଥ୍ୟ ଏବଂ ରେକର୍ଡର ଯାଞ୍ଚରୁ ଜଣାଗଲା ଯେ ମାର୍ଚ୍ଚ 2022 ସୁଦ୍ଧା ଉପଜିଲ୍ଲାପାଳଙ୍କ ନିକଟରେ 1932.4258 ଏକର ଜମି ସହିତ ଜଡ଼ିତ 2,134 ଟି ମାମଲା ବିଚାରାଧୀନ ଥିଲା ଯାହା **ସାରଣୀ 6.1** ରେ ଦର୍ଶାଯାଇଛି ।

---

63 ନୀଳଗିରି: ବାଲେଶ୍ୱର ଜିଲ୍ଲା; ଘୁସମୁର ଓ ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲା; ଭବାନୀପାଟଣା: କଳାହାଣ୍ଡି ଜିଲ୍ଲା; କେଉଁଝର ଏବଂ ଚମ୍ପୁଆ: କେଉଁଝର ଜିଲ୍ଲା; କୋରାପୁଟ ଓ ଜୟପୁର: କୋରାପୁଟ ଜିଲ୍ଲା; ଗୁଣୁପୁର: ରାୟଗଡ଼ା ଜିଲ୍ଲା; ନବରଙ୍ଗପୁର: ନବରଙ୍ଗପୁର ଜିଲ୍ଲା; ମାଲକାନଗିରି: ମାଲକାନଗିରି ଜିଲ୍ଲା; ବାରିପଦା, ବାମଘାଟି, କପ୍ତିପଦା ଓ ପଞ୍ଚପୀର: ମୟୁରଭଞ୍ଜ ଜିଲ୍ଲା; କନ୍ଧମାଳ: କନ୍ଧମାଳ ଜିଲ୍ଲା; କୁଚିଣ୍ଡା: ସମ୍ବଲପୁର ଜିଲ୍ଲା ଏବଂ ବୋଣାଇ: ସୁନ୍ଦରଗଡ଼ ଜିଲ୍ଲା

64 ପାରଳାଖେମୁଣ୍ଡି: ଗଜପତି ଜିଲ୍ଲା; ରାୟଗଡ଼ା: ରାୟଗଡ଼ା ଜିଲ୍ଲା; ବାଲିଗୁଡ଼ା: କନ୍ଧମାଳ ଜିଲ୍ଲା; ସୁନ୍ଦରଗଡ଼ ଓ ପାନପୋଷ: ସୁନ୍ଦରଗଡ଼ ଜିଲ୍ଲା

65 ପାନପୋଷ ଏବଂ ସୁନ୍ଦରଗଡ଼ ସବ୍‌ଡିଭିଜନ ସମ୍ବନ୍ଧରେ ସ୍ୱତନ୍ତ୍ର କର୍ତ୍ତବ୍ୟ (ଜମି ସୁଧାର) ଅଧିକାରୀ ନିଯୁକ୍ତ ହୋଇଥିଲେ କିନ୍ତୁ ଏହି ପଦବୀ ଖାଲି ରହିଥିଲା ଏବଂ ସଂପୃକ୍ତ ଉପଜିଲ୍ଲାପାଳ ଉପଯୁକ୍ତ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ କରୁଥିଲେ


*ସାରଣୀ 6.1: ଓଏସ୍ଏଟିଆଇଏପି ମାମଲା ବିଚାରାଧୀନ ରହିବା*

| ଉପଜିଲ୍ଲାପାଳ | ମାର୍ଚ୍ଚ 2022 ସୁଦ୍ଧା ଲମ୍ବିତ | | ବିଚାରାଧୀନର ଅବଧି | | | |
|---|---|---|---|---|---|---|
| | ମାମଲା ସଂଖ୍ୟା | କ୍ଷେତ୍ର ଏକରରେ | ପାଞ୍ଚ ବର୍ଷ ପର୍ଯ୍ୟନ୍ତ | ଛଅ ବର୍ଷରୁ 10 ବର୍ଷ | 10 ବର୍ଷରୁ ଊର୍ଦ୍ଧ୍ୱ | ଜଣାପଡ଼ିନଥିଲା[66] |
| ବାରିପଦା | 20 | 15.09 | 20 | 0 | 0 | 0 |
| ଚମ୍ପୁଆ | 65 | 113.843 | 44 | 1 | 2 | 18 |
| କଳାହାଣ୍ଡି | 40 | 83.7 | 14 | 3 | 23 | 0 |
| କପ୍ତିପଦା | 9 | 3.58 | 0 | 0 | 9 | 0 |
| କୋରାପୁଟ | 1,553 | 1,211.194 | 134 | 269 | 1,150 | 0 |
| ନବରଙ୍ଗପୁର | 150 | 265.56 | 32 | 16 | 102 | 0 |
| ପାନପୋଷ | 177 | 139.8388 | 68 | 62 | 47 | 0 |
| ସୁନ୍ଦରଗଡ଼ | 120 | 99.62 | 66 | 40 | 14 | 0 |
| ମୋଟ | **2,134** | **1,932.4258** | **378** | **391** | **1,347** | **18** |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗୁଡ଼ିକର ରେକର୍ଡ)*

ଅଡିଟରେ 2,134 ଟି ମାମଲା ମଧ୍ୟରୁ 2,116 ଟି ବିଚାରାଧୀନ ସମୟ ଅନୁଧ୍ୟାନ କରିଥିଲା ଏବଂ ଲକ୍ଷ୍ୟ କଲା ଯେ, 1,347 ଟି (65 ପ୍ରତିଶତ) ମାମଲା 10 ବର୍ଷରୁ ଅଧିକ ସମୟ ଧରି ଫଏସଲା ପାଇଁ ପଡ଼ି ରହିଥିବା ବେଳେ, 391 ଟି (18 ପ୍ରତିଶତ) ମାମଲା ଛଅ ରୁ 10 ବର୍ଷ ଧରି ଫଏସଲା ପାଇଁ ପଡ଼ିରହିଛି । କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷ ଏହି ମାମଲା ଗୁଡ଼ିକର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାଧାନ ପାଇଁ କୌଣସି ପ୍ରଭାବୀ ପଦକ୍ଷେପ ନେଇ ନଥିଲେ । ବର୍ଷୱାରୀ ବିଚାରାଧୀନ ମାମଲା **ଚାର୍ଟ 6.2** ରେ ଦର୍ଶାଯାଇଛି ।

*ଚାର୍ଟ 6.2: ବର୍ଷୱାରୀ ବିଚାରାଧୀନ ମାମଲାଗୁଡ଼ିକ*




ଅଡିଟ୍, 2,216[67] ଟି ବିଚାରାଧୀନ ମାମଲା ମଧ୍ୟରୁ 221 ଟି ମାମଲା ସହିତ ଜଡ଼ିତ 501.379 ଏକର ଜମିକୁ ଅନୁଧ୍ୟାନ କରି ଜାଣିବାକୁ ପାଇଲା ଯେ:

- କେତେ ସଂଖ୍ୟକ ଟାଇମ୍-ପିଟିସନର[68] ଅନୁମତି ଦିଆଯିବ, କେତେ ସମୟ ମଧ୍ୟରେ ମାମଲାଗୁଡ଼ିକର ସମାଧାନ କରାଯିବ ଇତ୍ୟାଦିକୁ ନେଇ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା ।

[66] ନଥିଗୁଡ଼ିକର ଅନୁପଯୁକ୍ତ ପରିଚାଳନା ପାଇଁ

[67] ବାରିପଦା:20, ଚମ୍ପୁଆ: 05, କଳାହାଣ୍ଡି: 40, କପ୍ତିପଦା: 09, କୋରାପୁଟ:46, ନବରଙ୍ଗପୁର:75, ପାନପୋଷ:07, ସୁନ୍ଦରଗଡ଼:19

[68] ମାମଲାର ଶୁଣାଣୀ ପାଇଁ ସମୟ ବଢ଼ାଇବାକୁ ଆବେଦନ

- ପାନପୋଷ ଏବଂ ସୁନ୍ଦରଗଡ଼ ସବ୍-ଡିଭିଜନରେ ଆର୍ଥିକ 2017-18 ରୁ 2021-22 ମଧ୍ୟରେ ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ଜମି ସୁଧାର) ଅର୍ଥାତ୍ ଦକ୍ଷ ଅଧିକାରୀ ପଦବୀ ଖାଲି ପଡ଼ିଥିଲା ।

- ମାମଲାଗୁଡ଼ିକର ଫଇସଲା ନ ହେବାର ମୁଖ୍ୟ କାରଣ ଥିଲା:(i) ଦକ୍ଷ ଅଧିକାରୀଙ୍କ ଦ୍ୱାରା ଶୁଣାଣି ନହେବା (ii) ସଂପୃକ୍ତ ତହସିଲଦାରଙ୍କ ଠାରୁ ତଦନ୍ତ ରିପୋର୍ଟ ପ୍ରାପ୍ତ ନହେବା (iii) ପକ୍ଷଙ୍କ ଦ୍ୱାରା ଟାଇମ୍-ପିଟିସନ୍ ମାଗିବା (iv) ପକ୍ଷଙ୍କ ଅନୁପସ୍ଥିତି ଇତ୍ୟାଦି । ଅଡିଟ୍ ବେଳେ ଏକ ଦୃଷ୍ଟାନ୍ତ ସାମ୍ନାକୁ ଆସିଥିଲା ଯେଉଁଠି କି ଆବେଦନକାରୀ ଓଏସ୍ଏଟିଆଇପି ରେଗୁଲେସନ୍ ଅଧୀନରେ ଥିବା ଦକ୍ଷ ଅଧିକାରୀଙ୍କ ଦ୍ୱାରା ତାଙ୍କ ଅଭିଯୋଗର ସମାଧାନ କରିବାରେ ବିଫଳ ହେବାରୁ ତାଙ୍କ ଅଭିଯୋଗର ସମାଧାନ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କ ଦ୍ୱାରସ୍ଥ ହୋଇଥିଲେ ଯାହା **ଅନୁଚ୍ଛେଦ 6.5** ରେ ଆଲୋଚନା କରାଯାଇଛି ।

- 21 ଟି ନମୁନା ଯାଞ୍ଚ ମାମଲାରେ ସଂପୃକ୍ତ ଆର୍‌ଆଇ/ ତହସିଲଦାରଙ୍କ ଠାରୁ ତଦନ୍ତ ରିପୋର୍ଟ ମିଳିବା ସତ୍ତ୍ୱେ, ଯେଉଁଥିରେ ଏସ୍‌ଟି ଜମି ଅନଧିକୃତ ଭାବେ ଜବର ଦଖଲରେ ରହିଥିବା ଦର୍ଶାଇ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମାମଲାର ସମାଧାନ କରାଯାଇ ନଥିଲା ଯାହା **ଅନୁଚ୍ଛେଦ 6.3** ରେ ଆଲୋଚନା କରାଯାଇଛି ।

- ତିନୋଟି ନମୁନା ଯାଞ୍ଚ ମାମଲାରେ, ଅଡିଟ୍ ମାମଲା ରେକର୍ଡରେ ଉପଲବ୍ଧ ଦସ୍ତାବିଜ୍‌ରୁ ଦେଖିଲେ ଯେ, ଏସ୍‌ଟି ଜମିକୁ ଗୋଟିଏ ସରକାରୀ ସଂଗଠନ ଏବଂ ଦୁଇ ଜଣ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ଦ୍ୱାରା ଅନଧିକୃତ ଭାବେ ଏସ୍‌ଟି ଜମି ସ୍ଥାନାନ୍ତରିତ/ ଦଖଲ କରାଯାଇଥିଲା । ତେବେ, ସମାଧାନ ନ ହୋଇ ପଡ଼ିରହିଥିବା ମାମଲାଗୁଡ଼ିକର ସବିଶେଷ ବିବରଣୀ **ସାରଣୀ 6.2** ରେ ଦିଆଯାଇଛି ।

***ସାରଣୀ 6.2: ବେଆଇନ୍ ଜବରଦଖଲ ମାମଲା***

| ଉପଜିଲ୍ଲାପାଳ | ମାମଲା ସଂଖ୍ୟା | ମାମଲା ପଞ୍ଜୀକୃତ ତାରିଖ | କ୍ଷେତ୍ର (ଏକରରେ) | ଅନଧିକୃତ ଦଖଲର ଆରୋପ | ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶେଷ ଶୁଣାଣିର ତାରିଖ |
|---|---|---|---|---|---|
| କୋରାପୁଟ | 37/09 | 24.04.2010 | 0.14 | ବିଡିଓ, ପଟାଙ୍ଗି | 20 ସେପ୍ଟେମ୍ବର 2011 |
| କୋରାପୁଟ | 01/22 | 10.01.2022 | 2.28 | ଅଣ-ଏସ୍‌ଟି ବ୍ୟକ୍ତି | 09 ଜୁନ୍ 2022 |
| ସୁନ୍ଦରଗଡ଼ | 01/18 | 20.03.2018 | 0.06 | ଅଣ-ଏସ୍‌ଟି ବ୍ୟକ୍ତି | 10 ଅଗଷ୍ଟ 2018 |
| ମୋଟ | | | **2.48** | | |

***(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗୁଡ଼ିକର ରେକର୍ଡ)***

- ଗୋଟିଏ ମାମଲାରେ, ଏହା ଜଣାପଡ଼ିଥିଲା ଯେ ସମ୍ପୃକ୍ତ ଅଧିକାରୀ ଜଣେ ଏସ୍‌ଟି ବ୍ୟକ୍ତିଙ୍କ ଅଭିଯୋଗର ସମାଧାନ କରିବାରେ ବିଫଳ ହୋଇଥିଲେ, ଯିଏ ଓଏସ୍ଏଟିଆଇପି ଅଧିନରେ ଏକ ମାମଲା ଦାୟର କରିଥିଲେ, ଯାହା **ମାମଲା ଅଧ୍ୟୟନ 6.1** ରେ ଆଲୋଚନା କରାଯାଇଛି ।


**ମାମଲା ଅଧ୍ୟୟନ 6.1**

**ଏସ୍‌ଟି ସମ୍ପ୍ରଦାୟର ଜଣେ ବ୍ୟକ୍ତି ବିଶ୍ରା ପୋଲିସ୍ ଥାନାରେ ଏକ ଏଫ୍‌ଆଇଆର୍ (ଜୁଲାଇ 2015) ଦାଖଲ କରିଥିଲେ, ଯେଉଁଥିରେ ତାଙ୍କ ଜମିରେ କନିଷ୍ଠ ଯନ୍ତ୍ରୀ ଲୋକ ନିର୍ମାଣ ବିଭାଗ, ବିଶ୍ରା ଏବଂ ସରପଞ୍ଚ, ଉଡୁସୁ ଗ୍ରାମ ପଞ୍ଚାୟତଙ୍କ ଦ୍ୱାରା ଅନଧିକୃତ ଭାବରେ ରାସ୍ତା ନିର୍ମାଣ କରିଥିବା ଅଭିଯୋଗ କରିଥିଲେ । ଅଭିଯୋଗକାରୀ ନିଜ ଜମିର ସୀମା ନିର୍ଦ୍ଧାରଣ ପାଇଁ ତହସିଲଦାର, ବିଶ୍ରାଙ୍କୁ ଯୋଗାଯୋଗ ମଧ କରିଥିଲେ (ନଭେମ୍ବର 2015) ଏବଂ ଆବଶ୍ୟକ ଦେୟ ଜମା କରିଥିଲେ । ତହସିଲଦାର ସଂପୃକ୍ତ ରାଜସ୍ୱ ନିରୀକ୍ଷକ/ ସହକାରୀ ରାଜସ୍ୱ ନିରୀକ୍ଷକ/ ଅମିନଙ୍କୁ ସଠିକତା ସହିତ ସୀମା ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦେବାର ଥିଲା । ଆର୍‌ଆଇ/ଏଆର୍‌ଆର/ଅମିନଙ୍କୁ ଟ୍ରାସ୍ ମ୍ୟାପ୍, ସୀମା ନିର୍ଦ୍ଧାରଣର ସ୍ମାରକ ପ୍ରସ୍ତୁତ କରିବାର ଥିଲା ଏବଂ ସୀମା ନିର୍ଦ୍ଧାରଣ ସମୟରେ ଉପସ୍ଥିତ ଥିବା ସାକ୍ଷୀଙ୍କ ଦସ୍ତଖତ ହାସଲ କରିବା ଏବଂ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବାର ଥିଲା । ଅଡିଟ୍ ପାଇଁ ଉପଲବ୍ଧ ହୋଇଥିବା ରେକର୍ଡରେ ଜମିର ସୀମା ନିର୍ଦ୍ଧାରଣ ସମ୍ପର୍କରେ କୌଣସି ସୂଚନା ନଥିଲା । ଅଭିଯୋଗକାରୀଙ୍କ କାରଣ ସମାଧାନ କରାନଯିବାରୁ, ଅଭିଯୋଗକାରୀ**

ରାଉରକେଲା ବରିଷ୍ଠ ସିଭିଲ୍ ଜଜଙ୍କ ଅଦାଲତରେ ଏକ ସିଭିଲ୍ ମୋକଦ୍ଦମା ଦାୟର (ମାର୍ଚ୍ଚ 2016) କରିଥିଲେ, ଯେଉଁଥିରେ ଏସ୍‌ଟି ଜମିର ଅନଧିକୃତ ଦଖଲ ମାମଲାରେ ଓଏସ୍‌ଏଟିଆଇପି ରେଗୁଲେସନ ଅନୁଯାୟୀ ସୁରକ୍ଷା ପାଇଁ ପ୍ରାର୍ଥନା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ), ବିଶ୍ରା ନ୍ୟାୟାଳୟରେ ଦାଖଲ କରିଛନ୍ତି ଯେ, ଏସ୍‌ଟି ସମ୍ପ୍ରଦାୟ ସଦସ୍ୟ ହେବା ଏବଂ ଓଏସ୍‌ଏଟିଆଇପି ରେଗୁଲେସନ ଧାରା 7 (ଇ)[69] ଦ୍ୱାରା ସିଭିଲ୍ ସୁଟ୍ ବାରଣ କରାଯାଇଥିବା ବେଳେ ଏହି ମାମଲାରେ ସିଭିଲି କୋର୍ଟର କୌଣସି କ୍ଷେତ୍ର ଅଧିକାର ନଥିଲା । ବିଡିଓ ମଧ୍ୟ ଅଦାଲତରେ ଦାଖଲ କରିଥିଲେ ଯେ, ଏହି ମାମଲା ଓଏସ୍‌ଏଟିଆଇପି ରେଗୁଲେସନ୍ ଅନୁଯାୟୀ ବିଚାର କରାଯିବ । ବିଡିଓଙ୍କ ଦ୍ୱାରା ଦିଆଯାଇଥିବା ଆଧାର ଉପରେ କୋର୍ଟ ପିଟିସନ୍ ଖାରଜ କରିଦେଇଥିଲେ (ଡିସେମ୍ବର 2019) ।

ଅଭିଯୋଗକାରୀ ପୁଣି ଥରେ ଓଏସ୍‌ଏଟିଆଇପି ରେଗୁଲେସନ ଅଧିନରେ ଏକ ପିଟିସନ ଉପଜିଲ୍ଲାପାଳ, ପାନପୋଷଙ୍କ ନିକଟରେ ଦାୟର କରିଥିଲେ (ମାର୍ଚ୍ଚ 2020) । ଏକ ମାମଲା 02/20 ନମ୍ବରରେ ରୁଜୁ ହୋଇଥିଲା । ଉପଜିଲ୍ଲାପାଳ, ତହସିଲଦାରଙ୍କୁ ସୀମା ନିର୍ଦ୍ଧାରଣର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ (ଅପ୍ରେଲ 2022) ଦେଇଥିଲେ ଏବଂ ସେହି ସମୟରେ ବିଡିଓ, ବିଶ୍ରାଙ୍କୁ ଆବେଦନକାରୀଙ୍କ ଜମିରେ ରାସ୍ତା ନିର୍ମାଣ ଅଭିଯୋଗରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ଏବଂ ବିଡିଓ ରିପୋର୍ଟ ଦାଖଲ କରିବା ପରିବର୍ତ୍ତେ, ଏକ ରିପୋର୍ଟ ଦାଖଲ କରିଥିଲେ (ଅଗଷ୍ଟ 2022) ଯେଉଁଥିରେ ଦର୍ଶାଯାଇଥିଲା ଯେ ଆବେଦନକାରୀ ଅନୁସୂଚୀତ ଜନଜାତି ସମ୍ପ୍ରଦାୟର ନୁହଁନ୍ତି । ପ୍ଲଟର କାଡାଷ୍ଟ୍ରାଲ୍ ଭିୟୁରୁ ଅଡିଟ୍ ଜାଣିପାରି ଥିଲା ଯେ ଆବେଦନକାରୀଙ୍କ ଜମିରେ ରାସ୍ତା ନିର୍ମାଣ ହୋଇଥିଲା । ତା' ପରଠାରୁ ସେପ୍ଟେମ୍ବର 2022 ପର୍ଯ୍ୟନ୍ତ ଉପଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା ।

*ପ୍ରତିଛବି 6.1: ଘରୋଇ ଜମି ଉପରେ ରାସ୍ତା ନିର୍ମାଣକୁ ଦର୍ଶାଉଥିବା କାଡାଷ୍ଟ୍ରାଲ ଦୃଶ୍ୟ*




ଅଡିଟରେ ଲକ୍ଷ୍ୟ କଲା ଯେ, ଆବେଦନକାରୀଙ୍କ ଜମି ସୀମା ନିର୍ଦ୍ଧାରଣରେ ନା ତହସିଲଦାର କୌଣସି ପ୍ରତିକ୍ରିୟା ଦେଇଥିଲେ ନା ବିଡିଓ, ବିର୍ସା ଅଭିଯୋଗକାରୀଙ୍କ ଜନଜାତି ମାନ୍ୟତାକୁ ନେଇ କୌଣସି ନିରନ୍ତର ମତ ରଖିଥିଲେ । ତେବେ ପ୍ରକୃତ ତଥ୍ୟ ହେଲା ଅଭିଯୋଗକାରୀଙ୍କ ପାଖରେ 2009 ରେ ରାଉରକେଲା ତହସିଲଦାରଙ୍କ ଦ୍ୱାରା ଜାରି ହୋଇଥିବା ଜାତି ପ୍ରମାଣ ପତ୍ର ଥିଲା, ଯେଉଁଥିରେ ତାଙ୍କ ବର୍ଗକୁ ଅନୁସୂଚିତ ଜନଜାତି ବୋଲି ଦର୍ଶାଯାଇଥିଲା ।

---

69 ନିୟମାବଳୀ 7 (E): ଯେପର୍ଯ୍ୟନ୍ତ ଏହା କୌଣସି ପ୍ରକାରରେ ସମ୍ବନ୍ଧିତ, ଯାହା ନିଷ୍ପତ୍ତି ନେବା ପାଇଁ କୌଣସି ଅଧିକାରୀ କିମ୍ବା ଅନ୍ୟ ଦକ୍ଷ ଅଧିକାରୀ ନିୟମାବଳୀ ଅନୁଯାୟୀ କିମ୍ବା ତାହା ଅଧିନରେ କ୍ଷମତା ପ୍ରାପ୍ତ, କୌଣସି ସିଭିଲ୍ କୋର୍ଟର କୌଣସି ମକଦ୍ଦମା କିମ୍ବା କାର୍ଯ୍ୟଧାରାକୁ ବିଚାର କରିବା ଏବଂ ନିଷ୍ପତ୍ତି ନେବା ପାଇଁ କୌଣସି ଅଧିକାର ରହିବ ନାହିଁ

**ଏଣୁ, ତହସିଲଦାର, ବିଡିଓ ଓ ଉପଜିଲ୍ଲାପାଳ, ବିଶ୍ରାଙ୍କ ଦାୟିତ୍ୱହୀନ ଆଭିମୁଖ୍ୟ ଯୋଗୁଁ ଗତ ସାତ ବର୍ଷ ହେଲା ଜଣେ ଜନଜାତି ଜମି ମାଲିକଙ୍କ ଅଭିଯୋଗର ସମାଧାନ ମିଳିଲା ନାହିଁ ଏବଂ ଓଏସ୍ଏଟିଆଇପି ନିୟମାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନର ଅଭାବରୁ ଜଣେ ଜନଜାତି ବ୍ୟକ୍ତି ଭାବରେ ତାଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ପ୍ରଭାବ ହୀନ ହୋଇପଡ଼ିଥିଲା ।**

**ଏହାର ଉତ୍ତରରେ, ଉପଜିଲ୍ଲାପାଳ, ପୋନପୋଷ ଆଶ୍ୱାସନା ଦେଲେ (ଡିସେମ୍ବର 2022), ମାମଲାର ଫଏସଲା କରାଯିବ । ତେବେ ଏହି ମାମଲାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2023) ।**

ତେଣୁ ମାମଲାଗୁଡିକର ଫଏସଲାରେ ଅହେତୁକ ବିଳମ୍ବ ଯୋଗୁଁ ଓଏସ୍ଏଡିଆଇପି ନିୟମାବଳୀ, 1956 ବ୍ୟବସ୍ଥା ଅନୁଯାୟୀ ଜନଜାତି ସଦସ୍ୟଙ୍କ ଜମି ଅଧିକାରର ସୁରକ୍ଷା କରାଯାଇପାରିଲା ନାହିଁ ।

ଅଡିଟ୍ ଆହୁରି ମଧ ଲକ୍ଷ୍ୟ କଲା ଯେ, ଏସ୍ଟି ମାଲିକ ଥିବା ଜମିର ଆରଓଆର୍‌ରେ ଓଏସ୍ଏଟିଆଇପି ରେଗୁଲେସନ ଅନୁସାରେ, ଅଣ ଏସ୍ଟି ବ୍ୟକ୍ତିଙ୍କର ଜମି ବିକ୍ରୟ ଉପରେ ପ୍ରତିବନ୍ଧର ଘୋଷଣା ଥିବାର କୌଣସି ସମର୍ଥନ/ ଉଲ୍ଲେଖ ନଥିଲା, ଯାହା ଏସ୍ଟି ଲୋକମାନଙ୍କର ଜମିର ଅବୈଧ କିଣାବିକାର ଦମନ କରିପାରିଥାନ୍ତା । ଏହା ବ୍ୟତୀତ, ଏସ୍ଟି ଜମିର ରେକର୍ଡର ରକ୍ଷଣାବେକ୍ଷଣର ପ୍ରକାର ଉପରେ କୌଣସି ନିୟମ/ ମାର୍ଗଦର୍ଶିକା ପ୍ରଚଳିତ ନଥିଲା ।

ଉତ୍ତରରେ, କୋରାପୁଟ ଉପଜିଲ୍ଲାପାଳ ବକେୟା ଥିବା ମାମଲାଗୁଡିକର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ 2015 ମସିହାରୁ ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ଭୂସଂସ୍କାର) ପଦବୀ ଖାଲି ପଡିଥିବାରୁ ମାମଲାଗୁଡିକ ବିଚାରଧୀନ ରହିଥିଲା । ସୁନ୍ଦରଗଡ, ପାନପୋଷ, କପ୍ତିପଦା ଓ କଳାହାଣ୍ଡିର ଉପଜିଲ୍ଲାପାଳ ବକେୟା ମାମଲାଗୁଡିକର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିବା ବେଳେ, ବାରିପଦା ଉପଜିଲ୍ଲାପାଳ, ମାମଲାଗୁଡିକ ବିଚାରାଧୀନ ରହିବାର କାରଣ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉପଜିଲଲ୍ଲାପାଳଙ୍କ ଦାୟିତ୍ୱ ଦେବା ସହ କୋଭିଡ-19 ମହାମାରୀକୁ ଦାୟୀ କରିଥିଲେ । ଚମ୍ପୁଆ ଏବଂ ନବରଙ୍ଗପୁର ଉପଜିଲ୍ଲାପାଳ କୌଣସି ଉତ୍ତର ଦେଇନଥିଲେ (ଅକ୍ଟୋବର 2023 ସୁଦ୍ଧା) ।

କୋରାପୁଟ ଉପଜିଲ୍ଲାପାଳ ଦେଇଥିବା ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଓଏସ୍ଏଟିଆଇପି ରେଗୁଲେସନ ଅଧିନରେ ଦକ୍ଷ ଅଧିକାରୀଙ୍କ କାର୍ଯ୍ୟ ସଂପାଦନ କରିବା ପାଇଁ ଆରଡିଏମ୍ ବିଭାଗରେ କୋରାପୁଟ ଉପଜିଲ୍ଲାପାଳଙ୍କୁ ନିଯୁକ୍ତି ଦେଇଥିଲା (ସେପ୍ଟେମ୍ବର 2015) । ଆହୁରିମଧ, ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ତର ଗ୍ରହଣୀୟ ନଥିଲା, କାରଣ ଏହା ସାଧାରଣ ପ୍ରକୃତିର ଏବଂ କୌଣସି ଯୁକ୍ତିଯୁକ୍ତ କାରଣ ବ୍ୟତୀତ ଥିଲା ।

## 6.3 ତଦନ୍ତ ରିପୋର୍ଟ ମିଳିବା ସତ୍ତ୍ୱେ ମାମଲାର ସମାଧାନ ନହେବା

ଜନଜାତି ମାନଙ୍କ ଜମିରେ 66.57 ଏକର ଅନଧିକୃତ ଦଖଲ ଅଭିଯୋଗରେ ଜଡିତ 20ଟି ନମୁନା ଯାଞ୍ଚ ମାମଲାରେ ସଂପୃକ୍ତ ଆର୍‌ଆଇ/ ତହସିଲଦାରମାନେ ଜୁଲାଇ 2008 ରୁ ସେପ୍ଟେମ୍ବର 2021 ମଧରେ ଜନଜାତି ଜମିର ଅନଧିକୃତ ଦଖଲକୁ ନିଶ୍ଚିତ କରି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ, ଯାହାର ବିସ୍ତୃତ ବିବରଣୀ **ପରିଶିଷ୍ଟ 6.1** ରେ ଦିଆଯାଇଛି । ଅନଧିକୃତ ଦଖଲରେ ସରକାରୀ ସଂସ୍ଥା, ଘରୋଇ କମ୍ପାନୀ, ଧର୍ମାନୁଷ୍ଠାନ ଏବଂ ବ୍ୟବସ୍ତି ସାମିଲ୍ ଥିଲେ, ଯାହା **ସାରଣୀ 6.3** ରେ ଦର୍ଶାଯାଇଛି ।

***ସାରଣୀ 6.3: ଅନଧିକୃତ ଦଖଲକାରୀଙ୍କ ବର୍ଗୀକରଣ ଏବଂ ଦଖଲ ଜମିର ଉପଯୋଗର ବ୍ୟବହାର***

| ଅନଧିକୃତ ଦଖଲକାରୀ | ଜମି ପରିମାଣ (ଏକରରେ) | ଜମି ଉପଯୋଗର ପ୍ରକାର |
|---|---|---|
| ସରକାରୀ ସଂସ୍ଥା (10) | 13.44 | ବିଦ୍ୟାଳୟ, ଚିକିତ୍ସାଳୟ ମହାବିଦ୍ୟାଳୟ, ଚିକିତ୍ସାଳୟ, ଚେକ୍ ଡାମ୍, ଇଲେକ୍ଟ୍ରିକ୍ ସବ୍‌ଷ୍ଟେସନ ଓ ରାସ୍ତା ନିର୍ମାଣ |
| ବେସରକାରୀ ସଂସ୍ଥା (7) | 52.12 | ଖଣି ଓ ଆନୁସଙ୍ଗିକ କାର୍ଯ୍ୟ, ଧାର୍ମିକ ଅନୁଷ୍ଠାନ, ରାସ୍ତା ଘାଟ ଏବଂ ବିଦ୍ୟାଳୟ |
| ବ୍ୟକ୍ତିଗତ (3) | 1.01 | ଚାଷ |
| **ମୋଟ** | **66.57** | |

***(ଉତ୍ସ: ନମୁନା ଉପଜିଲ୍ଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)***

ଅଡିଟ୍ ଲକ୍ଷ୍ୟ କଲା ଯେ ଜୁଲାଇ 2008ରୁ ସେପ୍ଟେମ୍ବର 2021 ମଧ୍ୟରେ ସଂପୃକ୍ତ ଆରଆଇ/ ତହସିଲଦାରଙ୍କ ତଦନ୍ତ ରିପୋର୍ଟ ପାଇବା ସତ୍ତ୍ୱେ ସେଗୁଡିକର ଚୂଡାନ୍ତ ସମାଧାନ ପାଇଁ ନ୍ୟାୟ ନିର୍ଣ୍ଣାୟକ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ନଥିଲା ।

**ମାମଲା ଅଧ୍ୟୟନ 6.2**

**ବଡବିଲ ତହସିଲର ସିରିଜୋଡା ଗାଁର କିଛି ଜନଜାତି ଜମି ମାଲିକ ବିର୍ସାମୁଣ୍ଡା ସମବାୟ ସମିତି ଲିମିଟେଡ୍ ସଚିବଙ୍କ ନିକଟରେ ପିଟିସନ୍ ଦାୟର (ଡିସେମ୍ବର 2016) କରିଥିଲେ ଯେ, ସେମାନଙ୍କ 34.05 ଏକର ପରିମିତ ଜମିକୁ ଏମ୍,ଏଲ୍ ରୁଙ୍ଗଟା ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀ ଦ୍ୱାରା ବେଆଇନ ଭାବେ ଜବରଦଖଲ ହୋଇଛି । ସୋସଇଟି ଅଭିଯୋଗ ଆବେଦନକୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇଥିଲେ (ଜାନୁଆରୀ 2017), ଏଥି ସହ ଏହାର ନକଲ ମଧ୍ୟ (କ) ଜିଲ୍ଲାପାଳ କେନ୍ଦୁଝର, (ଖ) ଆରକ୍ଷୀ ଅଧିକ୍ଷକ କେନ୍ଦୁଝର, (ଗ) ଉପଜିଲ୍ଲାପାଳ ଚମ୍ପୁଆ ଏବଂ (ଘ) ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ଭାରତ ସରକାରଙ୍କ ପାଖକୁ ପଠାଇଥିଲା । କେନ୍ଦୁଝର ଜିଲ୍ଲାପାଳ, ଚମ୍ପୁଆ ଉପଜିଲ୍ଲାପାଳଙ୍କ ଠାରୁ ତଦନ୍ତ ରିପୋର୍ଟ ତଲବ କରିଥିଲେ (ଜାନୁଆରୀ 2017) । ତେବେ ଏହି ପିଟିସନ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସୋସାଇଟି ପୁଣି ଥରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟକୁ ଏକ ଅଭିଯୋଗ ଦାଖଲ କରିଥିଲା (ଜୁନ 2020) । ପରବର୍ତ୍ତୀ ସମୟରେ, ବଡବିଲ, ତହସିଲଦାର ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ରିପୋର୍ଟ କରିଥିଲେ (ନଭେମ୍ବର 2020) ଯେ ଏମ୍ଏଲ ରୁଙ୍ଗଟା ଲିମିଟେଡ୍ ଖଣି କାର୍ଯ୍ୟ ପରିଚାଳନା ପାଇଁ 1983 ମସିହା ପୂର୍ବରୁ 34.05 ଏକର ଜନଜାତିଙ୍କ ଜମି ଜବର ଦଖଲ କରିଥିଲା ଏବଂ ଏହାକୁ କାର୍ଯ୍ୟାଳୟ, କଲୋନୀ, ଅତିଥି ଭବନ ଓ ଚିକିତ୍ସାଳୟ ଆଦି ନିର୍ମାଣ ପାଇଁ ବିନିଯୋଗ କରିଥିଲା । 31 ମାର୍ଚ୍ଚ 2020ରେ ଖଣି ଗୁଡିକରେ ଲିଜ୍ ଅବଧି ଶେଷ ହେବାପରେ ଉକ୍ତ ଜମିକୁ ଖଣିର ନୂଆ ଲିଜ୍ ଧାରୀ ଦଖଲ କରିଥିଲେ । ଚମ୍ପୁଆ ଉପଜିଲ୍ଲାପାଳ, ନଭେମ୍ବର 2020 ମସିହାରେ ଏକ ମାମଲା ରଜୁ କରିଥିଲେ କିନ୍ତୁ, କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନଥିଲା। ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିବା ସହ ତହସିଲଦାରଙ୍କ ଠାରୁ ତଦନ୍ତ ରିପୋର୍ଟ ପାଇବା ସତ୍ତ୍ୱେ ଡିସେମ୍ବର 2022 ସୁଦ୍ଧା ମାମଲାର ସମାଧାନ ହୋଇପାରିନଥିଲା ।**

ତେଣୁ ନ୍ୟାୟ ନିର୍ଣ୍ଣାୟକ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ଓଏସ୍ଏଟିଆଇପି ରେଗୁଲେସନ୍, 1956 ଅନୁଯାୟୀ ଜନଜାତିମାନଙ୍କୁ ପ୍ରଦାନ କରାଯାଇଥିବା ଆଇନଗତ ସୁରକ୍ଷା ସେମାନଙ୍କୁ ଦିଆଯାଇ ନଥିଲା, ଯାହା ଉକ୍ତ ରେଗୁଲେସନ ରେ ପ୍ରକୃତ ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

ଏହାର ଉତ୍ତରରେ କୋରାପୁଟ, ପାନପୋଷ, କପ୍ତିପଦା, ସୁନ୍ଦରଗଡ, ଭବାନୀପାଟଣାର ଉପଜିଲ୍ଲାପାଳମାନେ ଏବଂ ବଡବିଲ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ ଯେ ଜନଜାତିଙ୍କ ମାମଲାଗୁଡିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ।

## 6.4 ୱାରେଣ୍ଟ୍ କାର୍ଯ୍ୟକାରୀ ନକରିବା ଏବଂ ଆର୍ଓଆର୍ ସଂଶୋଧନ ନକରିବା

ଦକ୍ଷ କର୍ତ୍ତୃପକ୍ଷ, ପାର୍ଟିକୁ ଶିଣିବା ପରେ ଏବଂ ସଂପୃକ୍ତ ଆର ଆଇ/ ତହସିଲଦାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ତଦନ୍ତ ରିପୋର୍ଟ ସହିତ ପାର୍ଟି ଦ୍ୱାରା ଦାଖଲ କରାଯାଇଥିବା ଦସ୍ତାବିଜକୁ ନିରୀକ୍ଷଣ କରିବା ପରେ ଏବଂ ପିଟିସନରେ ଦିଆଯାଇଥିବା ଅଭିଯୋଗ ବିଷୟରେ ସନ୍ତୁଷ୍ଟ ହେବା ପରେ ସଠିକ ଜନଜାତି ଦାବିଦାରଙ୍କ ନାମରେ ଜମି ପୁନରୁଦ୍ଧାର ପାଇଁ ଏକ ୱାରେଣ୍ଟ୍[70] ଜାରି କରିବେ । ପୁନରୁଦ୍ଧାର ୱାରେଣ୍ଟକୁ ସଂପୃକ୍ତ ତହସିଲଦାର ୱାରେଣ୍ଟ୍‌ରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟକାରୀ କରିବା କଥା । ୱାରେଣ୍ଟ୍‌କୁ କାର୍ଯ୍ୟକାରୀ କରିବା ପରେ, ତହସିଲଦାର ୱାରେଣ୍ଟ କାର୍ଯ୍ୟକାରୀ ତଥ୍ୟକୁ ରିପୋର୍ଟ କରି ଦକ୍ଷ କର୍ତ୍ତୃପକ୍ଷଙ୍କୁ ଫେରାଇବାକୁ ପଡିଥାଏ ।

### *6.4.1 ୱାରେଣ୍ଟ କାର୍ଯ୍ୟକାରୀ ନ କରିବା*

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, ତହସିଲଦାରଙ୍କ ଦ୍ୱାରା ଜାରି, କାର୍ଯ୍ୟକାରୀ ଏବଂ ଫେରସ୍ତ ହୋଇଥିବା ପୁନରୁଦ୍ଧାର ୱାରେଣ୍ଟର ବିବରଣୀ ଦର୍ଶାଉଥିବା କୌଣସି ରେଜିଷ୍ଟର/ ଏକୀକୃତ ବିବରଣୀ ଦକ୍ଷ କର୍ତ୍ତୃପକ୍ଷ/ ତହସିଲଦାରମାନଙ୍କ

[70] ଦଖଲର ପୁନରୁଦ୍ଧାର ପାଇଁ ସିଭିଲ୍ ପ୍ରୋସିଜ୍ୟୁଓର୍ କୋଡ୍‌ର ନିୟମ 35 ର ନିର୍ଦ୍ଦେଶ 21 ଅନୁଯାୟୀ

ଦ୍ୱାରା ରକ୍ଷଣାବେକ୍ଷଣ କରାଯାଇ ନଥିଲା । ନମୁନା ଉପଜିଲ୍ଲାପଳ/ ତହସିଲଦାରଙ୍କ କାର୍ଯ୍ୟାଳୟରେ 57.506 ଏକର ଏସ୍‌ଟି ଜମିର ପୁନରୁଦ୍ଧାରଲ ପାଇଁ ଜାନୁଆରୀ 2003 ରୁ ଅଗଷ୍ଟ 2022 ମଧ୍ୟରେ ଜାରି ହୋଇଥିବା 104 ଟି ପୁନରୁଦ୍ଧାର ୱାରେଣ୍ଟର ଅଡିଟ୍ ଯାଞ୍ଚ କରିଥିଲା । ସେଥିମଧ୍ୟରୁ 90 ଟି ୱାରେଣ୍ଟ କାର୍ଯ୍ୟକାରୀ ହୋଇଥିଲା, ପାଞ୍ଚଟି ନ୍ୟାୟାଳୟରେ ବିଚାରାଧୀନ ଥିଲା ଏବଂ ମାତ୍ର ନଅଟି ୱାରେଣ୍ଟ (9 ପ୍ରତିଶତ) କାର୍ଯ୍ୟକାରୀ ହୋଇଥିଲା ।


***ସାରଣୀ 6.4: ଜାରି/ କାର୍ଯ୍ୟକାରୀ ହୋଇଥିବା ୱାରେଣ୍ଟର ସମୀକ୍ଷା***

| ଉପଜିଲ୍ଲାପାଳ | କ୍ଷେତ୍ର (ଏକରରେ) | ଜାରି ହୋଇଥିବା ୱାରେଣ୍ଟ ସଂଖ୍ୟା | କାର୍ଯ୍ୟକାରୀ ହୋଇଥିବା ୱାରେଣ୍ଟ ସଂଖ୍ୟା | ନ୍ୟାୟାଳୟରେ ବିଚାରାଧୀନ ୱାରେଣ୍ଟ ସଂଖ୍ୟା | କାର୍ଯ୍ୟକାରୀ ହୋଇନଥିବା ୱାରେଣ୍ଟ ସଂଖ୍ୟା | ବକେୟା ରହିବାର ଅବଧି |
|---|---|---|---|---|---|---|
| ଉପଜିଲ୍ଲାପାଳ, ବାରିପଦା | 1.60 | 7 | 0 | 0 | 7 | 1 ରୁ 12 ବର୍ଷ |
| ଉପଜିଲ୍ଲାପାଳ, ଭବାନୀପାଟଣା | 4.850 | 8 | 3 | 0 | 5 | 4 ରୁ 12 ବର୍ଷ |
| ଉପଜିଲ୍ଲାପାଳ, ଚମ୍ପୁଆ | 25.59 | 12 | 0 | 0 | 12 | 5 ବର୍ଷ |
| ଉପଜିଲ୍ଲାପାଳ, କପ୍ତିପଦା | 13.13 | 24 | 0 | 0 | 24 | 4 ରୁ 12 ବର୍ଷ |
| ଉପଜିଲ୍ଲାପାଳ, କୋରାପୁଟ | 0.505 | 11 | 0 | 0 | 11 | 1 ରୁ 15 ବର୍ଷ |
| ଉପଜିଲ୍ଲାପାଳ, ନବରଙ୍ଗପୁର | 1.741 | 5 | 0 | 0 | 5 | 4 ରୁ 10 ବର୍ଷ |
| ଉପଜିଲ୍ଲାପାଳ, ପାନପୋଷ | 9.310 | 36 | 6 | 5 | 25 | 1 ରୁ 19 ବର୍ଷ |
| ଉପଜିଲ୍ଲାପାଳ, ସୁନ୍ଦରଗଡ଼ | 0.78 | 1 | 0 | 0 | 1 | 4 ମାସ |
| ମୋଟ | **57.506** | **104** | **9** | **5** | **90** | |

***(ଉତ୍ସ: ନମୁନା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରେକର୍ଡ)***

ଅଡିଟ୍ ଅନୁଧ୍ୟାନ କଲା ଯେ ନିଷ୍ପାଦନ ପାଇଁ ବିଚାରାଧିନ ଥିବା ସମସ୍ତ 90 ଟି ୱାରେଣ୍ଟ (46.141 ଏକର) କ୍ଷେତ୍ରରେ, ସଂପୃକ୍ତ ୱାରେଣ୍ଟର ନିର୍ଦ୍ଧାରିତ ନିଷ୍ପାଦନ ସମୟ (ଏକ ମାସ) ସମାପ୍ତ ହୋଇସାରିଥିଲା । ଏହି ମାମଲାଗୁଡ଼ିକର ବିଚାରାଧିନ ଅବଧି **ଚାର୍ଟ 6.3** ରେ ଦର୍ଶାଯାଇଛି ।

***ଚାର୍ଟ 6.3: ବର୍ଷୱାରୀ ବିଚାରାଧିନ ୱାରେଣ୍ଟ ଗୁଡ଼ିକ***



ଅଡିଟ୍‌ରେ ଆହୁରି ମଧ୍ୟ ଲକ୍ଷ୍ୟ କଲା ଯେ, ସଂପୃକ୍ତ ତହସିଲଦାରଙ୍କ ଠାରୁ ୱାରେଣ୍ଟ କାର୍ଯ୍ୟକାରୀ ନହେବାର କାରଣ ଖୋଜିବା ପାଇଁ କୌଣସି ବ୍ୟବସ୍ଥା ନଥିଲା । କେବଳ ପାନପୋଷ ଉପଜିଲ୍ଲାପାଳଙ୍କ କ୍ଷେତ୍ରରେ ଅଡିଟ୍ ଦେଖିଲା ଯେ ଉପଜିଲ୍ଲାପାଳ, ୱାରେଣ୍ଟ କାର୍ଯ୍ୟକାରୀ କରିବା ପାଇଁ ବିଶ୍ରା ତହସିଲଦାରଙ୍କୁ ଦୁଇ ଥର ମନେ ପକାଇ ଦେଇଥିଲେ । ଅନ୍ୟାନ୍ୟ ଉପଜିଲ୍ଲାପାଳଙ୍କ କ୍ଷେତ୍ରରେ ଏଭଳି ସ୍ମାରକ ଜାରି ହୋଇଥିବା ଅଡିଟର ଧ୍ୟାନରେ ଆସିନଥିଲା । ଉପଜିଲ୍ଲାପାଳ, ଓଏସ୍ଏଟିଆଇପି ନିୟମାବଳୀ ଅଧୀନରେ ଦାଖଲ ମାମଲାଗୁଡ଼ିକର ନିର୍ଣ୍ଣାୟକ ବିଚାର ପାଇଁ ଦକ୍ଷ କର୍ତ୍ତୃପକ୍ଷ ଭାବେ ନାମିତ ହୋଇଥିଲେ ମଧ୍ୟ ଉପଜିଲ୍ଲାପାଳ ମାମଲାର ଠିକ୍ ସମୟରେ ଫଏସଲା କରିବା ସହିତ ସେମାନେ ଯେଉଁ ୱାରେଣ୍ଟ ଜାରି କରିଥିଲେ ତାହା କାର୍ଯ୍ୟକାରୀ କରିବାକୁ ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲେ ।

ଯେତେବେଳେ ଓଏସ୍ଏଟିଆଇପି ରେଗୁଲେସନର ଉଦ୍ଦେଶ୍ୟ ଏସ୍‌ଟି ମାନଙ୍କ ଜମିଜମା ସମ୍ପତ୍ତି ଅଧିକାରର ରକ୍ଷା କରିବା ଥିଲା । ତହସିଲଦାରଙ୍କ ଦ୍ୱାରା ୱାରେଣ୍ଟ କାର୍ଯ୍ୟକାରୀ ନହେବା ଦ୍ୱାରା ରେଗୁଲେସନର ଉଦ୍ଦେଶ୍ୟ ବିଫଳ ହୋଇଥିଲା । ତଥାପି, ପୁନରୁଦ୍ଧାର ୱାରେଣ୍ଟର କାର୍ଯ୍ୟକାରୀ ନହେବା ପାଇଁ ଦକ୍ଷ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରାଯାଇ ନଥିଲା ।

ଏହାର ଉତ୍ତରରେ କୋରାପୁଟ, ସୁନ୍ଦରଗଡ଼, କପ୍ତିପଦା, ଭବାନୀପାଟଣାର ଉପଜିଲ୍ଲାପାଳମାନେ ଏବଂ ସିମିଳିଗୁଡ଼ା ଓ ବିଶ୍ରା ତହସିଲଦାରମାନେ ୱାରେଣ୍ଟ୍ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନବରଙ୍ଗପୁର ଓ ଚମ୍ପୁଆର ଉପଜିଲ୍ଲାପାଳ ଏବଂ ଲାଞ୍ଜିଗଡ଼ ତହସିଲଦାରଙ୍କ ପ୍ରତିକ୍ରିୟା ଅଡିଟକୁ ପ୍ରଦାନ କରାଯାଇ ନଥିଲା (ଜୁଲାଇ 2023 ସୁଦ୍ଧା) ।

### *6.4.2 କାର୍ଯ୍ୟକାରୀ ୱାରେଣ୍ଟରେ ରେକର୍ଡ ସଂଶୋଧନ ନକରିବା*

ଅଡିଟ୍, ଜୁନ୍ 2010 ରୁ ଫେବୃଆରୀ 2013 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ନଅଟି ୱାରେଣ୍ଟ ଯାଞ୍ଚ କରିଥିଲା, ଯେଉଁଥିରେ 8.40 ଏକର ଜମିର ପୁନରୁଦ୍ଧାର ସାମିଲ ଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ ଛଅଟି ମାମଲାରେ 3.82 ଏକର ଜମିର ଆର୍‌ଓଆର୍ ଅଦ୍ୟାବଧି ଅଦ୍ୟତନ ହୋଇପାରିନଥିଲା ଏବଂ ସେଗୁଡ଼ିକ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ନାମରେ ରେକର୍ଡ ଦେଇଥିଲା କିମ୍ବା ଜମି ପୁନରୁଦ୍ଧାର ପରେ ମଧ୍ୟ ଅନ୍ୟ ଅଣ-ଏସ୍‌ଟି ବ୍ୟକ୍ତିଙ୍କୁ ହସ୍ତାନ୍ତରଣ ହୋଇଥିବା ଦର୍ଶାଉଥିଲା ଯାହା **ସାରଣୀ 6.5** ରେ ଦର୍ଶାଯାଇଛି ।

***ସାରଣୀ 6.5: ଆର୍‌ଓଆର୍ ସଂଶୋଧନ ବିନା ଏସ୍‌ଟି ଜମିର ପୁନରୁଦ୍ଧାର***

| ମାମଲା ସଂଖ୍ୟା | ତହସିଲର ନାମ | ଜମିର ବିବରଣୀ | ୱାରେଣ୍ଟ କାର୍ଯ୍ୟକାରୀ ହେବାର ତାରିଖ |
|---|---|---|---|
| 17/06 | ବିଶ୍ରା | ଗ୍ରାମ: ଆର୍‌ଟିଯୁ 29, ଖାତା ସଂଖ୍ୟା. 319/738, ପ୍ଲଟ ସଂଖ୍ୟା. 385/1069, କ୍ଷେତ୍ର:0.07 ଏକର | 10 ଡିସେମ୍ବର 2010 ରେ ସମ୍ପତ୍ତି ପୁନଃ ଦଖଲ ହେଲା କିନ୍ତୁ ଆର୍‌ଓଆର୍ ଅଣ-ଏସ୍‌ଟିଙ୍କ ନାମରେ ରେକର୍ଡ ହୋଇଥିଲା । |
| 42/06 | ବିଶ୍ରା | ଗ୍ରାମ: ଆର୍‌ଟିଯୁ 29, ଖାତା ସଂଖ୍ୟା.319/414, ପ୍ଲଟ୍ ନମ୍ବର. 385/1205, କ୍ଷେତ୍ର: 0.05 ଏକର | 28 ସେପ୍ଟେମ୍ବର 2010 ରେ ସମ୍ପତ୍ତି ପୁନଃ ଦଖଲ ହେଲା କିନ୍ତୁ ଆର୍‌ଓଆର୍ ସଂଶୋଧନ ଏସ୍‌ଟି ବ୍ୟକ୍ତିଙ୍କ ନାମରେ ହୋଇନଥିଲା । ପରବର୍ତ୍ତୀ ସମୟରେ ଉକ୍ତ ପ୍ଲଟ ଜଣେ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ସପକ୍ଷରେ ସ୍ଥାନାନ୍ତର କରାଯାଇଥିଲା ଏବଂ ତହସିଲଦାର ମାମଲା ସଂଖ୍ୟା.459/2010 (ନୂଆ ଖାତା ସଂଖ୍ୟା.319/1641) ଅନୁସାରେ ଉକ୍ତ ଜମିକୁ ମ୍ୟୁଟେସନ୍ (17 ଜୁଲାଇ 2013) କରି ଦଖଲ କରିଥିଲା । ପରବର୍ତ୍ତୀ ସମୟରେ ପ୍ଲଟଟି ପୁଣି ଅନ୍ୟ ଜଣେ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ସପକ୍ଷରେ ମ୍ୟୁଟେସନ୍ କେସ୍ ସଂଖ୍ୟା 174/2016 (ଖାତା ସଂଖ୍ୟା. 319/1784) ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା । |
| 100/07 | ବିଶ୍ରା | ଗ୍ରାମ: ଆର୍‌ଟିଯୁ 29, ଖାତା ସଂଖ୍ୟା. 319/1258, ପ୍ଲଟ୍ ନମ୍ବର 385/1627, କ୍ଷେତ୍ର: 0.03 ଏକର | 28 ସେପ୍ଟେମ୍ବର 2010 ରେ ସମ୍ପତ୍ତି ପୁନଃ ଦଖଲ ହୋଇଥିଲା କିନ୍ତୁ ଜମି ଜଣେ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଥିଲା । |
| 01/10 | ଲାଞ୍ଜିଗଡ଼ | ଗ୍ରାମ: କାଶିବାଡ଼ି, ଖାତା ସଂଖ୍ୟା. 112/08, ପ୍ଲଟ୍ ନମ୍ବର. 69&70 | 30 ନଭେମ୍ବର 2012 ରେ ସମ୍ପତ୍ତି ପୁନଃ ଦଖଲ ହୋଇଥିଲା କିନ୍ତୁ ଜମି ଜଣେ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଥିଲା । |

| ମାମଲା ସଂଖ୍ୟା | ତହସିଲର ନାମ | ଜମିର ବିବରଣୀ | ୱାରେଣ୍ଟ କାର୍ଯ୍ୟକାରୀ ହେବାର ତାରିଖ |
|---|---|---|---|
| | | କ୍ଷେତ୍ର: 1.50 ଏକର | |
| 48/09 | ଲାଞ୍ଜିଗଡ଼ | ଗ୍ରାମ: ଉମର, ଖାତା ସଂଖ୍ୟା. 10, ପ୍ଲଟ୍ ନମ୍ବର: 162&166, କ୍ଷେତ୍ର 1.44 ଏକର | 25 ଫେବୃଆରୀ 2013 ରେ ସମ୍ପତ୍ତି ପୁନଃ ଦଖଲ ହୋଇଥିଲା କିନ୍ତୁ ଜମି ଜଣେ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଥିଲା । |
| 46/09 | ଲାଞ୍ଜିଗଡ଼ | ଗ୍ରାମ: ଇର୍କୁଲି, ଖାତା ସଂଖ୍ୟା.25/04, ପ୍ଲଟ୍ ନମ୍ବର 10/412, 84/413 & 89, କ୍ଷେତ୍ର: 0.73 ଏକର | 22 ଜୁନ୍ 2010 ରେ ପୁନଃ ଦଖଲ ହୋଇଥିଲା କିନ୍ତୁ ଜମି ଜଣେ ଅଣ-ଏସ୍‌ଟି ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଥିଲା । |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)*

ଗୋଟିଏ ମାମଲାରେ (ମାମଲା ସଂଖ୍ୟା 42/06) ଆର୍‌ଓଆର୍‌କୁ ଅଦ୍ୟତନ ନ କରିବା ଯୋଗୁଁ ଜଣେ ଅଣ-ଜନଜାତିର ବ୍ୟକ୍ତି ଅନ୍ୟ ଜଣେ ଅଣ-ଜନଜାତି ବ୍ୟକ୍ତିଙ୍କୁ ଜମିର ମାଲିକାନା ହସ୍ତାନ୍ତର କରିଥିଲେ । ଆର୍‌ଓଆର୍ କୁ ସଂଶୋଧନ ନକରିବା ଭଳି ଘଟଣା ଜାଲିଆତି ଜମି ବିକ୍ରି କରିବାର ଆଶଙ୍କାରେ ପରିପୂର୍ଣ୍ଣ ଥିଲା ।

ଏହାର ଉତ୍ତରରେ, ତହସିଲଦାର ବିଶ୍ରା ଆଶ୍ୱାସନା ଦେଇଥିଲେ ଯେ ସେ ୱାରେଣ୍ଟ କାର୍ଯ୍ୟକାରୀ କରିବାର ସ୍ଥିତି ଯାଞ୍ଚ କରିବା ଏବଂ ଆର୍‌ଓଆର୍ ସଂଶୋଧନ ନହେବା, ଯେଉଁ କ୍ଷେତ୍ରରେ ଏସ୍‌ଟି ବ୍ୟକ୍ତିଙ୍କୁ ଜମି ପୁନଃ ଦଖଲ ଦିଆଯାଇଛି ତାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପାଇଁ ସଂପୃକ୍ତ ଆର୍‌ଆଇ ଏବଂ ରେକର୍ଡ କିପରମାନଙ୍କୁ ନିର୍ଦ୍ଦେଶ ଦିଆଯିବ । ଲାଞ୍ଜିଗଡ଼ ତହସିଲଦାରଙ୍କ ପ୍ରତିକ୍ରିୟା ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା (ଅକ୍ଟୋବର 2023 ସୁଦ୍ଧା) ।

***ସୁପାରିଶ 6.1: ତଦନ୍ତ ରିପୋର୍ଟ ଦାଖଲ କରିବାରେ ତ୍ରୁଟି ଆଇନତଃ ଯୋଗ୍ୟ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କ ସପକ୍ଷରେ ଜମି ପୁନରୁଦ୍ଧାର ପାଇଁ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ୱାରେଣ୍ଟ କାର୍ଯ୍ୟକାରୀ ନ କରିବା ପାଇଁ ତହସିଲଦାରଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ପାରେ ।***

## 6.5 ଏସ୍‌ଟି ଜମିର ଅନଧିକୃତ ଦଖଲ ପାଇଁ ଜବରଦଖଲର ପୁନରୁଦ୍ଧାର ନ କରିବା/ କ୍ଷତିପୂରଣ ନଦେବା

ସିମିଳିଗୁଡା ତହସିଲ ଅନ୍ତର୍ଗତ କୁନ୍ଦୁଲି ଗ୍ରାମର ଖାତା ସଂଖ୍ୟା 35, ପ୍ଲଟ ନଂ 215 ଅନ୍ତର୍ଗତ 2.38 ଏକର ଜମି ଜଣେ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କ ନାମରେ ପଞ୍ଜିକୃତ ହୋଇଥିଲା । ଉକ୍ତ ଜମିରେ 1966 ମସିହାରେ ବିନା ମାଲିକାନାରେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରାଯାଇଥିଲା ।

ଏସଟି ସଂପ୍ରଦାୟର ରେକର୍ଡ ହୋଇଥିବା ରୟତଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ମଧ୍ୟରୁ ଜଣେ କୋରାପୁଟ ଜିଲ୍ଲାର ସିମିଳିଗୁଡ଼ା ତହସିଲ ଅଧିନରେ ଥିବା କୁନ୍ଦୁଲି ଗ୍ରାମରେ ନିଜର 2.38 ଏକର[71] ପରିମିତ ଜମିର ଦଖଲ ପୁନରୁଦ୍ଧାର ପାଇଁ ପ୍ରାର୍ଥନା ସହିତ କୋରାପୁଟ ଉପଜିଲ୍ଲାପାଳଙ୍କ ନିକଟରେ ପିଟିସନ୍ (ଫେବୃୟାରୀ 2013 ) ଦାୟର କରିଥିଲେ । ପିଟିସନରେ ଉଲ୍ଲେଖ ଥିଲା କି କୁନ୍ଦୁଲି ଠାରେ ତାଙ୍କ ଜମି ଉପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନଧିକୃତ ଭାବେ ନିର୍ମାଣ କରାଯାଇଛି । ଓଏସଏଟିଆଇପି ରେଗୁଲେସନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା (ମଇ 2013) । ଉପଜିଲ୍ଲାପାଳଙ୍କ ଦ୍ୱାରା ମାମଲା ସମାଧାନ ନ ହେବା କାରଣରୁ ଆବେଦନକାରୀ ମାନ୍ୟବର ଓଡିଶା ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ (2015), ଯେଉଁଥିରେ ଜମି ପୁନରୁଦ୍ଧାର ପାଇଁ ପ୍ରାର୍ଥନା କରାଯାଇଥିଲା । ଅପ୍ରେଲ 2017 ସୁଦ୍ଧା ଆବେଦନର ଫଏସଲା ସଂପର୍କିତ ନିର୍ଦ୍ଦେଶନାମା ପାଇବାକୁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ (24 ମାର୍ଚ୍ଚ 2017) । ଅନୁପାଳନ ପାଇଁ କୋରାପୁଟ ଉପଜିଲ୍ଲାପାଳ, କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର (ଏମ୍‌ଓ) ଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଫେବୃଆରୀ 2020) । କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍‌ଓ ଅବଗତ କରିଥିଲେ (ଅପ୍ରେଲ 2021)ଯେ ରେକର୍ଡରେ ଥିବା ରୟତଙ୍କ ଆଇନଗତ ଉତ୍ତରାଧିକାରୀମାନେ ସ୍ଥାୟୀ ଚାକିରୀ ଦାବି କରୁଥିଲେ ଯାହା ତାଙ୍କ ନିୟନ୍ତ୍ରଣରେ ନଥିଲା । ମେଡିକାଲ ଅଧିକାରୀ ଜନ ସେବାରେ କୌଣସି ବାଧା ସୃଷ୍ଟି ନକରି ଡାକ୍ତରଖାନା ସ୍ଥାନାନ୍ତର କରିବା ପାଇଁ ଏବଂ ଦାବିଦାରଙ୍କୁ

[71] ଖାତା ସଂଖ୍ୟା.35, ପ୍ଲଟ ନମ୍ବର.215

ତାଙ୍କ ଜମି ଫେରାଇବା ପାଇଁ ଅନୁରୋଧ କରିଥିଲେ । କୋରାପୁଟ ଉପଜିଲ୍ଲାପାଳ ଏସ୍‌ଟି ଜମି ମାଲିକଙ୍କୁ କ୍ଷତି ପୂରଣ ପ୍ରଦାନ, କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନାନ୍ତର ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ମାମଲାର ଫଏସଲା ପାଇଁ ଏ ସଂପର୍କରେ ନେଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବା ପାଇଁ ସିମିଳିଗୁଡା ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଡିସେମ୍ବର 2021) । ଏହାର ଉତ୍ତରରେ, ତହସିଲଦାର କୁନ୍ଦୁଲି ରାଜସ୍ୱ ନିରୀକ୍ଷକଙ୍କୁ ଏହି ଘଟଣାର ତଦନ୍ତ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସାତ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ (29 ଜାନୁଆରୀ 2022) । ହେଲେ ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ କୌଣସି ରିପୋର୍ଟ ଦିଆଯାଇ ନଥିଲା । ତହସିଲଦାର ମଧ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶର ଅନୁପାଳନା ପାଇଁ ଏହି ମାମଲାର ଅନୁସରଣ କରିନଥିଲେ ।

ତେଣୁ ଦକ୍ଷ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନା କୌଣସି କ୍ଷତିପୂରଣ ମିଳିଲା ନା ଜନଜାତି ବ୍ୟକ୍ତିଙ୍କ ଜମି ଦଖଲର ପୁନରୁଦ୍ଧାର ହେଲା ।

ଏହାର ଉତ୍ତରରେ, ସିମିଳିଗୁଡ଼ା ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ ଯେ, ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କିମ୍ବା କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଉଚିତ୍ ପଦକ୍ଷେପ ନିଆଯିବ ।

## 6.6 ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଅନଧିକୃତ ଭାବେ ଜବରଦଖଲ କରାଯାଇଥିବା ଅନୁସୂଚିତ ଜନଜାତି ଜମିର ପୁନରୁଦ୍ଧାର ନହେବା

କୌଣସି ଯୋଗ୍ୟତା ନଥିବା ଆଧାରରେ ନବରଙ୍ଗପୁର ଉପଜିଲ୍ଲାପାଳ, ଅଧିକ ପ୍ରକ୍ରିୟାକରଣ ବିନା ଗୋଟିଏ ଓଏସ୍‌ଏଟିଆଇପି ମାମଲା (34/2013) ର ସମାଧାନ କରିଥିଲେ । ଜଣେ ଅନୁସୂଚିତ ଜନଜାତି ମାଲିକଙ୍କ ପକ୍ଷରେ 1.12 ଏକର ଜମି (ଗ୍ରାମ-ଡଙ୍ଗରଭେଜା, ଖାତା ସଂଖ୍ୟା 245. ପ୍ଲଟ ସଂଖ୍ୟା 908 ଏବଂ 909, ନନ୍ଦାହାଣ୍ଡି ତହସିଲ ଅଧିନ) ର ପୁନରୁଦ୍ଧାର ସମ୍ବନ୍ଧରେ ଥିଲା । ପିଟିସନର ପୁଣି ଥରେ ଉକ୍ତ ଜମିର ପୁନରୁଦ୍ଧାର ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାୟର କରିଥିଲେ (ସେପ୍ଟେମ୍ବର 2021) । ତହସିଲଦାର, ନନ୍ଦାହାଣ୍ଡିଙ୍କ ଦ୍ୱାରା ଦାଖଲ ରିପୋର୍ଟ (ଅପ୍ରେଲ 2022) ଅନୁଯାୟୀ, ଏହି ଜମି ଡଙ୍ଗରଭେଜା ଗ୍ରାମର ତିନି ଜଣଙ୍କ ନାମରେ ରେକର୍ଡ ହୋଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନନ୍ଦାହାଣ୍ଡିର ନିର୍ମାଣ ମଧ 1976-77 ମସିହାରେ ଘରୋଇ ଜମିରେ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷ ଜମିର ଆଇନ୍ ଅନୁଯାୟୀ ଦଖଲ ସପକ୍ଷରେ କୌଣସି ଦସ୍ତାବିଜ ଦାଖଲ କରିବାରେ ବିଫଳ ହୋଇଥିଲେ । ତେବେ ଅନୁସୂଚିତ ଜନଜାତିର ଜମି ମାଲିକଙ୍କୁ ଜମି ପୁନରୁଦ୍ଧାର କିମ୍ବା ଉଚିତ୍ କ୍ଷତିପୂରଣ ବାବଦରେ ଉପଜିଲ୍ଲାପାଳ କୌଣସି ପଦକ୍ଷେପ ନେଇନଥିଲେ ।

## 6.7 ଅଣ-ଜନଜାତି ବ୍ୟକ୍ତିଙ୍କୁ ସେମାନଙ୍କ ଜମି ହସ୍ତାନ୍ତର ଉପରେ 'ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ' 2.27 କୋଟି ଟଙ୍କାର କମ୍ କ୍ଷତିପୂରଣ ପ୍ରଦାନ କରାଯିବା

ଓଏସ୍‌ଏଟିଆଇପି ରେଗୁଲେକନ 1956 ର 3ବି(3) ଅନୁଯାୟୀ, ଏସ୍‌ଟି ଜମିର ଅନଧିକାର ଦଖଲ ସମ୍ବନ୍ଧୀୟ ଘୋଷଣା/ ସୂଚନା, 4 ଅକ୍ଟୋବର 1956 ଏବଂ ସଂଶୋଧନ ନିୟମ 2000 (4 ସେପ୍ଟେମ୍ବର 2002) ର ଆରମ୍ଭ ହେବାର ତାରିଖରେ ସମାପ୍ତ ମଧ୍ୟରେ ପାଇବା ପରେ ଉପଜିଲ୍ଲାପାଳ ସ୍ଥାନାନ୍ତରର ସମସ୍ତ କାରବାର ବିଷୟରେ ଆବଶ୍ୟକ ତଦନ୍ତ କରିବେ ଏବଂ ଯଦି ସେ ଜାଣନ୍ତି ଯେ ଏସ୍‌ଟି ସଦସ୍ୟ ତାଙ୍କ ଆଇନଗତ ଅଧିକାରରୁ ଠକି ହୋଇଥିବେ, ସେ ଏହି କାରବାରକୁ ଶୂନ୍ୟ ଏବଂ ଅମାନ୍ୟ ଘୋଷଣା କରିବେ । ତଥାପି, ନିୟମାବଳୀ 3ବି(3)(ବି) ଅନୁଯାୟୀ ଯେଉଁଠାରେ କୃଷି ଜମି ଉପରେ କୌଣସି କୋଠାଘର କିମ୍ବା ଢାଞ୍ଚା ନିର୍ମାଣ କରାଯାଇଛି, ଏଭଳି ତଥ୍ୟ ମିଳିବା ପୂର୍ବରୁ ଦକ୍ଷ କର୍ତ୍ତୃପକ୍ଷ ସେପରି ଜମିର ମୂଲ୍ୟ ନିର୍ଦ୍ଧାରଣ, ଜମି ଅଧିଗ୍ରହଣ ଆଇନ୍ 1894 ର ଜମିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ନିର୍ଦ୍ଧାରିତ ନୀତି ଅନୁସାରେ କରିବେ ।

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଫଏସଲା ଶୁଣାଇଲେ[72] (ନଭେମ୍ବର 2003) ଯେ, ଅନଧିକାର ଦଖଲ ହୋଇଥିବା ଜମିର ଏସ୍‌ଟି ମାଲିକଙ୍କୁ ଧାରା 3 B (3)(b) ଅନୁଯାୟୀ କ୍ଷତିପୂରଣ ପ୍ରଦାନ, ଅଣ-ଏସ୍‌ଟି ଅନଧିକୃତ ଦଖଲକାରୀଙ୍କ ପକ୍ଷରେ କ୍ଷତିପୂରଣର ପରିମାଣ ଏବଂ ଜମିର ସମାଧାନ ମାମଲାଗୁଡ଼ିକରେ ଓଏସ୍‌ଏଟିଆଇପି, 1956 ରେଗୁଲେସନ 2 ର ଧାରା 3(2) ଏବଂ 3(A) ଅନୁସାରେ ମଧ ଲାଗୁ ହେବ । ରାଜସ୍ୱ ଏବଂ ବିପର୍ଯ୍ୟୟ

[72] କେସ୍ ସଂଖ୍ୟା- ଅପିଲ୍ (ସିଭିଲ୍) 1996 ର 11483 , ଅମରେନ୍ଦ୍ର ପ୍ରତାପ ସିଂହ ବନାମ ତେଜ ବାହାଦୁର ପ୍ରଜାପତି ଏବଂ ଅନ୍ୟମାନେ

ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ସ୍ପଷ୍ଟୀକରଣ (ଫେବୃଆରୀ 2007) ଅନୁଯାୟୀ ଜମିର ଅନଧିକାର ଦଖଲ ଜମିର ଏସ୍‌ଟି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ ରେଗୁଲେସନ 3 B(3)(b) ଅଧିନରେ ସ୍ଥିର ହୋଇଥିବା ବେଳେ, 1956 ରେଗୁଲେସନ 2 ର ଧାରା 3 (2) [73] ଏବଂ 3-A[74] ଅଧିନରେ ଥିବା ମାମଲାଗୁଡ଼ିକରେ ଜମିର କ୍ଷତି ପୂରଣ ଓ ଜମିର ବନ୍ଦୋବସ୍ତ ଅଣ-ଏସ୍‌ଟି ଜବର ଦଖଲକାରୀଙ୍କ ପାଇଁ ମଧ ପ୍ରଯୁଜ୍ୟ ଥିଲା । ମାମଲାର ବିଚାର ନକରିବା ଏବଂ କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ କରିବା ଏବଂ ଜମି ବନ୍ଦୋବସ୍ତ କରିବା ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଅଧିନିୟମ ଅନୁସାରେ ଓଏସ୍‌ଏଟିଆଇପି, 1956 ରେଗୁଲେସନ 2 ର ଧାରା 3 (2) ଏବଂ 3(ଏ) ଅନୁଯାୟୀ ଦକ୍ଷ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରୁଥିବା ସତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ଏଲ୍‌ଆର୍) ନିଜର କ୍ଷମତା ପ୍ରୟୋଗ କରିପାରନ୍ତି । 1956 ର ରେଗୁଲେସନ 2 ର ଧାରା 3 ବି 3(ବି) ଅନୁଯାୟୀ ସ୍ଥାନାନ୍ତରକାରୀ (ଏସ୍‌ଟି ବ୍ୟକ୍ତି)ଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପୁରସ୍କାର ପ୍ରଦାନ କରିବାର ପଦ୍ଧତି ଏବଂ ପ୍ରକ୍ରିୟା ଏହି ରେଗୁଲେସନ ଧାରା 3(2) ଏବଂ 3(ଏ) ଅଧିନରେ ଥିବା ମାମଲା ଗୁଡ଼ିକ ପାଇଁ ମଧ ପ୍ରଯୁଜ୍ୟ ଥିଲା ।

ଅଡିଟ୍ 10 ଟି ଚୂଡ଼ାନ୍ତ ମାମଲାକୁ ଯାଞ୍ଚ କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ 9.889 ଏକର ଏସ୍‌ଟି ଜମି ଅଣ-ଏସ୍‌ଟି ବ୍ୟକ୍ତିମାନଙ୍କ ଦ୍ୱାରା ଅନଧିକୃତ ଭାବେ ବାସଗୃହ/ରାସ୍ତା/ କୋଠା ନିର୍ମାଣ ଦ୍ୱାରା ଦଖଲ କରାଯାଇଥିଲା । ଉଭୟ ପକ୍ଷଙ୍କ ଆପୋସ ସହମତି ଆଧାରରେ ଦକ୍ଷ କର୍ତ୍ତୃପକ୍ଷ (ସୁନ୍ଦରଗଡ଼ ଓ ପାନପୋଷର ଉପଜିଲ୍ଲାପାଳ) ଅଣ ଏସ୍‌ଟି ବ୍ୟକ୍ତିଙ୍କୁ ଜମି ବିକ୍ରି ପାଇଁ ଏସ୍‌ଟି ଜମି ମାଲିକଙ୍କୁ 2.32 କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ । ଅଣ ଏସ୍‌ଟି ଦଖଲକାରୀଙ୍କ ସପକ୍ଷରେ ଆର୍‌ଓଆର୍‌କୁ ମ୍ୟୁଟେସନ୍ କରିବାକୁ ତହସିଲଦାରଙ୍କୁ ଦକ୍ଷ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ ।

ଅଧିକ ଅନୁସନ୍ଧାନରୁ ଜଣାପଡ଼ିଲା ଯେ ଗୋଟିଏ ମାମଲା (କେସ୍ ନଂ-03/20) ସମ୍ବନ୍ଧରେ ଦକ୍ଷ ଅଧିକାରୀ (ଉପଜିଲ୍ଲାପାଳ, ସନ୍ଦରଗଡ଼) 4.80 ଲକ୍ଷ ଟଙ୍କା କ୍ଷତିପୂରଣ ପୁରସ୍କାର ପାସ୍ କରିଥିଲେ, ଯେଉଁଥିରେ 2.40 ଏକର ପାଇଁ 2.40 ଲକ୍ଷ ଟଙ୍କାର ବିଏମଭି ପାଇଁ ଏବଂ 2.40 ଲକ୍ଷ ଟଙ୍କା ଶତ ପ୍ରତିଶତ ସୋଲାଟିୟମ ପାଇଁ ଦିଆଯାଇଥିଲା । ତେବେ, ଏହି ଜମି ସହରାଞ୍ଚଳ ଠାରୁ 10 କିଲୋମିଟର ମଧରେ ଥିବାରୁ ଗୁଣନ କାରକ[75] ବାବଦରେ କୌଣସି ଅର୍ଥ ପ୍ରଦାନ କରାଯାଇ ନଥିଲା । ତେବେ ଅନ୍ୟ ନଅଟି ମାମଲାରେ 7.499 ଏକର ଜମି ବାବଦରେ ବେଞ୍ଚ ମାର୍କ ମୂଲ୍ୟ ଅନୁସାରେ କେବଳ 2.27 କୋଟି ଟଙ୍କାର ଜମି ମୂଲ୍ୟ ପ୍ରଦାନ କରାଯାଇଥିଲା । ପୁରସ୍କାରର ଅନ୍ୟ ଉପାଦାନଗୁଡ଼ିକ ଅର୍ଥାତ୍ 2.27 କୋଟି ଟଙ୍କାର ସୋଲାସିୟମ ଏବଂ ଗୁଣକାରକ ପ୍ରଦାନ କରାଯାଇ ନଥିଲା, ଯେଉଁଥିପାଇଁ କ୍ଷତିପୂରଣ ବାବଦରେ 2.27 କୋଟି ଟଙ୍କା (ଗୁଣକ କାରକ ବାବଦରେ ଦେବାକୁ ଥିବା ଅର୍ଥକୁ ବାଦ୍ ଦେଇ) ପ୍ରଦାନ କରାଯାଇଥିଲା ।

ଏହାର ଉତ୍ତରରେ, ସୁନ୍ଦରଗଡ଼ ଉପଜିଲ୍ଲାପାଳ କହିଥିଲେ ଯେ ଏହି ପୁରସ୍କାର ରାଶି ଅନୁସୂଚିତ ଜନଜାତି ମାଲିକଙ୍କୁ କୌଣସି ଆପତ୍ତି ବିନା ପୂର୍ବରୁ ମିଳିସାରିଥିଲା । ଉପଜିଲ୍ଲାପାଳ, ପାନପୋଷ ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣକୁ ନୋଟ୍ କରିଥିଲେ ।

ସୁନ୍ଦରଗଡ଼ ଉପଜିଲ୍ଲାପାଳଙ୍କ ଉତ୍ତର ଗ୍ରହଣୀୟ ନଥିଲା, କାରଣ ପୁରସ୍କାର ରାଶି ଏସ୍‌ଟି ଜମି ମାଲିକଙ୍କୁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର ଅଧିନିୟମ 2013 ର ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବା ଉଚିତ୍ ଥିଲା ।

***ସୁପାରିଶ 6.2: ଓଏସ୍‌ଏଟିଆଇପି ରେଗୁଲେସନ 1956 ଅନୁଯାୟୀ ଦାୟର ହୋଇଥିବା ମାମଲାଗୁଡ଼ିକର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରେ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷ, ବିଚାରାଧୀନ ମାମଲାଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧରେ ସମାଧାନ କରିବାକୁ ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇପାରେ ।***

---

73 ଓଏସ୍‌ଏଟିଆଇପି ନିୟମାବଳୀର 2000 ର ଉଲ୍ଲଙ୍ଘନ କରି ଏସ୍‌ଟି ଲୋକମାନଙ୍କର ସ୍ଥାବର ସମ୍ପତ୍ତିର ସ୍ଥାନାନ୍ତର

74 ଏସ୍‌ଟି ସଦସ୍ୟଙ୍କ କୌଣସି ସ୍ଥାବର ସମ୍ପତ୍ତିକୁ ଅନୁପ୍ରବେଶ କିମ୍ବା ଅନ୍ୟ ଉପାୟରେ ଜବରଦଖଲ କରିବା

75 ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର ଆଇନ 2013 ର ଧାରା 26 ଅନୁଯାୟୀ ସ୍ଥିର ହୋଇଥିବା ଜମିର ବଜାର ମୂଲ୍ୟ ସହରାଞ୍ଚଳରୁ ପ୍ରକୃତ ଦୂରତାକୁ ଆଧାର କରି ଏକରୁ ଦୁଇ କାରକ ସହ ଗୁଣା ଯାଇଥାଏ

# ଅଧ୍ୟାୟ 7

# ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଓ ଅଧିକାର ପ୍ରଦାନ

# ଅଧ୍ୟାୟ 7

## ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଓ ଅଧିକାର ପ୍ରଦାନ

ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ଅଧିନିୟମ, 2006 (ଏଫ୍‌ଆର୍ ଅଧିନିୟମ), ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନଙ୍କ ସାମାଜିକ-ଅର୍ଥନୈତିକ କଲ୍ୟାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଅଡିଟ୍, ଛଅଟି ନମୁନା ଜିଲ୍ଲାରେ ଏଫ୍‌ଆର ଅଧିନିୟମର ବିଭିନ୍ନ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ ଏବଂ ସେଥିମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ ନିମ୍ନରେ ଦର୍ଶାଗଲା:

- ***ବାରିପଦା ତହସିଲରେ ଜଙ୍ଗଲ ଦାବି ପାଇଁ ମାମଲା ଫଏସଲାର ଗତି ମନ୍ଥର ଥିବା ଲକ୍ଷ୍ୟ କରାଯାଇଥିଲା, ଯେଉଁଠାରେ 2017-18 ମସିହାରୁ 1,154 ଟି ଦାବିର ଫଏସଲା ବାକି ପଡ଼ିଥିଲା ।***
- ***ଛଅଟି ନମୁନା ଜିଲ୍ଲାରେ ପ୍ରଦାନ କରାଯାଇଥିବା 2,20,494 ବ୍ୟକ୍ତିଗତ ଜଙ୍ଗଲ ଅଧିକାର (ଏଫ୍‌ଆର୍) ସ୍ୱତ୍ତ୍ୱ ମଧ୍ୟରୁ 59 ପ୍ରତିଶତ କ୍ଷେତ୍ରରେ ରେକର୍ଡ ଅଫ୍ ରାଇଟ୍‌ସ୍ ସଂଶୋଧନ କରାଯାଇ ନଥିଲା ଏବଂ 15 ପ୍ରତିଶତ କ୍ଷେତ୍ରରେ ଆବଣ୍ଟିତ ଜମିର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା ।***
- ***ନମୁନା ଜିଲ୍ଲାର 236 ଟି ଜଙ୍ଗଲ ଗ୍ରାମ ମଧ୍ୟରୁ 217 ଟି (92 ପ୍ରତିଶତ) ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇ ନଥିଲା ।***
- ***କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାରେ ଅଣ-ଜଙ୍ଗଲ ବ୍ୟବହାର ପାଇଁ ଗ୍ରାମସଭାର ସହମତି ବିନା କିମ୍ବା ଗ୍ରାମସଭାର ମତକୁ ଅବମାନନା କରି 1,409 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଏଫ୍‌ଆର୍ ଅଧିନିୟମ ଅନୁଯାୟୀ ସାର୍ଟିଫିକେଟ (ଏଫ୍‌ଆର୍ ଏ ସାର୍ଟିଫିକେଟ) ପ୍ରଦାନ କରାଯାଇଥିଲା ।***

### 7.1 ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାର ସ୍ୱୀକୃତି) ଅଧିନିୟମ, 2006 ର ପ୍ରମୁଖ ବୈଶିଷ୍ଟ୍ୟ

ଭାରତ ସରକାର, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାର ସ୍ୱୀକୃତି) ଅଧିନିୟମ, 2006 ପ୍ରଣୟନ କରିଥିଲେ, ଯାହା ଜଙ୍ଗଲ ଅଧିକାର ଅଧିନିୟମ (ଏଫ୍‌ଆର୍ ଅଧିନିୟମ) ଭାବରେ ନାମିତ, ରାଜ୍ୟ ସରକାରଙ୍କ ଉପରେ ଏକ ଜନାଦେଶ ସୃଷ୍ଟି କରି, ଯାହା 13 ଡିସେମ୍ବର 2005 ପୂର୍ବରୁ ଜଙ୍ଗଲ ଜମି ଦଖଲ କରି ଜଙ୍ଗଲରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀ (ଓଟିଏଫ୍‌ଡି)ଙ୍କୁ ଚିହ୍ନଟ ଓ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିଥାଏ । ଅଧିନିୟମର ଧାରା 3(1) ଅନୁଯାୟୀ ଜଙ୍ଗଲ ଅଧିକାର ସହିତ: (କ) ବସବାସ କିମ୍ବା ଜୀବିକା ନିମନ୍ତେ କୃଷି ପାଇଁ ବ୍ୟକ୍ତିଗତ କିମ୍ବା ସାଧାରଣ ଦଖଲରେ ଜଙ୍ଗଲ ଜମି ଅକ୍ତିଆର ଏବଂ ବାସ କରିବାର ଅଧିକାର; ମାଲିକାନା ଅଧିକାର ଏବଂ ଲଘୁ ବନଜାତ ଦ୍ରବ୍ୟ[76] ସଂଗ୍ରହ, ବ୍ୟବହାର ଓ ବିକ୍ରୟ (ଖ) ଗୋଷ୍ଠୀଗତ ଅଧିକାର (ଗ) ଆଦିମ ଜନଜାତି ଗୋଷ୍ଠୀ ଓ ପ୍ରାକ୍-କୃଷି ସଂପ୍ରଦାୟ ପାଇଁ ବାସ କରିବାର ଅଧିକାର ଏବଂ (ଘ) ସେମାନେ ନିରନ୍ତର ବ୍ୟବହାର ପାଇଁ ପାରମ୍ପରିକ ଭାବରେ ସୁରକ୍ଷା ଓ ସଂରକ୍ଷଣ କରି ଆସୁଥିବା ଯେକୌଣସି ସାମୁହିକ ଜଙ୍ଗଲ ସମ୍ପଦର ସୁରକ୍ଷା, ସୃଷ୍ଟି କିମ୍ବା ସଂରକ୍ଷଣ କରିବାର

---

76 "ଲଘୁ ବନଜାତ ଦ୍ରବ୍ୟ" ରେ ବାଉଁଶ, କଟାଯାଇଥିବା ଡାଳର କାଠ, ବୃକ୍ଷର ଅବଶିଷ୍ଟାଂଶ, ବେତ, ଟସର, କୁକୁନ୍, ମହୁ, ଝୁଣା, ଲାଖ, ତେନ୍ଦୁ କିମ୍ବା କେନ୍ଦୁପତ୍ର, ଔଷଧୀୟ ଉଦ୍ଭିଦ, ଚେର, କନ୍ଦ ସହିତ ଅନ୍ୟାନ୍ୟ ଉଦ୍ଭିଦ ଗୁଣଯୁକ୍ତ ସମସ୍ତ ଅଣ-ଟିମ୍ବର ବନଜାତ ଦ୍ରବ୍ୟ ଅନ୍ତର୍ଭୁକ୍ତ

ଅଧିକାର ମଧ ଅନ୍ତର୍ଭୁକ୍ତ । ଏହି ଅଧିନିୟମରେ ବ୍ୟକ୍ତିଗତ ଜଙ୍ଗଲ ଅଧିକାର[77] (ଆଇଏଫ୍ଆର୍) ଗୋଷ୍ଠୀ ଅଧିକାର[78] (ସିଆର୍) ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଧିକାର[79] (ସିଏଫ୍ଆର୍) କୁ ସ୍ୱୀକୃତି ଓ ନ୍ୟସ୍ତ କରିବା ପାଇଁ ଏକ ଢାଞ୍ଚା ଉଲ୍ଲେଖ କରାଯାଇଛି । ଭାରତ ସରକାର 2008 ରେ ଜଙ୍ଗଲ ଅଧିକାର ପ୍ରଦାନ ପାଇଁ ଆବଶ୍ୟକ ପ୍ରକ୍ରିୟା ଏବଂ ପ୍ରମାଣକୁ ଉଲ୍ଲେଖ କରି ଏଫ୍ଆର୍ ଅଧିନିୟମର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଲାଗି ନିୟମ[80] ପ୍ରଣୟନ କରିଥିଲେ ।

ଏସ୍ଏସ୍ଡି ବିଭାଗ, ରାଜ୍ୟରେ ଏଫ୍ଆର୍ ଅଧିନିୟମ କାର୍ଯ୍ୟକାରୀ କରିବା ପାଇଁ ଉତ୍ତରଦାୟୀ । ଅଧିନିୟମ ଏବଂ ନିୟମାବଳୀ ଅନୁଯାୟୀ ଆବଶ୍ୟକୀୟ ଦାବି ସ୍ୱୀକୃତି ପ୍ରକ୍ରିୟା ଏବଂ ଦସ୍ତାବିଜର ବିଭିନ୍ନ ପର୍ଯ୍ୟାୟ **ଚାର୍ଟ 7.1** ରେ ଦର୍ଶାଯାଇଛି ।

***ଚାର୍ଟ 7.1: ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରଦାନ ପ୍ରକ୍ରିୟା***

**ଏଫ୍ଆର୍ସି**

- ଜଙ୍ଗଲ ଅଧିକାର କମିଟି (ଏଫଆରସି): ଗ୍ରାମସଭା (ଜିଏସ) ଦ୍ୱାରା ଏହାର ସଦସ୍ୟମାନଙ୍କ ମଧ୍ୟରୁ 10-15 ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ କମିଟି ।
- ଏହା ଗ୍ରାମସଭାକୁ ଜଙ୍ଗଲ ଅଧିକାର ଉପରେ ଦାବି ପ୍ରାପ୍ତି, ଯାଞ୍ଚ ଏବଂ ପ୍ରକ୍ରିୟାକରଣରେ ସହାୟତା କରିଥାଏ ।

**ଗ୍ରାମସଭା**

- ଗ୍ରାମସଭା (ଜିଏସ): ଗ୍ରାମର ସମସ୍ତ ପ୍ରାପ୍ତ ବୟସ ସଦସ୍ୟଙ୍କୁ ନେଇ ଏକ ଗ୍ରାମ ସମାବେଶ ।
- ଏହା ଜଙ୍ଗଲ ଅଧିକାରର ପ୍ରକୃତି ଏବଂ ସୀମା ନିର୍ଦ୍ଧାରଣ କରିବା, ଦାବିଦାରଙ୍କ ତାଲିକା ପ୍ରସ୍ତୁତ କରିବା, ଜଙ୍ଗଲ ଅଧିକାର ଉପରେ ଦାବିର ସଂକଳ୍ପ ପାରିତ କରିବା ଏବଂ ଉପବିଭାଗୀୟ କମିଟିକୁ (ଏସଏଲଡିସି) ପଠାଇବା ପ୍ରକ୍ରିୟା ଆରମ୍ଭ କରେ ।

**ଏସ୍ଡିଏଲ୍ସି**

- ଏସଡିଏଲସି: ଉପଖଣ୍ଡ ଅଧିକାରୀଙ୍କୁ ଅଧକ୍ଷ, ବନ ଅଧିକାରୀ, ବ୍ଲକ/ ତହସିଲ ସ୍ତରୀୟ ତିନି ଜଣ ପଞ୍ଚାୟତ ସଭ୍ୟ ଓ ଆଦିବାସୀ କଲ୍ୟାଣ ବିଭାଗର ଜଣେ ଅଧିକାରୀଙ୍କୁ ସଦସ୍ୟ ଭାବେ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟି ।
- ଏହା ଜଙ୍ଗଲ ଅଧିକାର ଦାବି ସମ୍ପର୍କିତ ଗ୍ରାମସଭାର ସଂକଳ୍ପ ସଂଗ୍ରହ କରିଥାଏ, ନକ୍ସାକୁ ଏକତ୍ର କରିଥା. ସଂକଳ୍ପ ଏବଂ ନକ୍ସାକୁ ପରୀକ୍ଷା କରିଥାଏ, ଆପତ୍ତି ଶୁଣାଣି କରିଥା. ଜଙ୍ଗଲ ଅଧିକାର ଡ୍ରାଫ୍ଟ ରେକର୍ଡ ପ୍ରସ୍ତୁତ କରିଥାଏ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଜିଲ୍ଲାସ୍ତରୀୟ କମିଟି ଦାବିଗୁଡ଼ିକୁ ଡିଏଲସିକୁ ଦାବି ପଠାଇଥାଏ ।

**ଡିଏଲ୍ସି**

- ଡିଏଲସି: ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟି, ଯେଉଁଥିରେ, ଜିଲ୍ଲାପାଳ, ଅଧକ୍ଷ ଭାବରେ ବନଖଣ୍ଡ ଅଧିକାରୀ (ଜଙ୍ଗଲ ଓ ପରିବେଶ ବିଭାଗକୁ ପ୍ରତିନିଧିତ୍ୱ କରିବେ), ଜିଲ୍ଲା ପଞ୍ଚାୟତର ତିନି ଜଣ ସଦସ୍ୟ, ଏସଏସଡି ବିଭାଗର ଜଣେ ଅଧିକାରୀ ସଭ୍ୟ ଭାବରେ ରହିବେ ।
- ଏହା ଏସଲଡିସି ଦ୍ୱାରା ପଠାଯାଇଥିବା ଦାବିକୁ ଯାଞ୍ଚ କରେ, ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ଆବେଦନର ଶୁଣାଣି କରେ, ଦାବିଗୁଡ଼ିକ ଅନୁମୋଦନ କରେ, ଦାବିଦାରଙ୍କୁ ସ୍ୱତ୍ୱ ପ୍ରଦାନ କରେ ଏବଂ ଅଧିକାରର ରେକର୍ଡ ସହିତ ସଂପୃକ୍ତ ସରକାରୀ ରେକର୍ଡରେ ଜଙ୍ଗଲ ଅଧିକାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି କରେ ।

ଅଧିକାରର ସମାଧାନ ଏବଂ ସ୍ୱତ୍ୱ ପ୍ରଦାନ ପ୍ରକ୍ରିୟା ଶେଷ ହେବା ପରେ, ଆରଡିଏମ୍ ବିଭାଗ ଓ ବନ ବିଭାଗ, ଏହିପରି ପ୍ରଦାନ କରାଯାଇଥିବା ଜଙ୍ଗଲ ଜମିର[81] ଏକ ଚୂଡ଼ାନ୍ତ ନକ୍ସା ପ୍ରସ୍ତୁତ କରିବା ଆବଶ୍ୟକ ଏବଂ ସଂପୃକ୍ତ କର୍ତ୍ତୃପକ୍ଷ ଏହିପରି ପ୍ରଦାନ କରାଯାଇଥିବା ଜଙ୍ଗଲ ଅଧିକାରକୁ ଅନ୍ତର୍ଭୁକ୍ତ କରିବେ । ତେଣୁ ନ୍ୟସ୍ତ ରାଜସ୍ୱ ଓ ଜଙ୍ଗଲ

---

77 ବସତି କିମ୍ବା ନିଜସ୍ୱ ଚାଷ ଏବଂ କୃଷି ସହ ଜଡ଼ିତ କାର୍ଯ୍ୟକଳାପ ପାଇଁ ଜଙ୍ଗଲ ଜମିର ଅଧିକାର

78 ମାଲିକାନା, ପାରମ୍ପରିକ ଭାବେ ଗ୍ରାମ ସୀମା ମଧ୍ୟରୁ କିମ୍ବା ବାହାରୁ ସଂଗ୍ରହ କରାଯାଇ ଆସୁଥିବା ଲଘୁ ବନଜାତ ଦ୍ରବ୍ୟର ପ୍ରାପ୍ତି, ସଂଗ୍ରହ, ବ୍ୟବହାର ଓ ବିକ୍ରୟ ମତ୍ସ୍ୟ ଓ ଅନ୍ୟାନ୍ୟ ଜଳାଶୟ ଜାତ ପଦାର୍ଥ, ଚାରଣ ଓ ପାରମ୍ପରିକ ଋତୁକାଳୀନ ସମ୍ପଦ ପ୍ରାପ୍ତିର ଅଧିକାର

79 "ଗୋଷ୍ଠୀ ଜଙ୍ଗଲ ସମ୍ପଦ" ର ଅର୍ଥ ହେଉଛି, ଗ୍ରାମର ପାରମ୍ପରିକ କିମ୍ବା ପାରମ୍ପରିକ ସୀମା ମଧ୍ୟରେ ଥିବା ପାରମ୍ପରିକ ସାଧାରଣ ଜଙ୍ଗଲ ଜମି କିମ୍ବା ପାଳକ ଗୋଷ୍ଠୀ କ୍ଷେତ୍ରରେ ଲ୍ୟାଣ୍ଡ ସ୍କେପର ଋତୁକାଳୀନ ବ୍ୟବହାର ସହିତ ଗୋଷ୍ଠୀମାନଙ୍କର ପାରମ୍ପରିକ ପ୍ରବେଶ ଥିବା ସୁରକ୍ଷିତ ଜଙ୍ଗଲ ଓ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ଭଳି ସୁରକ୍ଷିତ ଅଞ୍ଚଳ

80 ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ, 2007, ପରବର୍ତ୍ତୀ ସମୟରେ 2012 ରେ ସଂଶୋଧିତ ହୋଇଥିଲା

81 ଜଙ୍ଗଲ ଜମି ଅର୍ଥ ହେଉଛି ଯେକୌଣସି ଜଙ୍ଗଲ ଅଞ୍ଚଳ ମଧ୍ୟରେ ଆସୁଥିବା ଅଣବର୍ଗୀକୃତ ଜଙ୍ଗଲ, ସୀମା ନିର୍ଦ୍ଧାରଣ ହୋଇନଥିବା ଜଙ୍ଗଲ ବିଦ୍ୟମାନ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ

ରେକର୍ଡରେ ଯେମିତି ବି ହେଉ ରେକର୍ଡ ଅଦ୍ୟତନ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ ଆଇନ ଅନୁଯାୟୀ କିମ୍ବା ତିନି ମାସ ମଧ୍ୟରେ ଯେଉଁଟି ଶୀଘ୍ର କରିବେ ।

## 7.2 ବିଚାରାଧୀନ ରହିଥିବା ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି

ସମସ୍ତ ପ୍ରତ୍ୟାଖ୍ୟାତ ବ୍ୟକ୍ତିଗତ ଜଙ୍ଗଲ ଅଧିକାର (ଆଇଏଫ୍ଆର୍) ଦାବିର ସମୀକ୍ଷା କରିବା ପାଇଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ (ଫେବୃଆରୀ 2019) ଅନୁସାରେ ଏସ୍ଏସ୍ଡି ବିଭାଗ 2019 ଜୁନ୍ 30 ସୁଦ୍ଧା ଏଗୁଡ଼ିକର ସମୀକ୍ଷା କରି ଅନୁପାଳନ ଦାଖଲ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ (ମାର୍ଚ୍ଚ 2019) ।

ଅଡିଟ୍ ଲକ୍ଷ୍ୟ କଲେ ଯେ:

- ବାରିପଦା ଉପଜିଲ୍ଲାପାଳଙ୍କ ନଥିରୁ ଜଣା ପଡିଥିଲା ଯେ 2017-18 ଆର୍ଥିକ ବର୍ଷରେ ଉପଖଣ୍ଡ ସ୍ତରୀୟ କମିଟି (ଏସଡିଏଲସି) ପକ୍ଷରୁ 3025ଟି ଦାବିକୁ ଖାରଜ କରାଯାଇଥିଲା । ଏସ୍ଏସ୍ଡି ବିଭାଗର ନିର୍ଦ୍ଦେଶ ପରିପ୍ରେକ୍ଷୀରେ ପ୍ରତ୍ୟାଖାନ ହୋଇଥିବା ମାମଲାଗୁଡିକୁ ପୁନଃ ଯାଞ୍ଚ ପାଇଁ ସଂପୃକ୍ତ ତହସିଲକୁ ପଠାଯାଇଥିଲା । ପୁନଃ ଯାଞ୍ଚରେ ଛଅଟି ତହସିଲରେ[82] 1,869 (62 ପ୍ରତିଶତ) ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ 1,156 ଦାବି (38 ପ୍ରତିଶତ) ପୁନଃ ବିଚାର ପାଇଁ ଗ୍ରହଣ କରାଯାଇଥିଲା । ପୁନଃ ବିଚ୍ଚର ପାଇଁ ଗ୍ରହଣ କରାଯାଇଥିବା 1,156 ଦାବି ମଧ୍ୟରୁ ତହସିଲଦାର ମାନେ କେବଳ ଦୁଇଟି ଦାବି ଉପରେ ସେମାନଙ୍କ ସୁପାରିଶ ଏସ୍ଡିଏଲ୍ସିକୁ ପ୍ରଦାନ କରିଥିଲେ । ଅବଶିଷ୍ଟ 1,154 ଟି ଦାବି ତହସିଲଗୁଡ଼ିକରେ (ଡିସେମ୍ବର 2022) ବିଚାରାଧୀନ ରହିଲା ।

  ଉତ୍ତରରେ, ବାରିପଦା ଉପଜିଲ୍ଲାପାଳ କହିଥିଲେ ଯେ ତହସିଲଦାରମାନେ ଆଇଏଫ୍ଆର୍ ଦାବି ଉପରେ ଯଥାଶୀଘ୍ର ସେମାନଙ୍କ ସୁପାରିଶ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

- ଗ୍ରାମସଭା ସଂକଳ୍ପ, ଜିଓ ଟ୍ୟାଗ୍ ନକ୍ସା ଇତ୍ୟାଦିରୁ ଅନୁପଲବ୍ଧତା ଦର୍ଶାଇ, ମୟୁରଭଞ୍ଜ ଡିଏଲ୍ସି 296 ଆଇଏଫ୍ଆର୍ ଦାବିକୁ ବାରିପଦା ଏସ୍ଡିଏଲ୍ସିକୁ ଫେରାଇ ଦେଇଥିଲା (ନଭେମ୍ବର 2019) । କିନ୍ତୁ ଡିସେମ୍ବର 2022 ସୁଦ୍ଧା ଏସ୍ଡିଏଲ୍ସି ଦ୍ୱାରା ଏଗୁଡ଼ିକୁ ପୁନଃ ଦାଖଲ କରାଯାଇନଥିଲା, ଯେଉଁ କାରଣରୁ ସତ୍ୱ ପ୍ରଦାନ କରାଯାଇନଥିଲା ।

  ଉତ୍ତରରେ, ଉପଜିଲ୍ଲାପାଳ ବାରିପଦା, ଦର୍ଶାଇଥିଲେ ଯେ 296ଟି ଆଇଏଫ୍ଆର୍ ଦାବିକୁ ବାରିପଦା ବନଖଣ୍ଡ ଅଧିକାରୀ (ଡିଏଫ୍ଓ)ଙ୍କ ନିକଟକୁ, ସହାୟକ ବନ ସଂରକ୍ଷକଙ୍କ ଦସ୍ତଖତ ନିମିତ୍ତ ପଠାଇଥିଲେ (ଡିସେମ୍ବର 2019), ଯେହେତୁ, ଏହା ସଂରକ୍ଷଣ ଓ ଜଙ୍ଗଲ[83] ବର୍ଗ ଅନ୍ତର୍ଭୁକ୍ତ ଥିଲା । ଏଗୁଡ଼ିକର ଅନୁମୋଦନ ପାଇଁ ଡିଏଲସିକୁ ପଠାଇବା ପାଇଁ ଶୀଘ୍ର ମାମଲାଗୁଡ଼ିକ ଏସ୍ଡିଏଲ୍ସିକୁ ଫେରାଇବା ପାଇଁ ଅନୁରୋଧ କରାଯାଇଥିଲା । ତେବେ, ବାରିପଦା ଡିଏଫଓଙ୍କ ନିକଟରେ ମାମଲାଗୁଡିକ ବିଚାରାଧିନ ରହିଥିଲା ।

  ଉପଜିଲ୍ଲାପାଳ ବାରିପଦା ପ୍ରଦାନ କରିଥିବା ଉତ୍ତର ଠିକ୍ ନଥିଲା ଯେହେତୁ ଡିଏଫଓ, ବାରିପଦା, ମାମଲାଗୁଡିକୁ ଏସ୍ଡିଏଲ୍ସିକୁ ଫେରାଇ ଦେଇଥିଲେ (ଫେବୃଆରୀ 2020) ଏବଂ ସେଗୁଡ଼ିକ ଏସ୍ଡିଏଲ୍ସି ସ୍ତରରେ ବିଚ୍ଚରାଧୀନ ରହିଥିଲା ।

- ପୂର୍ବରୁ 2017-18 ରେ ଖାରଜ ହୋଇଥିବା ଦୁଇଟି ଏସ୍ଡିଏଲ୍ସି ଯଥା, କପ୍ତିପଦା (1,282) ଓ ଚମ୍ପୁଆ (1,739) ସମ୍ପର୍କିତ) 3,021ଟି ଦାବି ସମୀକ୍ଷା ପରବର୍ତ୍ତୀ ସମୟରେ ପୁନର୍ବାର ଖାରଜ କରାଯାଇଥିଲା । ଖାରଜ ହୋଇଥିବା ଦାବି ମାମଲା ମଧ୍ୟରୁ, ଅଡିଟ୍ 48ଟିର ଯାଞ୍ଚ କରିଥିଲେ ଏବଂ ଲକ୍ଷ୍ୟ କରିଥିଲେ ଯେ 32 ଟି ଦାବିରେ ଅଣ-ଜଙ୍ଗଲ ଜମି ଦଖଲ, ଦାବିଦାରଙ୍କ ଅଯୋଗ୍ୟତା ଇତ୍ୟାଦିକୁ

82 ବାରିପଦା, ବାଙ୍ଗିରିପୋଷୀ, ସିଳିଆପଦା, ଶାମାଖୁଣ୍ଟା, ସରସକଣା ଓ କୁଳିଅଣା

83 ଓଡ଼ିଶା ଜଙ୍ଗଲ ଅଧିନିୟମ, 1972 ଅନୁଯାୟୀ ବିଜ୍ଞାପିତ, ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଥିବା ଏକ ଅତ୍ୟନ୍ତ ନିଷିଦ୍ଧ ଜଙ୍ଗଲ ଅଞ୍ଚଳ

ଦର୍ଶାଇ ଖାରଜ କରାଯାଇଥିଲା । ଅବଶିଷ୍ଟ 16 ଟି ଦାବି କ୍ଷେତ୍ରରେ ଦାବିଦାରଙ୍କ ଦ୍ୱାରା ଅଣ-ଜଙ୍ଗଲ ଜମି ଦଖଲକୁ ଆଧାର କରି ଦାବିକୁ ଖାରଜ କରାଯାଇଥିଲା । ଅଡିଟ୍ ଭୁଲେଖ[84] ପୋର୍ଟାଲରୁ ଜମିର ବର୍ଗ ବିଷୟରେ ଅବଗତ ହୋଇଥିଲେ ଏବଂ ଲକ୍ଷ୍ୟ କଲେ ଯେ ଦାବିଦାରଙ୍କ ଦ୍ୱାରା ଅଧିକାର ପ୍ରଦାନ ପାଇଁ ଦଖଲ ଓ ଦାବି କରାଯାଇଥିବା ଜମିର ବର୍ଗ ହେଉଛି ଗ୍ରାମ୍ୟ ଜଙ୍ଗଲ (ଗ୍ରାମ ଜଙ୍ଗଲ) । ତେଣୁ, ଅଣ ଜଙ୍ଗଲ ଜମି ଦଖଲ ଆଧାରରେ ଦାବିଗୁଡ଼ିକର ଖାରଜ ଅନିୟମିତ ଥିଲା । ଏହାଫଳରେ, ବିସ୍ଥାପିତ ବ୍ୟକ୍ତିମାନେ ଜଙ୍ଗଲ ଜମି ପାଇବାରୁ ବଞ୍ଚିତ ହୋଇଥିଲେ । ଏ ମାମଲାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କପ୍ତିପଦା ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ବେଳେ ଚମ୍ପୁଆ ଉପଜିଲ୍ଲାପାଳ କୌଣସି ଉତ୍ତର ରଖିନଥିଲେ ।

## 7.3 ଜଙ୍ଗଲ ଅଧିକାର ପ୍ରଦାନ

ଛଅଟି ନମୁନା ଜିଲ୍ଲାରେ, ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପରଠାରୁ (2006), 2022 ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ 2,22,683 ଆଇଏଫ୍ଆର୍ ଏବଂ 1,820 ଟି ସିଏଫ୍ଆର୍/ ସିଆର୍, ଡିଏଲ୍ସି ଦ୍ୱାରା ଅନୁମୋଦିତ ହୋଇଥିଲା । ଡିଏଲ୍ସି ଦ୍ୱାରା ଅନୁମୋଦିତ 2,24,503 ଅଧିକାର ମଧ୍ୟରୁ, 2,20,494 ଆଇଏଫ୍ଆର୍ ଏବଂ 1,243 ସିଏଫ୍ଆର୍/ ସିଆର୍‌କୁ ନେଇ 2,21,737 ଅଧିକାର (99 ପ୍ରତିଶତ) ମାର୍ଚ୍ଚ 2022 ସୁଦ୍ଧା ଜାରି କରାଯାଇଥିଲା । ମାର୍ଚ୍ଚ 2022 ସୁଦ୍ଧା ଛଅଟି ନମୁନା ଜିଲ୍ଲାରେ ଅନୁମୋଦନ ଏବଂ ଅଧିକାର ପ୍ରଦାନର ସ୍ଥିତି **ସାରଣୀ 7.1** ରେ ଦର୍ଶାଯାଇଛି ।

***ସାରଣୀ 7.1: ନମୁନା ଜିଲ୍ଲା ଗୁଡ଼ିକରେ ଜାରି କରାଯାଇଥିବା ଆଇଏଫ୍ଆର୍/ ସିଏଫ୍ଆର୍***

| ଜିଲ୍ଲା | ଡିଏଲ୍ସି ଦ୍ୱାରା ଅନୁମୋଦିତ ଦାବି ସଂଖ୍ୟା | | ଖାରଜ ହୋଇଥିବା ଦାବି ସଂଖ୍ୟା | ଜାରି କରାଯାଇଥିବା ଟାଇଟଲ ସଂଖ୍ୟା | | ଜାରି ହେବାକୁ ଥିବା ଅବଶିଷ୍ଟ ସଂଖ୍ୟା | |
|---|---|---|---|---|---|---|---|
| | ଆଇଏଫ୍ଆର୍ | ସିଏଫ୍ଆର୍/ ସିଆର୍ | | ଆଇଏଫ୍ଆର୍ | ସିଏଫ୍ଆର୍/ ସିଆର୍ | ଆଇଏଫ୍ଆର୍ | ସିଏଫ୍ଆର୍/ ସିଆର୍ |
| କଳାହାଣ୍ଡି | 10,934 | 321 | 658 | 10,925 | 185 | 9 | 136 |
| କେଉଁଝର | 59,881 | 511 | 15,297 | 59,881 | 331 | 0 | 180 |
| କୋରାପୁଟ | 29,492 | 137 | 2,587 | 29,492 | 137 | 0 | 0 |
| ମୟୁରଭଞ୍ଜ | 53,305 | 595 | 8,799 | 52,881 | 536 | 424 | 59 |
| ନବରଙ୍ଗପୁର | 44,564 | 54 | 0 | 44,564 | 54 | 0 | 0 |
| ସୁନ୍ଦରଗଡ଼ | 24,507 | 202 | 16,864 | 22,751 | 0 | 1,756 | 202 |
| **ମୋଟ** | **2,22,683** | **1,820** | **44,205** | **2,20,494** | **1,243** | **2,189** | **577** |

***(ଉତ୍ସ: ପରୀକ୍ଷା ଯାଞ୍ଚ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେକର୍ଡ)***

### *7.3.1 ଆର୍ଓଆର୍ ସଂଶୋଧନ ଏବଂ ଏଫ୍ଆର୍ ଅଧିନିୟମ ଅନୁଯାୟୀ ଜାରି କରାଯାଇଥିବା ଟାଇଟଲ ପରିପ୍ରେକ୍ଷୀରେ ଏବଂ ଜମି ସୀମା ନିର୍ଦ୍ଧାରଣ ନକରିବା*

ଏଫ୍ଆର୍(ସଂଶୋଧନ) ନିୟମ, 2012 ର ନିୟମ 8 (ଏଚ୍)ର ପରିଶିଷ୍ଟ II ରେ ବ୍ୟବସ୍ଥା କରାଯାଇଥିଲା ଯେ ଜଙ୍ଗଲ ଜମିର ଶୀର୍ଷକରେ ଜମିର ପରିମାଣ ସହିତ ଖାତା ଏବଂ ପ୍ଲଟ ନମ୍ବର ପ୍ରମୁଖ ଚିହ୍ନ ଦ୍ୱାରା ସୀମାର ବର୍ଣ୍ଣନା ଉଲ୍ଲେଖିତ ରହିବ । ଆର୍‌ଡିଏମ୍ ବିଭାଗ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲା (ଡିସେମ୍ବର 2018) ଯେ ଜଙ୍ଗଲ ଅଧିକାର ଟାଇଟଲର ନକଲ ପାଇଲା ପରେ ଜଙ୍ଗଲ ଅଧିକାରଧାରୀଙ୍କ ସପକ୍ଷରେ ଆର୍ଓଆର୍ ଏବଂ ମାନଚିତ୍ର ସଂଶୋଧନ ପାଇଁ ଆବଶ୍ୟକ ଆଦେଶ ଜାରି କରିବେ ଏବଂ ଭୂଲେଖ ଓ ଭୁନକ୍ସା ସଫ୍ଟୱେୟାରରେ[85] ସେଗୁଡ଼ିକ ଅପ୍‌ଲୋଡ କରିବେ । ଆର୍ଓଆର୍ ଏବଂ ସ୍କେଚ୍ ମ୍ୟାପର ଏକ ମାଗଣା ନକଲ, ପ୍ରସ୍ତୁତ କରି ଏଫ୍ଆର୍ ଧାରକଙ୍କୁ ପ୍ରଦାନ କରିବାକୁ ପଡ଼ିବ । ସଂପୃକ୍ତ ରାଜସ୍ୱ ନିରୀକ୍ଷକ ସ୍କେଚ୍ ମ୍ୟାପ୍ ଅନୁଯାୟୀ ଜମିର ସୀମା ନିର୍ଦ୍ଧାରଣ କରିବେ ।

---

84 ରାଜ୍ୟରେ ଥିବା ଜମିର ଖାତା, ପ୍ଲଟ୍ ଓ ଜମି ମାଲିକଙ୍କ ବିବରଣୀ ଯାଞ୍ଚ କରିବା ପାଇଁ ଓଡ଼ିଶା ଆର୍‌ଡିଏମ୍ ବିଭାଗର ୱେବ୍‌ସାଇଟ୍

85 ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଦ୍ୱାରା ବିକଶିତ ଏକ ୱେବ୍ ଆଧାରିତ ଆପ୍ଲିକେସନ ସଫ୍ଟୱେର, ଆରଡିଏମ୍ ବିଭାଗ ତରଫରୁ ଡିଜିଟାଲାଇଜ୍ଡ କ୍ୟାଡାଷ୍ଟ୍ରାଲ ମ୍ୟାପ ଗୁଡ଼ିକର ସଂଶୋଧନ ପାଇଁ ବିକଶିତ କରାଯାଇଛି, ଯାହାକୁ ଭୂଲେଖ ସହ ସଂଯୋଗ କରାଯାଇଛି

ଏଫ୍‌ଆର୍ ଆକ୍ଟ ଅନୁଯାୟୀ ଜାରି ହୋଇଥିବା ଆର୍‌ଓଆର୍, ନକ୍ସା ଓ ଜମି ଅଧିକାରର ସୀମା ନିର୍ଦ୍ଧାରଣକୁ ଅଡିଟ୍ ଯାଞ୍ଚ କରାଯାଇଥିଲା । ହିତାଧିକାରୀଙ୍କୁ ଦିଆଯାଇଥିବା 2,20,494 ଆଇଏଫ୍‌ଆର୍ ଟାଇଟଲ ମଧ୍ୟରୁ 1,29,205 (58.60 ପ୍ରତିଶତ) ଆଇଏଫ୍‌ଆର୍ ସମ୍ପର୍କିତ ଆର୍‌ଓଆର୍ ଏବଂ ନକ୍ସା ସଂଶୋଧନ କରାଯାଇ ନଥିବା ବେଳେ 33,471 ଆଇଏଫ୍‌ଆର୍ କ୍ଷେତ୍ରରେ ଜମିର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା, ଯାହାର ସବିଶେଷ ବିବରଣୀ **ସାରଣୀ 7.2** ରେ ଦର୍ଶାଯାଇଛି ।

***ସାରଣୀ 7.2: ଆଇଏଫ୍‌ଆର୍ ଟାଇଟଲରେ ଆର୍‌ଓଆର୍‌ର ଅଦ୍ୟତନ ଓ ସୀମା ନିର୍ଦ୍ଧାରଣ ହୋଇନଥିବା ମାମଲା (ମାର୍ଚ୍ଚ 2022 ସୁଦ୍ଧା)***


| ଜିଲ୍ଲା | ଜାରି କରାଯାଇଥିବା ଆଇଏଫ୍‌ଆର୍ ଟାଇଟଲ ସଂଖ୍ୟା | ସଂଶୋଧନ ହୋଇନଥିବା ଆର୍‌ଓଆର୍ | | ସୀମା ନିର୍ଦ୍ଧାରଣ ହୋଇନାହିଁ | |
|---|---|---|---|---|---|
| | | ସଂଖ୍ୟା | ପ୍ରତିଶତ | ସଂଖ୍ୟା | ପ୍ରତିଶତ |
| କଳାହାଣ୍ଡି | 10,925 | 4,113 | 37.65 | 311 | 2.85 |
| କେଉଁଝର | 59,881 | 43,950 | 73.40 | 18,394 | 30.72 |
| କୋରାପୁଟ | 29,492 | 21,352 | 72.40 | 8,020 | 27.19 |
| ମୟୁରଭଞ୍ଜ | 52,881 | 28,042 | 53.03 | 702 | 1.33 |
| ନବରଙ୍ଗପୁର | 44,564 | 22,016 | 49.40 | 4,772 | 10.71 |
| ସୁନ୍ଦରଗଡ଼ | 22,751 | 9,732 | 42.78 | 1,272 | 5.59 |
| **ମୋଟ** | **2,20,494** | **1,29,205** | **58.60** | **33,471** | **15.18** |

***(ଉତ୍ସ: ପରୀକ୍ଷା ଯାଞ୍ଚ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେକର୍ଡ)***

58.60 ପ୍ରତିଶତ ମାମଲାରେ ଆର୍‌ଓଆର୍‌କୁ ସଂଶୋଧନ କରାଯାଇ ନଥିବା ବେଳେ, 15.18 ପ୍ରତିଶତ ମାମଲାରେ ସୀମା ନିର୍ଦ୍ଧାରଣ କରାଯାଇ ନଥିଲା । ଅଧିକ ଯାଞ୍ଚରୁ ଅଡିଟ୍ ନିମ୍ନୋକ୍ତ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ:

- କୋରାପୁଟ ଜିଲ୍ଲା କ୍ଷେତ୍ରରେ, ଜିଲ୍ଲାପାଳ-ତଥା-ଚେୟାରମ୍ୟାନ, ଡିଏଲ୍‌ସି 29,492 ଆଇଏଫ୍‌ଆର୍ ଟାଇଟଲ୍ ଜାରି କରିଥିଲେ । ସେଥିମଧ୍ୟରୁ ଖାତା/ ପ୍ଲଟ ନମ୍ବର ଉଲ୍ଲେଖ ନକରି 16,265 ଟି (55.15 ପ୍ରତିଶତ) ଟାଇଟଲ୍ ଜାରି କରାଯାଇଥିଲା, ଯାହା, ଏଫ୍‌ଆର୍ ନିୟମ 8(ଏଚ୍) ର ଉଲ୍ଲଙ୍ଘନ କରୁଥିଲା । ଫଳରେ ସଂପୃକ୍ତ ଆର୍‌ଓଆର୍ ଓ ନକ୍ସା ଆର୍‌ଆଇଙ୍କ ଦ୍ୱାରା ସଂଶୋଧନ/ ଅଙ୍କନ ହୋଇପାରି ନଥିଲା । ପରବର୍ତ୍ତୀ ସମୟରେ ସେପ୍ଟେମ୍ବର 2018, ଜୁନ୍ 2020 ଏବଂ ସେପ୍ଟେମ୍ବର 2020 ରେ ସେହି ଜିଲ୍ଲାର ଜିଲ୍ଲାପାଳ-ତଥା-ଚେୟାରମ୍ୟାନ୍, ଡିଏଲ୍‌ସି, ଆଇଏଫ୍‌ଆର୍ ଭାବରେ ଦିଆଯାଇଥିବା ଜମିର ଖାତା ଏବଂ ପ୍ଲଟ ନମ୍ବର ଅନୁପସ୍ଥିତିରେ, ଆର୍‌ଓଆର୍ ସଂଶୋଧନ କରିବାରେ ଅସୁବିଧା ବିଷୟରେ ଆର୍‌ଓଆର୍ ଗୁଡ଼ିକର ସଂଶୋଧନ ପାଇଁ ଆବଶ୍ୟକ ସ୍ପଷ୍ଟୀକରଣ ପ୍ରଦାନ କରିବାକୁ, ଆର୍‌ଡିଏମ୍ ବିଭାଗକୁ ଅନୁରୋଧ କରିଥିଲେ । ନିର୍ଦ୍ଦେଶକ, ଏସ୍‌ଏସ୍‌ଡି ବିଭାଗ ମଧ୍ୟ ସମାନ ଭାବରେ ଆର୍‌ଡିଏମ୍ ବିଭାଗକୁ ଅନୁରୋଧ କରିଥିଲେ (ଅକ୍ଟୋବର 2020) । ସେପ୍ଟେମ୍ବର 2022 ସୁଦ୍ଧା ଆର୍‌ଡିଏମ୍ ବିଭାଗର, କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇନଥିଲା । ଖାତା/ ପ୍ଲଟ ନମ୍ବର ଉଲ୍ଲେଖ ନଥାଇ କୋରାପୁଟ ଡିଏଲ୍‌ସିଙ୍କ ଦ୍ୱାରା ଜାରି କରାଯାଇଥିବା ଟାଇଟଲର ଏକ ନମୁନା ନକଲ, **ପ୍ରତିଛବି 7.1** ରେ ଦର୍ଶାଯାଇଛି ।

**ପ୍ରତିଛବି 7.1: ଖାତା ଓ ପ୍ଲଟ ନମ୍ବର ବିନା ଏଫ୍ଆର୍ଏ ଟାଇଟଲ ସୀଟ୍**


ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା
(ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ, ୨୦୦୭
ଭାରତ ସରକାର
ଜନଜାତି ବ୍ୟାପାର ମନ୍ତ୍ରଣାଳୟ

ପରିଶିଷ୍ଟ - ୨
(ନିୟମ ୮(ଏଚ୍) ଦ୍ରଷ୍ଟବ୍ୟ)
ଅଧିକାରରେ ଥିବା ଜଙ୍ଗଲ ଜମି ପାଇଁ ଶିରୋନାମା

୧. ଜଙ୍ଗଲ ଅଧିକାରଧାରୀଙ୍କ (ମାନଙ୍କ) ନାମ (ସ୍ୱାମୀ / ସ୍ତ୍ରୀଙ୍କ ସହିତ) : [redacted]
୨. ପିତା / ମାତାଙ୍କ ନାମ : [redacted] [redacted]
୩. ନିର୍ଭରଶୀଳଙ୍କ ନାମ : [redacted]
୪. ଠିକଣା : [redacted]
୫. ଗ୍ରାମ/ଗ୍ରାମ ସଭା :
୬. ଗ୍ରାମ ପଞ୍ଚାୟତ :
୭. ତହସିଲ / ତାଲୁକ :
୮. ଜିଲ୍ଲା :
୯. ଅନୁସୂଚିତ ଜନଜାତି ବା ଅନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା :
୧୦. କ୍ଷେତ୍ରଫଳ :
୧୧. ସୀମାବଦ୍ଧ ଜମି ଚିହ୍ନ ଦ୍ୱାରା ଚୌହଦୀର ବର୍ଣ୍ଣନା.
ଖସଡ଼ା / କମ୍ପାର୍ଟମେଣ୍ଟ ନମ୍ବର ସହିତ :

ଅଧିନିୟମର ଧାରା ୪ର ଉପଧାରା (୪) ଅନୁସାରେ ଏହି ଶିରୋନାମା ବଂଶଗତ କିନ୍ତୁ ହସ୍ତାନ୍ତରଯୋଗ୍ୟ ନୁହେଁ ବା ବଦଳିଯୋଗ୍ୟ ନୁହେଁ ।

ଆମେ ନିମ୍ନ ସ୍ୱାକ୍ଷରକାରୀଗଣ, ଏତଦ୍ୱାରା ସରକାରଙ୍କ ପାଇଁ ଏବଂ ତରଫରୁ (ରାଜ୍ୟର ନାମ) ........ ଉପରୋକ୍ତ ଜଙ୍ଗଲ ଅଧିକାରକୁ ଅନୁମୋଦନ କରି ଆମମାନଙ୍କର ସ୍ୱାକ୍ଷର କରୁଅଛୁ ।

ଉକ୍ତ ଶିରୋନାମା ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ରିଟ ପିଟିସନ ସଂଖ୍ୟା W.P.(C) ୪୯୩୩/୨୦୦୮ ର ... ଉପରେ ନିର୍ଭର କରେ ।

KORAPUT
District Welfare Officer KORAPUT
COLLECTOR KORAPUT


- ମୟୁରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ତହସିଲରେ ଏକ ଆଦିବାସୀ ବନବାସୀ ପରିବାର ସପକ୍ଷରେ, 2009 ରେ 1.25 ଏକର[86] ଜମି ଉପରେ ଆଇଏଫ୍ଆର୍ ପ୍ରଦାନ କରାଯାଇଥିଲା । ତହସିଲଦାର, ରାସଗୋବିନ୍ଦପୁର କିନ୍ତୁ ସଂପୃକ୍ତ ଆର୍ଓଆର୍କୁ ସଂଶୋଧନ କରିନଥିଲେ । କାଟୁନି କ୍ଷୁଦ୍ର ଜଳସେଚନ ପ୍ରଣାଳୀ[87] ନିର୍ମାଣ ପାଇଁ ଜଳ ସମ୍ପଦ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଜମିରା କେନାଲ ଡିଭିଜନ, ମୋରଡ଼ା, ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିଥିବା (ସେପ୍ଟେମ୍ବର 2019) ବେଳେ, ଆଇଏଫ୍ଆର୍ ପ୍ରଦାନ କରାଯାଇଥିବା 1.25 ଏକର ମଧ୍ୟରୁ 0.55 ଏକର ଜମି ଅଧିଗ୍ରହଣ କରିଥିଲେ । ଆବଣ୍ଟିତ ଜମି ହିତାଧିକାରୀ ପରିବାରଙ୍କ ନାମରେ ରେକର୍ଡ ହୋଇନଥିବାରୁ ଏବଂ ସରକାରଙ୍କ ନାମରେ ଥିବାରୁ ଅଧିଗ୍ରହଣ ହୋଇଥିବା ଜମିର କ୍ଷତିପୂରଣ ବାବଦରେ କୌଣସି ଅର୍ଥ ହିତାଧିକାରୀ ପରିବାରକୁ ପ୍ରଦାନ କରାଯାଇ ନଥିଲା । ଫଳରେ, ହିତାଧିକାରୀ ପରିବାର ବିନା କ୍ଷତିପୂରଣରେ ଆଇଏଫ୍ଆର୍ ଭାବେ ପାଇଥିବା ଜମି ହରାଇଥିଲେ । ଆର୍ଡିଏମ୍ ବିଭାଗର ରେକର୍ଡରୁ ଅଡିଟ୍‌ରେ ଏହା ମଧ୍ୟ ଲକ୍ଷ୍ୟ କଲେ ଯେ, ଆର୍ଓଆର୍ ସଂଶୋଧନ କରାଯାଇ ନଥିବାରୁ ହିତାଧିକାରୀମାନେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ପିଏମ୍ କିଶାନ ଯୋଜନା ଅଧୀନରେ ପାଇବାକୁ ଥିବା ସୁବିଧାରୁ ବଞ୍ଚିତ ହୋଇଥିଲେ ।

ସେହିପରି ଭାବରେ, ଜାରି କରାଯାଇଥିବା 1,243 ଟି ସିଏଫ୍ଆର୍/ ସିଆର୍ ଟାଇଟଲ୍ ବାବଦରେ ଆର୍ଓଆର୍ ଓ ନକ୍ସାରେ ସଂଶୋଧନ କରାଯାଇ ନଥିଲା । 667 ଟି ସିଏଫ୍ଆର୍ / ସିଆର୍[88] ବାବଦରେ ଜମିର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା ।

---

86 ଗ୍ରାମ: ମଶାମାରୀ, ଖାତା ସଂଖ୍ୟା. 167, ପ୍ଲଟ୍ ସଂଖ୍ୟା. 225/1

87 ସୁବର୍ଣ୍ଣରେଖା କ୍ଷୁଦ୍ର ଜଳସେଚନ ପ୍ରଣାଳୀ

88 କଳାହାଣ୍ଡି: 185, କେଉଁଝର: 331, କୋରାପୁଟ: 97 ଏବଂ ନବରଙ୍ଗପୁର: 54

ଉତ୍ତରରେ, କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟର ଉପ-ଜିଲ୍ଲାପାଳ(ରାଜସ୍ୱ), ବ୍ୟକ୍ତ କରିଥିଲେ (ଜାନୁଆରୀ 2023) ଯେ ଜିଲ୍ଲା କଲ୍ୟାଣ ଅଧିକାରୀ, କଳାହାଣ୍ଡିଙ୍କ ଠାରୁ ଉତ୍ତର ପାଇବା ପରେ ଏହାକୁ ଅଡିଟ୍‌କୁ ଅବଗତ କରାଯିବ । ଆଇଟିଡିଏ, ବାରିପଦା, ମୟୁରଭଞ୍ଜଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଏଫ୍‌ଆର୍‌ଏ ଏକ ପ୍ରଚଳିତ ପ୍ରକ୍ରିୟା ହୋଇଥିବାରୁ ଆର୍‌ଓଆର୍‌ର ସୀମା ନିର୍ଦ୍ଧାରଣ ଓ ସଂଶୋଧନ ପ୍ରକ୍ରିୟା ଜାରି ରହିଥିଲା ଏବଂ ଏହା ସମ୍ପୂର୍ଣ୍ଣ ହେବାକୁ ଯାଉଥିଲା । କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାପାଳ ବ୍ୟକ୍ତ କରିଥିଲେ ଯେ, ତହସିଲଦାର ଓ ଡିଭିଜନାଲ ଫରେଷ୍ଟ ଅଫିସରଙ୍କୁ ଏ ବିଷୟରେ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଫ୍‌ଆର୍ ଅଧିନିୟମର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଖାତା ଓ ପ୍ଲଟ ନମ୍ବର ଉଲ୍ଲେଖ ବିନା ଆଇଏଫ୍‌ଆର୍ ଜାରି କରାଯାଇଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

***ସୁପାରିଶ 7.1: ବିଚାରାଧୀନ ଜଙ୍ଗଲ ଅଧିକାର ଦାବିଗୁଡ଼ିକର ଶୀଘ୍ର ସମାଧାନ କରାଯାଇପାରେ ।***

***ସୁପାରିଶ 7.2: ଜାରି ହୋଇଥିବା ବ୍ୟକ୍ତିଗତ ଜଙ୍ଗଲ ଅଧିକାର (ଆଇଏଫ୍‌ଆର୍‌ଗୁଡ଼ିକ) ସମ୍ପର୍କରେ ସଂପୃକ୍ତ ଆର୍‌ଓଆର୍‌ଗୁଡ଼ିକ ଆଇଏଫ୍‌ଆର୍‌ଧାରୀଙ୍କ ନାମରେ ସଂଶୋଧନ କରାଯିବା ସହ ଆବଣ୍ଟିତ ଜଙ୍ଗଲ ଜମିଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ ।***

### *7.3.2 ଜଙ୍ଗଲ ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ ନକରିବା*

ରାଜସ୍ୱ ଗ୍ରାମ ମାନ୍ୟତା ମିଳିବା ପରେ ଏକ ଗ୍ରାମ/ ଜନବସତି ଏକ ଗ୍ରାମର ଆଇନଗତ ମାନ୍ୟତା ଅର୍ଜନ କରିଥାଏ । ରାଜସ୍ୱ ଗ୍ରାମ ଆଧାରରେ କେନ୍ଦ୍ର/ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା/ କାର୍ଯ୍ୟକ୍ରମ ଅଧିନରେ ଆର୍ଥିକ ସହାୟତା ବଣ୍ଟନ କରାଯାଏ । ତେଣୁ, ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ଦ୍ୱାରା ଗ୍ରାମର ବିକାଶ ହେବା ସହ ଗ୍ରାମବାସୀମାନେ ମଧ ଉପକୃତ ହୁଅନ୍ତି । ସମସ୍ତ ଜଙ୍ଗଲ ଗ୍ରାମ[89] ପୁରାତନ ଜନବସତି ଓ ଅଣ ସର୍ବେକ୍ଷଣ ଗ୍ରାମ ଇତ୍ୟାଦିକୁ ବନ୍ଦୋବସ୍ତ ଓ ରାଜସ୍ୱ ଗ୍ରାମରେ ପରିଣତ କରିବା ଏଫ୍‌ଆର୍ ଅଧିନିୟମ, 2006 ର ଧାରା 3(1)(ଏଚ୍) ଅନୁଯାୟୀ ଏକ ଜଙ୍ଗଲ ଅଧିକାର ଭାବେ ମାନ୍ୟତା ପ୍ରଦାନ କରାଯାଉଥିଲା । ସମସ୍ତ ଜଙ୍ଗଲ ଗ୍ରାମ ପୁରାତନ ଜନବସତି, ଅଣ ସର୍ବେକ୍ଷଣ ଗ୍ରାମ ଏବଂ ଜଙ୍ଗଲ ମଧସ୍ଥ ଅନ୍ୟାନ୍ୟ ଗ୍ରାମଗୁଡ଼ିକୁ ଅଭିଲକ୍ଷିତ/ ଅଧିସୂଚିତ ହେଉ ବା ନହେଉ, ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ଆର୍‌ଡିଏମ୍ ବିଭାଗ ନିର୍ଦ୍ଦେଶାବଳୀ ଜାରି କରିଥିଲେ (ଫେବୃଆରୀ 2017) ।

ଛଅଟି ନମୁନା ଜିଲ୍ଲାରେ 236 ଟି ଜଙ୍ଗଲ ଗ୍ରାମ ଥିଲା (ଫେବୃଆରୀ 2017) । ପରବର୍ତ୍ତୀ ସମୟରେ ମାର୍ଚ୍ଚ 2022 ସୁଦ୍ଧା, ସେଥିରୁ ମାତ୍ର 19 (8 ପ୍ରତିଶତ) ଟି ରାଜସ୍ୱ ଗ୍ରାମରେ ପରିଣତ କରାଯାଇଥିବା ବେଳେ ଅବଶିଷ୍ଟ 217 ଜଙ୍ଗଲ ଗ୍ରାମ (92 ପ୍ରତିଶତ) ମାର୍ଚ୍ଚ 2022 ସୁଦ୍ଧା ରାଜସ୍ୱ ଗ୍ରାମରେ ପରିଣତ ହୋଇନଥିଲା, ଯାହାର ବିସ୍ତୃତ ବିବରଣୀ **ସାରଣୀ 7.3** ରେ ଦର୍ଶାଯାଇଛି ।

***ସାରଣୀ 7.3: ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା***

| ଜିଲ୍ଲା | ଚିହ୍ନଟ ହୋଇଥିବା ଜଙ୍ଗଲ ଗ୍ରାମ ସଂଖ୍ୟା | ଜଙ୍ଗଲ ଗ୍ରାମରୁ ରାଜସ୍ୱ ଗ୍ରାମରେ ପରିଣତ ହୋଇଥିବା ସଂଖ୍ୟା | ରାଜସ୍ୱ ଗ୍ରାମରେ ପରିଣତ ହୋଇନଥିବା ଜଙ୍ଗଲ ଗ୍ରାମ | |
|---|---|---|---|---|
| | | | ସଂଖ୍ୟା | ପ୍ରତିଶତ |
| କଳାହାଣ୍ଡି | 10 | 0 | 10 | 100 |
| କେଉଁଝର | 38 | 0 | 38 | 100 |
| କୋରାପୁଟ | 87 | 11 | 76 | 87 |
| ମୟୁରଭଞ୍ଜ | 24 | 0 | 24 | 100 |
| ନବରଙ୍ଗପୁର | 09 | 8 | 01 | 11 |
| ସୁନ୍ଦରଗଡ଼ | 68 | 0 | 68 | 100 |
| **ମୋଟ** | **236** | **19** | **217** | **92** |

***(ଉତ୍ସ: ପରୀକ୍ଷା ଯାଞ୍ଚ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେକର୍ଡ)***

[89] ଜଙ୍ଗଲ କାର୍ଯ୍ୟ ପାଇଁ ଜଙ୍ଗଲ ମଧରେ ସ୍ଥାପିତ ବସତି ଓ ସରକାରଙ୍କ ଦ୍ୱାରା କୃଷି ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଅନୁମତି ପ୍ରାପ୍ତ ଜମି ଅନ୍ତର୍ଭୁକ୍ତ

ଅଡିଟ୍ ଲକ୍ଷ୍ୟ କଲା ଯେ:

- କୋରାପୁଟ ଜିଲ୍ଲାରେ, ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହୋଇନଥିବା 76 ଟି ଗ୍ରାମ ମଧ୍ୟରୁ ଚାରିଟି ଜଙ୍ଗଲ ଗ୍ରାମକୁ ପରିବର୍ତ୍ତନ କରିବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା । ଆହୁରିମଧ୍ୟ, 18 ଟି ଜଙ୍ଗଲ ଗ୍ରାମ କ୍ଷେତ୍ରରେ ପରିବର୍ତ୍ତନ ପ୍ରକ୍ରିୟା ଜାରି ରହିଥିଲା । ଅବଶିଷ୍ଟ 54 ଟି ଜଙ୍ଗଲ ଗ୍ରାମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନଥିଲା ।
- ସୁନ୍ଦରଗଡ଼ ଜିଲ୍ଲାରେ 32 ଟି ଗ୍ରାମ କ୍ଷେତ୍ରରେ ସର୍ଭେ, ଜମିର ସୀମା ନିର୍ଦ୍ଧାରଣ ଇତ୍ୟାଦି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ, ଅବଶିଷ୍ଟ 36 ଟି ଗ୍ରାମରେ ପ୍ରକ୍ରିୟା ଆରମ୍ଭ ହୋଇନଥିଲା ।

ଏହିପରି ଭାବରେ, ଜଙ୍ଗଲ ଅଧିକାର ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ଦୃଷ୍ଟିକୋଣରୁ ଜଙ୍ଗଲ ଅଧିକାର ଅନେକାଂଶର ଦିଆଯାଇ ନଥିଲା । ଫଳସ୍ୱରୁପ, ଏହି ଜଙ୍ଗଲ ଗ୍ରାମବାସୀ ମାନେ ସରକାରୀ କଲ୍ୟାଣ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହୋଇଥିଲେ ।

ଉତ୍ତରରେ, କୋରାପୁଟ ଏବଂ ସୁନ୍ଦରଗଡ଼ ଜିଲ୍ଲାପାଳ ସମସ୍ତ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନବରଙ୍ଗପୁର, କଳାହାଣ୍ଡି, ମୟୁରଭଞ୍ଜ ଓ କେଉଁଝର ଜିଲ୍ଲାର ଜିଲ୍ଲାପାଳ ମାନେ କୌଣସି ପ୍ରତିକ୍ରିୟା ଦେଇନଥିଲେ (ଜାନୁଆରୀ 2023) ।

## 7.4 ଏଫ୍ଆର୍ ଅଧିନିୟମ, 2006 ର ବ୍ୟବସ୍ଥାକୁ ଅନୁପାଳନ ବିନା ଜଙ୍ଗଲ ଜମିର ବ୍ୟବହାରରେ ପରିବର୍ତ୍ତନ

ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ପାଇଁ ମାର୍ଗଦର୍ଶିକା ଜାରି କରିଥିଲା (ଅଗଷ୍ଟ 2009) । ଉକ୍ତ ମାର୍ଗଦର୍ଶିକା ଅନୁଯାୟୀ, ରାଜ୍ୟ ସରକାରଙ୍କୁ ପ୍ରମାଣିତ କରିବାକୁ ପଡ଼ିବ (ଏଫ୍ଆର୍ଏ ସାର୍ଟିଫିକେଟ ଭାବରେ ଜଣାଯାଏ) ଯେ: (କ) ଏଫ୍ଆର୍ଏ ଅଧିନରେ ଅଧିକାର ଚିହ୍ନଟ ଏବଂ ସମାଧାନ ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟା, ବ୍ୟବହାର ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ସମଗ୍ର ଜଙ୍ଗଲ ଅଞ୍ଚଳ ପାଇଁ କରାଯାଇଥିଲା, (ଖ) ଏଫ୍ଆର୍ଏ ଅଧିନିୟମ ଅନୁଯାୟୀ ଯୋଗ୍ୟ ଥିବା ସଂପୃକ୍ତ ପ୍ରତ୍ୟେକ ଗ୍ରାମବାସୀଙ୍କ ଗ୍ରାମସଭାରେ ବ୍ୟବହାର ପରିବର୍ତ୍ତନ ପ୍ରସ୍ତାବ ରଖାଯାଇଥିଲା ଏବଂ (ଗ) ସଂପୃକ୍ତ ପ୍ରତ୍ୟେକ ଗ୍ରାମସଭାରୁ ଏକ ଚିଠି ପ୍ରାପ୍ତ ହୋଇଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ ଏଫ୍ଆର୍ଏ ଅଧିନସ୍ଥ ସମସ୍ତ ଔପଚାରିକତା ସମ୍ପନ୍ନ ହୋଇଛି ଏବଂ ସେମାନେ ପ୍ରସ୍ତାବିତ ବ୍ୟବହାର ପରିବର୍ତ୍ତନକୁ ସମ୍ମତି ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ଠାରୁ ଏକ ପତ୍ରର ଆବଶ୍ୟକ, ଯେଉଁଥିରେ ଗ୍ରାମସଭା ବୈଠକରେ ଗ୍ରାମସଭାଗୁଡ଼ିକର ସର୍ବନିମ୍ନ 50 ପ୍ରତିଶତ ସଭ୍ୟଙ୍କ ଉପସ୍ଥିତିରେ ଏହି ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତ୍ତି ନିଆଯାଇଥିବା ବିଷୟର ପ୍ରମାଣ ରାଜ୍ୟ ସରକାର ପ୍ରଦାନ କରିଥିବେ ।

ଅଡିଟ୍ ଯାଞ୍ଚରୁ ଜଣାଗଲା ଯେ ସୁନ୍ଦରଗଡ଼ ଓ କୋରାପୁଟର ଜିଲ୍ଲାପାଳମାନେ ବିଭିନ୍ନ ପ୍ରକଳ୍ପ ପାଇଁ 1,973.5171 ହେକ୍ଟର ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ ପାଇଁ ଏଫ୍ଆର୍ଏ ପ୍ରମାଣ ପତ୍ର ପ୍ରଦାନ କରିଥିଲେ (2017-18 ରୁ 2021-22) । ଅଡିଟ୍, ମେସର୍ସ ମହାନଦୀ କୋଲଫିଲ୍ଡ ଲିମିଟେଡ୍ (712.019 ହେକ୍ଟର) ଏବଂ ମେସର୍ସ ନାଲ୍କୋ (697.979 ହେକ୍ଟର) ସପକ୍ଷରେ 1,409.998 ହେକ୍ଟର ଜଙ୍ଗଲ ଜମି ବ୍ୟବହାର ପରିବର୍ତ୍ତନ ପାଇଁ ଜାରି କରାଯାଇଥିବା (ଜୁନ୍ ଠାରୁ ନଭେମ୍ବର 2021) ଏଫ୍ଆର୍ଏ ପ୍ରମାଣ ପତ୍ରଗୁଡ଼ିକର ପରୀକ୍ଷା ଯାଞ୍ଚ କରିଥିଲେ ।


ଜିଲ୍ଲାପାଳଙ୍କ ପ୍ରମାଣ ପତ୍ର ଅନୁଯାୟୀ, ବ୍ୟବହାର ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ସମଗ୍ର 1,409.998 ହେକ୍ଟର ଜଙ୍ଗଲ ଅଞ୍ଚଳ ପାଇଁ ଏଫ୍ଆର୍ ଅଧିନିୟମ ଅଧିନରେ ଅଧିକାର ଚିହ୍ନଟ ଓ ସମାଧାନ ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିଲା । ପ୍ରତ୍ୟେକ ଗ୍ରାମସଭା ସାର୍ଟିଫିକେଟ ଦେଇଥିଲେ ଯେ, ଏଫ୍ଆର୍ଏ ଅଧିନରେ ସମସ୍ତ ଔପଚାରିକତା ସମ୍ପନ୍ନ ହୋଇଛି । ସମସ୍ତ ଗ୍ରାମସଭା ପ୍ରସ୍ତାବିତ ଡାଇଭର୍ସନକୁ ସମ୍ମତି ପ୍ରଦାନ କରିଥିଲେ ଏବଂ ଡାଇଭର୍ସନ ପ୍ରସ୍ତାବ ଉପରେ ଆଲୋଚନା ନିଷ୍ପତ୍ତି ହୋଇଥିଲା ଯେତେବେଳେ ଗ୍ରାମସଭାର ସର୍ବନିମ୍ନ 50 ପ୍ରତିଶତ ସଦସ୍ୟଙ୍କ ଉପସ୍ଥିତି ଥିଲା, ଇତ୍ୟାଦି । ଜିଲ୍ଲାପାଳ, ସୁନ୍ଦରଗଡ଼ଙ୍କ ପ୍ରମାଣପତ୍ର ଆଧାରରେ ଭାରତ ସରକାରଙ୍କ ଦ୍ୱାରା

ବ୍ୟବହାର ପରିବର୍ତ୍ତନ ପାଇଁ 349.709 ହେକ୍ଟର ଜମିକୁ ନଭେମ୍ବର 2022 ରେ ଅନୁମୋଦନ ପର୍ଯ୍ୟାୟ-II କରାଯାଇଥିଲା ।

ଅଡିଟ୍, 2015 ଅଗଷ୍ଟରୁ 2020 ନଭେମ୍ବର ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ଗ୍ରାମସଭାଗୁଡ଼ିକର କାର୍ଯ୍ୟଧାରାକୁ ଯାଞ୍ଚ କରିଥିଲେ ଏବଂ ନିମ୍ନୋକ୍ତ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ :

- ***ଗ୍ରାମସଭାର ମତକୁ ଅଣଦେଖା କରି ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ ପାଇଁ ଏଫ୍‌ଆର୍‌ଏ ପ୍ରମାଣପତ୍ର ପ୍ରଦାନ:*** ପାଞ୍ଚଟି ଗ୍ରାମର[90] ଗ୍ରାମସଭା ଗୁଡ଼ିକ 423.498 ହେକ୍ଟର ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ସହମତି ପ୍ରଦାନ କରିଥିଲେ । ଦୁଇଟି ଗ୍ରାମ (ଗୋପାଳପୁର ଓ ବାଙ୍କବାହାଲ) ରେ ଥିବା 99.320 ହେକ୍ଟର ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ କରିବା ନେଇ ସହମତି ହୋଇପାରି ନଥିଲା । ତୁମୁଳିଆ ଗାଁ କ୍ଷେତ୍ରରେ, 99.901 ହେକ୍ଟର ଜମିର ପରିବର୍ତ୍ତନ ପାଇଁ କୌଣସି ସମ୍ମତି ପ୍ରଦାନ କରାଯାଇ ନଥିଲା । କିନ୍ତୁ ଜିଲ୍ଲାପାଳ ଗ୍ରାମସଭାର ମତକୁ ଅଣ ଦେଖା କରି ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ ପାଇଁ ଏଫ୍‌ଆର୍‌ଏ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

| *ପ୍ରତିଛବି 7.2: ତୁମୁଳିଆ ଗ୍ରାମର ଗ୍ରାମସଭା କାର୍ଯ୍ୟ* | *ପ୍ରତିଛବି 7.3: ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏଫ୍‌ଆର୍‌ଏ ପ୍ରମାଣପତ୍ର* |
|---|---|
| *ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ କରିବାର ନିଷ୍ପତ୍ତି ନେବାପାଇଁ ତୁମୁଳିଆ ଗାଁ ଆଉ ଏକ ଗ୍ରାମସଭା କରିବା ପାଇଁ ସଂକଳ୍ପ ନେଇଥିଲା ।* | *ସୁନ୍ଦରଗଡ଼ ଜିଲ୍ଲାପାଳ ଦେଇଥିବା ଏଫ୍‌ଆର୍‌ଏ ସାର୍ଟିଫିକେଟରେ ତୁମୁଳିଆ ଗ୍ରାମସଭା ସମ୍ମତି ଦେଇଥିବା ଉଲ୍ଲେଖ ଥିଲା ।* |



Pallisabha
Village : Tumulia
Dated : 27.11.2020

In pursuance of letter No.2410, dtd 03.11.2020 of the Block Development Officer, Sundargarh, Notice for conducting Palli Sabha was issued by Shri Kumuda Bandhu Pradhan, Sarpanch, Tumulia to conduct a Palli Sabha.

It is worthy to mentioning here that there is proposal for diversion/ acquisition of 158.37 Acres (64.09 Ha.) of forest land of Tumulia village for Kulda Opencast Expansion Project and 88.49 Acres (35.81 Ha.) forest land of Tumulia village for Siarmal Opencast Project.

Accordingly, a Palli Sabha was held on today dated 27.11.2020 at 11.00 AM at the complex of Gram Panchayat Officer, Tumulia. In this meeting, Shri Kumuda Bandhu Pradhan proposed the name of Smt. Bedamati Biswal, Ward No.3 to preside over the meeting and it was unanimously agreed by all Smt. Sudharani Raudia, Chairman, Panchayat Samiti, Hemgir, Block Development Officer, Hemgir, Tahsildar, Hemgir, Inspector's Incharge, Hemgir Police and public of Tumulia village was present in the meeting & take part in the discussion held. Sub-Collector, Sundargarh was also present in the meeting and take part in the discussion.


The following persons of Tumulia village was present in the meeting and take part in the discussion

Sd/-
Signature of Sub-Collector, Sundargarh, Block Development Officer, Sundargarh, Chairman, Panchayat Samiti, Hemgir, GPEO, Hemgir and other 91 villagers of Tumulia.

In this Palli Sabha, a detailed discussion was held and the villagers were raised the following points :-

1) The resolution for providing employment to all the displaced families of Tumulia village is accepted
2) All the compensation should be released immediately.
3) All the displaced families should be provided with houses.
4) Monetary compensation should be changed to employment.
5) Those persons have exceeded the age as fixed, their nominee should be provided with employment.
6) Those persons should be provided with employment, their names should be published for information of general public.
7) Resolution was passed that displaced families should be provided with facilities of – provision of houses, road-bathing steps, electricity, drinking water etc. all facilities
8) We all the villagers of Tumulia village hereby passed this resolution that compensation, employment should be provided as per the order of Hon'ble Claims Commisison and order of Hon'ble Supreme Court and after receiving Rehabilitation & Resettlement benefit from the Collector, we will again conduct a Palli Sabha and decided to handover our forest land.

Block Development Officer
Hemgir



FORM NO. II
(for projects other than linear projects)
Government of Odisha
Office of the District Collector, Sundargarh
No. 6216 Dt. 14.07.2021
(REVISED CERTIFICATE)
TO WHOMSOEVER IT MAY CONCERN

In compliance of the Ministry of Environment and Forests (MoEF), Government of India's letter No. 11-9/98-FC(Pt) dt. 3rd August, 2009 wherein the MoEF issued guidelines on submission of evidences for having initiated and completed the process of settlement of rights under the Scheduled Tribes and Other Traditional Forest Dwellers (Recognition of Forest Rights) Act, 2006 ('FRA' for short) on the forest land proposed to be diverted for non-forest purposes. It is certified that 349.709 hectares of forest land proposed to be diverted in favour of Siarmal OCP of M/s Mahanadi Coalfields Limited (MCL) for mining purpose in Sundargarh District falls within jurisdiction of village(s) Kulda 9.158 ha., Gopalpur 94.180 ha, Jhupurunga 63.812 ha., Siarmal 79.998 ha., Tumulia 64.091 ha. & Ratansara 48.470 ha. total 349.709 ha. in Hemgir Tahsil.

It is further certified that:

a) The complete process for identification and settlement of rights under the FRA has been carried out for the entire 349.709 hectares of forest land proposed for diversion. A copy of records of all consultation and meetings of the Forest Rights Committee(s), Gram Sabha(s), Sub-Division Level Committee(s) and the District Level Committee are enclosed as annexure 1 to annexure 10
b) The proposal for such diversion (with full details of the project and its implications, in vernacular/ local language) have been placed before each concerned Gram Sabha of forest-dwellers, who are eligible under the FRA.
c) The each of concerned Gram Sabha(s), has certified that all formalities/ processes under the FRA have been carried out, and that they have given their consent to the proposed diversion and the compensation and ameliorative measures, if any, having understood the purpose and details of proposed diversion. A copy of certificate issued by the gram sabha of villages(s) Kulda, Gopalpur, Jhupurunga, Siarmal, Tumulia & Ratansara is enclosed as annexure 1 to annexure 6.
d) The discussion and decisions on such proposals had taken place only when there was a quorum of minimum 50% of the members of Gram Sabha present.
e) The diversion of forest land for facilities managed by the Government as required under section 3 (2) of the FRA have been completed and the Grama Sabhas have given their consent to it.
f) The rights of Primitive Tribal Groups and pre-Agricultural Communities, where applicable have been specifically safeguarded as per section 3 (1) (e) of the FRA.

Encl.. As above

Signature
(Full name and official seal of the District Collector)

- ***ଗ୍ରାମସଭା ବୈଠକ ନକରି ଏଫ୍‌ଆର୍‌ଏ ପ୍ରଦାନ କରିବା :*** ସୁନ୍ଦରଗଡ଼ ଜିଲ୍ଲାର ଲାଲମା (83.240 ହେକ୍ଟର) ଓ ଜାମକାନି (6.060 ହେକ୍ଟର) ସଂରକ୍ଷିତ ଜଙ୍ଗଲର 89.300 ହେକ୍ଟର ଜମିର ବ୍ୟବହାର ପରିବର୍ତ୍ତନ ନେଇ ଜିଏସ୍/ ପଲ୍ଲୀ ସଭା (ପିଏସ୍) ବୈଠକ ବସି ନଥିଲା । ତେବେ, ଜିଏସ୍/ ପିଏସ୍ ସହମତି ପ୍ରାପ୍ତ ହୋଇଥିବା ଦର୍ଶାଇ ଏଫ୍‌ଆର୍‌ଏ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

---
[90] କୁଲଡା, ଝୁପୁରୁଙ୍ଗା, ସିରମାଲ, ରତନସରା ଏବଂ ତେଲେନଡିହି

- ***ଆବଶ୍ୟକ କୋରମ୍ ବିନା ଜିଏସ୍/ ପିଏସ୍‌ର ସହମତି ପ୍ରାପ୍ତ କରିବା:*** କୋରାପୁଟ ଜିଲ୍ଲାର ଦୁଇଟି ଗ୍ରାମ (ପଟ୍ଟାଙ୍ଗି ଏବଂ ସିସାଗୁଡ଼ା) ରେ ଗ୍ରାମସଭା ବୈଠକରେ ଯୋଗଦାନକାରୀଙ୍କ ସଂଖ୍ୟା ଯଥାକ୍ରମେ 18.33 ଏବଂ 20.11 ପ୍ରତିଶତ ଥିଲା ଏବଂ ଗ୍ରାମସଭା ଗୁଡ଼ିକ ଜଙ୍ଗଲ ଜମିକୁ ପରିବର୍ତ୍ତନ କରିବା ପାଇଁ ସମ୍ମତି ପ୍ରଦାନ କରିଥିବା ବିଷୟ କୁହାଯାଇଥିଲା, ଯଦିଓ ଆବଶ୍ୟକ କୋରମ୍ ଅଭାବରୁ ଗ୍ରାମସଭା ଗୁଡ଼ିକର କାର୍ଯ୍ୟାବଳୀ ବୈଧ ନଥିଲା ।

ଏହିପରି, ଏଫ୍‌ଆର୍ ଅଧିନିୟମର ବ୍ୟବସ୍ଥାର ପାଳନକୁ ନିଶ୍ଚିତ ନକରି 1,409.998 ହେକ୍ଟର ଜଙ୍ଗଲ ଜମିର ବ୍ୟବହାର ପରିବର୍ତ୍ତନ ପାଇଁ ଏଫ୍‌ଆର୍‌ଏ ସାର୍ଟିଫିକେଟ ଜାରି କରାଯାଇଥିଲା, ଯାହା ଅନିୟମିତ ଥିଲା ।

ଉତ୍ତରରେ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କୋରାପୁଟ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଭୋଟରମାନେ ଋତୁକାଳିନ କାର୍ଯ୍ୟ ପାଇଁ ବାହାରେ ଥିଲେ, ଯେଉଁଥିପାଇଁ ଆବଶ୍ୟକ କୋରମ୍ ସୁନିଶ୍ଚିତ କରାଯାଇ ପାରିନଥିଲା । ଗ୍ରାମସଭାର ସମ୍ମତି ପାଇଁ ଗ୍ରାମସଭାର ସର୍ବନିମ୍ନ 50 ପ୍ରତିଶତ ସଦସ୍ୟଙ୍କ ଉପସ୍ଥିତି ବାଧ୍ୟତାମୂଳକ ଥିବାରୁ ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା । ସୁନ୍ଦରଗଡ଼ ଜିଲ୍ଲାପାଳ କୌଣସି ଉତ୍ତର ପ୍ରଦାନ କରିନଥିଲେ ।

***ସୁପାରିଶ 7.3: ଗ୍ରାମସଭାର ମତାମତକୁ ଅବମାନନା କରି ଏଫ୍‌ଆର୍‌ଏ ସାର୍ଟିଫିକେଟ୍ ପ୍ରଦାନ ପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଉତ୍ତରଦାୟୀ କରାଯିବା ଉଚିତ୍ ।***

# ଅଧ୍ୟାୟ 8

# ଜମି ଭୂ-ସଂସ୍କାର

# ଅଧ୍ୟାୟ 8

## ଭୂ-ସଂସ୍କାର


**ଓଡ଼ିଶା ଭୂସଂସ୍କାର (ଓଏଲ୍ଆର୍) ଆଇନ 1960 ର ଉଦ୍ଦେଶ୍ୟ ହେଉଛି, ଭୂମିହୀନ ପରିବାରମାନଙ୍କ ମଧ୍ୟରେ ଅନ୍ତିମ ବଣ୍ଟନ କରିବା ସହିତ ଅନୁସୂଚିତ ଜାତି ଭୂମି ବିକ୍ରୟକୁ ନିୟନ୍ତ୍ରଣ ପାଇଁ ସିଲିଂ ବହିର୍ଭୁତ ଜମିକୁ ଅଧିକାରକୁ ନେଇ ଜମିର ନ୍ୟାୟସଙ୍ଗତ ବିତରଣ କରିବା । ଅଡିଟ୍, ସିଲିଂ ବହିର୍ଭୁତ କ୍ଷେତ୍ର ମାମଲାର ନିସ୍ତାରଣର ଅନୁଧାନ କରିଥିଲା ଏବଂ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ ଦେଖାଦେଇଥିଲା:**

- ***ପାଞ୍ଚଟି ନମୁନାକୃତ ଜିଲ୍ଲାରେ 1,220.16 ଏକର ଭୂମିକୁ ନେଇ 50 ଟି ପ୍ରକରଣ ନିସ୍ତାରଣ ପାଇଁ ବକେୟା ଥିଲା । ସେଥିମଧ୍ୟରୁ 4 ଟି ମାମଲା, 1973-74 ରୁ ବିଚାରାଧୀନ ଥିଲା ।***
- ***ସରକାରଙ୍କ ଠାରେ ନିହତ ଥିବା 44,251.943 ଏକର ସୀମାଧିକ ଭୂମି ମଧ୍ୟରୁ, 1,462.622 ଏକର ଭୂମିକୁ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ, 2022 ଡିସେମ୍ବର ସୁଦ୍ଧା ନିଜ ଅଧିକାରକୁ ନେଇ ନଥିଲା ।***
- ***ସରକାର 42,789.321 ଏକର ସିଲିଂ ବଳକା ଭୂମିକୁ ନିଜ ଅଧିକାରକୁ ନେଇଥିଲେ । ତନ୍ମଧ୍ୟରୁ 3,460.678 ଏକର ଭୂମି, ଭୂମିହୀନ ପରିବାରକୁ ବଣ୍ଟନ କରାଯାଇ ନଥିଲା ।***
- ***ନମୁନାକୃତ 8 ଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 2017-22 ମଧ୍ୟରେ ଭୂମି ନିସ୍ତାରଣ ପାଇଁ ଅନୁମତି ମାଗିଥିବା ଅନୁସୂଚିତ ଜନଜାତି ଭୂମି ମାଲିକଙ୍କ 2,626 ଟି ଆବେଦନ ମଧ୍ୟରୁ 635 ଟି ଆବେଦନ 2022 ମାର୍ଚ୍ଚ ସୁଦ୍ଧା ବିଚାରାଧୀନ ଥିଲା ।***
- ***ନମୁନାକୃତ 8 ଟି ଉପ ଜିଲ୍ଲାପପାଳଙ୍କ କାର୍ଯ୍ୟାଳୟରେ, 2017-22 ମଧ୍ୟରେ, ଅନୁସୂଚିତ ଜାତିର ଭୂମି ପୁନରୁଦ୍ଧାର ପାଇଁ 249 ଟି ମାମଲା ଅନୁଷ୍ଠିତ କରାଯାଇଥିଲା । ତନ୍ମଧ୍ୟରୁ 142 ଟି ପ୍ରକରଣ, 2022 ମାର୍ଚ୍ଚ ସୁଦ୍ଧା ନିସ୍ତାରଣ ପାଇଁ ବିଚାରାଧୀନ ଥିଲା ।***
- ***ନମୁନାକୃତ ଛଅଟି ଜିଲ୍ଲାରେ ଚିହ୍ନିତ 21,659 ଚିହ୍ନିତ ଭୂମିହୀନ ପରିବାର ମଧ୍ୟରୁ 898 ଟି ପରିବାର, ବସୁନ୍ଧରା ଯୋଜନାରେ ବାସଗୃହ ଭୂମି ଉପଲବ୍ଧ କରାଯାଇ ନଥିଲା । ଟା ଛଡା ଭୂମିହୀନ ପରିବାର ଚିହ୍ନଟ ପାଇଁ 2018 ରେ ଶେଷଥର ପାଇଁ ସର୍ବେକ୍ଷଣ କରାଯାଇଥିଲା, ଯଦିଓ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟ ପରିଚାଳନା ବିଭାଗଙ୍କର ଆଦେଶ ମତେ, ଏହା ପ୍ରତ୍ୟେକ ତିନି ମାସରେ କରାଯିବାର ଆବଶ୍ୟକ ଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଜି ସ୍ଥାୟୀ ପ୍ରତୀକ୍ଷା ତାଲିକାରେ 7,462 ଭୂମିହୀନ ପରିବାର ଥିବା ସତ୍ତ୍ୱେ, ହୋଇ ନଥିଲା ।***

ଏହି କ୍ରମ ପାଇଁ (i) କୃଷକମାନଙ୍କୁ ଉତ୍ତମ ଅଧିକାର ପ୍ରଦାନ କରିବା, (ii) ଭୂମିର ସମାନ ବଣ୍ଟନ ଦ୍ୱାରା, ଖାଦ୍ୟର ଉତ୍ପାଦନରେ ବୃଦ୍ଧିକୁ ସୁନିଶ୍ଚିତ କରିବା ଏବଂ (iii) ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ଜନସଂଖ୍ୟାର ସମ୍ପତ୍ତି ଅଧିକାର ସୁରକ୍ଷିତ କରିବାକୁ, ରାଜ୍ୟ ସରକାର ଓଡିଶା ଭୂ-ସଂସ୍କାର (ଓଏଲଆର୍) ଆଇନ 1960 ପ୍ରଣୟନ କରିଥିଲେ ।ଏହି ଆଇନରେ ଅନୁସୂଚିତ ଜନଜାତି ଭୂମିର ବିକ୍ରିରେ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ସହିତ ସିଲିଂ ବଳକା ଭୂମିର ବଣ୍ଟନ ଉପରେ ବ୍ୟବସ୍ଥା ରହିଛି ।

ଓଡିଶା ଭୂସଂସ୍କାର ଆଇନ 1960ର , ଧାରା 37 A ଅନୁଯାୟୀ, 5 ଜଣ ସଦସ୍ୟ ବିଶିଷ୍ଟ ପରିବାର ଅଧିନରେ ଥିବା 10 ମାନକ ଏକର[91] ଭୂମିରୁ ଅଧିକ କିମ୍ବା 5 ଜଣରୁ ଅଧିକ ସଦସ୍ୟ ବିଶିଷ୍ଟ ପରିବାର ଅଧିନରେ ଥିବା 18 ମାନକ ଏକର[92] ଭୂମିରୁ ଅଧିକ ଭୂମିକୁ ସିଲିଂ ବଳକା କ୍ଷେତ୍ର ଭାବେ ବିବେଚନା କରାଯାଏ । ସିଲିଂ ବଳକା କ୍ଷେତ୍ର ଚିହ୍ନଟ ହେବାପରେ, ଅଧିକୃତ ରାଜସ୍ୱ ଅଧିକାରୀ ଅର୍ଥାତ୍ ସଂପୃକ୍ତ ତହସିଲଦାର ଏକ ପ୍ରକରଣ ଅନୁଷ୍ଠିତ କରିବେ ଓ ଉପଯୁକ୍ତ ପରୀକ୍ଷା ପରେ ଏହାର ନିସ୍ତାରଣ କରିବେ । ଯଦି ସୀମାଧିକ କ୍ଷେତ୍ର ଥାଏ ତାହା ପ୍ରକାଶ କରିବେ ଓ ସରକାରଙ୍କ ଠାରେ ନିହିତ କରିବେ ଓ ଅଧିକ ଭୂମି ପାର୍ସଲଗୁଡିକୁ ନିଜ ଅଧିକାରକୁ ନେବେ । ଓଏଲ୍ଆର୍ ଅଧିନିୟମର ଧାରା 51 ଅନୁସାରେ ସରକାରଙ୍କ ଠାରେ ନିହିତ ବଳକା ଭୂମିର 70 ପ୍ରତିଶତ ଭୂମିକୁ ସଂପୃକ୍ତ ଗ୍ରାମରେ ସେମାନଙ୍କ ଜନସଂଖ୍ୟା ଅନୁପାତରେ ଏସ୍‌ଟି କିମ୍ବା ଏସ୍‌ସି ସମ୍ବନ୍ଧିତ ଭୂମିହୀନ ବ୍ୟକ୍ତିଙ୍କ ମଧ୍ୟରେ ବନ୍ଦୋବସ୍ତ କରାଯିବ । ଅବଶିଷ୍ଟ ଭୂମି ଅନ୍ୟ ବର୍ଗର ଭୂମିହୀନ ଲୋକମାନଙ୍କ ଠାରେ ବନ୍ଦୋବସ୍ତ କରାଯିବ ଯାହାକି **ଚାର୍ଟ 8.1** ରେ ଦର୍ଶାଯାଇଛି ।

***ଚାର୍ଟ 8.1: ସିଲିଂ ବଳକା ଜମିର ଚିହ୍ନଟ ଏବଂ ବଣ୍ଟନ ପ୍ରକ୍ରିୟା***




ଅଡିଟ୍ ନମୁନାକୃତ 5 ଟି ଜିଲ୍ଲାର ସିଲିଂ ବଳକା ଭୂମି ଚିହ୍ନଟ ଓ ତାହା ଅଧିକାରକୁ ନେବା ମାମଲା ସହିତ ଅଧିକାରକୁ ନେଇଥିବା ଏବଂ ବଣ୍ଟନ ହୋଇଥିବା କ୍ଷେତ୍ରର ମଧ ଯାଞ୍ଚ କରିଥିଲା । (କୋରାପୁଟ ଜିଲ୍ଲାପାଳ ସିଲିଂ ବଳକା ଜମିର ନିହିତ ଏବଂ ବଣ୍ଟନ ସମ୍ବନ୍ଧରେ ସୂଚନା ପ୍ରଦାନ କରିନଥିଲେ) ।

## 8.1 ସିଲିଂ ବଳକା ଜମି ମାମଲା ଗୁଡ଼ିକର ନିସ୍ତାରଣ

ଛଅଟି[93] ନମୁନାକୃତ ଜିଲ୍ଲାରୁ, 5 ଟିରେ ଅନୁଷ୍ଠିତ, ନିସ୍ତାରିତ ଓ ନିସ୍ତାରଣ ପାଇଁ ବିଚାରାଧୀନ ଥିବା ଏବଂ ବିଚାରାଧୀନ ମାମଲାଗୁଡ଼ିକରେ ସଂପୃକ୍ତ କ୍ଷେତ୍ର **ସାରଣୀ 8.1** ରେ ସାରଣୀଭୁକ୍ତ କରାଯାଇଛି ।

---

91 'ମାନକ ଏକର' ର ଅର୍ଥ ଏକ ଏକର ପ୍ରଥମ ଶ୍ରେଣୀର (ଜଳସେଚିତ ଭୂମି ଯେଉଁଥିରେ ଗୋଟିଏ ବର୍ଷରେ ଦୁଇ କିମ୍ବା ତଦୁର୍ଦ୍ଧ୍ୱ ଶସ୍ୟ ଚାଷ କରାଯାଇ ପାରିବ), ଦ୍ୱିତୀୟ ଶ୍ରେଣୀର ଦେଢ଼ ଏକର ଭୂମି (ଜଳ ସେଚନ ଭୂମି ଯେଉଁଥିରେ ଗୋଟିଏ ରୁ ଅଧିକ ଶସ୍ୟ ଚାଷ ହୋଇପାରିବ ନାହିଁ), ତୃତୀୟ ଶ୍ରେଣୀର 3 ଏକର ଭୂମି (ବିନା ଜଳସେଚିତ ଭୂମି, ଯେଉଁଥିରେ ଗୋଟିଏ ବର୍ଷରେ ଧାନ ଚାଷ କରାଯାଇ ପାରିବ) କିମ୍ବା ଚତୁର୍ଥ ଶ୍ରେଣୀର ସାଢେ ଚାରି ଏକର ଭୂମି (ଅନ୍ୟ ଯେକୌଣସି ଭୂମି)

92 ପାଞ୍ଚ ଜଣରୁ ଅଧିକ ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଦୁଇ ମାନକ ଏକର ବୃଦ୍ଧି କରାଯିବ । ତେବେ ସିଲିଂ କ୍ଷେତ୍ରଫଳ 18 ମାନକ ଏକର ରୁ ଅଧିକ ହେବ ନାହିଁ

93 କୋରାପୁଟ ଜିଲ୍ଲାପାଳ ସିଲିଂ ବଳକା ମାମଲାଗୁଡ଼ିକର ଗଠନ ଏବଂ ନିସ୍ତାରଣ ଉପରେ ସୂଚନା ପ୍ରଦାନ କରିନଥିଲେ

*ସାରଣୀ 8.1: ସିଲିଂ ବଳକା କ୍ଷେତ୍ର ମାମଲା ଗୁଡ଼ିକର ବିଚାରାଧୀନତା*

| ଜିଲ୍ଲା | ଅନୁଷ୍ଠିତ ହୋଇଥିବା ମାମଲାଗୁଡ଼ିକର ସଂଖ୍ୟା | ନିଷ୍ପାରିତ ହୋଇଥିବା ମାମଲାଗୁଡ଼ିକର ସଂଖ୍ୟା | ନିଷ୍ପାରଣ ପାଇଁ ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା | ବିଚାରାଧୀନ ମାମଲାଗୁଡ଼ିକର ଗୁଡ଼ିକର ସଂପୃକ୍ତ କ୍ଷେତ୍ରଫଳ |
|---|---|---|---|---|
| କଳାହାଣ୍ଡି | 5,448 | 5,414 | 34 | 449.39 |
| କେନ୍ଦୁଝର | 1,522 | 1,519 | 3 | 269.57 |
| ମୟୁରଭଞ୍ଜ | 1,035 | 1,031 | 4 | 305.47 |
| ନବରଙ୍ଗପୁର | 850 | 843 | 7 | 130.01 |
| ସୁନ୍ଦରଗଡ଼ | 2,717 | 2,715 | 2 | 65.72 |
| ମୋଟ | **11,572** | **11,522** | **50** | **1,220.16** |

***(ଉତ୍ସ: ନମୁନାକୃତ ଜିଲ୍ଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)***

ନମୁନାକୃତ ଜିଲ୍ଲାର ତହସିଲଦାରମାନେ ଆୟ/ ସଞ୍ଚୟ ଅନୁଯାୟୀ ମାମଲା ଗୁଡ଼ିକର ବିଚାରାଧୀନ ଉପରେ ତଥ୍ୟ ସଂରକ୍ଷଣ କରି ନଥିଲେ । ତେବେ, ଅଡିଟ୍ ଲକ୍ଷ୍ୟ କଲା ଯେ ବିଚାରାଧୀନ ମାମଲା ଗୁଡ଼ିକରୁ ଚାରୋଟି ମାମଲା, 1973-74 ରୁ ବିଚାରାଧୀନ[94] ଅଛି ।

ଏହାର ଉତ୍ତରରେ, ସୁନ୍ଦରଗଡ଼ ଓ କଳାହାଣ୍ଡି ଜିଲ୍ଲାପାଳ, ବିଚାରାଧୀନ ଥିବା ମାମଲା ଗୁଡ଼ିକର ନିଷ୍ପାରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୟୁରଭଞ୍ଜ, କେଉଁଝର ଏବଂ ନବରଙ୍ଗପୁର ଜିଲ୍ଲାପାଳଙ୍କ ପ୍ରତିକ୍ରିୟା (ଅକ୍ଟୋବର 2023 ସୁଦ୍ଧା) ମିଳି ନଥିଲା ।


## 8.2 ସିଲିଂ ବଳକା ଜମିର ଅଧିକାରକୁ ନେବା ଓ ବଣ୍ଟନ

ନମୁନାକୃତ ପାଞ୍ଚଟି ଜିଲ୍ଲାରେ 44,251.943 ଏକର ବଳକା ଭୂମି, ସରକାରଙ୍କ ଠାରେ ନିହିତ ରହିଥିଲା । ସେଥିମଧ୍ୟରୁ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ 42,789.321 ଏକର (96.69 ପ୍ରତିଶତ) ଭୂମିକୁ ନିଜ ଅଧିକାରକୁ ନେଇଥିବା ବେଳେ 1,462.622 ଏକର (3.31 ପ୍ରତିଶତ) ଭୂମିକୁ ଛାଡ଼ି ଦେଇଥିଲେ, ଯାହା ନିଜ ଅଧିକାରକୁ ନେଇ ନଥିଲେ । ଅଧିକାରରେ ଥିବା 42,789.321 ଏକର ଭୂମି ମଧ୍ୟରୁ ମାର୍ଚ୍ଚ 2022 ସୁଦ୍ଧା, 39,328.643 ଏକର (91 ପ୍ରତିଶତ) ଭୂମି 30,487 ଜଣ ଭୂମିହୀନ ବ୍ୟକ୍ତିଙ୍କୁ[95] ବଣ୍ଟନ କରାଯାଇଥିଲା ଏବଂ ଡିସେମ୍ବର 2022 ସୁଦ୍ଧା 3,460.678 ଏକର ଭୂମି ସରକାରଙ୍କ ପାଖରେ ପଡ଼ି ରହିଥିଲା । ଅନ୍ୟ ପକ୍ଷରେ, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ (ଅଗଷ୍ଟ 2021) ଅନୁଯାୟୀ, ନମୁନାକୃତ ପାଞ୍ଚଟି ଜିଲ୍ଲାରେ, 7,462 ଭୂମିହୀନ ପରିବାରଙ୍କୁ, ସେମାନଙ୍କ ନାମରେ ଭୂମି ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଆବାସୀୟ ସହାୟତା ପାଇଁ ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ବିଭିନ୍ନ ବର୍ଗର ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟା ଯାଇଥିବା ଭୂମି ଭାଗକୁ **ଚାର୍ଟ 8.2** ରେ ଦର୍ଶାଯାଇଛି ।

94 ସୁନ୍ଦରଗଡ଼:2 ଏବଂ ନବରଙ୍ଗପୁର: 2

95 ଏସ୍‌ଟି: 14,584, ଏସ୍‌ସି: 7,706 ଏବଂ ଅନ୍ୟାନ୍ୟ ବର୍ଗ: 8,197

*ଚାର୍ଟ 8.2: ବିଭିନ୍ନ ବର୍ଗ ମଧ୍ୟରେ ସିଲିଂ ବଳକା ଭୂମିର ବଣ୍ଟନ*




### 8.2.1 1,462.622 ଏକର ସିଲିଂ ବଳକା ଭୂମିକୁ ନିଜ କରାୟତକୁ ନନେବା

ଓଡ଼ିଶା ଭୂ-ସଂସ୍କାର ଅଧିନିୟମ 1960 ର ଧାରା 45- A ଅନୁଯାୟୀ, ବଳକା ଭୂମିକୁ ନିଜ କରାୟତରେ ରଖିଥିବା ବ୍ୟକ୍ତିମାନେ, ଏହି ଭୂମି ସରକାରଙ୍କ ଠାରେ ନିହିତ ହେବା ବିଧିର ପନ୍ଦର ଦିନ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କୁ ହସ୍ତାନ୍ତର କରିବା କଥା । ଯଦି ଉକ୍ତ ବିଧିରେ ଏହି ଭୂମିରେ କୌଣସି ଶସ୍ୟ ଥାଏ, ତେବେ ସେହି ଶସ୍ୟ ଅମଳ କରିବାର ପନ୍ଦର ଦିନ ମଧ୍ୟରେ ଭୂମିକୁ ଅଧିକାରକୁ ନିଆଯିବ ।

ଅଡିଟ୍ ଅବଲୋକନ କଲା ଯେ ପାଞ୍ଚଟି ନମୁନାକୃତ ଜିଲ୍ଲାରେ 1,462.622 ଏକର ବଳକା ଭୂମି ସରକାରଙ୍କ ଠାରେ ନିହିତ ଥିବା ସତ୍ତ୍ୱେ, ଏହାକୁ ଅଧିକାରକୁ ନିଆଯାଇ ନଥିଲା । ଏ ସମ୍ବନ୍ଧରେ ଅଭିଲେଖରେ ରେକର୍ଡରେ ଉଲ୍ଲେଖ ଥିବା କାରଣଗୁଡ଼ିକ **ସାରଣୀ 8.2** ରେ ଦର୍ଶାଯାଇଛି:

*ସାରଣୀ 8.2: ନିହିତ ସିଲିଂ ବଳକା ଭୂମିର ଅଧିକାରକୁ ନ ନେବାର କାରଣଗୁଡ଼ିକ*

| କାରଣଗୁଡ଼ିକ | କ୍ଷେତ୍ରଫଳ ଏକରରେ |
|---|---|
| ମକଦ୍ଦମାରେ ଅଟକି ଥିବା | 1,345.30 |
| ବୈଧତା ସ୍ଥାନାନ୍ତର | 15.68 |
| ଅନ୍ୟାନ୍ୟ କାରଣ | 94.532 |
| କାରଣ ରେକର୍ଡରେ ନାହିଁ | 7.11 |
| **ମୋଟ** | **1,462.622** |

*(ଉତ୍ସ: ନମୁନାକୃତ ଜିଲ୍ଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)*

'ବୈଧତା ସ୍ଥାନାନ୍ତର' ର ଅର୍ଥ ରେକର୍ଡରେ ନଥିଲା । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀମାନେ 'ଅନ୍ୟାନ୍ୟ କାରଣ' ଅଧୀନରେ ଉଲ୍ଲେଖ ଥିବା ମାମଲା ଗୁଡ଼ିକର ବିଚାରାଧୀନତାର କାରଣ ମଧ୍ୟ ବ୍ୟାଖ୍ୟା କରିପାରି ନଥିଲେ ।

### 8.2.2 3,460.678 ଏକର ସିଲିଂ ବଳକା ଭୂମିର ବଣ୍ଟନ ନହେବା

ଅଡିଟ୍ ପାଞ୍ଚଟି ନମୁନାକୃତ ଜିଲ୍ଲାରେ ଅବଲୋକନ କଲା ଯେ ସରକାରଙ୍କ ଠାରେ ନିହିତ ଥିବା 3,460.678 ଏକର ସିଲିଂ ବଳକା ଭୂମିକୁ ଯୋଗ୍ୟ ପରିବାରକୁ ବଣ୍ଟନ କରାଯାଇ ନଥିଲା । ଡିସେମ୍ବର 2022 ସୁଦ୍ଧା ଜିଲ୍ଲା ଅନୁଯାୟୀ ଅଧିକାର କରାଯାଇଥିବା ଓ ବଣ୍ଟନ କରାଯାଇଥିବା ଭୂମି **ସାରଣୀ 8.3** ରେ ଦର୍ଶାଯାଇଛି ।

**ସାରଣୀ 8.3: ଜିଲ୍ଲା ଅନୁଯାୟୀ ସିଲିଂ ବଳକା ଭୂମିର ବଣ୍ଟନ ନହେବା ସ୍ଥିତି**

| ଜିଲ୍ଲା | ଅଧିକାର କରାଯାଇଥିବା କ୍ଷେତ୍ରଫଳ (ଏକରରେ) | ବଣ୍ଟନ ଭୂମିର କ୍ଷେତ୍ରଫଳ (ଏକରରେ) | ଅବଶିଷ୍ଟ ସରକାରଙ୍କ ପାଖରେ (ଏକରରେ) |
|---|---|---|---|
| କଳାହାଣ୍ଡି | 25,372.66 | 23,842.58 | 1,530.08 |
| କେନ୍ଦୁଝର | 1,419.015 | 1,306.945 | 112.07 |
| ମୟୁରଭଞ୍ଜ | 4,059.19 | 2,841.37 | 1,217.82 |
| ନବରଙ୍ଗପୁର | 2,880.356 | 2,832.368 | 47.988 |
| ସୁନ୍ଦରଗଡ଼ | 9,058.10 | 8,505.38 | 552.72 |
| ମୋଟ | **42,789.321** | **39,328.643** | **3,460.678** |

*(ଉତ୍ସ: ନମୁନାକୃତ ଜିଲ୍ଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)*

ଅଡିଟ୍ ଅବଲୋକନ କଲା ଯେ:

- ସରକାରଙ୍କ ଦ୍ୱାରା ସେପ୍ଟେମ୍ବର 2019 ରେ ମୟୁରଭଞ୍ଜ ଜିଲ୍ଲାର ବାରିପଦା ତହସିଲରେ 900.7 ଏକର ସିଲିଂ ବଳକା ଭୂମିକୁ ନିଜ ଅଧିକାରକୁ ନିଆଯାଇଥିଲା । ତେବେ, ଉକ୍ତ ଭୂମିକୁ ଯୋଗ୍ୟ ଭୂମିହୀନ ପରିବାର ମଧ୍ୟରେ ବଣ୍ଟନ କରାଯାଇ ନଥିଲା ।
- 204.482 ଏକର[96] ଭୂମି ବଣ୍ଟନ କରାଯାଇନଥିଲା, ଯାହାର କାରଣ ବିସ୍ତୃତ ସଠିକ କାରଣ ବିନା ଅନ୍ୟାନ୍ୟ ବିବିଧ କାରଣ ବୋଲି ଉଲ୍ଲେଖ କରାଯାଇଥିଲା ।
- ସରକାରଙ୍କ ପାଖରେ ଥିବା ଅବଶିଷ୍ଟ ଜମିର ବଣ୍ଟନ ହୋଇନଥିଲା ଏବଂ ତା ପାଇଁ କୌଣସି କାରଣ ରେକର୍ଡରେ ନଥିଲା ।

### 8.2.3 ଆବଣ୍ଟିତ ସିଲିଂ ବଳକା ଭୂମିର ଆର୍‌ଓଆର୍ ରେ ସୀମା ନିର୍ଦ୍ଧାରଣ ଓ ପଟ୍ଟା ସଂଶୋଧନ ନ କରିବା

ସିଲିଂ ବଳକା ଭୂମିର ବନ୍ଦୋବସ୍ତ ପରେ, ଯେଉଁ ବ୍ୟକ୍ତି/ ପରିବାରଙ୍କୁ ଭୂମି ବଣ୍ଟନ କରାଯାଇଥିଲା, ସେମାନଙ୍କ ନାମରେ ଦର୍ଶାଇବା ପାଇଁ, ଆର୍‌ଓଆର୍ ପଟ୍ଟା ସଂଶୋଧନ ଓ ସୀମା ନିର୍ଦ୍ଧାରଣ କରିବାର ଥିଲା । ଏ ସମ୍ବନ୍ଧରେ ଅଡିଟ୍ ଅବଲୋକନ କଲା ଯେ:

- ନମୁନାକୃତ ତିନିଟି ଜିଲ୍ଲାରେ 2,818.24 ଏକର[97] ସିଲିଂ ବଳକା ଭୂମିକୁ ଯେଉଁ ବ୍ୟକ୍ତି/ ପରିବାରଙ୍କୁ ଆବଣ୍ଟନ କରାଯାଇଥିଲା, ସେମାନଙ୍କ ସପକ୍ଷରେ ଆର୍‌ଓଆର୍ ସଂଶୋଧନ କରାଯାଇ ନଥିଲା ।
- ସୁନ୍ଦରଗଡ଼ ତହସିଲରେ 1977 ରୁ 1983 ମଧ୍ୟରେ 16.64 ଏକର[98] ସିଲିଂ ବଳକା ଭୂମି ବଣ୍ଟନ କରାଯାଇଥିଲା, କିନ୍ତୁ ବଣ୍ଟନ କରାଯାଇଥିବା ପରିବାରଙ୍କ ସପକ୍ଷରେ ଆର୍‌ଓଆର୍ ସଂଶୋଧନ କରାଯାଇ ନଥିଲା ଏବଂ ସେହି ଭୂମି "ବେବନ୍ଦୋବସ୍ତ" ଯଥା-ଅମୀମାଂସିତ ସ୍ବୀକୃତ ବର୍ଗରେ ରହିଗଲା । ଆବଣ୍ଟିତ କରାଯାଇଥିବା ପରିବାରଙ୍କ ନାମରେ ଆର୍‌ଓଆର୍ ନଥିବାରୁ, ତହସିଲଦାର ସେହି ଜମି ସରକାରଙ୍କ ନିକଟରେ ରଖିଥିଲେ (ସେପ୍ଟେମ୍ବର 2020) । ତେଣୁ, ପଟ୍ଟା ସଂଶୋଧନ ନହେବା ଯୋଗୁଁ, ଯେଉଁ ଭୂମି, ଭୂମିହୀନ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା, ସରକାରଙ୍କ ପାଖକୁ ଫେରି ଆସିଥିଲା ।
- କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ, ଚମ୍ପୁଆ ତହସିଲରେ ବଣ୍ଟନ ହୋଇଥିବା ସମସ୍ତ ସିଲିଂ ବଳକା ଭୂମିର ପଟ୍ଟା ସଂଶୋଧନ କରାଯାଇଥିଲା । ତେବେ, ଅଡିଟ୍ ଅବଲୋକନ କଲା ଯେ ପାର୍ବତୀପୁର ଓ ସିଙ୍ଗମଜୁନି (ଅଧୁନା ଝୁମ୍ପୁରା ତହସିଲରେ ଆସୁଛି) ଗ୍ରାମର ଚାରି ଜଣ (ଅନୁସୂଚିତ ଜନଜାତି-3 ଓ ଅନୁସୂଚିତ ଜାତି-1) ଭୂମିହୀନଙ୍କ ବ୍ୟକ୍ତିଙ୍କୁ ଦିଆଯାଇଥିବା 5.60 ଏକର ଭୂମିର

96 ସୁନ୍ଦରଗଡ଼: 69.20 ଏକର, କେନ୍ଦୁଝର: 95.71 ଏକର, ମୟୁରଭଞ୍ଜ: 25 ଏକର ଏବଂ ନବରଙ୍ଗପୁର: 14.572 ଏକର

97 କଳାହାଣ୍ଡି:1,358.61 ଏକର, ମୟୁରଭଞ୍ଜ; 536.67 ଏକର ଏବଂ ସୁନ୍ଦରଗଡ଼:922.96 ଏକର

98 ଗ୍ରାମ ବିରିବିରା: 6.26 ଏକର ଏବଂ ଗ୍ରାମ ଧଉଳଖମଣ: 10.38 ଏକର

ଆର୍‌ଓଆର୍ ସଂଶୋଧନ କରାଯାଇ ନଥିଲା । ଆର୍‌ଓଆର୍ ଗୁଡିକ ସିଲିଂ ବଳକା ଭୂମିଧାରୀଙ୍କ[99] ନାମରେ (5.19 ଏକର) ଉଲ୍ଲେଖ ଅଛି ଏବଂ ସିଲିଂ ବଳକା ଭୂମିଧାରୀଙ୍କ ଦ୍ୱାରା 1992 ଓ 2005 ମସିହା ମଧ୍ୟରେ ସେମାନଙ୍କୁ ହସ୍ତାନ୍ତରିତ ହୋଇଥିବା ଅନ୍ୟ ଦୁଇ ଜଣ ବ୍ୟକ୍ତିଙ୍କ ନାମରେ (0.41 ଏକର) ଥିଲା ।

- 1,736.61 ଏକର (କଳାହାଣ୍ଡି:1437.61 ଏକର, ମୟୁରଭଞ୍ଜ: 205.08 ଏକର, ସୁନ୍ଦରଗଡ଼: 93.92 ଏକର) ସିଲିଂ ବଳକା ଭୂମିର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା, ଯଦିଓ, ଉକ୍ତ ଭୂମି, ଭୂମିହୀନ ପରିବାରଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

***ସୁପାରିଶ 8.1: ସିଲିଂ ବହିର୍ଭୁତ ଜମି ଅକ୍ତିଆର ପାଇଁ ଆରମ୍ଭ କରାଯାଇଥିବା ମାମଲାଗୁଡିକ ଯଥା ଶୀଘ୍ର ସମାଧାନ କରାଯିବା ଉଚିତ୍ । ସରକାର, ସିଲିଂ ବଳକା ଜମିକୁ ନିଜ ଅକ୍ତିଆରକୁ ନିଅନ୍ତୁ ଏବଂ ଯୋଗ୍ୟ ଜନସାଧାରଣଙ୍କ ମଧ୍ୟରେ ଯଥାଶୀଘ୍ର ଆବଣ୍ଟନକୁ ସୁନିଶ୍ଚିତ କରନ୍ତୁ ।***

## 8.3 ଅନୁସୂଚିତ ଜାତି ଭୂମିର ପୁନରୁଦ୍ଧାର

ଓଡ଼ିଶା ଭୂସଂସ୍କାର ଆଇନ୍ 1960 ର ଧାରା 22 ଓ 23 ଅନୁଯାୟୀ ଅନୁସୂଚିତ ଜାତି ସମ୍ବନ୍ଧିତ ଯେକୌଣସି ଭୂମି ହସ୍ତାନ୍ତର ନିଷ୍ଫଳ ବୋଲି ମାନ୍ୟ ହେବ, ଯଦି ଏହା ଅନୁସୂଚିତ ଜାତିର ଲୋକଙ୍କ ସପକ୍ଷରେ ନ ଥିବ କିମ୍ବା ଜଣେ ରାଜସ୍ୱ ଅଧିକାରୀଙ୍କ ଲିଖିତ ପୂର୍ବ ଅନୁମୋଦନ ସହିତ ଅଣ ଅନୁସୂଚିତ ଜାତିର ଲୋକଙ୍କ ସପକ୍ଷରେ ହସ୍ତାନ୍ତର କରାଯାଇଥିବ ।

ଓଡିଶା ଭୂସଂସ୍କାର ଅଧିନିୟମ, 1960 ଧାରା 23 ଅନୁଯାୟୀ ଯେତେବେଳେ ଜଣେ ବ୍ୟକ୍ତି, ବଳପୂର୍ବକ ବା ଅନ୍ୟ ଉପାୟରେ, ଅନୁସୂଚିତ ଜାତି ବ୍ୟକ୍ତିର ଭୂମିକୁ ଅବୈଧ ଅଧିକାର କରିବାର ଜଣା ପଡିବ , ରାଜସ୍ୱ ଅଧିକାରୀ ଉକ୍ତ ବ୍ୟକ୍ତିକୁ ଅବୈଧ ଅଧିକାର ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରିବେ ଓ ଉକ୍ତ ପ୍ରଜା[100] ରଇତ କିମ୍ବା ତାଙ୍କର ଉତ୍ତରାଧିକାରୀକୁ ସମ୍ପତ୍ତି ପୁନରୁଦ୍ଧାର କରିବେ । ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ (ଜାନୁଆରୀ 2021) ଦେଇଥିଲେ ଯେ ସମସ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳ, ଓଏଲଆର୍ ଅଧିନିୟମ 1960 ଅଧୀନରେ ଧାରା 23 ଓ 23 A ଅଧୀନରେ ପଞ୍ଜିକୃତ ହୋଇଥିବା ମାମଲାଗୁଡିକର, ଯଦି କୌଣସି ବୈଧାନିକ କାରଣ ନ ଥାଏ,ଏହି ପ୍ରକରଣଗୁଡିକ ଅନୁଷ୍ଠିତ ହେବାର 12 ମାସ ମଧ୍ୟରେ ନିଷ୍ଚିତ ଭାବରେ ନିସ୍ତାରଣ କରିବେ ।

### *8.3.1 ଅନୁସୂଚିତ ଜାତି ଭୂମି ବିକ୍ରି ଅନୁମତି ସଂପର୍କିତ ମାମଲା ଗୁଡିକର ନିସ୍ତାରଣରେ ବିଳମ୍ବ*

ନମୁନାକୃତ 8ଟି ଉପ ଜିଲ୍ଲାପାଳଙ୍କ ରେକର୍ଡ ଅନୁଧ୍ୟାନରୁ ଜଣାପଡିଲା ଯେ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଅନୁସୂଚିତ ଜାତି ବ୍ୟକ୍ତିର ଭୂମି, ବିକ୍ରୟ ପାଇଁ ଅନୁମତି ଚାହୁଁଥିବା 2,626ଟି ଆବେଦନ ନିସ୍ତାରଣ ପାଇଁ ଉପଲବ୍ଧ ଥିଲା । ଏଥିମଧ୍ୟରୁ, ମାର୍ଚ୍ଚ 2022 ସୁଦ୍ଧା, 1,991ଟି ମାମଲା ନିସ୍ତାରିତ ହୋଇଥିଲା । ଅବଶିଷ୍ଟ 635ଟି ମାମଲା ବିଚାରାଧୀନ ରହିଥିଲା । ଯାହା **ସାରଣୀ 8.4** ରେ ସବିଶେଷ ବର୍ଣ୍ଣନା କରାଯାଇଛି ।

***ସାରଣୀ 8.4: ଉପଜିଲ୍ଲାପାଳ କାର୍ଯ୍ୟାଳୟ ଅନୁଯାୟୀ ବିଚାରାଧୀନ ମାମଲା***

| ଉପଜିଲ୍ଲାପାଳ କାର୍ଯ୍ୟାଳୟ | ମାମଲା ସଂଖ୍ୟା | | | | |
|---|---|---|---|---|---|
| | ବନ୍ଦୋବସ୍ତ ପାଇଁ ଉପଲବ୍ଧ | ନିସ୍ତାରିତ | ମାର୍ଚ୍ଚ 2022 ସୁଦ୍ଧା ବିଚାର | ଅଡିଟ୍ ନମୂନା ଯାଞ୍ଚ | ବିଚାରାଧୀନତାର ଅବଧି (ମାସରେ) |
| ବାରିପଦା | 170 | 145 | 25 | 0 | - |
| ଭବାନୀପାଟଣା | 1,772 | 1,392 | 380 | 10 | 5 ରୁ 38 |
| ଚମ୍ପୁଆ | 55 | 43 | 12 | 12 | 4 ରୁ 26 |
| କପ୍ତିପଦା | 67 | 42 | 25 | 20 | 3 ରୁ 51 |
| କୋରାପୁଟ | 192 | 144 | 48 | 10 | 18 ରୁ 34 |

99 ପ୍ରକୃତ ଭୂମିର ମାଲିକ, ସିଲିଂ ବଳକା ଭୂମି ଯାହାଠାରୁ ସରକାରଙ୍କ ଠାରେ ନିହିତ ହୋଇଥିଲା

100 ଜଣେ ବ୍ୟକ୍ତି, ଯିଏ ଚାଷ କରିବା ଉଦ୍ଦେଶ୍ୟରେ ଭୂମି ରଖିବା ପାଇଁ ଅଧିକାର ଗ୍ରହଣ କରିଛି

| ଉପଜିଲ୍ଲାପାଳ କାର୍ଯ୍ୟାଳୟ | ମାମଲା ସଂଖ୍ୟା | | | | |
|---|---|---|---|---|---|
| | ବନ୍ଦୋବସ୍ତ ପାଇଁ ଉପଲବ୍ଧ | ନିସ୍ତାରିତ | ମାର୍ଚ୍ଚ 2022 ସୁଦ୍ଧା ବିଚାର | ଅଡିଟ୍ ନମୁନା ଯାଞ୍ଚ | ବିଚାରାଧୀନତାର ଅବଧି (ମାସରେ) |
| ନବରଙ୍ଗପୁର | 148 | 48 | 100 | 10 | 24 ରୁ 51 |
| ପାନପୋଷ | 45 | 42 | 3 | 0 | - |
| ସୁନ୍ଦରଗଡ଼ | 177 | 135 | 42 | 10 | 6 ରୁ 33 |
| ମୋଟ | **2,626** | **1,991** | **635** | **72** | |

*(ଉତ୍ସ: ନମୁନାକୃତ ଉପଜିଲ୍ଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)*

ନମୁନାକୃତ ଛଅଟି ଉପଜିଲ୍ଲାପାଳଙ୍କ[101] କାର୍ଯ୍ୟାଳୟର 72 ଟି ମାମଲାକୁ ଅଡିଟ୍ ପରୀକ୍ଷା କରିଥିଲା ଓ ଲକ୍ଷ୍ୟ କଲା ଯେ:

- ସଂପୃକ୍ତ ତହସିଲଦାର ଓ ଅନ୍ୟ କାର୍ଯ୍ୟ ନିର୍ବାହୀଙ୍କ ଠାରୁ ଆବଶ୍ୟକୀୟ ବିବରଣୀ ପ୍ରାପ୍ତ ହୋଇଥିବା ସତ୍ତ୍ୱେ, 10ଟି ବିଚାରାଧୀନ ମାମଲା 5 ଜଣ ଉପ ଜିଲ୍ଲାପାଳମାନେ[102] ନିସ୍ତାରଣ କରିନଥିଲେ ।
- ଛଅ ଜଣ ଉପ-ଜିଲ୍ଲାପାଳଙ୍କ[103] ଠାରେ ବିଚାରାଧୀନ ଅବଶିଷ୍ଟ 62ଟି ମାମଲା ସମ୍ବନ୍ଧରେ, ସଂପୃକ୍ତ ତହସିଲଦାର ଓ କାର୍ଯ୍ୟ ନିର୍ବାହୀଙ୍କ ଠାରୁ ବିବରଣୀ ପ୍ରାପ୍ତ ହୋଇନଥିଲା ।
- ଚିକିତ୍ସା, ନିଜ ପିଲାଙ୍କ ବିବାହ, ଆଇନଗତ ଆବଶ୍ୟକତା, ଘର ନିର୍ମାଣ ଆଦି ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଭୂମି ବିକ୍ରି କରିବାକୁ ସଂପୃକ୍ତ ଆବେଦନକାରୀ ଅନୁମତି ମାଗିଥିଲେ । ଏଭଳି ବାଧ ବାଧକତା ଥିବା ସତ୍ତ୍ୱେ 3 ମାସରୁ 51 ମାସର ଅବଧି ପର୍ଯ୍ୟନ୍ତ ଏହି ମାମଲା ଗୁଡ଼ିକର ନିସ୍ତାରଣ ହୋଇପାରି ନଥିଲା ।

ମାମଲା ଗୁଡ଼ିକର ନିସ୍ତାରଣରେ ବିଳମ୍ବ ଯୋଗୁଁ ଅନୁସୂଚିତ ଜାତିର ଆବେଦନକାରୀ ଏହି ଅଧିନିୟମରେ ପ୍ରଦତ୍ତ ଧାର୍ଯ୍ୟ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ ।

### 8.3.2 ଅନୁସୂଚିତ ଜାତି ବ୍ୟକ୍ତିଙ୍କ ଭୂମି ପୁନରୁଦ୍ଧାର ପାଇଁ ଅନୁଷ୍ଠିତ ହୋଇଥିବା ମାମଲା ଗୁଡ଼ିକର ବିଚାରାଧୀନତା

ମାର୍ଚ୍ଚ 2022 ସୁଦ୍ଧା, ନମୁନାକୃତ ଆଠଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ସମ୍ବନ୍ଧିତ ଭୂମିର ପୁନରୁଦ୍ଧାର ପାଇଁ ଅନୁଷ୍ଠିତ ହୋଇଥିବା, ମାମଲା ଗୁଡ଼ିକର ସ୍ଥିତି ସହିତ ସେଗୁଡିକର ନିସ୍ତାରଣ ଏବଂ ବିଚାରାଧୀନତା **ସାରଣୀ 8.5** ରେ ଦର୍ଶାଯାଇଛି ।

***ସାରଣୀ 8.5: ଜିଲ୍ଲା ଅନୁଯାୟୀ ମାମଲା ଗୁଡ଼ିକର ଅନୁଷ୍ଠାନ ନିସ୍ତାରଣ ଓ ବିଚାରାଧୀନତାର ସ୍ଥିତି***

| ଉପଜିଲ୍ଲାପାଳ | ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ଭୂମିର ପୁନରୁଦ୍ଧାର ମାମାଲା ଗୁଡ଼ିକର ସଂଖ୍ୟା | | |
|---|---|---|---|
| | ଅନୁଷ୍ଠିତ | ନିସ୍ତାରିତ | ମାର୍ଚ୍ଚ 2022 ସୁଦ୍ଧା ବିଚାରାଧୀନ |
| ବାରିପଦା | 53 | 36 | 17 |
| ଭବାନୀପାଟଣା | 49 | 16 | 33 |
| ଚମ୍ପୁଆ | 48 | 42 | 6 |
| କଣ୍ଟିପଦା | 7 | 4 | 3 |
| କୋରାପୁଟ | 15 | 0 | 15 |
| ନବରଙ୍ଗପୁର | 21 | 0 | 21 |
| ପାନପୋଷ | 11 | 4 | 7 |
| ସୁନ୍ଦରଗଡ଼ | 45 | 5 | 40 |
| ମୋଟ | **249** | **107** | **142** |

*(ଉତ୍ସ: ନମୁନାକୃତ ଉପଜିଲ୍ଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ରେକର୍ଡ)*

[101] ସୁନ୍ଦରଗଡ଼: 10; କଣ୍ଟିପଦା: 20; କୋରାପୁଟ: 10; ଚମ୍ପୁଆ: 12; ଭବାନୀପାଟଣା: 10; ନବରଙ୍ଗପୁର: 10

[102] ଭବାନୀପାଟଣା:03, ଚମ୍ପୁଆ: 02, କଣ୍ଟିପଦା: 01; କୋରାପୁଟ:03; ସୁନ୍ଦରଗଡ଼: 01

[103] ଭବାନୀପାଟଣା:07; ଚମ୍ପୁଆ: 10; କଣ୍ଟିପଦା: 19; କୋରାପୁଟ:07; ନବରଙ୍ଗପୁର:10; ସୁନ୍ଦରଗଡ଼: 09

ଅଡିଟ୍ 72 ଟି ବିଚାରାଧୀନ ମାମଲା[104] ଗୁଡ଼ିକର ରେକର୍ଡ ପରୀକ୍ଷା କରିଥିଲା ଓ ନିମ୍ନୋକ୍ତ ବିଷୟ ଅବଲୋକନ କରିଥିଲା:

- ଜୁନ୍ 2003 ରୁ ନଭେମ୍ବର 2021 ମଧ୍ୟରେ, ନମୁନାକୃତ ଛଅଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା 21 ଟି ମାମଲାରେ, ଉପଜିଲ୍ଲାପାଳମାନେ ତଦନ୍ତ ବିବରଣୀ ଦେବାକୁ ତହସିଲଦାର ମାନଙ୍କୁ କହି ନଥିଲେ ।
- 35 ଟି ମାମଲାରେ ଏହି ବିବରଣୀ ପ୍ରଦାନ ପାଇଁ ନିର୍ଦ୍ଦେଶର ତାରିଖ ଠାରୁ ଦେବାର 4 ରୁ 90 ମାସ ବିତି ଯାଇଥିଲେ ମଧ୍ୟ, ତହସିଲଦାରମାନେ ତଦନ୍ତ ବିବରଣୀ ପ୍ରଦାନ କରିନଥିଲେ ।
- ଅଡିଟ୍ ଅବଶିଷ୍ଟ 16 ଟି ମାମଲାର ଯାଞ୍ଚ କଲା, ଯେଉଁଠାରେ ତହସିଲଦାରମାନଙ୍କ ଦ୍ୱାରା ବିବରଣୀ ପ୍ରଦାନ (ଅଗଷ୍ଟ 2017 ରୁ ଅଗଷ୍ଟ 2022) କରାଯାଇଥିବା ସତ୍ତ୍ୱେ, ଉପଜିଲ୍ଲାପାଳଙ୍କ ଦ୍ୱାରା ମାମଲା ଗୁଡ଼ିକର ନିସ୍ତାରଣ ହୋଇନଥିଲା । ତହସିଲଦାରମାନେ ପ୍ରଦାନ କରିଥିବା 16 ମାମଲାକୁ ଅଡିଟ୍ ପରୀକ୍ଷା କରିଥିଲା ଏବଂ ଦେଖିବାକୁ ପାଇଲା ଯେ ପାଞ୍ଚଟି ମାମଲାରେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ 3.70 ଏକର ଭୂମି ଅନଧିକୃତ ଭାବେ ଦଖଲ କରାଯାଇଥିବାର ତହସିଲଦାରମାନେ ଦର୍ଶାଇଥିଲେ । ଏକ ଉଦାହରଣ ନିମ୍ନରେ ଦର୍ଶାଗଲା:

**ମାମଲା ଅଧ୍ୟୟନ: 8.1**

**କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ମାମଲା ସଂଖ୍ୟା 03/15 ରେ ଅଭିଯୋଗକାରୀ (ଜଣେ ଅନୁସୂଚିତ ଜାତିର ବ୍ୟକ୍ତି) ତାଙ୍କର ତିନି ଏକର ଭୂମିକୁ[105] ଏକ ସରକାରୀ କାର୍ଯ୍ୟାଳୟ ଅର୍ଥାତ୍ ସହକାରୀ ଶଲ୍ୟ, ପଶୁ ଚିକିତ୍ସା, ନନ୍ଦପୁର ଦ୍ୱାରା ଅନଧିକୃତ ଅଧିକାର କରାଯାଇଥିବାର ଆରୋପ କରି ଏକ ଅଭିଯୋଗ ଦାୟର (ଅକ୍ଟୋବର 2015) କରିଥିଲେ । ନନ୍ଦପୁର ତହସିଲଦାର ତାଙ୍କ ବିବରଣୀରେ ଦର୍ଶାଇଛନ୍ତି (ଅଗଷ୍ଟ 2017), ଯେ ଉକ୍ତ ଭୂମି ଅଭିଯୋଗକାରୀଙ୍କ ନାମରେ ଅଭିଲିଖିତ ଥିଲା, କିନ୍ତୁ ବ୍ଲକ୍ ପଶୁ ଚିକିତ୍ସା ବିଭାଗ 1.70 ଏକର ଭୂମିରେ କର୍ମଚାରୀ ନିବାସ ଏବଂ ରାସ୍ତା ସହିତ ଔଷଧାଳୟ ନିର୍ମାଣ କରିଥିଲେ ଏବଂ ଅବଶିଷ୍ଟ 1.30 ଏକର ଜମି ବିନା କୌଣସି ନିର୍ମାଣରେ ନିଜ ଅଧିକାରରେ ଥିଲା । ଏହା ମଧ୍ୟ ବିବରଣୀରେ ଦିଆଯାଇଥିଲା ଯେ ସମସ୍ତ ତିନି ଏକର ଜମିର ଅଭିଲିଖିତ ପ୍ରଜା ଦ୍ୱାରା 1960 ରେ ଏକ ଅଣପଞ୍ଜିକୃତ ଦାନପତ୍ର ମାଧ୍ୟମରେ ଯୋଗ୍ୟ ଅଧିକାରୀଙ୍କ ବିନା ବୈଧ ଅନୁମତିରେ ଦାନ କରିଥିଲେ ଏବଂ ଦାନ କରାଯାଇଥିବା ଭୂମି ପରିବର୍ତ୍ତେ ଭୂମି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରିବାର କୌଣସି ଉଲ୍ଲେଖ ନଥିଲା । ତହସିଲଦାରଙ୍କର ଏହି ବିବରଣୀ ସତ୍ତ୍ୱେ, ପ୍ରାୟ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ଉପଜିଲ୍ଲାପାଳ ପିଟିସନ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।**

### *8.3.3* ଡେଲିଭରୀ ୱାରେଣ୍ଟ୍ ସତ୍ତ୍ୱେ, ଅନୁସୂଚିତ ଜାତିର ଜମି ପୁନରୁଦ୍ଧାର ନକରିବା

ଦୁଇ ଜିଲ୍ଲାରେ (ମୟୁରଭଞ୍ଜ ଓ କେନ୍ଦୁଝର) ମାର୍ଚ୍ଚ 2002 ସୁଦ୍ଧା 107.533 ଏକର ଭୂମିକୁ ନେଇ 265 ଟି ଡେଲିଭରୀ ୱାରେଣ୍ଟ୍ କାର୍ଯ୍ୟକାରୀ ପାଇଁ ବିଚାରାଧୀନ ଥିଲା । 2.343 ଏକର ଭୂମି ସମ୍ବନ୍ଧିତ 12 ଟି ବିଚାରାଧୀନ ୱାରେଣ୍ଟ୍‌କୁ ଅଡିଟ୍ ନମୂନା ଯାଞ୍ଚ କରିଥିଲା ଓ ଅବଲୋକନ କଲା ଯେ ତହସିଲଦାରଙ୍କ ଦ୍ୱାରା ସେଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ତିନି ରୁ ସାତ ବର୍ଷ ପର୍ଯ୍ୟନ୍ତ ବିଚାରାଧୀନ ଥିଲା । ଉପଜିଲ୍ଲାପାଳମାନେ ଏହି ୱାରେଣ୍ଟ୍ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇନଥିଲେ । ଏହା ଯୋଗୁଁ ଅନୁସୂଚିତ ଜାତି ଭୂମି ମାଲିକମାନେ ସେମାନଙ୍କ ଭୂମିରୁ ବଞ୍ଚିତ ହୋଇ ଚାଲିଥିଲେ ।

[104] ବାରିପଦା: 17; ସୁନ୍ଦରଗଡ଼: 7; କପ୍ତିପଦା: 3; କୋରାପୁଟ: 10; ଚମ୍ପୁଆ: 6; ଭବାନୀପାଟଣା: 12; ନବରଙ୍ଗପୁର: 10; ପାନପୋଷ: 7

[105] ଗ୍ରାମ ନନ୍ଦପୁର, ଖାତା ସଂଖ୍ୟା. 13, ପ୍ଲଟ ସଂଖ୍ୟା. 108, ନନ୍ଦପୁର ତହସିଲ ଅଧିନସ୍ଥ

## 8.4 'ବସୁନ୍ଧରା' ଯୋଜନା ଅଧିନରେ ବାସହୀନ ପରିବାରକୁ ବାସଗୃହ ଭୂମି ବଣ୍ଟନ

ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ''ବସୁନ୍ଧରା'' ନାମରେ ଏକ ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ (1974-75), ଯାହାର ଉଦ୍ଦେଶ୍ୟ ଥିଲା ରାଜ୍ୟର ଗ୍ରାମାଞ୍ଚଳରେ ଯୋଗ୍ୟ ବାସହୀନ ଲୋକଙ୍କୁ[106] 0.04 ଏକର ପର୍ଯ୍ୟନ୍ତ ବାସଗୃହ ପାଇଁ ସରକାରୀ ଭୂମି ବିନା ଶୁଳ୍କରେ ପ୍ରଦାନ କରିବା । ଏହି ବିଭାଗ (ଡିସେମ୍ବର 2017) ସ୍ପଷ୍ଟ କରିଛି ଯେ ବାସଗୃହ ଆବଣ୍ଟନ ଏକ ନିରନ୍ତର ପ୍ରକ୍ରିୟା ହେବ । କାରଣ ଜନ ସଂଖ୍ୟା ବୃଦ୍ଧି ପାଇବା ସହିତ ପରିବାର ଗୁଡ଼ିକ ଭାଗ ହୋଇ ଯାଉଛନ୍ତି । ବ୍ୟକ୍ତିମାନେ ବିବାହ କରୁଛନ୍ତି ଓ ନୂତନ ପରିବାର ସ୍ଥାପନ କରୁଛନ୍ତି । ଏହି ବିଭାଗ ମଧ୍ୟ ନିର୍ଦ୍ଦେଶ ଦେଇଛି ଯେ ଅଭିଳାଷୀ ପରିବାରମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇ ଯୋଗ୍ୟ ପରିବାରଙ୍କୁ ବାସଗୃହ ପାଇଁ ଭୂମି ସବୁ ତ୍ରୈମାସିକ ଭିତ୍ତିରେ ଯୋଗାଇ ଦିଆଯିବ ଏବଂ ଘରଡିହହୀନ ପରିବାରଙ୍କ ତାଲିକା ଅଦ୍ୟତନ କରାଯିବ ।

### *8.4.1 ବାସଗୃହ ଜମି ନଥିବା ପରିବାର ଚିହ୍ନଟ ପାଇଁ ନିୟମିତ ପର୍ଯ୍ୟବେକ୍ଷଣ ନକରିବା*

ବାସହୀନ ପରିବାର ଚିହ୍ନଟ ପାଇଁ ଶେଷ ପର୍ଯ୍ୟବେକ୍ଷଣ 2018 ରେ କରାଯାଇଥିଲା, ଯଦିଓ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ତ୍ରୈମାସିକରେ ଏହା କରିବାର ଥିଲା । ଏହି ପରିପ୍ରେକ୍ଷୀରେ ଅଡିଟ୍ ଅବଲୋକନା କଲା ଯେ:

- ସମ୍ପୃକ୍ତ ରାଜସ୍ୱ ନୀରିକ୍ଷକଙ୍କ ସହିତ ଅଡିଟ୍ ଦ୍ୱାରା ମିଳିତ ହିତାଧିକାରୀ ପର୍ଯ୍ୟବେକ୍ଷଣ (ସେପ୍ଟେମ୍ବର 2022 ରୁ ଜାନୁଆରୀ 2023) ସମୟରେ, ତିନିଟି ତହସିଲରେ ଚାରିଟି ଗ୍ରାମର, 78 ଟି ପରିବାର[107] ସୁଚନା ଦେଲେ ଯେ ସେମାନେ ବାସହୀନ ଥିଲେ ଓ ଦୀର୍ଘ ସମୟ ଧରି ସରକାରୀ ଭୂମିରେ ରହୁଛନ୍ତି । ସେମାନେ ବାସଗୃହ ଜମି ଆବଣ୍ଟନ ପାଇଁ ଆବେଦନ କରିଥିଲେ । କିନ୍ତୁ, ସେମାନଙ୍କୁ କୌଣସି ଭୂମି ଯୋଗାଇ ଦିଆଯାଇ ନଥିଲା (ଡିସେମ୍ବର 2022 ସୁଦ୍ଧା) ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ତଥ୍ୟ ଅନୁସାରେ, ଫେବୃଆରୀ 2021 ସୁଦ୍ଧା ରାଜ୍ୟରେ 46,949 ଭୂମିହୀନ ପରିବାର, ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଘର ମଞ୍ଜୁର ପାଇଁ ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ଥିଲେ । ନମୁନାକୃତ ଛଅଟି ଜିଲ୍ଲାରେ ସ୍ଥାୟୀ ପ୍ରତୀକ୍ଷା ତାଲିକା (ପିଡବ୍ଲୁଏଲ୍) ଅନ୍ତର୍ଭୁକ୍ତ ଭୂମିହୀନ ପରିବାରଙ୍କ ସଂଖ୍ୟା 7,462 ଥିଲା, ଯାହା **ସାରଣୀ 8.6** ରେ ଦର୍ଶାଯାଇଛି ।

***ସାରଣୀ 8.6: ପିଡବ୍ଲୁଏଲ୍‌ରେ ଅନ୍ତର୍ଭୁକ୍ତ ଭୂମିହୀନ ପରିବାରଙ୍କର ନମୁନା ଜିଲ୍ଲା ଅନୁଯାୟୀ ସ୍ଥିତି***

| ଜିଲ୍ଲା | ପିଡବ୍ଲୁଏଲ୍‌ରେ ଅନ୍ତର୍ଭୁକ୍ତ ଭୂମିହୀନ ପରିବାର ସଂଖ୍ୟା |
|---|---|
| କଳାହାଣ୍ଡି | 533 |
| କୋରାପୁଟ | 0 |
| କେନ୍ଦୁଝର | 842 |
| ମୟୁରଭଞ୍ଜ | 4,988 |
| ନବରଙ୍ଗପୁର | 813 |
| ସୁନ୍ଦରଗଡ଼ | 286 |
| **ମୋଟ** | **7,462** |

***(ଉତ୍ସ: ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗର ରେକର୍ଡ)***

ଅଡିଟ୍ ଲକ୍ଷ୍ୟ କଲା ଯେ, ଯଦିଓ ବସୁନ୍ଧରା ଯୋଜନା 1974-75 ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିଲା, ସମୟ ସମୟରେ ଭୂମିହୀନ ପରିବାରଙ୍କ ଚିହ୍ନଟ ସୁନିଶ୍ଚିତ କରାଯାଇ ନଥିଲା, ଯାହା ଯୋଗୁଁ ଏହା ଭୂମିହୀନ ପରିବାରମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆର୍ଥିକ ସହାୟତାରେ ବାସଗୃହ ଜମି ଯୋଗାଇ ଦିଆଯାଇ ନଥିଲା

[106] ଯେଉଁ ପରିବାରଙ୍କ ପାଖରେ ଅନ୍ୟ କୌଣସି ପ୍ରକାର ଭୂମି ନାହିଁ ଏବଂ ସେଥିରେ ସେ ବ୍ୟକ୍ତିର ଉତ୍ତରାଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଯେଉଁମାନଙ୍କର ବାର୍ଷିକ ଆୟ ସରକାରଙ୍କ ଦ୍ୱାରା ସମୟକ୍ରମେ ନିର୍ଦ୍ଧାରିତ ପରିମାଣରୁ ଅଧିକ ନୁହେଁ

[107] ସୁନ୍ଦରଗଡ଼ ତହସିଲ ଅଧିନସ୍ଥ କୁନ୍ଦକେଲା ଓ ଦେଉଳି ଗ୍ରାମ: 38 ଟି ପରିବାର; କୋରାପୁଟ ତହସିଲ ଅଧିନସ୍ଥ ଲାଖପୁଟ ଗ୍ରାମ: 37 ଟି ପରିବାର; ବିଶ୍ରା ତହସିଲ ଅଧିନସ୍ଥ ଜରେଇକେଲା ଗ୍ରାମ: 03 ଟି ପରିବାର

ଯାହାଦ୍ୱାରା ସେମାନେ ନିଜର ଏକକ ବାସଗୃହ ନିର୍ମାଣ ପାଇଁ ସକ୍ଷମ ହୋଇଥାନ୍ତେ । 'ସମସ୍ତଙ୍କ ପାଇଁ ଆବାସ' ଅଭିଯାନ ଲକ୍ଷ୍ୟ ପ୍ରାପ୍ତି କରିବାରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କର ଉଦାସୀନତାର ନିଦର୍ଶନ ଥିଲା ।

ତେଣୁ, ନିୟମିତ ସର୍ବେକ୍ଷଣ ନ ହେବା ଯୋଗୁଁ ଯୋଗ୍ୟ ହିତାଧିକାରୀମାନେ ବସୁନ୍ଧରା ଯୋଜନାରେ ବାସଗୃହ ଭୂମି ପାଇବାରୁ ବଞ୍ଚିତ ହୋଇଥିଲେ ।

ଉତ୍ତରରେ, ସୁନ୍ଦରଗଡ଼ ଜିଲ୍ଲାପାଳ ଏବଂ ବଡ଼ବିଲ, ବିଶ୍ରା, ଚମ୍ପୁଆ, କୋରାପୁଟ ଓ ସୁନ୍ଦରଗଡ଼ ତହସିଲଦାରମାନେ ପ୍ରତିଶ୍ରୁତି ଦେଇଥିଲେ ଯେ ବାସହୀନ ପରିବାର ମାନଙ୍କର ଚିହ୍ନଟ ପାଇଁ ନିୟମିତ ସର୍ବେକ୍ଷଣ ପାଇଁ ପଦକ୍ଷେପ ନିଆଯିବ ।

### 8.4.2 ବାସହୀନ ପରିବାରଙ୍କୁ ବାସଗୃହ ଭୂମି ଆବଣ୍ଟନ

ମାର୍ଚ୍ଚ 2022 ସୁଦ୍ଧା ଛଅଟି ନମୁନାକୃତ ଜିଲ୍ଲାରେ ବାସହୀନ ବ୍ୟକ୍ତିଙ୍କ ଚିହ୍ନଟ ଏବଂ ବାସଗୃହ ଭୂମି ଆବଣ୍ଟନ କାର୍ଯ୍ୟର ପ୍ରଗତି **ସାରଣୀ 8.7** ରେ ଦିଆଯାଇଛି ।

***ସାରଣୀ 8.7: ଯୋଗାଇ ଦିଆଯାଇଥିବା ବାସଗୃହ ଭୂମିର ନମୁନା ଜିଲ୍ଲାନୁଯାୟୀ ସ୍ଥିତି***

| ଜିଲ୍ଲାର ନାମ | ଚିହ୍ନଟ ହୋଇଥିବା ପରିବାର ସଂଖ୍ୟା | ବାସଗୃହ ଭୂମି ଯୋଗାଇ ଦିଆଯାଇଥିବା ପରିବାର ସଂଖ୍ୟା | ବାସଗୃହ ଭୂମି ଯୋଗାଇ ଦିଆଯାଇ ନଥିବା ପରିବାର ସଂଖ୍ୟା | ବାସଗୃହ ଭୂମି ଯୋଗାଇ ଦିଆଯାଇ ନଥିବା ପରିବାର ସଂଖ୍ୟା ପ୍ରତିଶତ |
|---|---|---|---|---|
| କଳାହାଣ୍ଡି | 3,777 | 3,777 | 0 | 0 |
| କେନ୍ଦୁଝର | 2,165 | 2,000 | 165 | 7.62 |
| କୋରାପୁଟ | 5,150 | 4,736 | 414 | 8.00 |
| ମୟୁରଭଞ୍ଜ | 1,335 | 1,263 | 72 | 5.39 |
| ନବରଙ୍ଗପୁର | 5,354 | 5,354 | 0 | 0 |
| ସୁନ୍ଦରଗଡ଼ | 3,878 | 3,631 | 247 | 6.37 |
| ମୋଟ | **21,659** | **20,761** | **898** | **4.15** |

***(ଉତ୍ସ: ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗର ରେକର୍ଡ)***

**ସାରଣୀ 8.7** ରୁ ଦେଖାଯାଇପାରେ ଯେ କେବଳ ଦୁଇଟି ଜିଲ୍ଲା ଯଥା, କଳାହାଣ୍ଡି ଓ ନବରଙ୍ଗପୁରରେ ଚିହ୍ନଟ ହୋଇଥିବା ବାସଗୃହହୀନ ସମସ୍ତ ପରିବାରମାନଙ୍କୁ ବାସଗୃହ ଭୂମି ଯୋଗାଇ ଦିଆଯାଇଥିଲା । ଅନ୍ୟ ଜିଲ୍ଲା ଗୁଡ଼ିକରେ 5.39 ରୁ 8 ପ୍ରତିଶତ ଚିହ୍ନଟ ପରିବାରମାନଙ୍କୁ ବାସଗୃହ ଭୂମି ଯୋଗାଇ ଦେବାକୁ ବାକି ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ କୋରାପୁଟ ଜିଲ୍ଲାର ପାଞ୍ଚ ଜଣ ତହସିଲଦାର, ସରକାରୀ ଭୂମି ଉପଲବ୍ଧ ନଥିବା ଦର୍ଶାଇ 414 ଜଣ ଯୋଗ୍ୟ ବାସଗୃହହୀନ ବ୍ୟକ୍ତିଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ଅଧିକ ଅନୁଧ୍ୟାନରୁ ଜଣାପଡ଼ିଲା ଯେ, ଆର୍‌ଡିଏମ୍ ବିଭାଗ, କୋରାପୁଟ ଜିଲ୍ଲାପାଳଙ୍କୁ, ବାସଗୃହହୀନ ପରିବାରଙ୍କୁ ବାସଗୃହ ଭୂମି ଯୋଗାଇଦେବାକୁ ଘରୋଇ ଭୂମି କିଣିବା ପାଇଁ 26.52 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ (ନଭେମ୍ବର 2013) । ଜିଲ୍ଲାପାଳ ଏହି ପାଣ୍ଠିକୁ 202 ଜଣ ପରିବାରଙ୍କୁ ବାସଗୃହ ଭୂମି ଯୋଗାଇ ଦେବାକୁ ନାରାୟଣ ପାଟଣା ତହସିଲଦାରଙ୍କୁ ଘରୋଇ ଭୂମି କିଣିବା ପାଇଁ ଦେଇଥିଲେ । ତେବେ ତହସିଲଦାର ଉକ୍ତ ପାଣ୍ଠିକୁ 2020 ମସିହାରେ ଫେରାଇ ଦେଇଥିଲେ । ଏହି ଅର୍ଥ ପରିମାଣ ଫେରାଇ ଦେବାର କାରଣ ସମୀକ୍ଷାକୁ ପ୍ରକାଶ କରାଯାଇ ନଥିଲା । ତେଣୁ, ବାସଗୃହହୀନ ପରିବାରଙ୍କ ବାସଗୃହ ଭୂମି ଯୋଗାଇ ଦେବା ପାଇଁ ଘରୋଇ ଭୂମି କିଣିବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ମଧ୍ୟ ସରକାରୀ ଭୂମି ନଥିବା ଦର୍ଶାଇ 414 ଜଣ ଯୋଗ୍ୟ ହିତାଧିକାରୀଙ୍କର ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ପ୍ରାପ୍ତି ହୋଇନଥିଲା (ଅକ୍ଟୋବର 2023) ।

### 8.4.3 ବସୁନ୍ଧରା ଯୋଜନା ଅନ୍ତର୍ଗତ ବଣ୍ଟନ ହୋଇଥିବା ଭୂମିର ସୀମା ନିର୍ଦ୍ଧାରଣ ନହେବା

ଅଡିଟ୍ ପରୀକ୍ଷଣରୁ ଜଣାଗଲା ଯେ ସୁନ୍ଦରଗଡ଼ ଜିଲ୍ଲାପାଳ, ବସୁନ୍ଧରା ଯୋଜନା ଅଧିନରେ 140 ଜଣ ବାସଗୃହହୀନ ବ୍ୟକ୍ତିଙ୍କୁ, ଲାଠିକଟା ତହସିଲ ଅନ୍ତର୍ଗତ ଗର୍ଜନ ଗ୍ରାମରେ (40), ରାଜଗାଙ୍ଗପୁର ତହସିଲ ଅନ୍ତର୍ଗତ ଗଡ଼ିଆମୁଣ୍ଡା ଗ୍ରାମରେ (100) ବାସଗୃହ ଭୂମି ଯୋଗାଇ ଦେଇଥିଲେ (1983 ଓ 1985 ରେ) । ତେବେ ଯେଉଁ ଭୂମି ବଣ୍ଟନ ହୋଇଥିଲା, ତାହାର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା । ଏହି ଗ୍ରାମବାସୀମାନେ ବଣ୍ଟନ ହୋଇଥିବା ଭୂମିର ସୀମା ନିର୍ଦ୍ଧାରଣ ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ସେମାନଙ୍କ ଅଭିଯୋଗ ରଖିଥିଲେ (ଡିସେମ୍ବର 2020 ଏବଂ ଫେବୃଆରୀ 2021) । ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ଡିସେମ୍ବର 2020 ଏବଂ ଫେବୃଆରୀ 2021), ଏ ବିଷୟରେ ଆବଶ୍ୟକ ପଦକ୍ଷେପ ନେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଉତ୍ତରରେ, ଲାଠିକଟା ତହସିଲଦାର ସୂଚନା ଦେଇଥିଲେ ଯେ, ଚାରିଜଣ ଲୋକ ଆବଣ୍ଟିତ ଭୂମିକୁ ଅଧିକାର କରିଛନ୍ତି ଓ ଏହାର ସୀମା ନିର୍ଦ୍ଧାରଣକୁ ବିରୋଧ କରୁଛନ୍ତି । ତହସିଲଦାର ଅନଧିକାର ଦଖଲ ମାମଲାଗୁଡ଼ିକର ଅନୁଷ୍ଠିତ କରିବା ଓ ବିଚାର କରିବା ପାଇଁ ଯୋଗ୍ୟ ଅଧିକାରୀ ହୋଇଥିବା ସତ୍ତ୍ୱେ, ଏ ଦିଗରେ କୌମସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । ଏହାପରେ ତହସିଲ କିମ୍ବା ଜିଲ୍ଲା ସ୍ତରରେ ଉକ୍ତ ଭୂମିର ସୀମା ନିର୍ଦ୍ଧାରଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା, ଯେଉଁଥି ପାଇଁ ଏହି ଗ୍ରାମର ଲୋକମାନେ ଆବଣ୍ଟିତ ଭୂମିରେ ଘର ନିର୍ମାଣ କରିବାକୁ ସକ୍ଷମ ହୋଇପାରି ନଥିଲେ ।

ଅଡିଟ୍ ନମୁନାକୃତ 12 ଟି ତହସିଲରେ ବସୁନ୍ଧରା ଯୋଜନା ଅନ୍ତର୍ଗତ ବାସଗୃହ ଭୂମି ବଣ୍ଟନ କରାଯାଇ ଥିବା 108 ଜଣ ହିତାଧିକାରୀଙ୍କର ସର୍ବେକ୍ଷଣ କରିଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ, 37 ଜଣ ହିତାଧିକାରୀଙ୍କ[108] ସପକ୍ଷରେ ଆବଣ୍ଟିତ 1.54 ଏକର ଭୂମିର ସୀମା ନିର୍ଦ୍ଧାରଣ କରାଯାଇ ନଥିଲା । ଏତଦ୍‌ବ୍ୟତୀତ, ଅଡିଟ୍ ଲକ୍ଷ୍ୟ କଲା ଯେ ଆବଣ୍ଟିତ ଭୂମିର ସୀମା ନିର୍ଦ୍ଧାରଣ ନହେବା ଯୋଗୁଁ ବଡ଼ବିଲ ତହସିଲରେ ଚାରି ଜଣ ହିତାଧିକାରୀଙ୍କୁ ପିଏମ୍‌ୱାଇ ଅଧିନରେ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ମଧ୍ୟ ଘର ନିର୍ମାଣ ପାଇଁ ସକ୍ଷମ ହୋଇପାରି ନଥିଲେ । ଯାହାଦ୍ୱାରା ଏହି ହିତାଧିକାରୀମାନଙ୍କୁ ଘର ନିର୍ମାଣ କରିବାକୁ ସକ୍ଷମ ହୋଇନଥିଲେ ଏବଂ ଏହିପରି ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନାରେ ଲାଭ ପାଇବାରୁ ବଞ୍ଚିତ ହୋଇଥିଲେ ।

ଏହାର ଉତ୍ତରରେ, ସୁନ୍ଦରଗଡ଼ ଜିଲ୍ଲାପାଳ ଏବଂ ବଡ଼ବିଲ ଓ ବିଶ୍ରା ତହସିଲଦାରମାନେ ବସୁନ୍ଧରା ଯୋଜନାରେ ଆବଣ୍ଟିତ ଭୂମିର ସୀମା ନିର୍ଦ୍ଧାରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ, ଯେତେବେଳେ କି ବାରିପଦା, କୋରାପୁଟ ଓ ଥୁଆମୂଳରାମପୁର ତହସିଲଦାରମାନେ କୌଣସି ଉତ୍ତର ଦେଇନଥିଲେ ।

## 8.5 ଗ୍ରାମକଣ୍ଠପରମ୍ବୋକ୍ (ଜିକେପି) ଭୂମିର ବନ୍ଦୋବସ୍ତ ନକରିବା

ଓଡ଼ିଶା ସରକାରୀ ଭୂମି ବନ୍ଦୋବସ୍ତ (ସଂଶୋଧନ) ନିୟମାବଳୀ 2010 ଅନୁଯାୟୀ, ଜଣେ ବ୍ୟକ୍ତି ଯିଏ ପ୍ରଥାଗତ ଅଧିକାରୀ ବା ବ୍ୟବହାରର ପ୍ରୟୋଗରେ ଜିକେପି[109] ଭୂମିର ଅଧିକାରୀ ଥିବ କିମ୍ବା ଯେଉଁମାନେ ହସ୍ତାନ୍ତରଣ ମାଧ୍ୟମରେ, ଏକ ପଞ୍ଜୀକୃତ ହସ୍ତାନ୍ତର ଡିଡ୍ ମାଧ୍ୟମରେ ଏଭଳି ଭୂମିର ଅଧିକାର ଅଧିଗ୍ରହଣ କରିଥିବେ, ସେହି ବ୍ୟକ୍ତି, ନିର୍ଦ୍ଧାରିତ ତାରିଖ ଯଥା, 26 ଫେବୃଆରୀ 2009 ର ଅତିକମରେ ତିନି ବର୍ଷ ପୂର୍ବରୁ ଅଧିକାରରେ ଥିବ, ବାସଗୃହ ଉଦ୍ଦେଶ୍ୟରେ ନିଜ ସପକ୍ଷରେ ଭୂମି ବନ୍ଦୋବସ୍ତ ପାଇଁ ଯୋଗ୍ୟ ବିବେଚିତ ହେବେ ।

ସିମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ ରେକର୍ଡ ଯାଞ୍ଚରୁ ଜଣାପଡ଼ିଲା ଯେ 2018 ମସିହାରେ କାକି ମୌଜାରେ 0.44 ଏକର ଜିକେପି ଭୂମି ବନ୍ଦୋବସ୍ତ ପାଇଁ 26 ଜଣ ଅନୁସୂଚିତ ଜାତି/ ଜନଜାତି ଲୋକମାନେ ଆବେଦନ କରିଥିଲେ । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନେ ବିବରଣୀ ଦେଇଥିଲେ (ଜାନୁଆରୀ 2019)ଯେ ସେମାନଙ୍କ ପୂର୍ବପୁରୁଷ ସମୟରୁ ଭୂମିଗୁଡ଼ିକ ଆବେଦନକାରୀଙ୍କ ପ୍ରକୃତ ଅଧିକାରରେ ରହି ଆସିଥିଲା ଏବଂ ସେମାନେ ଏହିପରି ଜମିର ସେମାନଙ୍କ ପକ୍ଷରେ ବନ୍ଦୋବସ୍ତ ପାଇଁ ଯୋଗ୍ୟ ଥିଲେ । ତହସିଲଦାର ମଧ୍ୟ ଆବେଦନକାରୀଙ୍କ ସପକ୍ଷରେ ଭୂମି ବନ୍ଦୋବସ୍ତକୁ ଅନୁମୋଦନ କରିଥିଲେ (ଫେବୃଆରୀ 2019) । ଯେହେତୁ, ଭୂମି ଗୁଡ଼ିକ ଏକ ସହରାଞ୍ଚଳ ସମ୍ବନ୍ଧିତ ଥିଲା, ମାମଲା ରେକର୍ଡ ଗୁଡ଼ିକ, କୋରାପୁଟ ଉପଜିଲ୍ଲାପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଗଲା (ନଭେମ୍ବର 2019) କିଛି

[108] ବାରିପଦା: 6; ବିଶ୍ରା: 4; କୋରାପୁଟ: 11; ଥୁଆମୁଳରାମପୁର: 12; ବଡ଼ବିଲ: 4

[109] ଏକ ପ୍ରକାର ସରକାରୀ ଜମି

ତ୍ରୁଟିର[110] ଅନୁପାଳନା ପରେ, ମାମଲା ରେକର୍ଡଗୁଡ଼ିକୁ ପୁନର୍ବାର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ସହିତ ଫେରସ୍ତ କରାଗଲା (ନଭେମ୍ବର 2019) । ତଥାପି, ଦୁଇ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ତହସିଲଦାର ଏସବୁ ତ୍ରୁଟି ସଂଶୋଧନ କରି ନଥିଲେ । ଫଳତଃ, ଉପରୋକ୍ତ ଅନୁସୂଚିତ ଜାତି/ ଜନଜାତି ବ୍ୟକ୍ତିଙ୍କ ସପକ୍ଷରେ ଏହି ଜିକେପି ଭୂମି ବନ୍ଦୋବସ୍ତ ହୋଇପାରି ନଥିଲା (ସେପ୍ଟେମ୍ବର 2022 ସୁଦ୍ଧା) ।

ଏହାର ଉତ୍ତରରେ, ତହସିଲଦାର କହିଥିଲେ ଯେ, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ବିବରଣୀ ମିଳିବା ପରେ ପରବର୍ତ୍ତୀ ଅନୁପାଳନ ପ୍ରଦାନ କରାଯିବ ।

***ସୁପାରିଶ 8.2: ଭୂମିହୀନ ପରିବାରମାନଙ୍କର ସର୍ବେକ୍ଷଣ ସମୟ ଅବଧିରେ କରାଯିବା ଉଚିତ୍ ଓ ଚିହ୍ନଟ ହୋଇଥିବା ଭୂମିହୀନ ପରିବାରଙ୍କୁ ବାସଗୃହ ନିର୍ମାଣ ପାଇଁ ବାସଗୃହ ଜମି ଯୋଗାଇ ଦିଆଯିବା ଉଚିତ୍ ।***

110 ସଂଯୁକ୍ତ ଶୀର୍ଷକ ପୃଷ୍ଠାକୁ ସଂଲଗ୍ନ ନକରିବା, ସାଧାରଣ ଉଦଘୋଷଣା ପ୍ରକାଶ ନକରିବା, ସାକ୍ଷୀଙ୍କର ସାକ୍ଷର ଅନୁପଲବ୍ଧତା, ଶୁଳ୍କ ଜମା ନକରିବା, ପୃଷ୍ଠାଙ୍କିତ ନକରିବା, ସଂଲଗ୍ନ କାଗଜପତ୍ର ସତ୍ୟାପନ ନକରିବା ଇତ୍ୟାଦି

# ଅଧ୍ୟାୟ 9

# ନିରୀକ୍ଷଣ ଏବଂ ପ୍ରବର୍ତ୍ତନ

# ଅଧ୍ୟାୟ 9

## ନିରୀକ୍ଷଣ ଏବଂ ପ୍ରବର୍ତ୍ତନ

**ଆରଡିଏମ୍ ବିଭାଗ ଦ୍ୱାରା ନିରୀକ୍ଷଣ ଏବଂ ପ୍ରବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡିକ ନିମ୍ନଲିଖିତ ଅଟେ:**

- ***ସର୍ବସାଧାରଣ ଉଦ୍ଦେଶ୍ୟରେ 1963-64 ରୁ 2018 ମଧ୍ୟରେ ଅଧିଗ୍ରହଣ ହୋଇଥିବା 12,982,381 ଏକର ଜମି ମଧ୍ୟରୁ 9,864.231 ଏକର, ଡିସେମ୍ବର 2022 ସୁଦ୍ଧା ଅବ୍ୟବହୃତ ହୋଇ ରହିଥିଲା । ଯଦିଓ ଅବ୍ୟବହୃତ ଜମି ଯେଉଁମାନଙ୍କ ଠାରୁ ଅଧିଗ୍ରହଣ କରାଯାଇଥିଲା, ସେମାନଙ୍କ ନାମରେ ପୁନ-ସ୍ଥାପିତ ହେବା ଉଚିତ୍ ଥିଲା, କିନ୍ତୁ କରାଯାଇ ନଥିଲା ।***
- ***ମାର୍ଚ୍ଚ 2022 ସୁଦ୍ଧା 6ଟି ନମୁନା ଜିଲ୍ଲାରେ 12,013.90 ଏକର ସରକାରୀ ଜମିର ଜବରଦଖଲ ସମ୍ବନ୍ଧରେ 31,730ଟି ଜବରଦଖଲ ମାମଲା ବିଚାରଧୀନ ରହିଥିଲା ।***
- ***ଡିସେମ୍ବର 2022 ସୁଦ୍ଧା 6ଟି ନମୁନା ଜିଲ୍ଲାରେ ଡିଜିଟାଇଜେସନ୍ ପାଇଁ 14,71,998 ଜମି ରେକର୍ଡ ବିଚାରଧୀନ ଥିଲା ।***

ଜମି ଏକ ମୂଲ୍ୟବାନ ପ୍ରାକୃତିକ ସମ୍ପଦ, ଯାହାର ସର୍ବୋତ୍ତମ ବ୍ୟବହାର କରାଯିବା ଆବଶ୍ୟକ । ତେଣୁ, ଏହା ନିଶ୍ଚିତ କରିବା ଜରୁରୀ ଯେ, ଜମିକୁ ଯେଉଁ ଉଦ୍ଦେଶ୍ୟରେ ଅଧିଗ୍ରହଣ/ ନିର୍ଦ୍ଧାରିତ କରାଯାଇଥିଲା, ସେହି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି ।

### 9.1 ଅଧିଗ୍ରହଣ/ ଆବଣ୍ଟିତ ଜମିକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଉପଯୋଗ କରିବା

ଆବଣ୍ଟିତ ଜମିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁନଃଗ୍ରହଣ/ ଫେରସ୍ତ ପାଇଁ ବିଭିନ୍ନ ଅଧିନିୟମ ଏବଂ ନିୟମରେ ଥିବା ବ୍ୟବସ୍ଥାଗୁଡ଼ିକ ନିମ୍ନରେ ଦର୍ଶାଯାଇଅଛି:

***ସାରଣୀ 9.1: ଅଧିଗ୍ରହଣ/ ଆବଣ୍ଟିତ ଜମିର ଉପଯୋଗ ପାଇଁ ବିଭିନ୍ନ ନିୟାମକ ବ୍ୟବସ୍ଥା***

| କ୍ର.ସଂ. | ଅଧିନିୟମ/ ନିୟମର ସନ୍ଦର୍ଭ | ବ୍ୟବସ୍ଥା |
|---|---|---|
| 1 | ଓଆର୍ଆର୍ପି 2006 ର ଧାରା 6 | ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବଶ୍ୟକ ଉଦ୍ଦେଶ୍ୟରେ ଏକ ପ୍ରକଳ୍ପ ଦ୍ୱାରା ବ୍ୟବହୃତ ହୋଇ ନଥିବା ଜମିକୁ ଫେରସ୍ତ କରିବାକୁ ପଡିବ । |
| 2. | ଓଜିଏଲ୍ଏସ୍ (ସଂଶୋଧନ) ଅଧିନିୟମ, 2013 ର ଧାରା 3ବି ର ଧାରା (ବି) | ଯଦି ବନ୍ଦୋବସ୍ତ ତାରିଖ ଠାରୁ ତିନି ବର୍ଷରୁ ଅଧିକ ସମୟ ବ୍ୟବହାର କରାଯାଇ ନଥାଏ, ବନ୍ଦୋବସ୍ତ ହୋଇଥିବା ଜମିକୁ ପୁର୍ନଗ୍ରହଣ କରିବାକୁ ପଡିବ । |
| 3. | ଆର୍ଏଫ୍ସିଟିଏଲ୍ଏଆର୍ଆର୍ 2013 ର ଅଧିନିୟମର ଧାରା 101 | ଯେତେବେଳେ ଏହି ଅଧିନିୟମ ଅନୁଯାୟୀ ଅଧିଗ୍ରହଣ ହୋଇଥିବା କୌଣସି ଜମି, ଦଖଲ ନେବା ଦିନ ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ରହିଥାଏ, ତାହା ମାମଲା ଅନୁଯାୟୀ ମୂଳ ମାଲିକ କିମ୍ବା ମାଲିକମାନଙ୍କୁ କିମ୍ବା ସେମାନଙ୍କର ଆଇନଗତ ଉତ୍ତରାଧିକାରୀଙ୍କୁ କିମ୍ବା ପ୍ରତ୍ୟାବର୍ତ୍ତନ ଦ୍ୱାରା ଉପଯୁକ୍ତ ସରକାରଙ୍କ ଲ୍ୟାଣ୍ଡ ବ୍ୟାଙ୍କକୁ ଫେରସ୍ତ କରାଯିବ । |
| 4. | ଓଆର୍ଏଫ୍ସିଟିଏଲ୍ଏଆର୍ଆର୍ ନିୟମ, 2016 ର ନିୟମ 42 | ସରକାରୀ ମାଲିକାନାରେ ଥିବା ବର୍ଜ୍ୟ ଜମି, ଖାଲି/ ପରିତ୍ୟକ୍ତ/ ଅବ୍ୟବହୃତ ଅଧିଗ୍ରହଣ ଜମି, ଟିକସ ଅପରାଧ ସମ୍ପତ୍ତି ଏବଂ ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣର ଫଳପ୍ରଦ ବ୍ୟବହାରକୁ |

| କ୍ର.ସଂ. | ଅଧିନିୟମ/ ନିୟମର ସନ୍ଦର୍ଭ | ବ୍ୟବସ୍ଥା |
|---|---|---|
| | | ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଲ୍ୟାଣ୍ଡ ବ୍ୟାଙ୍କ[111] ଗଠନ । |
| 5. | ଓଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ନିୟମ, 2016 ର ନିୟମ 43 | ଯଦି ଭୂମି ଅଧିଗ୍ରହଣ କରାଯାଇଛି ଏବଂ ଅଧିକାରକୁ ନିଆଯାଇଛି କିନ୍ତୁ ଜମି ଅଧିଗ୍ରହଣ ତାରିଖ ଠାରୁ ପାଞ୍ଚ ବର୍ଷ ମଧ୍ୟରେ ଜମିର ବ୍ୟବହାର ହୋଇନାହିଁ, ସେହି ଜମି ଲ୍ୟାଣ୍ଡ ବ୍ୟାଙ୍କକୁ ସ୍ୱୟଂ ପ୍ରତ୍ୟାବର୍ତ୍ତନ କରିବ । ଜମି ଗ୍ରହଣ କରିଥିବା ସଂସ୍ଥା ତହସିଲଦାରଙ୍କୁ ଜମି ଅଧିକାର ପ୍ରଦାନ କରିବେ ଏବଂ ଏହି ଅଧିକାର ପ୍ରଦାନରେ ବିଫଳ ହେଲେ ଜମି ଗ୍ରହଣ କରିଥିବା ସଂସ୍ଥାର ଅଧିକାର ଏବଂ ଦଖଲକୁ ଅନଧିକୃତ ବିବେଚନା କରାଯିବ ଏବଂ ଜମି ଗ୍ରହଣ କରିଥିବା ସଂସ୍ଥାକୁ ଆଇନ ଅନୁଯାୟୀ ଏବଂ ଉଚିତ୍ ସମୟରେ ବେଦଖଲ କରାଯିବ । ଜମି ଅଧିଗ୍ରହଣ ଅଧିକାରୀମାନେ ଏହି ସୂଚନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ପ୍ରତି ଛଅ ମାସ ଶେଷରେ ସ୍ଥାନୀୟ ତହସିଲଦାରମାନଙ୍କୁ ପ୍ରଦାନ କରିବେ ଏବଂ ତହସିଲଦାରମାନେ ଲ୍ୟାଣ୍ଡ ବ୍ୟାଙ୍କର ଡାଟାବେସ୍ ଅପଡେଟ୍ କରିବା ଆବଶ୍ୟକ । |

*(ଉତ୍ସ: ଆର୍‌ଡିଏମ୍ ବିଭାଗ ଏବଂ ନମୁନା ଜିଲ୍ଲାପାଳ କାର୍ଯ୍ୟାଳୟଗୁଡିକର ରେକର୍ଡ)*

### *9.1.1 ତିନୋଟି ପ୍ରକଳ୍ପ ପାଇଁ ଆବଣ୍ଟିତ 9,864.231 ଏକର ଜମିର ଉପଯୋଗ ନହେବା*

ଛଅଟି ନମୁନା ଜିଲ୍ଲା ମଧ୍ୟରୁ ଦୁଇଟି ଜିଲ୍ଲାରେ 1963-2018 ଅବଧିରେ ତିନୋଟି ପ୍ରକଳ୍ପ ପାଇଁ ଆବଣ୍ଟିତ 12,982.381 ଏକର ଜମି, ଯାହାର ବିସ୍ତୃତ ବିବରଣୀ **ସାରଣୀ 9.2** ରେ ଦିଆଯାଇଛି, ତାହା ଡିସେମ୍ବର 2022 ସୁଦ୍ଧା ଅନୁପଯୋଗ ରହିଥିଲା ।

***ସାରଣୀ 9.2: ଅଧିଗ୍ରହଣ/ ଆବଣ୍ଟିତ ଜମିର ଉପଯୋଗ ନହେବା***

| ପ୍ରକଳ୍ପ | ଆବଣ୍ଟିତ ଜମି (ଏକରରେ) | | | ଆବଣ୍ଟନ ବର୍ଷ | ଡିସେମ୍ବର 2022 ପର୍ଯ୍ୟନ୍ତ ଅବ୍ୟବହୃତ ଜମି (ଏକରରେ) |
|---|---|---|---|---|---|
| | ଘରୋଇ ଜମି | ସରକାରୀ ଜମି | ମୋଟ | | |
| 4000 ଏମ୍‌ଡବ୍ଲୁ ଅଲ୍ଟ୍ରା ମେଗା ପାୱାର ପ୍ରକଳ୍ପ (ୟୁଏମ୍‌ଏମ୍‌ପି), ସୁନ୍ଦରଗଡ଼ | 2,731.431 | 446.01 | 3,177.441 | 2013-18 | 3,177.441 |
| ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍ (ଏଚ୍‌ଆଇଏଲ୍), କୋରାପୁଟ ଦ୍ୱାରା ଆଦିତ୍ୟ ଆଲୁମିନିୟମ ରିଫାଇନାରୀ ପ୍ଲାଣ୍ଟ | 431.34 | 478.30 | 909.64 | 2007-08 | 909.64 |
| ଏଚ୍‌ଏଏଲ୍, କୋରାପୁଟ | 7,666.93 | 1,228.37 | 8,895.30 | 1963-64 | 5,777.15 |
| ମୋଟ | **10,829.701** | **2,152.68** | **12,982.381** | | **9,864.231** |

*(ଉତ୍ସ: ନମୁନା ଯାଞ୍ଚ ଏଲ୍‌ଏଓ/ ଏସ୍‌ଏଲ୍‌ଏଓ କାର୍ଯ୍ୟାଳୟ ଗୁଡିକର ରେକର୍ଡ)*

[111] 'ଲ୍ୟାଣ୍ଡ ବ୍ୟାଙ୍କ' ସ୍ଥାନୀୟ ତହସିଲଦାରଙ୍କ ଅଧିନରେ ଥାଏ ଯିଏ ଗ୍ରାମ ସ୍ତରର ସମସ୍ତ ସରକାରୀ ବର୍ଜ୍ୟ ଜମି, ଅବ୍ୟବହୃତ ଅଧିଗ୍ରହଣ ଜମି ଏବଂ ଆବଶ୍ୟକ କରିଥିବା ସଂସ୍ଥା ଦ୍ୱାରା ଫେରସ୍ତ ହେବାକୁ ଥିବା ଜମି, ଅଧିଗ୍ରହଣ ହୋଇଥିବା ଜଳସେଚିତ ଦ୍ୱିଫସଲ ଜମି କ୍ଷେତ୍ରକୁ ପରିଚାଳନା କରିବ । ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଏସ୍‌ଆଇଏ ଦଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ପାଇଁ ଉପଲବ୍ଧ କରିବେ

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ, ବଣ୍ଟନ ତାରିଖରୁ 5 ରୁ 60 ବର୍ଷ ବିତିଯାଇଥିଲେ ମଧ୍ୟ, 9,864.231 ଏକର ଜମି ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇନଥିଲା । ପରବର୍ତ୍ତୀ ଯାଞ୍ଚରୁ ଜଣାପଡ଼ିଥିଲା ଯେ:

- ୟୁଏମ୍‌ପିପି, ସୁନ୍ଦରଗଡ଼ ମାମଲାରେ, ଏସ୍‌ଏଲ୍‌ଓ-ତଥା-ଉପଜିଲ୍ଲାପାଳ, ସୁନ୍ଦରଗଡ଼ 2,731.431 ଏକର ଘରୋଇ ଜମି ପାଇଁ 713.29 କୋଟି ଟଙ୍କାର ଜମି ଅଧିଗ୍ରହଣ କ୍ଷତିପୂରଣ ଅନୁଦାନ ଅନୁମୋଦନ କରିଥିଲେ (ଅଗଷ୍ଟ 2013) ଏବଂ ଅଧିଗ୍ରହଣ ଜମି ନଭେମ୍ବର 2014 ଏବଂ ଫେବୃଆରୀ 2015 ମଧ୍ୟରେ ଆଇଡିସିଓକୁ ଦଖଲ ହସ୍ତାନ୍ତର କରିଥିଲେ । ଜିଲ୍ଲାପଳ, ସୁନ୍ଦରଗଡ଼ ମଧ୍ୟ ଆଇଡିସିଓ ଉଦ୍ଦେଶ୍ୟରେ 446.01 ଏକର ସରକାରୀ ଜମି ଲିଜ୍ (2013-18) ମଞ୍ଜୁର କରିଥିଲେ । ୟୁଏମ୍‌ପିପି ପାଇଁ ଆଇଡିସିଓ ସପକ୍ଷରେ ଲିଜ୍ ହୋଇଥିବା ସରକାରୀ ଜମି ଘରୋଇ ଜମିର ଗୋଟିଏ ଚକ ମଧ୍ୟରେ ରହିଥିଲା ଏବଂ ଏହିପରି ଆଇଡିସିଓ ଅଧୀନରେ ରହିଥିଲା, କିନ୍ତୁ ଅବ୍ୟବହୃତ ହୋଇ ରହିଥିଲା (ଜାନୁଆରୀ 2023 ସୁଦ୍ଧା) ।

- ଏଚ୍‌ଆଇଏଲ୍ ମାମଲାରେ, ଆବଣ୍ଟିତ ଜମିରେ କୌଣସି ଶିଳ୍ପଭିତ୍ତିକ କାର୍ଯ୍ୟ କରାଯାଇ ନଥିଲା । ଲକ୍ଷ୍ମୀପୁର ଆର୍‌ଆଇଙ୍କ ରିପୋର୍ଟ (ସେପ୍ଟେମ୍ବର 2022) ଅନୁଯାୟୀ ଆବଣ୍ଟିତ ଜମି ଚିହ୍ନଟ ପ୍ରକ୍ରିୟା ଚାଲୁ ରହିଥିଲା । ଏହିପରି, ଆର୍ଥିକ ବର୍ଷ 2007-08 ସମୟରେ ଆବଣ୍ଟିତ ଜମି ଅବ୍ୟବହୃତ ହୋଇ ରହିଥିଲା (ଜାନୁଆରୀ 2023 ସୁଦ୍ଧା) ।

- ଏଚ୍‌ଏଏଲ୍ ମାମଲାରେ, 1963-64 ବର୍ଷରେ 8,895.30 ଏକର ଜମି (ଅଧିଗ୍ରହଣ ହୋଇଥିବା ଘରୋଇ ଜମି 7,666.93 ଏକର ଏବଂ ସରକାରୀ ଜମି 1,228.37 ଏକର), କୋରାପୁଟ ଜିଲ୍ଲାର 13 ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରି ଏଚ୍‌ଏଏଲ୍ ସପକ୍ଷରେ ହସ୍ତାନ୍ତର ହୋଇଥିଲା । ଅଧିଗ୍ରହଣ ହୋଇଥିବା ଜମି, ମୁଖ୍ୟତଃ କୃଷି ଜମି ଥିଲା । ଅଧିଗ୍ରହଣର ମୂଲ୍ୟ ରାଜ୍ୟ ସରକାର ବହନ କରିଥିଲେ ଏବଂ ପୁରା ଜମିକୁ ବିନା ମୂଲ୍ୟରେ ଏଚ୍‌ଏଏଲ୍‌କୁ ଦିଆଯାଇଥିଲା । ଏଥିମଧ୍ୟରୁ 3,121.15 ଏକର (ବେସରକାରୀ: 2,315.72 ଏକର ଏବଂ ସରକାର: 805.43 ଏକର) ଏଚ୍‌ଏଏଲ୍ ଦ୍ୱାରା ରଖାଯାଇଥିଲା ଏବଂ ଅବଶିଷ୍ଟ 5,777.15 ଏକର ଜମି ସରକାରଙ୍କୁ ସମର୍ପଣ କରାଯାଇଥିଲା । ସମର୍ପଣ ହୋଇଥିବା ଜମି ଆର୍‌ଡିଏମ୍ ବିଭାଗ ନାମରେ ରେକର୍ଡ କରାଯାଇଥିଲା । ଜିଲ୍ଲାପାଳ, ସମର୍ପିତ ଜମିକୁ ବିଭିନ୍ନ ଏଜେନ୍ସି/ ବିଭାଗ ସପକ୍ଷରେ ହସ୍ତାନ୍ତର କରିଥିଲେ, ଯାହାର ସବିଶେଷ ତଥ୍ୟ ରଖାଯାଇ ନଥିଲା ।

  ଏହି ପ୍ରସଙ୍ଗରେ, ଅଡିଟ୍ ଲକ୍ଷ୍ୟ କଲେ ଯେ, ଏଚ୍‌ଏଏଲ୍ ଦ୍ୱାରା ସମର୍ପଣ କରାଯାଇଥିବା 5,354.21 ଏକର ଜମି ମୁଖ୍ୟତଃ ଏସ୍‌ଟି/ ଏସ୍‌ସି ଜମି ମାଲିକଙ୍କଠାରୁ ଅଧିଗ୍ରହଣ କରାଯାଇଥିଲା । ଆଠଟି ଗ୍ରାମ ସମ୍ବନ୍ଧରେ, 2,609.99 ଏକର ସମସ୍ତ ଅଧିଗ୍ରହଣ ଜମିକୁ ସମର୍ପଣ କରାଯାଇଥିଲା । ଅବଶ୍ୟ, ସମର୍ପଣ ହୋଇଥିବା ଜମି ପ୍ରାୟ ଷାଠିଏ ବର୍ଷ ପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ରହିଥିଲା, ଯେଉଁଥିପାଇଁ ଜମି ଅଧିଗ୍ରହଣର ସାମାଜିକ/ ଆର୍ଥିକ ଲାଭ, ଯାହା ଅନୁସୂଚିତ ଅଞ୍ଚଳର ରାଜ୍ୟ/ ଜନସାଧାରଣ/ ଜମି ମାଲିକଙ୍କ ନିକଟରେ ପହଞ୍ଚି ପାରିଥାନ୍ତା, ତାହା ହାସଲ ହୋଇପାରି ନଥିଲା । ଅଧିକନ୍ତୁ, ଘରୋଇ ଜମି ଅଧିଗ୍ରହଣ ହେତୁ ପ୍ରାୟ ଷାଠିଏ ବର୍ଷ ଧରି ଏହି ଜମି ଅବ୍ୟବହୃତ ହୋଇ ରହିଥିବାରୁ କୃଷି ଉତ୍ପାଦନରେ ମଧ୍ୟ ବାଧା ସୃଷ୍ଟି ହୋଇଥିଲା । ଏହିପରି, ଜମି ପରିଚାଳନା ଫଳପ୍ରଦ ହେଲା ନାହିଁ, ଯେଉଁ କାରଣରୁ ଅଧିଗ୍ରହଣ ହୋଇଥିବା 5,777.15 ଏକର ଜମି ପ୍ରାୟ ଷାଠିଏ ବର୍ଷ ପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ରହିଲା ଏବଂ ଫଳସ୍ୱରୂପ, ସଂପୃକ୍ତ ଜମି ମାଲିକମାନେ, ଯେଉଁମାନେ ପ୍ରାୟତ ଏସ୍‌ଟି/ ଏସ୍‌ସି କୃଷକ ଥିଲେ, ସେମାନେ ଜୀବିକା ହରାଇଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 21 ଅକ୍ଟୋବର 2022 ରେ ଅନୁଷ୍ଠିତ ହୋଇଥିବା 50ତମ ବୈଠକରେ ଟାଟା ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଗଞ୍ଜାମ ଜିଲ୍ଲାର କାଳିପାଲି ଗ୍ରାମରେ ଅଧିଗ୍ରହଣ ହୋଇଥିବା କିନ୍ତୁ ଅବ୍ୟବହୃତ ରହିଥିବା 206.685 ଏକର ଜମି ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ (କ୍ଷତିପୂରଣ, ପୁନର୍ବାସ ଏବଂ ପୁନଃଥଇଥାନ ଏବଂ ବିକାଶ) ନିୟମ, 2015 ଅନୁଯାୟୀ ଫେରସ୍ତ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲା । କିନ୍ତୁ, ଗତ ଦୁଇ ଦଶନ୍ଧି ଧରି ମୂଳ ଜମି ମାଲିକ କିମ୍ବା ଆଇନଗତ ଉତ୍ତରାଧିକାରୀଙ୍କୁ ବ୍ୟବହୃତ ହୋଇନଥିଲା ।

କିନ୍ତୁ, ସୁନ୍ଦରଗଡ଼, କୋରାପୁଟ ଜିଲ୍ଲାପାଳ ଏବଂ ସେମିଳିଗୁଡ଼ା ତହସିଲଦାର ଧାର୍ଯ୍ୟ ଉଦ୍ଦେଶ୍ୟରେ ଜମିର ବ୍ୟବହାର ପାଇଁ କିମ୍ବା ମୂଳ ଜମି ମାଲିକ/ ଜମି ବ୍ୟାଙ୍କକୁ ଫେରାଇବା ପାଇଁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ଓଆର୍‌ଏଫ୍‌ଏସିଟିଏଲ୍‌ଏଆର୍‌ଆର୍ ନିୟମ, 2016 ଏବଂ ଓଡ଼ିଶା ଆର୍‌ଆଣ୍ଡଆର୍ ନୀତି 2006 ରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ପ୍ରଭାବୀ ପଦକ୍ଷେପ ଗ୍ରହଣ କରିନଥିଲେ, ଯାହା ଗଞ୍ଜାମ ଜିଲ୍ଲାରେ କରାଯାଇଥିଲା ।

ଉତ୍ତରରେ, ଉପଜିଲ୍ଲାପାଳ-ତଥା-ଏଲ୍‌ଏଓ, ସୁନ୍ଦରଗଡ଼ ସୁନିଶ୍ଚିତ କରିଥିଲେ ଯେ, ଧାର୍ଯ୍ୟ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ ହୋଇଥିବା ଜମିର ଶୀଘ୍ର ବ୍ୟବହାର ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମାମଲା ଗୁଡ଼ିକ ବିଷୟରେ ଅବଗତ କରାଯିବ, ଆହୁରି ମଧ୍ୟ କହିଥିଲେ ଯେ, ଯଦି ଅଧିଗ୍ରହଣ ଜମିର ଉପଯୋଗର କୌଣସି ଆଶା ନଥିବ, ସେହି ଜମି ପୁନଃ ଗ୍ରହଣ ହେବ ।

ଏଲ୍‌ଏଓ, କୋରାପୁଟ ସୁନିଶ୍ଚିତ କରିଥିଲେ ଯେ, ସମୟସୀମା ମଧ୍ୟରେ ଜମିର ଉପଯୋଗ ପାଇଁ ପ୍ରଭାବୀ ପଦକ୍ଷେପ ନିଆଯିବ, ଅନ୍ୟଥା ବିଫଳ ହେଲେ ଜମି ପୁନଃ ଗ୍ରହଣ ହେବ ।

ତହସିଲଦାର, ସେମିଳିଗୁଡ଼ା ସୁନିଶ୍ଚିତ କରିଥିଲେ ଯେ, ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ଅଧିଗ୍ରହଣ ହୋଇଥିବା ଜମିକୁ, ଜମି ମାଲିକ/ ଆଇନଗତ ଉତ୍ତରାଧିକାରୀଙ୍କୁ ଫେରାଇବା ପାଇଁ ପଦକ୍ଷେପ ନିଆଯିବ ।

### *9.1.2 ଲ୍ୟାଣ୍ଡ ବ୍ୟାଙ୍କର ଗଠନ ନହେବା*

ଓଡ଼ିଶା ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ନିୟମ 2016 ର ନିୟମ 42 ର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟ ସରକାର ସ୍ଥାନୀୟ ତହସିଲଦାରଙ୍କ ଅଧିନରେ ଏକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବେ, ଯାହା ସରକାରୀ ମାଲିକାନାରେ ଥିବା ବର୍ଜ୍ୟ ଜମି, ଖାଲି, ପରିତ୍ୟକ୍ତ, ଅଧିଗ୍ରହଣ ହୋଇଥିବା ଅବ୍ୟବହୃତ ଜମି ଏବଂ ଟିକସ ଠକେଇ ସମ୍ପତ୍ତିକୁ ଫଳପ୍ରଦ ବ୍ୟବହାର ପାଇଁ ରୁପାନ୍ତର ଉପରେ ଗୁରୁତ୍ୱ ଦେଇଥାଏ । ସର୍ବନିମ୍ନ ପରିମାଣ ଜମି ଅଧିଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଅବ୍ୟବହୃତ ସାର୍ବଜନିକ ଜମି ସହିତ ପୁର୍ବରୁ ଅଧିଗ୍ରହଣ ହୋଇଥିବା ଜମି ଏବଂ ବ୍ୟବହାର ହୋଇନଥିବା ଜମିର ଉପଯୋଗକୁ ସୁଗମ କରିବା ପାଇଁ ତହସିଲଦାର, ସରକାରୀ ବର୍ଜ୍ୟ ଜମି, ଅବ୍ୟବହୃତ ଅଧିଗ୍ରହଣ ଜମି ଏବଂ ଫେରସ୍ତ ହେବାକୁ ଥିବା ଅଧିଗ୍ରହଣ ହୋଇଥିବା ଜଳସେଚିତ ଦ୍ୱିଫସଲ ଜମି କ୍ଷେତ୍ରରେ ସଂସ୍ଥା ଦ୍ୱାରା ଜମା ହେବାକୁ ଥିବା, ଜମିରେ ଏକ ଗ୍ରାମ ସ୍ତରୀୟ ଲ୍ୟାଣ୍ଡ ବ୍ୟାଙ୍କ ପରିଚାଳନା କରିବେ ।

12 ଟି ନମୁନା ତହସିଲ ମଧ୍ୟରୁ 11 ଟିରେ[112], 4,26,696.565 ଏକର ଅଣଜଙ୍ଗଲ ସରକାରୀ ଜମି ଉପଲବ୍ଧ ଥିଲା । କିନ୍ତୁ, ସରକାରୀ ମାଲିକାନାରେ ଥିବା ବର୍ଜ୍ୟ ଜମି, ଖାଲି/ ପରିତ୍ୟକ୍ତ/ ଅବ୍ୟବହୃତ ଅଧିଗ୍ରହଣ ଜମି, ଟିକସ ଠକେଇ ସମ୍ପତ୍ତିର ଫଳପ୍ରଦ ବ୍ୟବହାର ଏବଂ ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ କୌଣସି ଗ୍ରାମ ଭିତ୍ତିକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ହୋଇନଥିଲା । ଧାର୍ଯ୍ୟ ଉଦ୍ଦେଶ୍ୟରେ ଆବଣ୍ଟିତ ଜମିର ଉପଯୋଗ ଏବଂ ତାହା ଲ୍ୟାଣ୍ଡ ବ୍ୟାଙ୍କକୁ ଫେରସ୍ତ ହେବାକୁ ପର୍ଯ୍ୟବେକ୍ଷଣ କରିବାର ପାଇଁ କୌଣସି ପ୍ରକ୍ରିୟା ନଥିଲା ।

***ସୁପାରିଶ 9.1:** ଅବ୍ୟବହୃତ ଅଧିଗ୍ରହଣ ଜମି ବିଧି ବ୍ୟବସ୍ଥା ଏବଂ ତାହା ଭିତରେ ଥିବା ନିୟମାବଳୀ ଅନୁଯାୟୀ ପୂର୍ବ ଜମି ମାଲିକମାନଙ୍କୁ ଫେରସ୍ତ କରାଯିବା ଉଚିତ୍ ।*

***ସୁପାରିଶ 9.2:** ଆର୍‌ଏଫ୍‌ସିଟିଏଲ୍‌ଏ ଆର୍‌ଆର୍ ନିୟମ 2016 ର ନିୟମ 42 ଅନୁଯାୟୀ ସର୍ବନିମ୍ନ ଅଧିଗ୍ରହଣ ଓ ସର୍ବସାଧାରଣ ଜମିର ଉପଯୋଗକୁ ସୁଗମ କରିବା ପାଇଁ ଗ୍ରାମ୍ୟ ଲ୍ୟାଣ୍ଡ ବ୍ୟାଙ୍କ୍ ଗଠନ କରାଯାଇପାରେ ।*

[112] ତହସିଲଦାର କୋରାପୁଟ ତହସିଲରେ ଜମି ଉପଲବ୍ଧତା ସମ୍ପର୍କରେ ସୂଚନା ଦେଇନାହାନ୍ତି

## 9.2 ସରକାରୀ ଜମିର ଜବରଦଖଲ

ଓଡ଼ିଶା ପ୍ରିଭେନ୍‌ସନ୍ ଅଫ୍ ଲ୍ୟାଣ୍ଡ ଏନ୍‌କ୍ରୋଚ୍‌ମେଣ୍ଟ (ଓପିଏଲ୍‌ଇ) ଅଧିନିୟମ 1972, ଏବଂ ଏହା ଅନ୍ତର୍ଗତ ପ୍ରସ୍ତୁତ ନିୟମ, (1985), ତହସିଲଦାରମାନଙ୍କୁ ଅନଧିକୃତ ବ୍ୟକ୍ତି କିମ୍ବା ସଂଗଠନ ଦ୍ୱାରା ସରକରୀ ଜମିର ଜବରଦଖଲ ରୋକିବା ପାଇଁ ପ୍ରାଧିକୃତ କରାଯାଇଛି । ଓପିଏଲ୍‌ଇ ଅଧିନିୟମ, 1972 ର ଧାରା 7 ରେ ବ୍ୟବସ୍ଥା ଅଛି ଯେ ସରକାରୀ ଜମିକୁ ଅନଧିକୃତ ଭାବରେ ଦଖଲ କରୁଥିବା ବ୍ୟକ୍ତିମାନେ ଅଧିନିୟମର ଧାରା 4 ଅନୁଯାୟୀ ନିର୍ଦ୍ଧାରିତ ଜରିମାନା, ଭଡ଼ା ଏବଂ ସେସ୍ ଦେବାକୁ ପଡ଼ିବ ଏବଂ ଅନଧିକୃତ ନିର୍ମାଣ, ଜମିରେ କରାଯାଇ ଥିବା ଫସଲ ଇତ୍ୟାଦି ଅପସାରଣ କରିବା ପାଇଁ ଯୁକ୍ତିଯୁକ୍ତ ନୋଟିସ୍ ଦିଆଯିବା ପରେ ତହସିଲଦାରଙ୍କ ଦ୍ୱାରା ସେମାନଙ୍କୁ ବେଦଖଲ କରାଯିବ । ଅବଶ୍ୟ, ଜବରଦଖଲ ହୋଇଥିବା ଜମି ଭୂମିହୀନ କିମ୍ବା ବାସଗୃହ ଭୂମିହୀନ ବ୍ୟକ୍ତିଙ୍କ ସପକ୍ଷରେ କରାଯାଇପାରେ ।

### *9.2.1 ଜବରଦଖଲ ମାମଲାଗୁଡ଼ିକର ସମାଧାନ*

ମାର୍ଚ୍ଚ 2022 ସୁଦ୍ଧା ଛଅଟି ନମୁନା ହୋଇଥିବା ଜିଲ୍ଲାରେ 2017-22 ମଧ୍ୟରେ ଜବରଦଖଲ ମାମଲାର ବିବରଣୀ **ସାରଣୀ 9.3** ରେ ଦର୍ଶାଯାଇଛି ।

***ସାରଣୀ 9.3: ଜିଲ୍ଲା ଅନୁଯାୟୀ ଜବରଦଖଲ ମାମଲାଗୁଡ଼ିକର ସମାଧାନ ସ୍ଥିତି***

| କ୍ର.ସଂ. | ଜିଲ୍ଲା | ମୋଟ ମାମଲା | ଫଏସଲା ବା ସମାଧାନ | ମାର୍ଚ୍ଚ 2022 ସୁଦ୍ଧା ବିଚାରାଧୀନ ମାମଲା | ବିଚାରାଧୀନ ମାମଲାର କ୍ଷେତ୍ର (ଏକରରେ) |
|---|---|---|---|---|---|
| 1 | କଳାହାଣ୍ଡି | 48,272 | 45,820 | 2,452 | 738.52 |
| 2 | କେନ୍ଦୁଝର | 46,042 | 44,127 | 1,915 | 301.27 |
| 3 | କୋରାପୁଟ | 87,160 | 83,779 | 3,381 | 806.24 |
| 4 | ମୟୁରଭଞ୍ଜ | 61,340 | 51,835 | 9,505 | 3,197.61 |
| 5 | ନବରଙ୍ଗପୁର | 56,895 | 50,039 | 6,856 | 4,186.69 |
| 6 | ସୁନ୍ଦରଗଡ଼ | 39,698 | 32,077 | 7,621 | 2,783.57 |
| | ମୋଟ | **3,39,407** | **3,07,677** | **31,730** | **12,013.90** |

***(ଉତ୍ସ: ନମୁନା ହୋଇଥିବା ଜିଲ୍ଲାପାଳ ଏବଂ ତହସିଲଦାରଙ୍କ କାର୍ଯ୍ୟାଳୟଗୁଡ଼ିକର ରେକର୍ଡ)***

ଅଡିଟ୍, 12 ଟି ନମୁନା ହୋଇଥିବା ତହସିଲର 69ଟି ବିଚାରାଧୀନ ଏବଂ 207 ଟି ଚୂଡ଼ାନ୍ତ ଜବରଦଖଲ ମାମଲା ନମୁନା ଯାଞ୍ଚ କଲା ଏବଂ ନିମ୍ନଲିଖିତ ବିଷୟଗୁଡିକ ଲକ୍ଷ୍ୟ କରାଗଲା:

- ***ବିଚାରାଧୀନ ମାମଲାଗୁଡ଼ିକ:*** ଆର୍‌ଡିଏମ୍ ବିଭାଗ ନର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2005) ଯେ, ବିବାଦୀୟ ମାମଲା କିମ୍ବା ମାମଲାଗୁଡିକ ବ୍ୟତୀତ ଯେଉଁଠାରେ କୋର୍ଟଙ୍କ ଦ୍ୱାରା ସ୍ଥଗିତ ଆଦେଶ ଥିଲା, ସମସ୍ତ ଜବରଦଖଲ ମାମଲା ସାଧାରଣତଃ 90 ଦିନ ମଧ୍ୟରେ ସମାଧାନ କରାଯିବା ଉଚିତ୍ । 69 ଟି ବିଚାରାଧୀନ ଜବରଦଖଲ ମାମଲା[113] 2 ରୁ 51 ବର୍ଷ[114] ପର୍ଯ୍ୟନ୍ତ ବିଚାରାଧୀନ ଥିଲା । ଜବରଦଖଲକାରୀମାନେ ଜବରଦଖଲ ହୋଇଥିବା ଜମିରେ ବାସଗୃହ ନିର୍ମାଣ କରିଥିଲେ । ଯଦିଓ, ତହସିଲଦାରମାନେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ, ତାହା ଅନୁସରଣ କରାଯାଇନଥିଲା । ତଥାପି, ତହସିଲଦାରମାନେ ଉଚ୍ଛେଦ ଦ୍ୱାରା କିମ୍ବା ଯୋଗ୍ୟ ଭୂମିହୀନ କିମ୍ବା ବାସଗୃହ ଭୂମିହୀନ ଜବରଦଖଲକାରୀଙ୍କ ସପକ୍ଷରେ ବନ୍ଦୋବସ୍ତ ଦ୍ୱାରା ଏହି ମାମଲାଗୁଡ଼ିକର ସମାଧାନ ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିନଥିଲେ ।

---

[113] କୋରାପୁଟ- 8, ନନ୍ଦାହାଣ୍ଡି - 16, ଉମରକୋଟ - 19, ଲାଞ୍ଜିଗଡ଼ - 16 ଏବଂ ଥୁଆମୂଳ ରାମପୁର - 10 ଟି ମାମଲା

[114] ପାଞ୍ଚ ବର୍ଷ ପର୍ଯ୍ୟନ୍ତ: 18, 15 ରୁ 25_ବର୍ଷ: 16 ଏବଂ 25_ବର୍ଷରୁ ଅଧିକ ଏବଂ: 35

- ***ବାସଗୃହ ଭୂମିହୀନ ଜବରଦଖଲକାରୀଙ୍କ ସପକ୍ଷରେ ଜମିର ବନ୍ଦୋବସ୍ତ ନହେବା:*** 207 ଚୂଡ଼ାନ୍ତ ପରୀକ୍ଷଣ-ଯାଞ୍ଚ ମାମଲା ମଧ୍ୟରୁ 24ଟିରେ[115] ଜବରଦଖଲକାରୀମାନେ ଭୂମିହୀନ/ ବାସଗୃହ ଭୂମିହୀନ ବ୍ୟକ୍ତି ଥିଲେ । ସେହି ଅନୁଯାୟୀ, ତହସିଲଦାରମାନେ ଓପିଏଲ୍ଇ ଅଧିନିୟମ, 1972 ର ଧାରା 7 ଅନୁଯାୟୀ, ଜବରଦଖଲ ହୋଇଥିବା ଜମିକୁ ସେମାନଙ୍କ ସପକ୍ଷରେ ବିଚାର କରି ବନ୍ଦୋବସ୍ତ କରିବା ଆବଶ୍ୟକ ଥିଲା । ସେମାନେ, ତଥାପି, ଯୋଗ୍ୟ ଭୂମିହୀନ/ ବାସଗୃହ ଭୂମିହୀନ ବ୍ୟକ୍ତିଙ୍କ ସପକ୍ଷରେ କୌଣସି ଜମି ବନ୍ଦୋବସ୍ତ କରିନଥିଲେ ।

- ***ଅଧିକ ଜରିମାନା ଆଦାୟ:*** ଓପିଏଲ୍ଇ ଅଧିନିୟମର ଧାରା 6 ରେ ବ୍ୟବସ୍ଥା ଅଛି, ଅନଧିକୃତ ଦଖଲ ପାଇଁ ଜରିମାନା ଆଦାୟ ପ୍ରତ୍ୟେକ ବର୍ଷ ପାଇଁ ଏକର ପିଛା ଶହେ ଟଙ୍କାରୁ ଅଧିକ ହେବା ଉଚିତ୍ ନୁହେଁ । 207 ଟି ପରୀକ୍ଷା ଯାଞ୍ଚ ମାମଲା ମଧ୍ୟରୁ 198 ଟି ରେ, 12[116] ଜଣ ନମୁନା ତହସିଲଦାର ଅଧିନିୟମର ବ୍ୟବସ୍ଥା ଉଲ୍ଲଙ୍ଘନ କରି ଏକର ପିଛା 109 ଟଙ୍କା (କୋରାପୁଟ) ରୁ 5,79,800 ଟଙ୍କା (ସେମିଳିଗୁଡ଼ା) ପର୍ଯ୍ୟନ୍ତ ଅଧିକ ହାରରେ ଜରିମାନା ଆଦାୟ/ ସଂଗ୍ରହ କରିଥିଲେ ।

- ***ଜରିମାନା ହ୍ରାସ/ କମ୍ ନକରିବା:*** ଓପିଏଲ୍ଇ ନିୟମ, 1985 ଅନୁଯାୟୀ, ଏସ୍‌ସି କିମ୍ବା ଏସ୍‌ଟି ବର୍ଗର ଜବରଦଖଲକାରୀଙ୍କ ଦଣ୍ଡ କିମ୍ବା ଜରିମାନା ହ୍ରାସ/ କମ୍ ପାଇଁ ବ୍ୟବସ୍ଥା ଅଛି । ମୋଟ 207 ଟି ନମୁନା ଯାଞ୍ଚ ମାମଲା ମଧ୍ୟରୁ 70 ଟିରେ[117] ଜବରଦଖଲକାରୀମାନେ ଏସ୍‌ସି/ ଏସ୍‌ଟି ବର୍ଗର ଥିଲେ । ତଥାପି, ସଂପୃକ୍ତ ତହସିଲଦାରମାନେ ଏସ୍‌ସି/ ଏସ୍‌ଟି ଜବରଦଖଲକାରୀଙ୍କ ପାଇଁ ଜରିମାନା ହ୍ରାସ/ କମ୍‌ର କୌଣସି ଲାଭ ଦେଇ ନଥିଲେ ।

ଏହିପରି, ଏସ୍‌ଟି ଏବଂ ଏସ୍‌ସି ବର୍ଗର ଭୂମିହୀନ କିମ୍ବା ବାସଗୃହ ଭୂମିହୀନ ଜବରଦଖଲକାରୀଙ୍କ ପାଇଁ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ ନକରି ମାମଲାଗୁଡ଼ିକର ସମାଧାନ କରାଯାଇଥିଲା ।

ନମୁନା ଜିଲ୍ଲାଗୁଡିକର ତହସିଲଦାରମାନେ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଭବିଷ୍ୟତର ମାର୍ଗଦର୍ଶନ ପାଇଁ ନୋଟ୍ କଲେ । ବିଭାଗର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି (ଫେବୃଆରୀ 2024) ।

***ସୁପାରିଶ 9.3: ସରକାରୀ ଜମିର ଜବରଦଖଲ ମାମଲା, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯିବା ଉଚିତ୍ ।***

## 9.3 ସରକାରୀ ଜମିର ଲିଜ୍/ ହସ୍ତାନ୍ତର

ଛଅଟି ନମୁନା ଜିଲ୍ଲା[118] ଏବଂ 12 ଟି ନମୁନା ତହସିଲରେ 6,614.301 ଏକର ଜମି ସହିତ ଜଡ଼ିତ 179 ଲିଜ୍[119]/ ହସ୍ତାନ୍ତର[120] ମାମଲାକୁ ଅଡିଟ୍ ପରୀକ୍ଷା ଯାଞ୍ଚ କରିଥିଲେ ଏବଂ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରିଥିଲେ:

---

115 କୋରାପୁଟ -10, ବିଶ୍ରା -1, ବାରିପଦା -2, କପ୍ତିପଦା -4, ନନ୍ଦାହାଣ୍ଡି-3, ସୁନ୍ଦରଗଡ଼ -1 ଏବଂ ଥୁଆମୂଳ ରାମପୁର -3

116 ବାରିପଦା: 1381ଟଙ୍କାରୁ 11,960 ଟଙ୍କା; ସେମିଳିଗୁଡା: 112 ଟଙ୍କାରୁ 5,79,800 ଟଙ୍କା; କୋରାପୁଟ: 109 ଟଙ୍କାରୁ 1,196 ଟଙ୍କା; ବିଶ୍ରା: 198 ଟଙ୍କାରୁ 1,81,818 ଟଙ୍କା; ସୁନ୍ଦରଗଡ଼: 702 ଟଙ୍କାରୁ 20,000 ଟଙ୍କା, କପ୍ତିପଦା: 5,926 ଟଙ୍କାରୁ 40,000 ଟଙ୍କା, ଚମ୍ପୁଆ: 1,343 ଟଙ୍କାରୁ 12,463 ଟଙ୍କା, ବଡ଼ବିଲ: 1,238 ଟଙ୍କାରୁ 7,425 ଟଙ୍କା; ଉମରକୋଟ: 675 ଟଙ୍କାରୁ 1,163 ଟଙ୍କା, ଲାଞ୍ଜିଗଡ଼: 566 ଟଙ୍କାରୁ 1,424 ଟଙ୍କା; ନନ୍ଦାହାଣ୍ଡ: 1,657 ଟଙ୍କାରୁ 9,990 ଟଙ୍କା ଏବଂ ଥୁଆମୂଳ ରାମପୁର: 632 ଟଙ୍କାରୁ 4,750 ଟଙ୍କା

117 ବାରିପଦା: 07; କପ୍ତିପଦା: 01; କୋରାପୁଟ: 11; ସେମିଳିଗୁଡା: 18; ବିଶ୍ରା: 13; ନନ୍ଦାହାଣ୍ଡି: 10; ସୁନ୍ଦରଗଡ଼:02 ଏବଂ ଥୁଆମୂଳ ରାମପୁର: 08

118 କୋରାପୁଟ, ନବରଙ୍ଗପୁର ଏବଂ କଳାହାଣ୍ଡିର ଜିଲ୍ଲାପାଳମାନେ 1,538 ମାମଲାରେ 3,901.807 ଏକର ସରକାରୀ ଜମିର ଲିଜ୍/ ବିଚ୍ଛିନ୍ନତା ମଞ୍ଜୁର ବିଷୟରେ ସୂଚନା ଦେଇପାରିଲେ ନାହିଁ ଯାହା 2017-22 ମଧ୍ୟରେ ଅନୁମୋଦିତ ହୋଇଛି

119 ଲିଜ୍: ବ୍ୟକ୍ତିବିଶେଷ, ଅନୁଷ୍ଠାନ, ନିଗମ ଏବଂ ଅନ୍ୟାନ୍ୟ ଅଣ-ସରକାରୀ ସଂଗଠନ ସପକ୍ଷରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ସରକାରୀ ଜମି ପ୍ରଦାନ

### *9.3.1 ଜମି ଲିଜ୍ ପାଇଁ ଆବେଦନକାରୀଙ୍କ ଦ୍ୱାରା ଜବରଦଖଲ ଉପରେ କାର୍ଯ୍ୟାନୁଷ୍ଠାନ ନକରିବା*

ଆର୍‌ଡିଏମ୍ ବିଭାଗ ନିର୍ଦ୍ଦେଶାବଳୀ (ନଭେମ୍ବର 2010) ରେ ବ୍ୟବସ୍ଥା ଅଛି ଯେ, ଦକ୍ଷ ଅଧିକାରୀଙ୍କ ପୂର୍ବ ଅନୁମୋଦନ ବିନା ଯେଉଁ କ୍ଷେତ୍ରରେ ଜମି ଅଧିଗ୍ରହଣ କରାଯାଇଛି, ଅଧିଗ୍ରହଣ କାର୍ଯ୍ୟକୁ ଜବରଦଖଲ ଭାବରେ ଗ୍ରହଣ କରାଯିବା ଉଚିତ ଏବଂ ଜବର ଦଖଲକାରୀମାନେ ବେଦଖଲ ହେବା ପାଇଁ ଉତ୍ତରଦାୟୀ । ଅବଶ୍ୟ, ବ୍ୟତିକ୍ରମ ପରିସ୍ଥିତିରେ, ଉତ୍ତମ ଏବଂ ପର୍ଯ୍ୟାପ୍ତ କାରଣ ହେତୁ, ସରକାର ଦଖଲକାରୀଙ୍କ ସପକ୍ଷରେ ଜମି ବନ୍ଦୋବସ୍ତ କରିବାକୁ ବିଚାର କରିପାରନ୍ତି । ଅଧିକନ୍ତୁ, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ସରକାରଙ୍କର କୌଣସି ନୀତି ଅନୁଯାୟୀ ଉପଲବ୍ଧ ପ୍ରିମିୟମର ରିହାତି ମୂଲ୍ୟର ଲାଭ, ଯଦି ଅଛି, ସେହି କ୍ଷେତ୍ରରେ ଲାଗୁ ହେବ ନାହିଁ, ଯେଉଁଠି ଉପଲବ୍ଧ ଲିଜ୍ ମଞ୍ଜୁର ପୂର୍ବରୁ ଜମି ଅନଧିକୃତ ଭାବରେ ଦଖଲ ହୋଇଥିବ । ଦଖଲକାରୀଙ୍କୁ, ଦଖଲ ତାରିଖରୁ ଜମିର ବଜାର ମୂଲ୍ୟ ହିସାବରେ ପ୍ରିମିୟମ ଏବଂ ସମଗ୍ର ଦଖଲ ସମୟ ପାଇଁ ତା ଉପରେ ସୁଧ କିମ୍ବା ବର୍ତ୍ତମାନର ବଜାର ମୂଲ୍ୟ, ଯାହା ଅଧିକ, ଓପିଏଲ୍‌ଇ ନିୟମ, 1985 ର ନିୟମାବଳୀ ଅନୁଯାୟୀ ଦେୟ ଜରିମାନା ସହିତ ସମ ପରିମାଣ ଏବଂ ସଂପୃକ୍ତ ସମୟ ମଧ୍ୟରେ ବଜାର ମୂଲ୍ୟ ଉପରେ ଆଧାର କରି ସୁଧ ସହିତ ଜମି ଭଡ଼ା ଏବଂ ସେସ୍‌ର ବକେୟା ଦେବାକୁ ପଡ଼ିବ ।

ବିଚାରାଧୀନ ଲିଜ୍ କେସ୍ ଫାଇଲ୍‌ଗୁଡ଼ିକର ଯାଞ୍ଚରୁ ଦେଖାଗଲା ଯେ 25 ଟି ଘରୋଇ/ ସରକାରୀ ଅନୁଷ୍ଠାନ/ ସଂଗଠନ/ ଟ୍ରଷ୍ଟି, 599.98 ଏକର ସରକାରୀ ଜମି ଉପରେ ଅନଧିକୃତ ଦଖଲରେ ରହିଥିଲେ, ଯାହା **ସାରଣୀ 9.4** ରେ ଦର୍ଶାଯାଇଛି ।

***ସାରଣୀ 9.4: ସରକାରୀ ଜମିର ଅନଧିକୃତ ଦଖଲ***

| ତହସିଲ | ମାମଲା ସଂଖ୍ୟା | ଦଖଲରେ ଥିବା କ୍ଷେତ୍ର (ଏକରରେ) | ଜମି ମୂଲ୍ୟ (ଲକ୍ଷ ଟଙ୍କାରେ) | ମାର୍ଚ୍ଚ 2022 ସୁଦ୍ଧା ଦଖଲ ସମୟ |
|---|---|---|---|---|
| ବାରିପଦା | 1 | 0.10 | 27.00 | ନଅ ବର୍ଷ |
| ବିଶ୍ରା | 4 | 0.98 | 68.88 | 11-12 ବର୍ଷ |
| କପ୍ତିପଦା | 2 | 1.55 | 5.79 | 3-32 ବର୍ଷ |
| କୋରାପୁଟ | 3 | 2.64 | 732.80 | 28-30 ବର୍ଷ |
| ସିମିଳିଗୁଡ଼ା | 6 | 582.13 | 2,155.22 | 34-58 ବର୍ଷ |
| ସୁନ୍ଦରଗଡ଼ | 7 | 10.83 | 317.38 | 6-22 ବର୍ଷ |
| ଉମରକୋଟ | 2 | 1.75 | 638.75 | 20-22 ବର୍ଷ |
| **ମୋଟ** | **25** | **599.98** | **3,945.82** | |

***(ଉତ୍ସ: ନମୁନା ତହସିଲଦାର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରେକର୍ଡ)***

ଜବରଦଖଲକାରୀମାନେ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଓଜିଏଲ୍‌ଏସ୍ ଅଧିନିୟମ, 1962 ଅନୁଯାୟୀ ଜମି ବନ୍ଦୋବସ୍ତ ପାଇଁ ଆବେଦନ କରିଥିଲେ, ଯାହା ମଞ୍ଜୁର ପାଇଁ ବିଚାରାଧୀନ ଥିଲା (ଡିସେମ୍ବର 2022 ସୁଦ୍ଧା) । ସଂପୃକ୍ତ ଆର୍‌ଆଇଙ୍କ ଯାଞ୍ଚ ରିପୋର୍ଟ/ ପ୍ଲଟର କ୍ୟାଡଷ୍ଟ୍ରାଲ ଦୃଶ୍ୟ/ ଆବେଦନକାରୀଙ୍କ ଘୋଷଣାରୁ ଏହା ଦେଖାଗଲା ଯେ, ଏହି ଜମି ଗତ 3 ରୁ 58 ବର୍ଷ ଧରି ଆବେଦନକାରୀଙ୍କ ଦଖଲରେ ଏବଂ ଲିଜ୍ ମଞ୍ଜୁର ଅପେକ୍ଷାରେ ରହିଥିଲା । ଆର୍‌ଡିଏମ୍ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ପ୍ରିମିୟମ ଏବଂ ଅନ୍ୟାନ୍ୟ ସରକାରୀ ଦେୟ ଆଦାୟ କରି ସେମାନଙ୍କୁ ବେଦଖଲ କିମ୍ବା ନିୟମିତ କରାଯିବା ଉଚିତ୍ ଥିଲା । ତହସିଲଦାରମାନେ, ବେଦଖଲ କିମ୍ବା ବିଚାର ପାଇଁ ଏହି ମାମଲାକୁ ସରକାରଙ୍କ ନିକଟକୁ ପଠାଇବା ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଉଠାଇ ନଥିଲେ । ତହସିଲଦାରମାନଙ୍କ ନିଷ୍କ୍ରିୟତା କାରଣରୁ 599.98 ଏକର ସରକାରୀ ଜମି ଯାହାର ମୂଲ୍ୟ 39.45 କୋଟି

[120] ହସ୍ତାନ୍ତର: ବିଭିନ୍ନ ବିଭାଗର ସପକ୍ଷରେ ସରକାରୀ ଜମି ହସ୍ତାନ୍ତର

ଟଙ୍କା[121] (ପ୍ଲଟ ଗୁଡ଼ିକର ବିଏମ୍‌ଭି ଅନୁଯାୟୀ,) ଅନୁଷ୍ଠାନଗୁଡ଼ିକର ଅନଧିକୃତ ଦଖଲରେ ରହିଥିଲା (ଡିସେମ୍ବର 2022 ସୁଦ୍ଧା )।

ଏହାର ଉତ୍ତରରେ, ତହସିଲଦାରମାନେ ଆଶ୍ୱାସନା ଦେଇଥିଲେ ଯେ, ସରକାରୀ ଦେୟ ହାସଲ କରି ଲିଜ୍ ମଞ୍ଜୁର ପାଇଁ କିମ୍ବା ଅନଧିକୃତ ଦଖଲ ପାଇଁ ଜବରଦଖଲ ମାମଲା ରୁଜୁ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ।

## 9.4 ଜମି ରେକର୍ଡଗୁଡ଼ିକର ଡିଜିଟାଇଜେସନ୍

ଦେଶରେ ଏକ ଆଧୁନିକ, ବିସ୍ତୃତ ଏବଂ ସ୍ୱଚ୍ଛ ଜମି ରେକର୍ଡ ପରିଚାଳନା ପଦ୍ଧତିର ବିକାଶ ଏବଂ ଟାଇଟଲ୍ ଗ୍ୟାରେଣ୍ଟି ସହିତ ଚୂଡ଼ାନ୍ତ ଜମି-ଟାଇଟଲିଂ ସିଷ୍ଟମ ଲାଗୁ କରିବା ଉଦ୍ଦେଶ୍ୟରେ ଭାରତ ସରକାର ଡିଜିଟାଲ୍ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ (ଡିଆଇଏଲ୍‌ଆର୍‌ଏମ୍‌ପି) ଆରମ୍ଭ କରିଥିଲେ (ଅଗଷ୍ଟ 2008)। ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା (ଜାନୁଆରୀ 2019) ଡିଆଇଏଲ୍‌ଆର୍‌ଏମ୍‌ପି ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.1.1 ରେ ବ୍ୟବସ୍ଥା ଅଛି ଯେ, ଅଧିକାରର ରେକର୍ଡ (ଆର୍‌ଓଆର୍), ମ୍ୟୁଟେସନ୍ ଅର୍ଡର ଏବଂ ଅନ୍ୟାନ୍ୟ ଜମି ବିଶେଷ ସହିତ ସମସ୍ତ ପାଠ୍ୟ ତଥ୍ୟକୁ ଅଦ୍ୟତନ ଏବଂ କମ୍ପ୍ୟୁଟରୀକରଣ କରିବା ଥିଲା। ସମସ୍ତ ସ୍ପାଟିଆଲ୍ ଡାଟା (କ୍ୟାଡେଷ୍ଟ୍ରାଲ ମାନଚିତ୍ରଗୁଡ଼ିକ) ମଧ୍ୟ ଅପଡେଟ୍ ଏବଂ ଡିଜିଟାଇଜେସନ୍ କରାଯିବା ଉଚିତ୍ ଥିଲା।

ଆର୍‌ଡିଏମ୍ ବିଭାଗ ଜିଲ୍ଲାପାଳମାନଙ୍କୁ ସ୍କାନ୍ ହୋଇଥିବା ରେକର୍ଡଗୁଡ଼ିକୁ ଡକ୍ୟୁମେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଡିଏମ୍‌ଏସ୍) ସଫ୍ଟୱେୟାରରେ ଅପଲୋଡ୍ କରିବାକୁ ଏବଂ ଜୁଲାଇ 2017 ସୁଦ୍ଧା କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା (ମାର୍ଚ୍ଚ 2017)।

ଅଡିଟ୍ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ନମୁନା ହୋଇଥିବା ଛଅଟି ଜିଲ୍ଲାରେ ସ୍କାନିଂ ପାଇଁ 31,82,563 ଜମି ରେକର୍ଡ (ପାଠ୍ୟ ତଥ୍ୟ) ଉପଲବ୍ଧ ଥିଲା, ସେଥିମଧ୍ୟରୁ ମାର୍ଚ୍ଚ 2022 ସୁଦ୍ଧା 28,02,084 ରେକର୍ଡ ସ୍କାନ୍ କରାଯାଇଥିଲା। ସ୍କାନ୍ ହୋଇଥିବା ଜମି ରେକର୍ଡଗୁଡ଼ିକ ମଧ୍ୟରୁ 13,30,086 ଟି ଡିଏମ୍‌ଏସ୍ ସଫ୍ଟୱେର ମାଧ୍ୟମରେ ଅପଲୋଡ୍ ହୋଇଥିଲା ଏବଂ ଅବଶିଷ୍ଟ 14,71,998 କେସ୍ ରେକର୍ଡଗୁଡ଼ିକ, ଏପର୍ଯ୍ୟନ୍ତ ଅପଲୋଡ୍ ହେବା ବାକି ଥିଲା (ଡିସେମ୍ବର 2022 ସୁଦ୍ଧା), ଯାହା **ସାରଣୀ 9.5** ରେ ବିସ୍ତୃତ ଭାବରେ ଦିଆଯାଇଛି।

***ସାରଣୀ 9.5: ଡିଏମ୍‌ଏସ୍ ସଫ୍ଟୱେୟାରରେ ଜମି ରେକର୍ଡଗୁଡ଼ିକର ସ୍କାନିଂ ଏବଂ ଅପଲୋଡ୍***

| ଜିଲ୍ଲା | ସ୍କାନ୍ ପାଇଁ ଉପଲବ୍ଧ ରେକର୍ଡଗୁଡ଼ିକ | | | ସ୍କାନିଂ ହୋଇଥିବା ଏବଂ ଡିଏମ୍‌ଏସ୍ ସଫ୍ଟୱେରରେ ଅପଲୋଡ ହୋଇଥିବା ରେକର୍ଡଗୁଡ଼ିକ | ଅପଲୋଡ୍ ପାଇଁ ଥିବା ରେକର୍ଡଗୁଡ଼ିକ |
|---|---|---|---|---|---|
| | ଉପଲବ୍ଧ | ସ୍କାନ ହୋଇଥିଲା | ସ୍କାନ୍ ହେବାକୁ ଉପଲବ୍ଧ | | |
| କଳାହାଣ୍ଡି | 4,65,632 | 3,74,515 | 91,117 | 9,47,23 | 2,79,792 |
| କେନ୍ଦୁଝର | 4,91,904 | 4,80,642 | 11,262 | 3,46,352 | 1,34,290 |
| କୋରାପୁଟ | 4,92,022 | 3,83,762 | 1,08,260 | 2,15,306 | 1,68,456 |
| ମୟୁରଭଞ୍ଜ | 6,20,640 | 4,50,800 | 1,69,840 | 2,76,332 | 1,74,468 |
| ନବରଙ୍ଗପୁର | 5,66,137 | 5,66,137 | 0 | 3,52,744 | 2,13,393 |
| ସୁନ୍ଦରଗଡ଼ | 5,46,228 | 5,46,228 | 0 | 44,629 | 5,01,599 |
| **ମୋଟ** | **31,82,563** | **28,02,084** | **3,80,479** | **13,30,086** | **14,71,998** |

***(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରେକର୍ଡ)***

ଜମି ରେକର୍ଡଗୁଡ଼ିକର ଡିଜିଟାଇଜେସନ୍‌ରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ବିଷୟରେ ଅଡିଟ୍ ଜାଣିବାକୁ ପାଇଥିଲା:

[121] 526.12 ଏକର ଜମି ବ୍ୟତୀତ, ଓୟୁଏଟି ଦ୍ୱାରା ଅଧିକୃତ ଯାହାର ବିଏମ୍‌ଭି ନିଶ୍ଚିତ ହୋଇପାରିବ ନାହିଁ

- ***ସ୍କାନ୍ ହୋଇଥିବା ଜମି ରେକର୍ଡ ଅପଲୋଡ କରିବାରେ ଅଭାବ:*** ସ୍ୱୀକୃତପ୍ରାପ୍ତ ଅଧିକାରୀମାନେ 3.80 ଲକ୍ଷ (12 ପ୍ରତିଶତ) ଜମି ରେକର୍ଡର ସ୍କାନିଂ ଏବଂ 14.72 ଲକ୍ଷ (53 ପ୍ରତିଶତ) ଜମି ରେକର୍ଡର ଅପଲୋଡ୍ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିଲେ, ଯେଉଁ କାରଣରୁ ଜମି ରେକର୍ଡର ଡିଜିଟାଇଜେସନ୍ ଉଦ୍ଦେଶ୍ୟ ବିଫଳ ହୋଇଥିଲା ଏବଂ ଜମି ମାଲିକମାନେ ଏକ ଆଧୁନିକ ବିସ୍ତୃତ ଏବଂ ସ୍ୱଚ୍ଛ ଜମି ରେକର୍ଡ ପରିଚାଳନା ପ୍ରଣାଳୀ ପାଇବାରୁ ବଞ୍ଚିତ ହୋଇଥିଲେ ।

  ଏହାର ଉତ୍ତରରେ, ରାଜସ୍ୱ ବୋର୍ଡ କହିଲେ (ଜୁଲାଇ 2023) ଯେ ସ୍କାନିଂ ଏକ ନିରନ୍ତର ପ୍ରକ୍ରିୟା ଏବଂ ସ୍କାନିଂ କାର୍ଯ୍ୟର ଅଦ୍ୟତନ ପାଇଁ ପଦକ୍ଷେପ ନେବାକୁ ନିଶ୍ଚିତ କରିଥିଲେ ।

- ***ଜମିର ମ୍ୟୁଟେସନ୍ ପରେ ସଂଶୋଧିତ ମାନଚିତ୍ରଗୁଡ଼ିକ ଜାରି ନହେବା:*** ନାଗରିକମାନଙ୍କୁ ସେବା ଯୋଗାଣରେ ଉନ୍ନତି ଆଣିବା ପାଇଁ ଆରଡିଏମ୍ ବିଭାଗ, ମ୍ୟୁଟେସନ୍ ମାମଲା ଚୂଡ଼ାନ୍ତ ହେବା ପରେ ସଂଶୋଧିତ ମାନଚିତ୍ର ସହିତ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆର୍‌ଓଆର୍ ପଠାଇବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ (12 ସେପ୍ଟେମ୍ବର 2018) । ଭୂ-ନକ୍ସା ମାଧ୍ୟମରେ ସଂଶୋଧିତ ଅଦ୍ୟତନ ମାନଚିତ୍ରର ଏକ ପ୍ରିଣ୍ଟଆଉଟ୍, ଆବେଦନକାରୀଙ୍କୁ ଆର୍‌ଓଆର୍ ସହିତ ଦେବା ଉଚି୍ତ ଥିଲା । ଅଡିଟ୍ 12 ଟି ନମୁନା ହୋଇଥିବା ତହସିଲରେ 182 ଟି ମ୍ୟୁଟେସନ୍ କେସ୍ ଯାଞ୍ଚ କରିଥିଲା ଏବଂ ଏହା ଲକ୍ଷ୍ୟ କଲା ଯେ, ମ୍ୟୁଟେସନ୍ କେସ୍ ଚୂଡ଼ାନ୍ତ ହେବା ପରେ, ସଂଶୋଧିତ ଆର୍‌ଓଆର୍ ଗୁଡ଼ିକୁ ସମସ୍ତ ତହସିଲରେ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଉଥିଲା । ତେବେ, ସରକାରୀ ନିର୍ଦ୍ଦେଶର ଉଲ୍ଲଙ୍ଘନ କରି, ଭୂ-ନକ୍ସା ମାଧ୍ୟମରେ ସଂଶୋଧିତ ହୋଇଥିବା ନକ୍ସାଗୁଡ଼ିକ ଆର୍‌ଓଆର୍ ସହିତ ପଠାଯାଉ ନଥିଲା ।

- ***ଭୂ-ନକ୍ସାରେ ସଂଶୋଧିତ ନକ୍ସା ଗୁଡ଼ିକ ସନ୍ତୋଷଜନକ ନଥିଲା:*** ଡିଆଇଏଲ୍‌ଆର୍‌ଏମ୍‌ପି ନିର୍ଦ୍ଦେଶାବଳୀ (ଜାନୁଆରୀ 2019) ରେ ଥିବା ବୈଷୟିକ ମାନୁଆଲର ଅଧ୍ୟାୟ I ଅଧୀନରେ ଥିବା ଅନୁଚ୍ଛେଦ 11 ରେ ବ୍ୟବସ୍ଥା ଅଛି ଯେ, ଯେତେବେଳେ ପ୍ଲଟ୍ ଏକ ଅଂଶର ଶ୍ରେଣୀକରଣ ପରିବର୍ତ୍ତନ ହୁଏ କିମ୍ବା ଏକ ଅଂଶର ମାଲିକାନା ପରିବର୍ତ୍ତନ ହୁଏ, ପ୍ରତ୍ୟେକ ଡିଜିଟାଇଜଡ୍ ମାନଚିତ୍ର ପ୍ରତ୍ୟେକ ଥର ଅଦ୍ୟତନ ହେବା ଆବଶ୍ୟକ । ଫିଲ୍ଡ ମାପ ତଥ୍ୟ ଉପରେ ଆଧାର କରି ଡିଜିଟାଲ ମାନଚିତ୍ରରେ ପ୍ଲଟ ବିଭାଜନ ହେବା ଆବଶ୍ୟକ । କ୍ୟାଡେଷ୍ଟ୍ରାଲ୍ ମାନଚିତ୍ରର ସଂଶୋଧନ କରିବା ପାଇଁ ଆର୍‌ଡିଏମ୍ ବିଭାଗ ୱେବ୍ ଆଧାରିତ ଭୂ-ନକ୍ସା ଆପ୍ଲିକେସନ କାର୍ଯ୍ୟକାରୀ କରିଥିଲେ (ଜୁଲାଇ 2018) । ଅଡିଟ୍ 182 ମ୍ୟୁଟେସନ୍ କେସ୍ ସମ୍ବନ୍ଧରେ ଭୂ-ନକ୍ସା ସଫ୍ଟୱେର ଯାଞ୍ଚ କରି ଦେଖିଲା ଯେ ସଫ୍ଟୱେୟାରରେ ସଂଶୋଧିତ ମାନଚିତ୍ରଗୁଡ଼ିକ ଫିଲ୍ଡ ମାପ ତଥ୍ୟ ଉପରେ ଆଧାରିତ ନଥିଲା । ସେଗୁଡ଼ିକ ପ୍ଲଟଗୁଡ଼ିକର ପ୍ରକୃତ ଆକାରକୁ ପ୍ରତିନିଧିତ୍ୱ କରିନଥିଲା । ଏହା ପରିବର୍ତ୍ତେ, ସେମାନେ କେବଳ ବିଦ୍ୟମାନ ମୁଖ୍ୟ ପ୍ଲଟ ମଧ୍ୟରେ ସଂଶୋଧିତ ପ୍ଲଟ ଚିହ୍ନଟ କରିଥିଲେ । ଏହା ମଧ୍ୟ ଦେଖାଯାଇଥିଲା ଯେ, ଆର୍‌ଡିଏମ୍ ବିଭାଗ, ଏହି ୱେବସାଇଟରେ ଦେଖାଯାଇଥିବା ମାନଚିତ୍ର ଏବଂ ଆନୁସଙ୍ଗିକ ତଥ୍ୟ କେବଳ ଦେଖିବା ଉଦ୍ଦେଶ୍ୟରେ ଅଛି ବୋଲି ବ୍ୟକ୍ତ କରିଥିଲେ । ଏଠାରେ ପ୍ରଦର୍ଶିତ ତଥ୍ୟ କୌଣସି ଆଇନଗତ ଉଦ୍ଦେଶ୍ୟ କିମ୍ବା ଏହିପରି କୌଣସି କାର୍ଯ୍ୟକଳାପରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ । ଜାତୀୟ ସୂଚନା କେନ୍ଦ୍ର କିମ୍ବା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାର ଏଥି ପାଇଁ ଦାୟୀ ନୁହଁନ୍ତି ।

  ଏହିପରି, ମାନଚତ୍ର ଗୁଡ଼ିକର ସଂଶୋଧନ ପାଇଁ କରାଯାଇଥିବା ସମ୍ପୂର୍ଣ୍ଣ କାର୍ଯ୍ୟକଳାପ, ଅପଚୟ ହୋଇଥିଲା ଏବଂ କ୍ଷେତ୍ର ଆବଶ୍ୟକତା ଅନୁଯାୟୀ ଡିଜିଟାଇଜଡ଼ ମାନଚିତ୍ରଗୁଡ଼ିକର ଅଦ୍ୟତନ କରିବା ଉଦ୍ଦେଶ୍ୟରେ ହାସଲ ହୋଇପାରିଲା ନଥିଲା ।

***ସୁପାରିଶ 9.4: ଡିଜିଟାଇଜେସନ୍ ପାଇଁ ବିଚାରାଧୀନ ଥିବା ଜମି ରେକର୍ଡଗୁଡ଼ିକ ଶୀଘ୍ର ଡିଜିଟାଇଜ୍ କରାଯିବା ଉଚିତ୍ ।***

## 9.5 ଜନସାଧାରଣଙ୍କ ଅଭିଯୋଗରେ ପ୍ରଭାବହୀନ ସମାଧାନ

ଜନସାଧାରଣଙ୍କ ଅଭିଯୋଗରେ ସମାଧାନ ହେଉଛି ଉତ୍ତମ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ । ଅଡିଟ୍ ଲକ୍ଷ୍ୟ କରିଛି ଯେ, ନମୁନା ଯାଞ୍ଚ ହୋଇଥିବା ଛଅଟି ଜିଲ୍ଲାରେ, 2017-18 ରୁ 2021-22 ମଧ୍ୟରେ 54,348 ଟି ଅଭିଯୋଗ/ ଆପତ୍ତି ମାମଲା ଗ୍ରହଣ କରାଯାଇଥିଲା । ଏଥି ମଧ୍ୟରୁ 39,407 (72.50 ପ୍ରତିଶତ) ର ସମାଧାନ ହୋଇଥିବା ବେଳେ ଅବଶିଷ୍ଟ 14,941 ଟି ମାମଲା[122] ବିଭିନ୍ନ ଜିଲ୍ଲା/ ଉପ-ବିଭାଗୀୟ/ କ୍ଷେତ୍ର ସ୍ତରୀୟ କର୍ତ୍ତୃପକ୍ଷଙ୍କ ପାଖରେ ଡିସେମ୍ବର 2022 ସୁଦ୍ଧା ସମାଧାନ ପାଇଁ ବିଚାରଧୀନ ଥିଲା । ଅଭିଯୋଗ ରେଜିଷ୍ଟରର ଅଣ/ ଅନୁପଯୁକ୍ତ ରକ୍ଷଣାବେକ୍ଷଣ ହେତୁ ବିଚାରାଧୀନ ମାମଲାଗୁଡିକର ସମୟ ଅବଧି ସ୍ଥିର ହୋଇପାରି ନଥିଲା ।

ଅଭିଯୋଗର ବିଚାରାଧୀନତା ହେତୁ ନମୁନା ଜିଲ୍ଲାର ଅନୁସୂଚିତ ଅଞ୍ଚଳର ଲୋକମାନେ ଠିକ୍ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ । ଏହାର ଉତ୍ତରରେ, ଜିଲ୍ଲାପାଳ କୋରାପୁଟ ଆଶ୍ୱାସନା ଦେଇଥିଲେ ଯେ, ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନିଆଯିବ, ଯେତେବେଳେ ମୟୁରଭଞ୍ଜ, କେନ୍ଦୁଝର ଏବଂ ନବରଙ୍ଗପୁରର ଜିଲ୍ଲାପାଳମାନେ କୌଣସି ଉତ୍ତର ଦେଇନଥିଲେ ।

## 9.6 ପ୍ରଭାବହୀନ ନିରୀକ୍ଷଣ

ଓଏଲଆର୍ ଅଧିନିୟମ 1960 ର ଧାରା 53 ଏବଂ 54 ଅନୁଯାୟୀ , ସମୟ ସମୟରେ ଜମି ସଂସ୍କାରର ଅଗ୍ରଗତି ସମୀକ୍ଷା କରିବା ପାଇଁ ସରକାର ସାତଜଣ ସଦସ୍ୟଙ୍କୁ ନେଇ ଏକ ଜମି ଆୟୋଗ ଗଠନ କରିବେ ଏବଂ ଅନ୍ତତଃ, ଏହି ପରିପ୍ରେକ୍ଷୀରେ ବର୍ଷରେ ଥରେ, ଏହି ବିଷୟରେ ଏକ ରିପୋର୍ଟ ପ୍ରକାଶ କରିବେ । ଜମି ସଂସ୍କାର କମିଶନର (ଏଲଆର୍‌ସି), ଜମି ଆୟୋଗର ପଦପ୍ରଯୁକ୍ତ ସଚିବ ହେବେ । ଏହି ଅଧିନିୟମର ଧାରା 55 ଏବଂ 56 ରେ ବ୍ୟବସ୍ଥା ଅଛି ଯେ, ଜିଲ୍ଲାରେ ଜମି ସଂସ୍କାରର ଅଗ୍ରଗତିର ସମୀକ୍ଷା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାର ସରକାର ଜିଲ୍ଲା କାର୍ଯ୍ୟନିର୍ବାହୀ କମିଟି (ଡିଇସି) ଗଠନ କରିପାରନ୍ତି । 1961 ମସିହାରେ ଓଡିଶା ସରକାର ଜମି ସଂସ୍କାର କାର୍ଯ୍ୟ ଉପରେ ନଜର ରଖିବା ଏବଂ ତଦାରଖ କରିବା ପାଇଁ, ଭୂମିହୀନ ବ୍ୟକ୍ତିଙ୍କ ମଧ୍ୟରେ ସିଲିଂ ବଳକା ଜମି ବଣ୍ଟନ, ଅନୁସୂଚିତ ଜନଜାତି ସଂପ୍ରଦାୟର ସ୍ୱାର୍ଥ ରକ୍ଷା, ବନ୍ଦୋବସ୍ତ ମାମଲା ସମାଧାନ ଏବଂ କୃଷି ଜମିକୁ ଅଣ କୃଷି ଉଦ୍ଦେଶ୍ୟରେ ତହସିଲଦାରଙ୍କ ଦ୍ୱାରା ରୂପାନ୍ତର କରିବା ପାଇଁ ଏକ ଜମି ସଂସ୍କାର କମିଶନର (ଏଲଆର୍‌ସି) ନିଯୁକ୍ତ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଅଡିଟ୍ ଲକ୍ଷ୍ୟ କଲା ଯେ:

- ଆର୍ ଡିଏମ୍ ବିଭାଗ ଜମି ଆୟୋଗ ଗଠନ କରିଥିଲା (ଫେବୃଆରୀ 2015) ଏବଂ ଆୟୋଗର ଶେଷ ବୈଠକ ନଭେମ୍ବର 2015 ରେ ଅନୁଷ୍ଠିତ ହୋଇଥିଲା । ଜମି ଆୟୋଗର କାର୍ଯ୍ୟକାଳ ଫେବୃଆରୀ 2018ରେ ଶେଷ ହୋଇଯାଇଥିଲା, କିନ୍ତୁ ଆୟୋଗ ପୁର୍ନଗଠନ ହୋଇନଥିଲା (ମାର୍ଚ୍ଚ 2022 ସୁଦ୍ଧା ) । ସେହିଭଳି ଜମି ସଂସ୍କାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ନମୁନା ହୋଇଥିବା 6ଟି ଜିଲ୍ଲା ମଧ୍ୟରୁ କୌଣସିଟିରେ ଜିଲ୍ଲା କାର୍ଯ୍ୟ ନିର୍ବାହୀ କମିଟି (ଡିଇସି) ଗଠନ କରାଯାଇନଥିଲା । ଅଧିକନ୍ତୁ, ଜମି ସଂସ୍କାର ପଦକ୍ଷେପଗୁଡିକର ଅଗ୍ରଗତି ଉପରେ ନଜର ରଖିବା ଏବଂ ଇଚ୍ଛିତ ଉଦ୍ଦେଶ୍ୟଗୁଡିକ ହାସଲ କରିବା ପାଇଁ ଏଲଆର୍‌ସି ଦ୍ୱାରା କୌଣସି ସମୀକ୍ଷା ବୈଠକ କରାଯାଇନଥିଲା ।

- ଯଦିଓ 3,460.678 ଏକର ସିଲିଂ ବଳକା ଜମି ସରକାରଙ୍କ ନିକଟରେ ଉପଲବ୍ଧ ଥିଲା, ଭୂମିହୀନ ବ୍ୟକ୍ତିଙ୍କ ମଧ୍ୟରେ ତାହା ବଣ୍ଟନ କରାଯାଇନଥିଲା । ଏହି ରିପୋର୍ଟରେ ***ଅନୁଚ୍ଛେଦ 6.2*** ରେ ଆଲୋଚନା ହୋଇଥିବା 2,134 ମାମଲା, 1956 ର ରେଗୁଲେସନ 2 ଅଧୀନରେ ବିଚାରାଧୀନ ଥିଲା । ଏହି ରିପୋର୍ଟର ***ଅନୁଚ୍ଛେଦ 8.3.1*** ରେ ଆଲୋଚନା ହୋଇଥିବା 635 ଟି ମାମଲା, ଓଏଲଆର୍ ଅଧିନିୟମର ଧାରା 23(a) ଅଧୀନରେ ସମାଧାନ ପାଇଁ ବିଚାରାଧୀନ ଥିଲା । 172.51 ଏକର ଜମି ବେବନ୍ଦୋବସ୍ତ

[122] ମୟୁରଭଞ୍ଜ: 750; କେନ୍ଦୁଝର: 519; କୋରାପୁଟ: 5,069; ସୁନ୍ଦରଗଡ଼: 27; ନବରଙ୍ଗପୁର: 8,131 ଏବଂ କଳାହାଣ୍ଡି: 445

ଅଧୀନରେ ଏବଂ କୃଷି ଜମିର ରୂପାନ୍ତରଣ ସମ୍ବନ୍ଧୀୟ 3,589 ମାମଲା ସମାଧାନ ପାଇଁ ବିଚାରାଧୀନ ଥିଲା।

ଜମି ଆୟୋଗର ଅବଧି ସମାପ୍ତି ହେବା ପରେ ଏହାର ଗଠନ ନହେବା, ଜିଲ୍ଲା ସ୍ତରରେ ଜିଲ୍ଲା କାର୍ଯ୍ୟନିର୍ବାହୀ କମିଟି (ଡିଇସି) ଗଠନ ନହେବା ଏବଂ ଜମି ସଂସ୍କାର କମିଶନର (ଏଲଆରସି) ଦ୍ୱାରା ଜମି ସଂସ୍କାର ପଦକ୍ଷେପଗୁଡ଼ିକର ଯାଞ୍ଚ, ମନିଟରିଂ ଏବଂ ସମୀକ୍ଷା ଅଭାବରୁ ଏହା ପ୍ରଭାବହୀନ ମନିଟରିଂର କାରଣ ହୋଇଥିଲା, ଯାହାଦ୍ୱାରା ଜମି ରାଜସ୍ୱ ମାମଲାଗୁଡ଼ିକର ଉଲ୍ଲେଖନୀୟ ବିଚାରାଧୀନତା ଏବଂ ଜମି ସଂସ୍କାର ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାର ଅଭାବ ହୋଇଥିଲା।

***ସୁପାରିଶ 9.5: ଜମି ଆୟୋଗ ପୁନର୍ଗଠନ କରାଯାଇପାରେ, ଜିଲ୍ଲା କାର୍ଯ୍ୟନିର୍ବାହୀ କମିଟି (ଡିଇସି) ଗଠନ ଏବଂ ବିଚାରାଧୀନ ଜମି ରାଜସ୍ୱ ମାମଲାଗୁଡ଼ିକର ସମାଧାନ ତଥା ଜମି ସଂସ୍କାର ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ମନଟରିଂ ମେକାନିଜିମ୍ ସୁଦୃଢ ହେବା ଉଚିତ୍ ।***




ଭୁବନେଶ୍ୱର

**(ରାଜ କୁମାର)**

ତାରିଖ 3 JUN 2024

**ପ୍ରଧାନ ମହାଲେଖାକାର (ଅଡିଟ୍-I)**
**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ



ନୂଆ ଦିଲ୍ଲୀ

**(ଗିରୀଶ ଚନ୍ଦ୍ର ମୁର୍ମୁ)**

ତାରିଖ 7 JUN 2024

**ଭାରତର ନିୟନ୍ତ୍ରକ ଏବଂ ମହାଲେଖାପରୀକ୍ଷକ**

# ପରିଶିଷ୍ଟ

# ପରିଶିଷ୍ଟ 3.1

## *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.4.2)*

## ଜମି ଅଧିଗ୍ରହଣ ମାମଲା, ଯେଉଁଠାରେ ଆବଶ୍ୟକୀୟ କୋରମ୍ ବିନା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା

| କ୍ର. ସଂ. | ଗ୍ରାମ | ଜମି ପରିମାଣ (ଏକରରେ) | ଏସ୍ଆଇଏ ବିଜ୍ଞପ୍ତି ତାରିଖ | ଆର୍ଏଫ୍ସିଟିଏଲ୍ଏଆର୍ଆର୍ ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ତାରିଖ | ଗ୍ରାମସଭା ବୈଠକର ତାରିଖ | ଗ୍ରାମସଭାର ମୋଟ ସଭ୍ୟ ସଂଖ୍ୟା | ଗ୍ରାମସଭା ବୈଠକରେ ଉପସ୍ଥିତ ସଭ୍ୟ ସଂଖ୍ୟା | ପ୍ରତିଶତ |
|---|---|---|---|---|---|---|---|---|
| 1 | ଆମ୍ବଗୁଡା | 27.682 | 05-06-2020 | 18-06-2022 | 27-05-2022 | 1,227 | 26 | 2.12 |
| 2 | ବଡକଉଡି 1 | 24.421 | 05-06-2020 | 18-06-2022 | 26-05-2022 | 375 | 33 | 8.80 |
| 3 | ଏକାମ୍ର | 24.723 | 05-06-2020 | 18-06-2022 | 28-03-2022 | 1,038 | 17 | 1.64 |
| 4 | ହଡପା | 6.206 | 05-06-2020 | 18-06-2022 | 27-05-2022 | 492 | 11 | 2.24 |
| 5 | ଜୟନ୍ତୀଗିରି | 103.181 | 05-06-2020 | 27-07-2022 | 27-07-2022 | 657 | 16 | 2.44 |
| 6 | ମଜୁରମୁଣ୍ଡା | 5.725 | 05-06-2020 | 18-06-2022 | 27-05-2022 | 1,315 | 4 | 0.30 |
| 7 | ଅଞ୍ଚଳ | 22.523 | 05-06-2020 | 18-06-2022 | 27-05-2022 | 890 | 21 | 2.36 |
| 8 | ଆଉଁଳି | 19.439 | 05-06-2020 | 18-06-2022 | ରେକର୍ଡ଼ ହୋଇନାହିଁ | 1,116 | 17 | 1.52 |
| 9 | କାମରା | 14.690 | 05-06-2020 | 18-06-2022 | ରେକର୍ଡ଼ ହୋଇନାହିଁ | 580 | 16 | 2.76 |
| 10 | ମଝିଆ | 26.563 | 05-06-2020 | 18-06-2022 | ରେକର୍ଡ଼ ହୋଇନାହିଁ | 338 | 7 | 2.07 |
| 11 | ପାର୍ଲି | 7.938 | 05-06-2020 | 18-06-2022 | ରେକର୍ଡ଼ ହୋଇନାହିଁ | 478 | 13 | 2.72 |
| 12 | ବର୍ଲାହାଣ୍ଡି | 56.480 | 24-06-2020 | 18-06-2022 | 28-05-2022 | 422 | 33 | 7.82 |
| 13 | ଏକାମ୍ର | 12.690 | 24-06-2020 | 18-06-2022 | 26-05-2022 | 1,038 | 14 | 1.35 |
| 14 | କାକରାହାଣ୍ଡି | 51.656 | 24-06-2020 | 18-06-2022 | 28-05-2022 | 592 | 10 | 1.69 |
| 15 | ଫାମ୍ପୁନି | 22.982 | 24-06-2020 | 18-06-2022 | 28-05-2022 | 2,257 | 32 | 1.42 |
| 16 | ଦିଗପୁର | 22.065 | 24-06-2020 | 11-05-2022 | 02-05-2022 | 628 | 8 | 1.27 |

| କ୍ର. ସଂ. | ଗ୍ରାମ | ଜମି ପରିମାଣ (ଏକରରେ) | ଏସ୍‌ଆଇଏ ବିଜ୍ଞପ୍ତି ତାରିଖ | ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, **2013 ର ଧାରା 11** ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ତାରିଖ | ଗ୍ରାମସଭା ବୈଠକର ତାରିଖ | ଗ୍ରାମସଭାର ମୋଟ ସଭ୍ୟ ସଂଖ୍ୟା | ଗ୍ରାମସଭା ବୈଠକରେ ଉପସ୍ଥିତ ସଭ୍ୟ ସଂଖ୍ୟା | ପ୍ରତିଶତ |
|---|---|---|---|---|---|---|---|---|
| 17 | ଘୋସର୍ଲା | 3.632 | 24-06-2020 | 11-05-2022 | 02-05-2022 | 495 | 2 | 0.40 |
| 18 | ଘୁମର | 30.466 | 24-06-2020 | 11-05-2022 | 14-04-2022 | 757 | 42 | 5.55 |
| 19 | ଖିଲାପୁଟ | 8.985 | 24-06-2020 | 11-05-2022 | 21-05-2022 | 495 | 9 | 1.82 |
| 20 | ମୁଣ୍ଡିଗୁଡା | 12.567 | 24-06-2020 | 11-05-2022 | 12-04-2022 | 112 | 9 | 8.04 |
| 21 | ପ୍ରଧାନିପୁଟ | 9.923 | 24-06-2020 | 11-05-2022 | 02-05-2022 | 373 | 18 | 4.83 |
| 22 | ବାଗେରାଗୁଡା | 5.681 | 24-06-2020 | 11-05-2022 | 25-04-2022 | 309 | 6 | 1.94 |
| 23 | ଗୌଡଗୁଡା | 28.084 | 24-06-2020 | 11-05-2022 | 25-04-2022 | 137 | 11 | 8.03 |
| 24 | ମହନ୍ତପୁଟ-I | 2.417 | 24-06-2020 | 11-05-2022 | ରେକର୍ଡ଼ ହୋଇନାହିଁ | 534 | 26 | 4.87 |
| | ମୋଟ | **550.719** | | | | | | |

*(ଉତ୍ସ: ନମୁନା ୟୁନିଟ୍ ଗୁଡିକର ରେକର୍ଡରୁ ସଂକଳିତ)*

# ପରିଶିଷ୍ଟ 3.2

## *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.4.3)*

## ଜମି ଅଧିଗ୍ରହଣ ମାମଲା, ଯେଉଁଠାରେ ଗ୍ରାମସଭାର ମତାମତକୁ ଅବମାନନା କରି ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଇଥିଲା

| କ୍ର. ସଂ. | ଏଲ୍‌ଏ ମାମଲା ସଂଖ୍ୟା/ ଗ୍ରାମ | ଜମି ପରିମାଣ (ଏକରରେ) | ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ତାରିଖ | ଅନୁମୋଦନ ତାରିଖ | ଗ୍ରାମସଭା ବୈଠକର ତାରିଖ | ଗ୍ରାମସଭାର ମତାମତ |
|---|---|---|---|---|---|---|
| 1. | 41/18 ଭେଡ଼ାବାହାଲ | 26.15 | 10-05-2019 | 04-03-2020 | 24-07-2015 | ବିରୋଧ କରାଯାଇଥିଲା |
| 2. | 60/20 କୁକୁଡ଼ା | 233 | 06-07-2021 | 23-12-2021 | 26-01-2020 | ବିରୋଧ କରାଯାଇଥିଲା |
| 3. | 61/20 ବିହାବନ୍ଧ | 9.22 | 06-07-2021 | 05-01-2022 | 26-01-2020 | ବିରୋଧ କରାଯାଇଥିଲା |
| 4. | 62/20 ଲାଞ୍ଜିବେରଣା | 27.26 | 06-07-2021 | 05-01-2022 | 26-01-2020 | ବିରୋଧ କରାଯାଇଥିଲା |
| 5. | 63/20 କେଶରମଲ | 293.25 | 21-12-2021 | 19 ପ୍ରକ୍ରିୟା ଜାରି ରହିଛି | 26-01-2020 | ବିରୋଧ କରାଯାଇଥିଲା |
| 6. | 64/20 ରାଇବେରଣା | 57.8 | 21-12-2021 | 19 ପ୍ରକ୍ରିୟା ଜାରି ରହିଛି | 26-01-2020 | ବିରୋଧ କରାଯାଇଥିଲା |
| 7. | 65/20 ଅଳନ୍ଦା | 164.82 | 21-12-2021 | 19 ପ୍ରକ୍ରିୟା ଜାରି ରହିଛି | 26-01-2020 | ବିରୋଧ କରାଯାଇଥିଲା |
| 8. | 66/20 ବିହାବନ୍ଧ | 29.79 | 21-12-2021 | 19 ପ୍ରକ୍ରିୟା ଜାରି ରହିଛି | 26-01-2020 | ବିରୋଧ କରାଯାଇଥିଲା |
| 9. | 67/20 କୁକୁଡ଼ା | 162.96 | 21-12-2021 | 19 ପ୍ରକ୍ରିୟା ଜାରି ରହିଛି | 26-01-2020 | ବିରୋଧ କରାଯାଇଥିଲା |
| 10. | 68/20 ଝାଗରପୁର | 8.48 | 21-12-2021 | 19 ପ୍ରକ୍ରିୟା ଜାରି ରହିଛି | 26-01-2020 | ବିରୋଧ କରାଯାଇଥିଲା |
| 11. | 24/18 ସରେଇକଳା | 0.37 | 10-05-2019 | 19-05-2020 | 27-08-2015 | ସହମତି ନଥିଲା |
| 12. | 25/18ବନ୍ଧପାଲି | 0.41 | 10-05-2019 | 01-10-2020 | 27-08-2015 | ସହମତି ନଥିଲା |
| 13. | 36/18 ସୁର୍ଦା | 16.17 | 10-05-2019 | 18-08-2020 | 28-08-2015 | ସହମତି ନଥିଲା |
| 14. | 37/18 ନିଆଳିପଲି | 1.07 | 10-05-2019 | 20-08-2020 | 26-04-2018 | ସହମତି ନଥିଲା |
| 15. | 38/18 ଝିମେରମହୁଲ | 17.14 | 10-05-2019 | 31-08-2020 | 09-09-2015 | ସହମତି ନଥିଲା |
| 16. | 53/18 ଚାବିରି | 1.89 | 22-06-2020 | 09-03-2021 | 30-07-2018 | ସହମତି ନଥିଲା |
| 17. | 02/17 କଳାମେଘ | 3.95 | 06-03-2018 | 25-02-2019 | 17-01-2018 | ସର୍ତ୍ତମୂଳକ ସମର୍ଥନ |
| 18. | 03/17ଲାଇକେରା | 3.25 | 06-03-2018 | 25-02-2019 | 09-11-2016 | ସର୍ତ୍ତମୂଳକ ସମର୍ଥନ |
| 19. | 04/17 ଚୁଆବାହାଲ | 18.12 | 06-03-2018 | 25-02-2019 | 16-01-2018 | ସର୍ତ୍ତମୂଳକ ସମର୍ଥନ |
| 20. | 05/17 କନକତୋରା | 20.17 | 06-03-2018 | 25-02-2019 | 16-01-2018 | ସର୍ତ୍ତମୂଳକ ସମର୍ଥନ |
| 21. | 26/18 ଡୁଡୁକା | 6.21 | 10-05-2019 | 20-11-2020 | 25-08-2015 | ସର୍ତ୍ତମୂଳକ ସମର୍ଥନ |
| 22. | 28/18 ବରପାଲି | 2.91 | 10-05-2019 | 23-12-2020 | 03-05-2018 | ସର୍ତ୍ତମୂଳକ ସମର୍ଥନ |

| କ୍ର. ସଂ. | ଏଲ୍‌ଏ ମାମଲା ସଂଖ୍ୟା/ ଗ୍ରାମ | ଜମି ପରିମାଣ (ଏକରରେ) | ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, **2013** ର ଧାରା **11** ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ତାରିଖ | ଅନୁମୋଦନ ତାରିଖ | ଗ୍ରାମସଭା ବୈଠକର ତାରିଖ | ଗ୍ରାମସଭାର ମତାମତ |
|---|---|---|---|---|---|---|
| 23. | 29/18 ମହିକାଣି | 3.15 | 10-05-2019 | 12-03-2020 | 23-07-2015 | ସର୍ବମୂଳକ ସମର୍ଥନ |
| 24. | 30/18 ବଡ଼ବାଙ୍ଗ | 5.48 | 10-05-2019 | 12-03-2020 | 27-04-2018 | ସର୍ବମୂଳକ ସମର୍ଥନ |
| 25. | 31/18 ବିଜଡିହି | 16.95 | 10-05-2019 | 18-08-2020 | 23-07-2015 | ସର୍ବମୂଳକ ସମର୍ଥନ |
| 26. | 32/18 ଅଁଳାବାହାଲ | 22.43 | 10-05-2019 | 04-09-2020 | 30-04-2018 | ସର୍ବମୂଳକ ସମର୍ଥନ |
| 27. | 33/18 ଶ୍ରୀଭୁବନପୁର | 1.77 | 10-05-2019 | 19-05-2020 | 28-04-2018 | ସର୍ବମୂଳକ ସମର୍ଥନ |
| 28. | 34/18 ବୁଦେଲକାଣୀ | 7.63 | 10-05-2019 | 14-05-2020 | 20-05-2015 | ସର୍ବମୂଳକ ସମର୍ଥନ |
| 29. | 40/18 ବ୍ରାହ୍ମଣୀପଲ୍ଲୀ | 3.47 | 10-05-2019 | 03-03-2020 | 15-08-2015 | ସର୍ବମୂଳକ ସମର୍ଥନ |
| | ମୋଟ | **1165.27** | | | | |

***(ଉତ୍ସ: ନମୁନା ୟୁନିଟ୍ ଗୁଡିକର ରେକର୍ଡରୁ ସଂକଳିତ)***

# ପରିଶିଷ୍ଟ 6.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 6.3)*

## ସଂପୃକ୍ତ ଆର୍‌ଆଇ/ ତହସିଲଦାରମାନଙ୍କ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ ଅନଧିକୃତ ଦଖଲରେ ଥିବା ଅନୁସୂଚିତ ଜନଜାତି ଜମିର ବିବରଣୀ

| କ୍ର. ସଂ. | ୟୁନିଟ୍‌ର ନାମ | ମାମଲା ସଂଖ୍ୟା | ଗ୍ରାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଜମି ପରିମାଣ (ଏକରରେ) | ଆର୍‌ଆର୍/ ତହସିଲଦାରଙ୍କ ଦ୍ୱାରା ଅନୁସନ୍ଧାନ ରିପୋର୍ଟ ଦାଖଲର ତାରିଖ | ଜମି ଉପଯୋଗର ପଦ୍ଧତି | ଅବଧିକୃତ ଜମି ଦଖଲକାରୀ |
|---|---|---|---|---|---|---|---|---|---|
| 1. | ଉପ-ଜିଲ୍ଲାପାଳ, କୋରାପୁଟ | 01/15 | ବଲଦା | 77 | 200 | 0.15 | 08-04-2013 | ବିଦ୍ୟୁତ୍ ସବ୍‌ଷ୍ଟେସନ | ସରକାରୀ ସଂସ୍ଥା |
| 2. | | 05/14 | ଦୁଷୁରା | 20 | 264 & 269 | 2.56 | 08-06-2017 | ବିଦ୍ୟାଳୟ | ସରକାରୀ ସଂସ୍ଥା |
| 3. | | 01/19 | କୁମ୍ଭାଲ | 71 | 81 & 161 | 1.05 | 15-03-2019 | ଭେଷଜ ମହାବିଦ୍ୟାଳୟ | ସରକାରୀ ସଂସ୍ଥା |
| 4. | | 02/19 | କୁମ୍ଭାଲ | 71 | 81 & 161 | 0.37 | 18-04-2019 | ସଡ଼କ | ସରକାରୀ ସଂସ୍ଥା |
| 5. | | 12/16 | ଉମୁରୀ | 44 & 72/82 | 204 & 210 | 0.93 | 14-12-2018 | ଚାଷ | ବ୍ୟକ୍ତିଗତ |
| 6. | ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼ | 18/10 | ପାନ୍ଦେରପଲୀ | 235 | 893, 897/2269 | 0.1 | 24-09-2009 | ସଡ଼କ | ସରକାରୀ ସଂସ୍ଥା |
| 7. | | 13/11 | ଢେଉଳା | 2 | 533/1, 640/p | 0.11 | 13-09-2012 | ଚିକିତ୍ସାଳୟ | ସରକାରୀ ସଂସ୍ଥା |
| 8. | | 16/18 | କୁତ୍ରା | 316/456 | 94/4071 | 0.07 | 03-12-2018 | ସଡ଼କ | ବେସରକାରୀ ସଂସ୍ଥା |
| 9. | | 18/20 | ଝାନପଲୀ | 33 &39 | 703 &704 | 3.54 | 31-12-2020 | ଧାର୍ମିକ ଅନୁଷ୍ଠାନ | ବେସରକାରୀ ସଂସ୍ଥା |
| 10. | | 19/20 | ଝାନପଲୀ | 138/21, 62 &15 | 698/1512,717/1513, 705,698/1514,699 & 693 | 9.02 | 19-03-2021 | ଧାର୍ମିକ ଅନୁଷ୍ଠାନ | ବେସରକାରୀ ସଂସ୍ଥା |
| 11. | | 20/20 | ଝାନପଲୀ | 94 | 694 | 1.37 | 19-03-2021 | ବିଦ୍ୟାଳୟ | ବେସରକାରୀ ସଂସ୍ଥା |
| 12. | | 21/20 | ବିହାବନ୍ଧ | 107/3& 107/4 | 35/1002 &34 | 2.9 | 08-01-2021 | ବିଦ୍ୟାଳୟ | ବେସରକାରୀ ସଂସ୍ଥା |
| 13. | | 09/21 | ତଲସଙ୍କରା | 516/1174 | 802, 912/5350, 3718/5351, 3718/5351/6354 & 802/6353 | 1.17 | 17-09-2021 | ଧାର୍ମିକ ଅନୁଷ୍ଠାନ | ବେସରକାରୀ ସଂସ୍ଥା |
| 14. | ଉପ-ଜିଲ୍ଲାପାଳ, ପାନପୋଷ | 34/10 | କୁଲେନବାହାଲ | 29 | 419p | 0.74 | 24-11-2010 | ପିଏଚ୍‌ସି | ସରକାରୀ ସଂସ୍ଥା |
| 15. | ଉପ-ଜିଲ୍ଲାପାଳ, କପ୍ତିପଦା | 20/08 | ପୋଟଲଡିହ | 252 | 1937 | 0.05 | 28-07-2008 | ଚାଷ | ବ୍ୟକ୍ତିଗତ |
| 16. | | 21/08 | ପୋଟଲଡିହ | 252 | 1937 | 0.03 | 28-07-2008 | ଚାଷ | ବ୍ୟକ୍ତିଗତ |
| 17. | ଉପ-ଜିଲ୍ଲାପାଳ, | 01/13 | ଗୋକଲମା | 22 | 119, 122, 19, 20, | 4.78 | 29-08-2013 | ଚେକ୍ ଡ୍ୟାମ୍ | ସରକାରୀ ସଂସ୍ଥା |

| କ୍ର. ସଂ. | ୟୁନିଟ୍‌ର ନାମ | ମାମଲା ସଂଖ୍ୟା | ଗ୍ରାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଜମି ପରିମାଣ (ଏକରରେ) | ଆର୍‌ଆର୍/ ତହସିଲଦାରଙ୍କ ଦ୍ୱାରା ଅନୁସନ୍ଧାନ ରିପୋର୍ଟ ଦାଖଲର ତାରିଖ | ଜମି ଉପଯୋଗର ପଦ୍ଧତି | ଅବଧିକୃତ ଜମି ଦଖଲକାରୀ |
|---|---|---|---|---|---|---|---|---|---|
| | ଭବାନୀପାଟଣା | | | | 21, 22, 116, 117 | | | | |
| 18. | | 02/13 | ଖଣ୍ଡଲା | 3 & 6 | 16 & 14 | 0.99 | 29-08-2013 | ଚେକ୍ ଡ୍ୟାମ୍ | ସରକାରୀ ସଂସ୍ଥା |
| 19. | | 03/13 | କାଠଘର | 30 | 531, 532, 462, 461/544 | 2.59 | 29-08-2013 | ଚେକ୍ ଡ୍ୟାମ୍ | ସରକାରୀ ସଂସ୍ଥା |
| 20. | ଉପ-ଜିଲ୍ଲାପାଳ, ଚମ୍ପୁଆ | 13/20 | ଶ୍ରୀଜୋଡ଼ା | 15, 6, 13 &3 | 160, 128, 134, 135, 136, 137,138, 84, 120, 121, 127, 129, 130, 131, 132, 159 &161 | 34.05 | 06-11-2020 | ମାଇନିଂ ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ | ବେସରକାରୀ ସଂସ୍ଥା |
| | ମୋଟ | | | | | **66.57** | | | |

*(ଉତ୍ସ: ନମୁନା ୟୁନିଟ୍ ଗୁଡିକର ରେକର୍ଡରୁ ସଂକଳିତ)*

# ଶବ୍ଦକୋଷ

# ଶବ୍ଦକୋଷ

| | |
|---|---|
| ଏଏମ୍‌ଭି | ଅତିରିକ୍ତ ବଜାର ମୂଲ୍ୟ |
| ଏଆର୍‌ଆଇ | ସହାୟକ ରାଜସ୍ୱ ନିରୀକ୍ଷକ |
| ବିଡିଓ | ଗୋଷ୍ଠୀ ଉନ୍ନୟନ ଅଧିକାରୀ |
| ବିଏମ୍‌ଭି | ବେଞ୍ଚ ମାର୍କ ଭାଲ୍ୟୁ |
| ସିଏଫ୍‌ଆର୍ | ଗୋଷ୍ଠୀ ଜଙ୍ଗଲ ଅଧିକାର |
| ସିଏଚ୍‌ସି | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର |
| ସିଆର୍ | ଗୋଷ୍ଠୀ ଅଧିକାର |
| ଡିବିଆର୍‌ଏଲ୍‌ପି | ଦୈତାରୀ ବାଂଶପାଣି ରେଳ ସଂଯୋଗ ପ୍ରକଳ୍ପ |
| ଡିଇସି | ଜିଲ୍ଲା ନିର୍ବାହୀ କମିଟି |
| ଡିଏଫ୍‌ଓ | ବିଭାଗୀୟ ବନ ଅଧିକାରୀ |
| ଡିଆଇଏଲ୍‌ଆର୍‌ଏମ୍‌ପି | ଡିଜିଟାଲ ଭାରତ ଜମି ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ |
| ଡିଏଲ୍‌ସି | ଜିଲ୍ଲା ସ୍ତରୀୟ କମିଟି |
| ଡିଏମ୍‌ଏସ୍ | ଦସ୍ତାବିଜ୍ ପରିଚାଳନା ପଦ୍ଧତି |
| ଇଇ | ନିର୍ବାହୀ ଯନ୍ତ୍ରୀ |
| ଇଆଇଏ | ପରିବେଶ ପ୍ରଭାବ ମୂଲ୍ୟାଙ୍କନ |
| ଏଫ୍‌ଆର୍‌ଏ | ଜଙ୍ଗଲ ଅଧିକାର ଅଧିନିୟମ |
| ଏଫ୍‌ଆର୍‌ସି | ଜଙ୍ଗଲ ଅଧିକାର କମିଟି |
| ଜିକେପି | ଗ୍ରାମକଣ୍ଠପାରମ୍ପୋକ୍ |
| ଜିଏସ୍ | ଗ୍ରାମ ସଭା |
| ଏଚ୍‌ଆଣ୍ଡୟୁଡି | ଗୃହ ନିର୍ମାଣ ଓ ନଗର ଉନ୍ନୟନ |
| ଏଚ୍‌ଏଏଲ୍ | ହିନ୍ଦୁସ୍ତାନ ଏରୋନଟିକ୍ସ୍ ଲିମିଟେଡ୍ |
| ଏଚ୍‌ଆଇଏଲ୍ | ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍ |
| ଆଇଡିସିଓ | ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ |
| ଆଇଏଫ୍‌ଆର୍ | ବ୍ୟକ୍ତିଗତ ଜଙ୍ଗଲ ଅଧିକାର |
| କେଆଇପି | କାନପୁର ଜଳସେଚନ ପ୍ରକଳ୍ପ |
| ଏଲ୍‌ଏ | ଜମି ଅଧିଗ୍ରହଣ |
| ଏଲ୍‌ଏଓ | ଜମି ଅଧିଗ୍ରହଣ ଅଧିକାରୀ |
| ଏଲ୍‌ଆର୍‌ସି | ଜମି ଅଧିକାର ପ୍ରମାଣପତ୍ର |
| ଏଲ୍‌ଆର୍‌ସି | ଭୂ-ସଂସ୍କାର ଆୟୋଗ |
| ଏଲ୍‌ଆର୍‌ଏସ୍‌ଡି | ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର |
| ଏମ୍‌ଆଇପି | କ୍ଷୁଦ୍ର ଜଳସେଚନ ପ୍ରକଳ୍ପ |
| ଏମ୍‌ଓ | ଚିକିତ୍ସା ଅଧିକାରୀ |
| ଏନ୍‌ଏସି | ବିଜ୍ଞାପିତ ଅଞ୍ଚଳ ପରିଷଦ |
| ଏନ୍‌ସିଡିଏସ୍ | ବିକାଶ ଶିକ୍ଷା ପାଇଁ ନବକୃଷ୍ଣ ଚୌଧୁରୀ କେନ୍ଦ୍ର |
| ଓଜିଏଲ୍‌ଏସ୍ | ଓଡ଼ିଶା ସରକାର ଜମି ବନ୍ଦୋବସ୍ତ |
| ଓଏଲ୍‌ଆର୍ | ଓଡ଼ିଶା ଭୂ-ସଂସ୍କାର |
| ଓପିଏଲ୍‌ଇ | ଓଡ଼ିଶା ଜମି ଜବରଦଖଲ ନିବାରଣ ନିୟମ |
| ଓଆର୍‌ଆର୍‌ପି | ଓଡ଼ିଶା ଆର୍‌ଆଣ୍ଡଆର୍ ନୀତି |
| ଓଏସ୍‌ଏଟିଆଇପି | ଓଡ଼ିଶା ଅନୁସୂଚୀତ ଅଞ୍ଚଳ ସ୍ଥାବର ସମ୍ପତ୍ତି ସ୍ଥାନାନ୍ତର |
| ଓଏସ୍‌ଡି | ଅଫିସର୍ ଅନ୍ ସ୍ପେସିଆଲ୍ ଡ୍ୟୁଟି |
| ଓଟିଏଫ୍‌ଡି | ଅନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ |

| | |
|---|---|
| ପିଇଏସ୍ଏ | ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତ ସମ୍ପ୍ରସାରଣ |
| ପିଏମ୍ଏୱାଇ | ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା |
| ପିଭିଟିଜି | ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଶ୍ରେଣୀ |
| ପିଡବ୍ଲୁଏଲ୍ | ସ୍ଥାୟୀ ଅପେକ୍ଷା ତାଲିକା |
| ଆର୍ଆଣ୍ଡଆର୍ | ପୁନର୍ବାସ ଓ ପୁନଃଥଇଥାନ |
| ଆର୍ଡିଏମ୍ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା |
| ଆର୍ଏଫ୍ସିଟିଏଲ୍ଏଆର୍ | ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ନ୍ୟାୟଯୁକ୍ତ କ୍ଷତିପୂରଣ ତଥା ପୁନର୍ବାସ ଏବଂ ପୁନଃଥଇଥାନ ଅଧିକାର |
| ଆର୍ଆଇ | ରାଜସ୍ୱ ନିରୀକ୍ଷକ |
| ଆର୍ଆଇପି | ରେଟ୍ ଜଳସେଚନ ପ୍ରକଳ୍ପ |
| ଆର୍ଓ | ପୁନଃଥଇଥାନ ଅଧିକାରୀ |
| ଆର୍ଓଆର୍ | ରେକର୍ଡ ଅଫ୍ ରାଇଟ୍ସ୍ |
| ଆର୍ପିଡିଏସି | ପୁନର୍ବାସ ଏବଂ ପେରିଫେରୀ ଉନ୍ନୟନ ପରାମର୍ଶଦାତା କମିଟୀ |
| ଆର୍ଡବ୍ଲୁ | ଗ୍ରାମ୍ୟ କାର୍ଯ୍ୟ |
| ଏସ୍ସି | ଅନୁସୂଚିତ ଜାତି |
| ଏସ୍ଡିଏଲ୍ସି | ଉପବିଭାଗ ସ୍ତରୀୟ କମିଟି |
| ଏସ୍ଆଇଏ | ସାମାଜିକ ପ୍ରଭାବ ଆକଳନ |
| ଏସ୍ଆଇପି | ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ |
| ଏସ୍ଏଲ୍ଏ ଆଣ୍ଡ ଆର୍ଆର୍ଓ | ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଏବଂ ପୁନର୍ବାସ ଓ ପୁନଃଥଇଥାନ ଅଧିକାରୀ |
| ଏସ୍ଏଲ୍ଏଓ | ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ |
| ଏସ୍ଏସ୍ଡି | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| ଏସ୍ଟି | ଅନୁସୂଚିତ ଜନଜାତି |
| ଟିବିଆର୍ଏଲ୍ପି | ତାଳଚେର ବିମଳାଗଡ଼ ରେଳ ସଂଯୋଗ ପ୍ରକଳ୍ପ |
| ଟିଡିଏସ୍ | ଟ୍ୟାକ୍ସ ଡିଡକ୍ଟେଡ୍ ଆଟ୍ ସୋର୍ସ |
| ଟିଏମ୍ଆଇପି | ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ |
| ୟୁଏମ୍ପିପି | ଅଲ୍ଟ୍ରା ମେଗା ପାୱାର ପ୍ରୋଜେକ୍ଟ |
| ଭିଏଲ୍ | ବେଦାନ୍ତ ଆଲୁମିନିୟମ ଲିମିଟେଡ୍ |

© ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ
https://cag.gov.in/ag1/odisha